

୨୦୨୭ରେ ‘ବାରାଣସୀ’

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-194 • FRIDAY • 9 JANUARY 2026 • PAGE-12 • ₹ 7.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୧୯୪ • ଶୁକ୍ରବାର • ୯ ଜାନୁଆରୀ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦


# ଟ୍ରମ୍ପଙ୍କ ଦାଦାଗିରି

## ୬୬ ଅନ୍ତର୍ଜାତୀୟ ସଂଗଠନରୁ ଓହରିଲା ଆମେରିକା

■ ୱାସିଂଟନ, ୮।୧ (ଏଜେନ୍ସି): ରାଜନୈତିକ, ସାମରିକ ଓ ଅର୍ଥନୈତିକ ରୂପେ ସାରା ବିଶ୍ୱକୁ ଅସ୍ଥିର କରି ରଖିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ଏଭଳି ଏକ ପଦକ୍ଷେପ ନେଇଛନ୍ତି, ଯାହାକି ଜଳବାୟୁ ସୁରକ୍ଷା ପାଇଁ ଚାଲିଥିବା ବୈଶ୍ୱିକ ଅଭିଯାନକୁ ଗୁରୁତର ଝଟ୍କା ଦେବା ନିଶ୍ଚିତ। ଆମେରିକା ଏବେ ୬୬ଟି ଅନ୍ତର୍ଜାତୀୟ ସଂଗଠନରୁ ଓହରିଯିବ ବୋଲି ଘୋଷଣା କରିଛି। ‘ଦି ଗାର୍ଡିଆନ’ ଅନୁସାରେ, ଜାତିସଂଘର ୩୧ ଓ ଜାତିସଂଘ ସହ ସଂପୃକ୍ତ ନ ଥିବା ୩୫ଟି ସଂଗଠନ ଏହି ତାଲିକାରେ ସାମିଲ ରହିଛି। ଟ୍ରମ୍ପ ଏ ସଂକ୍ରାନ୍ତ ଫାଇଲ୍‌ରେ ଆଜି ଦସ୍ତଖତ କରିଛନ୍ତି। ଏହି ସଂସ୍ଥାଗୁଡ଼ିକ ଆମେରିକାର ସ୍ୱାର୍ଥ ବିରୋଧୀ ବୋଲି ଟ୍ରମ୍ପ ଯୁକ୍ତି ଦର୍ଶାଇଛନ୍ତି। ତେଣୁ ଏହି ସବୁ ସଂସ୍ଥାର କାର୍ଯ୍ୟକଳାପରେ ଆମେରିକା ସାମିଲ ହେବନାହିଁ କି ଏଗୁଡ଼ିକୁ ଆର୍ଥିକ ସହାୟତା ମଧ୍ୟ ଦେବନାହିଁ। ଏହି ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି।

ଟ୍ରମ୍ପଙ୍କ ଏହି ତାଲିକାରେ ରହିଛି ‘ଅନ୍ତର୍ଜାତୀୟ ସୌର ଆଲାଏନ୍ସ। ଭାରତ ଓ ଫ୍ରାନ୍ସ ଦ୍ୱାରା ଆରମ୍ଭ ହୋଇଥିଲା ଏହି ସଂଗଠନ ‘ଅନ୍ତର୍ଜାତୀୟ ସୌର ଆଲାଏନ୍ସ (ଆଇଏସ୍‌ଏ)। ୨୦୧୫ରେ ପ୍ୟାରିସ ଜଳବାୟୁ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ତତ୍କାଳୀନ ଫ୍ରାନ୍ସ ରାଷ୍ଟ୍ରପତି ଫ୍ରାଙ୍କୋଇସ୍ ଓଲାଣ୍ଡେଙ୍କ ମିଳିତ ଉଦ୍ୟମରେ ଏହାର ଆରମ୍ଭ କରାଯାଇଥିଲା। ସୌର ଶକ୍ତିର ବ୍ୟବହାର, ପ୍ରଚାର ଓ ପ୍ରସାର କରିବା ପାଇଁ ଭାରତ ଓ ଫ୍ରାନ୍ସ ଏହାର ପ୍ରତିଷ୍ଠା କରିଥିଲେ। ଏହାର ମୁଖ୍ୟାଳୟ ହରିୟାଣାର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋଲାର ଏନର୍ଜି କ୍ୟାମ୍ପସରେ ଅବସ୍ଥିତ। ବର୍ତ୍ତମାନ ଆଇଏସ୍‌ଏର ୧୨୦ରୁ ଅଧିକ ସଦସ୍ୟ ଅଛନ୍ତି। ଆମେରିକା ୨୦୨୧ରେ ଏହି ସଂଗଠନରେ ଯୋଗ ଦେଇଥିଲା। ଏହି ସଂଗଠନରେ ୧୨୦ରୁ ଅଧିକ ରାଷ୍ଟ୍ର ସଭ୍ୟ ଥିବା ବେଳେ ୯୦ଟି ରାଷ୍ଟ୍ର ଏହାର ପୂର୍ଣ୍ଣାଙ୍ଗ ▶ପୃଷ୍ଠା-୭



## ଭାରତ ଉପରେ ଲାଗିବ ୫୦୦ ପ୍ରତିଶତ ଟାରିଫ୍

■ ୱାସିଂଟନ, ୮।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୋଟିଏ ପଟେ ଭାରତକୁ ବନ୍ଧୁ ରାଷ୍ଟ୍ର କହୁଥିବା ବେଳେ ଅନ୍ୟପଟେ ଭାରତକୁ ଅଡୁଆରେ ପକାଇବାକୁ ପଛାଉ ନାହାନ୍ତି। ପ୍ରଥମେ ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ କଟକଣା ଲଗାଇ ଦ୍ୱିପାକ୍ଷିକ ବାଣିଜ୍ୟକୁ କ୍ଷତିଗ୍ରସ୍ତ କରିଥିବା ବେଳେ ଏବେ ପୁଣି ଆହୁରି ଅଧିକ ଶୁଳ୍କ ଲଗାଇବାକୁ ଧମକ ଦେଇଛନ୍ତି। ଖବର ମିଳିଛି ଯେ ସେ ଭାରତ ଉପରେ ୫୦୦ ପ୍ରତିଶତ ଶୁଳ୍କ ଲଗାଇପାରନ୍ତି। ଏଭଳି ବ୍ୟବସ୍ଥା ଥିବା ଏକ ବିଲ୍‌କୁ ଟ୍ରମ୍ପ ଆଜି ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ବିଲ୍‌ର ନାମ ‘ସ୍ୟାଙ୍କସନିଂ ଋଷିଆ ଆକ୍ଟ (ଏସଆରଏ)-୨୦୨୫’ ରହିଛି। ଏଥିରେ ରୁଷ ବିରୋଧରେ କଠୋର କଟକଣା ଲଗାଇବାର ନିୟମ ରହିଛି। ରୁଷଠାରୁ ତୈଳ କିଣୁଥିବା ଭାରତ, ଚୀନ, ବ୍ରାଜିଲ ଭଳି ଦେଶ ଉପରେ ୫୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବାର ଏଥିରେ ବ୍ୟବସ୍ଥା ରହିଛି। ରୁଷ୍‌ରୁ ଶସ୍ତାରେ ଅଶୋଧିତ ତୈଳ କିଣି ଏହି ଦେଶଗୁଡ଼ିକ ୟୁକ୍ରେନ ଯୁଦ୍ଧକୁ ଖୋରାକ ▶ପୃଷ୍ଠା-୭

# କୋଲକାତାରେ ହାଇଡ୍ରାମା

## ଇଡି ଅଧିକାରୀଙ୍କଠାରୁ ଫାଇଲ ଛଡ଼ାଇନେଲେ ମମତା

### ମୁଖ୍ୟମନ୍ତ୍ରୀ ମମତାଙ୍କ ବିରୋଧରେ ହାଇକୋର୍ଟ ଗଲା ଇଡି

### ଦଳୀୟ ନିର୍ବାଚନ ତଥ୍ୟ ଓ ରଣନୀତି ଲୁଟ୍ କରିବାକୁ ଚକ୍ରାନ୍ତ: ମମତା

### ଆଇ-ପ୍ୟାକ୍ ଚଢ଼ଉରେ ମମତା ବିଚଳିତ କାହିଁକି: ବିଜେପି



■ କୋଲକାତା, ୮।୧ (ଏଜେନ୍ସି): ଆସନ୍ତା ମାର୍ଚ୍ଚ-ଏପ୍ରିଲରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ରାଜଧାନୀ କୋଲକାତାରେ ଆଜି ହାଇଡ୍ରାମା ଦେଖିବାକୁ ମିଳିଛି। କ୍ଷମତାସୀନ ତୃଣମୂଳ କଂଗ୍ରେସର ନିର୍ବାଚନ ରଣନୀତିକାରଙ୍କ ଘର ଓ ଅଫିସରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି ଅଧିକାରୀଙ୍କ ଚଢ଼ଉକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ଆଜି ସକାଳେ ଇଡି ଏହି ଚଢ଼ଉ ଚଳାଇଥିବା ବେଳେ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀ ସେଠାରେ ପହଞ୍ଚି କିଛି ଫାଇଲ ନେଇଯାଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ବିଧାନସଭା ନିର୍ବାଚନ ପାଇଁ ତାଙ୍କ ଦଳ ପ୍ରସ୍ତୁତି ଚଳାଇଥିବା ବେଳେ ଇଡି ଅଧିକାରୀମାନେ ଦଳର ଏ ସଂକ୍ରାନ୍ତ ତଥ୍ୟ ନେଇଯିବାକୁ ବସିଥିଲେ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଏତାଦୃଶ ଆଚରଣକୁ ବିରୋଧ କରି ଇଡି ଆଜି କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଇଡି କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଧା ଦେଇଥିବାରୁ ତାଙ୍କ ବିରୋଧରେ ମକଦ୍ଦମା ପାଇଁ ଇଡି ହାଇକୋର୍ଟଙ୍କ ଅନୁମତି ଲୋଡ଼ିଛି। ଆସନ୍ତାକାଲି ହାଇକୋର୍ଟ ଏହା ଉପରେ ଶୁଣାଣି କରିବେ। ଆଜିର ଏହି ଘଟଣା ରାଜ୍ୟ ରାଜନୀତିରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳେ ଇଡି ଅଧିକାରୀମାନେ ଏକ ସମୟରେ ଆଇ-ପ୍ୟାକ୍ (ଇଣ୍ଡିଆନ ପଲିଟିକାଲ ଆକ୍ସନ କମିଟି) ଅଫିସ ଏବଂ ଏହାର ମୁଖ୍ୟ ପ୍ରତୀକ ଜୈନଙ୍କ ଘରେ ଚଢ଼ଉ ଆରମ୍ଭ କରିଥିଲେ। ଆଇ-ପ୍ୟାକ୍ ହେଉଛି ତୃଣମୂଳ କଂଗ୍ରେସର ନିର୍ବାଚନ ରଣନୀତିକାର ସଂସ୍ଥା। ୨୦୨୧ ବିଧାନସଭା ନିର୍ବାଚନରେ ମମତାଙ୍କ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ସଂସ୍ଥାର ପ୍ରତିଷ୍ଠା କରିଥିଲେ ପ୍ରଶାନ୍ତ କିଶୋର। ପ୍ରଶାନ୍ତ ରାଜନୀତିରେ ଯୋଗଦେବା ପରେ ପ୍ରତୀକ ଜୈନ ଏହାର ମୁଖ୍ୟ ଅଛନ୍ତି। ଏହି ସଂସ୍ଥା ନିର୍ବାଚନ ସଂପର୍କରେ ତୃଣମୂଳ କଂଗ୍ରେସ ପାଇଁ ରଣନୀତି ପ୍ରସ୍ତୁତ କରିବା ସହିତ ଏହା ଦଳର ମିଡିଆ ଏବଂ ଆଇଟି ସେଲ୍ ଭାବେ କାର୍ଯ୍ୟ କରୁଛି।

ପ୍ରତୀକ ଜୈନଙ୍କ ଘରେ ଚଢ଼ଉ ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାରେ ପୁଲିସ ଓ ସରକାରୀ ଅଧିକାରୀଙ୍କୁ ନେଇ ପହଞ୍ଚିଥିଲେ। କିଛି ସମୟ ପରେ ବ୍ୟସ୍ତ ବିବ୍ରତ ଦେଖାଯାଉଥିବା ମମତା ହାତରେ ଏକ ସବୁଜ ଫାଇଲ ଧରି ବାହାରକୁ ଆସିଥିଲେ। ସେ ଅଭିଯୋଗ କରିଥିଲେ ଯେ ରାଜନୈତିକ ▶ପୃଷ୍ଠା-୭

# ଶୀତ ଆହୁରି ୨ ସପ୍ତାହ

## ୧୨ରୁ କଲବଲ କରିବ ଅତି ଘନ କୁହୁଡ଼ି

■ ଭୁବନେଶ୍ୱର, ୮।୧ (ସମିସ): ରାଜ୍ୟରେ ଜାରି ରହିଥିବା ଶୀତରୁ ନିକଟରେ ମୁକ୍ତି ମିଳିବନି। ଯଦିଓ ବର୍ତ୍ତମାନ ତୁଳନାରେ ତାପମାତ୍ରା ସାମାନ୍ୟ ବଢ଼ିବ; ତେବେ ଆହୁରି ୨ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ଶୀତ ଜାରି ରହିବ। ଗୁରୁବାର ଭାରତୀୟ ପାଣିପାଗ ବିଭାଗ-ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବିସ୍ତାରିତ ପରିସର ଆକଳନରେ ଏଭଳି ସୂଚନା ଦିଆଯାଇଛି। ଆଏମ୍‌ଡି ପକ୍ଷରୁ ପ୍ରକାଶତି ଏହି ୧୫ ଦିନିଆ ଆକଳନରେ କୁହାଯାଇଛି, ଓଡ଼ିଶାରେ ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ଥଣ୍ଡା ଜାରି ରହିବ। ଏହି ସମୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବ। ତେଣୁ ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ଆଶଙ୍କା କରାଯାଉଛି।



### ରେକର୍ଡ ୨ ଡିଗ୍ରୀକୁ ଖସିଲା ତାପମାତ୍ରା

### ଭୁବନେଶ୍ୱରରେ ୯ ଡିଗ୍ରୀ ତଳେ ପାରଦ

ଶୀତ ସାଙ୍ଗକୁ ରାଜ୍ୟରେ ୧୨ ତାରିଖରୁ ଅନେକ ସ୍ଥାନରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ୧୨ରୁ ୩ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ଆଶଙ୍କା ରହିଛି। ଗୋଟିଏ ଗୁରୁଚାପ ବଳୟ ସକ୍ରିୟ ହେବାକୁ ଯାଉଛି। ଏହା ପ୍ରଭାବରେ ରାଜ୍ୟକୁ ପ୍ରଚୁର ମାତ୍ରାରେ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ବଢ଼ିବ। ଫଳରେ ରାଜ୍ୟରେ ଘନ କୁହୁଡ଼ି ଅନୁଭୂତ ହେବ। ଏହି ସମୟରେ ବିଶେଷ କରି ଉପକୂଳ ଓଡ଼ିଶାର କିଛି ସ୍ଥାନରେ ଅତି ଘନ କୁହଡ଼ି ଆଶଙ୍କା କରି ୧୨ରୁ ବିଭିନ୍ନ ଜିଲ୍ଲା ପାଇଁ ଘନ କୁହୁଡ଼ି ଜନିତ ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପଟେ ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ତାପମାତ୍ରା ରେକର୍ଡ ୨ ଡିଗ୍ରୀକୁ ଖସିଛି। ଗତ ୨୪ ଘଣ୍ଟାରେ ଜି. ଉଦୟଗିରିରେ ତାପମାତ୍ରା ୨.୫ ଡିଗ୍ରୀ ▶ପୃଷ୍ଠା-୭

# ୩ ଅଦାଲତକୁ ଇ-ମେଲ୍‌ରେ ବୋମା ଧମକ

■ କଟକ/ସମ୍ବଲପୁର, ୮।୧ (ସମିସ): ରାଜ୍ୟର ତିନି ଗୋଟି ଜିଲ୍ଲା ଅଦାଲତରେ ବୋମା ଆତଙ୍କ। ଅଦାଲତଗୁଡ଼ିକୁ ବୋମାରେ ଉଡ଼ାଇ ଦିଆଯିବ ବୋଲି ଇ-ମେଲ୍‌ରେ ଆସିଥିବା ଧମକ ଆଜି ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏଥିପାଇଁ କଟକ, ଦେବଗଡ଼, ସମ୍ବଲପୁର ଜିଲ୍ଲା ଅଦାଲତ ସହ ହାଇକୋର୍ଟରେ ଧାଁଦଉଡ଼ ହୋଇଥିଲା। ଓକିଲ-ମହକିଲଙ୍କ ସମେତ ସାଧାରଣ ଜନତା କିଛି ସମୟ ଆତଙ୍କିତ ହୋଇପଡ଼ିଥିଲେ। ପୁଲିସ ପକ୍ଷରୁ ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ଯାଞ୍ଚ କରାଯାଇଥିଲା। କିନ୍ତୁ କୌଣସି ସ୍ଥାନରୁ ବୋମା କିମ୍ବା କିଛି ଆପତ୍ତିଜନକ ସାମଗ୍ରୀ ମିଳି ନଥିଲା। ଏଭଳି ଘଟଣା ପାଇଁ ଅଦାଲତର ଶୁଣାଣି ଦୁଇଘଣ୍ଟା ବାଧାପ୍ରାପ୍ତ ହୋଇଥିଲା। ଏହି ଅଜ୍ଞାତ ଧମକପୂର୍ଣ୍ଣ ଇ-ମେଲ୍ କଟକ, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲା ଜଜ୍ କୋର୍ଟକୁ ଆସିଥିଲା। ସେଥିରେ ଉଲ୍ଲେଖ କରାଯାଇଥିଲା ଯେ ଉକ୍ତ ଅଦାଲତଗୁଡ଼ିକରେ ସି-୪ ଆରଡିଏକ୍ସ ଭଳି ବିସ୍ଫୋରକ ରଖାଯାଇଛି। ଦିନ ୨ଟା ୩୫ରେ ଏହି ଆରଡିଏକ୍ସ ବିସ୍ଫୋରଣ ହେବ। ଏଣୁ, ସମୟ ପୂର୍ବରୁ ସମସ୍ତେ ଅଦାଲତ ଛାଡ଼ିଦେବାକୁ ଉକ୍ତ ମେଲ୍‌ରେ ଧମକ ଦିଆଯାଇଥିଲା। ଏହା ଜଣାପଡ଼ିବା ପରେ ମଧ୍ୟାହ୍ନ ସାଢ଼େ ୧୨ଟାରେ କଟକ ଜିଲ୍ଲା ଅଦାଲତର ବିଚାରପତିମାନେ ବାହାରକୁ ▶ପୃଷ୍ଠା-୭

### ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ



■ ଭୁବନେଶ୍ୱର,୮।୧(ସମିସ): ଗୁରୁବାର ସମ୍ବଲପୁର, କଟକ ଓ ଦେବଗଡ ଆଦି ବିଭିନ୍ନ ସ୍ଥାନର ଜିଲ୍ଲାସ୍ତରୀୟ କୋର୍ଟକୁ ବୋମା ଧମକ ଆସିଥିବା ବେଳେ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ଏନେଇ ଆଜି ସନ୍ଧ୍ୟାରେ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ▶ପୃଷ୍ଠା-୭

### ଚିନ୍ତା ପ୍ରକଟ କଲେ ନବୀନ



#### ପୁଙ୍ଖାନୁପୁଙ୍ଖ ଏବଂ ଉପଯୁକ୍ତ ଯାଞ୍ଚ ଦାବି

#### ନ୍ୟାୟିକ ପ୍ରତିଷ୍ଠାନ, ସାଧାରଣ ଲୋକଙ୍କ ସୁରକ୍ଷା ସର୍ବୋପରି

■ ଭୁବନେଶ୍ୱର, ୮।୧ (ସମିସ): ରାଜ୍ୟର ଜିଲ୍ଲା କୋର୍ଟଗୁଡ଼ିକୁ ବୋମା ଧମକକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ଇମେଲ ଯୋଗେ ସମ୍ବଲପୁର, କଟକ ଓ ଦେବଗଡ଼ର ଜିଲ୍ଲା କୋର୍ଟକୁ ବୋମା ଆକ୍ରମଣର ଧମକ ମିଳିବା ଅତ୍ୟନ୍ତ ଚିନ୍ତାଜନକ। ଆମ ନ୍ୟାୟିକ ପ୍ରତିଷ୍ଠାନଗୁଡ଼ିକ ସମେତ ବିଚାରପତି, ଓକିଲ, ମକଦ୍ଦମାକାରୀ, କୋର୍ଟ କର୍ମଚାରୀ ତଥା ସାଧାରଣ ଲୋକଙ୍କ ସୁରକ୍ଷା ସର୍ବୋପରି। ଭାରପ୍ରାପ୍ତ ▶ପୃଷ୍ଠା-୭

# ଢେଙ୍କାନାଳରେ ପ୍ରତିଷ୍ଠା ହେବ ୬ ନିୟୁତ ଟନ୍‌ର ଷ୍ଟିଲ୍ କାରଖାନା

### ୫୫,୭୮୩ କୋଟି ଟଙ୍କାର ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ

■ ଭୁବନେଶ୍ୱର, ୮।୧ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୪୩ତମ ହାଇଲେବୁଲ କ୍ଲିୟରାନ୍ସ କମିଟି (ଏଚ୍‌ଏଲ୍‌ସିଏ) ବୈଠକରେ ୫୫,୭୮୩ କୋଟି ଟଙ୍କାର ଶିଳ୍ପ ନିବେଶ ଅନୁମୋଦନ ମିଳିଛି। ଏଥିରେ ମୋଟ ୭ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ ଥିବାବେଳେ ଏହାଦ୍ୱାରା ପ୍ରାୟ ୧୪,୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ନିବେଶ ଅନୁମୋଦନ ମାଧ୍ୟମରେ ଆମେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଧ୍ୟାନ ଦେଇ ରାଜ୍ୟକୁ ସଶକ୍ତ, ଆତ୍ମନିର୍ଭର ଏବଂ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ପାଇଁ ପ୍ରସ୍ତୁତ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନୁମୋଦନ ଲାଭ କରିଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ଷ୍ଟିଲ୍, ରେୟାର ଆର୍ଥ ମ୍ୟାନୁଫ୍ୟାକ୍‌ଚରିଂ, ଅଟୋ-ମୋବାଇଲ୍ସ ଓ ଅଟୋ-କମ୍ପୋନେଣ୍ଟସ୍, ସେମିକଣ୍ଡକ୍ଟର୍ସ, ଇଣ୍ଡଷ୍ଟ୍ରିଆଲ ଗ୍ୟାସେସ୍, ଫେରୋଆଲୟସ୍ ଏବଂ ପାୱାର ଓ ରିନିଉଏବଲ ଏନର୍ଜି ଭଳି କ୍ଷେତ୍ର ସାମିଲ ରହିଛି।

ଷ୍ଟିଲ୍ କ୍ଷେତ୍ରରେ ସାଫ୍ରନ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍ (ଜେଏସ୍‌ଡବ୍ଲୁ ଗ୍ରୁପ୍‌ର ଏକ କମ୍ପାନୀ) ଢେଙ୍କାନାଳରେ ୩୫,୦୦୦ କୋଟି ଟଙ୍କା ▶ପୃଷ୍ଠା-୭

# ଆୟର ୭୫% ଦାନ କରିବେ ଅନିଲ ଅଗ୍ରୱାଲ

■ ମୁମ୍ବଇ, ୮।୧ (ଏଜେନ୍ସି): ପୁତ୍ର ଶୋକରେ ମର୍ମାହତ ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ନିଜ ଆୟର ୭୫ ପ୍ରତିଶତ ଦାନ କରିବେ ବୋଲି ଘୋଷଣା କରିଛନ୍ତି। ପୁଅର ମୃତ୍ୟୁକୁ ନେଇ ଅନିଲ ଭାଙ୍ଗି ପଡ଼ିଥିବା ବେଳେ ଦୁଃଖର ସହ କହିଛନ୍ତି ଯେ ଖରାପ ସମୟ ଚାଲିଯାଇଛି ବୋଲି ଆମକୁ ଲାଗିଥିଲା; କିନ୍ତୁ ଭାଗ୍ୟ ଆଉ କିଛି ଚାହୁଁଥିଲା। ସେ ପୁଅକୁ ମନେ ପକାଇ ଏହାକୁ ଜୀବନର ସବୁଠାରୁ ଅନ୍ଧକାରମୟ ଦିନ ବୋଲି କହିଛନ୍ତି। ପୁଅକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରି ଅନିଲ ନିଜ ଆୟର ୭୫ ଅଂଶ ଦାନ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଏକ ଦୁର୍ଘଟଣାର ଶିକାର ହୋଇ ଆମେରିକାରେ ଚିକିତ୍ସିତ ହେଉଥିବା ଅନିଲ ଅଗ୍ରୱାଲଙ୍କ ପୁଅ ଅଗ୍ନିବେଶଙ୍କର ଗତକାଲି ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ଆମେରିକାରେ ସ୍କିଇଁ କରୁଥିବା ସମୟରେ ସେ ଆହତ ହୋଇଥିଲେ। ଚିକିତ୍ସା ପାଇଁ ନ୍ୟୁୟର୍କର ମାଉଣ୍ଟ ସିନାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତ ହେବାରୁ ବୁଧବାର ଅଗ୍ନିବେଶ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

### ଅଗ୍ନିବେଶଙ୍କ ବିୟୋଗରେ ମୋଦୀ, ମୋହନ ଓ ନବୀନଙ୍କ ଶୋକ

ଅଗ୍ନିବେଶଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି। ୧୯୭୬ ଜୁନ୍ ୩ରେ ଜନ୍ମିତ ଅଗ୍ନିବେଶ ଜଣେ ଉତ୍ତମ ବ୍ୟକ୍ତି ଥିଲେ। ସେ ଆଜମେରର ମେୟୋ କଲେଜରୁ ପ୍ରାରମ୍ଭିକ ଶିକ୍ଷା ଆରମ୍ଭ କରିଥିଲେ। ସେ ବେଦାନ୍ତର କମ୍ପାନୀ ତଲୱଣ୍ଡି ସାବୋ ପାୱାର ଲିମିଟେଡ (ଟିଏସପିଏଲ)ର ବୋର୍ଡରେ ▶ପୃଷ୍ଠା-୭

# ‘ଓମ୍‌ସା’ ଆନ୍ଦୋଳନ ସ୍ଥଗିତ

■ ଭୁବନେଶ୍ୱର,୮।୧(ସମିସ): ଦାବି ପୂରଣ ନେଇ ସରକାରଙ୍କ ପାଖରୁ ଦୃଢ଼ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନରୁ ଓହରିଛି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମ୍‌ସା)। ଇତିମଧ୍ୟରେ ସଂଘର କେତେକ ଦାବି ସରକାର ପୂରଣ କରି ସାରିଛନ୍ତି। ବାକି ସମସ୍ତ ଦାବି ପୂରଣ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ସଚିବଙ୍କର ନିର୍ଭର ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ସଂଘର ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି।

ଗୁରୁବାର ଓମସା ପ୍ରତିନିଧି ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି। ବୈଠକ ପରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଡାକ୍ତରମାନଙ୍କ ଦାବି ପୂରଣ ପାଇଁ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। କମିଟି ଡାକ୍ତରମାନଙ୍କର ଦାବିକୁ ତର୍ଜମା କରିବ। ଏହାପରେ ସଂଘର ଦାବି ତଥା କମିଟିର ସୁପାରିସ ଆଧାରରେ ସରକାର ଯଥାଶୀଘ୍ର ଦାବି ପୂରଣ କରାଯିବ। ଆଲୋଚନା ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ହୋଇଛି ଓ ଡାକ୍ତରମାନେ ଆନ୍ଦୋଳନ ବନ୍ଦ ପାଇଁ ସମ୍ମତି ପ୍ରକାଶ କରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଅପରପକ୍ଷେ ଓମସା ସଭାପତି ଡାକ୍ତର ମିଶ୍ରଙ୍କ ସୂଚନା ଅନୁଯାୟୀ ଆସନ୍ତା ୧୨ ▶ପୃଷ୍ଠା-୭

### କମିଟି ସୁପାରିସ ଆଧାରରେ ପୂରଣ ହେବ ଦାବି: ସ୍ୱାସ୍ଥ୍ୟମନ୍ତ୍ରୀ

### ସବୁ ଦାବି ପୂରଣ ପାଇଁ ସରକାର ଦେଇଛନ୍ତି ଦୃଢ଼ ପ୍ରତିଶ୍ରୁତି : ଓମ୍‌ସା

## ବୁମେରାଂ ହେଲା ପରିବହନ ବିଭାଗର ‘ଅନ୍ଧ ନୀତି’

# ୧ ହଜାରକୁ କମିବ ପିୟୁସିସି ଜରିମାନା !

### ▶ ଏପ୍ରିଲ ପହିଲା ଯାଏଁ ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚ କୋହଳ

### ▶ ଟୋଲ୍‌ଗେଟ ଇ-ଡିଟେକ୍ସନରେ ଏବେ କଟିବନି ଚାଲାଣ

### ▶ ଜନଅସନ୍ତୋଷ ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ହସ୍ତକ୍ଷେପ

■ ଭୁବନେଶ୍ୱର, ୮।୧ (ସମିସ): ପ୍ରଦୂଷଣ ସାର୍ଟିଫିକେଟ୍ (ପିୟୁସିସି) ଓ ଏହାକୁ ନେଇ ମୋଟା ଅଙ୍କର ଜରିମାନା ଆଦାୟ କରିବାକୁ ପରିବହନ ବିଭାଗ କରିଥିବା ଫନ୍ଦି ଏବେ ସରକାରଙ୍କ ପାଇଁ ବୁମେରାଂ ହୋଇଛି। ଏହି ପ୍ରସଙ୍ଗକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ସରକାରଙ୍କୁ ଚାରି ଆଡୁ ସମାଲୋଚନା କରାଯାଉଛି। ଦିନକୁ ଦିନ ଏହି ପ୍ରସଙ୍ଗରେ ଜନ ଅସନ୍ତୋଷ ଦାନା ବାନ୍ଧୁଥିବା ବେଳେ ବିଜେଡି ଏହି ପ୍ରସଙ୍ଗରେ ରାସ୍ତାକୁ ଓହ୍ଲାଇଛି। ଜନ ଅସନ୍ତୋଷ ଭୟ ଏବେ ସରକାରଙ୍କୁ ଘାରିଛି ଓ ପ୍ରଦୂଷଣ ଜୋରିମାନା ସଂକ୍ରାନ୍ତରେ ସରକାର ଏକ ବଡ଼ ନିଷ୍ପତ୍ତି ନେବାକୁ ଯାଉଛନ୍ତି। ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଭଳି ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ୧୦ ହଜାର ଟଙ୍କା ବଦଳରେ ୧ ହଜାର ଟଙ୍କା ଜୋରିମାନା ନିମନ୍ତେ ସରକାର ଯୋଜନା କରୁଛନ୍ତି। ଏହା ସହ ପ୍ରଦୂଷଣ ଜୋରିମାନା ହୋଇଥିବା ଦିନଠାରୁ ୭ ଦିନ ମଧ୍ୟରେ ଗାଡ଼ି ମାଲିକ ପ୍ରମାଣପତ୍ର ଦାଖ କଲେ ସମ୍ପୂର୍ଣ୍ଣ ଜୋରିମାନା ଛାଡ଼ ପାଇଁ ମଧ୍ୟ ସରକାର ଯୋଜନା କରିଛନ୍ତି । ବିଶେଷକରି ‘ପିୟୁସିସି ନ ଥିଲେ ତେଲ ମନା’ ନିର୍ଦ୍ଦେଶ ସରକାରଙ୍କୁ ଅଡୁଆରେ ପକାଇଛି। ଏପରିକି ଏହାକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଏହାପରେ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ହସ୍ତକ୍ଷେପ କରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପିୟୁସିସି ନାଁରେ ପରିବହନ ବିଭାଗ ବକେୟା ଚାଲାଣ ଆଦାୟ ପାଇଁ କରିଥିବା ଫନ୍ଦି ଏକପ୍ରକାର ଫସର ଫାଟିଛି। ଏହାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସାମାଜିକ ଗଣମାଧ୍ୟମରେ ରାଜ୍ୟବାସୀ ସରକାରଙ୍କୁ କାଠଗଡ଼ାରେ ଠିଆ କରିଛନ୍ତି । ରାଜ୍ୟରେ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ଲୋକଙ୍କ ମନରେ ରହିଥିବା ରୋଷକୁ ପ୍ରଦୂଷଣ ପ୍ରମାଣପତ୍ର ଯନ୍ତ୍ରଣା ବହୁଗୁଣିତ କରିଛି । ଏହା ବଳବତ୍ତର ରହିଲେ ଶାସକ ଦଳ ଓ ରାଜ୍ୟ ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି ହେବା ଆଶଙ୍କା ରହିଥିବାରୁ ଜୋରିମାନା ହ୍ରାସ ଓ ନିୟମ କୋହଳ କରିବାକୁ ସରକାର ଆପାତତଃ ନିଷ୍ପତ୍ତି ନେଇଛନ୍ତି। ଦିନେ ଦୁଇଦିନ ଭିତରେ ଏ ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇପାରେ ବୋଲି କୁହାଯାଉଛି। ଗାଡ଼ିଚାଳକଙ୍କ ପାଇଁ ରହିଥିବା ଜରିମାନା ରାଶିକୁ ହ୍ରାସ କରି ଜନଅସନ୍ତୋଷକୁ ▶ପୃଷ୍ଠା-୭

**୫ ଡିଗ୍ରୀ ତଳକୁ ଖସିଲା ପାରଦ**

# ଥଣ୍ଡାରେ ଥରୁଛି କୋରାପୁଟ

କୋରାପୁଟ/ନନ୍ଦପୁର, ୮।୧(ସମିସ)



ପୁଣି କଡ ଲେଉଟାଇଛି ମାଘଭୂମିକୁ ଶୀତ। ସକାଳ, ସଂଧ୍ୟା ରାତିରେ ପ୍ରବଳ ଶୀତ ଅନୁଭୂତ ହେଉଛି। କୋରାପୁଟ, ସୁନାବେଡା, ସେମିଳିଗୁଡା, ଦାମନଯୋଡି ଭଳି ସହରରେ ପାରଦ ଖସି ଆସୁଥିବା ବେଳେ ଗ୍ରାମାଞ୍ଚଳରେ ପ୍ରବଳ ଥଣ୍ଡା ହେଉଛି। ଅନ୍ୟପଟେ ଗ୍ରାମାଞ୍ଚଳରେ ଜନଜୀବନ ସ୍ୱାଭାବିକ ହେବା ପାଇଁ ସମୟ ଲାଗୁଛି। ଜାନୁଆରୀ ମାସରେ ପାରଦ କ୍ରମାଗତ ଭାବେ ଖସୁଥିବାବେଳେ ଆଜି ଦାମନଯୋଡ଼ି ସହରରେ ସକାଳ ୬ ଟାରେ ୪.୯ ଡିଗ୍ରୀକୁ ଖସିଛି ପାରଦ। ଆଜି ମଧ୍ୟ ସନ୍ଧ୍ୟାରୁ ପ୍ରବଳ ଶୀତ ଅନୁଭୂତ ହେଉଥିବା ବେଳେ ତାପମାତ୍ରା ଧିରେ ଧିରେ କମୁଥିବା ଜଣାପଡ଼ିଛି। ସେହି ଅନୁସାରେ ଜିଲ୍ଲାର ସେମିଳିଗୁଡା, ପଟାଙ୍ଗୀ, ଦାମନଯୋଡି ସମେତ ଅନ୍ୟାନ୍ୟ ୩ଦିନ ହେଲା ତାପମାତ୍ରା ଖସୁଛି। ସଞ୍ଜ ନଇଁବା ପରେ ଦେହ ଥରୁଥିବାବେଳେ ରାତିରେ ଥଣ୍ଡାର ପ୍ରକୋପ ବଢୁଥିବା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। କୋରାପୁଟରେ ହାଡ ଭଙ୍ଗା ଶୀତର ପ୍ରଭାବରେ ଲୋକ ମାନେ ଘରୁ ବାହାରିପାରୁ ନାହାନ୍ତି। ସକାଳୁ ସକାଳୁ ଅନେକ ସ୍ଥାନରେ ବରଫର ଆସ୍ତରଣ ଜମି ରହୁଛି। ସକାଳ ୯ଟା ପୂର୍ବରୁ ଘରୁ ପଦାକୁ ବାହାରି ପାରୁ ନାହାନ୍ତି ଲୋକେ। ସଞ୍ଜ ନଇଁବା କ୍ଷଣି ଏବେ ଥଣ୍ଡା ମାଡି ଆସୁଛି। ଥଣ୍ଡା ବଢ଼ିବାରୁ ଜନଜୀବନ ମଧ୍ୟ ବେଶ ପ୍ରଭାବିତ ହେଉଛି। ସେପଟେ କିଛି ଦିନ ହେବ ଜିଲ୍ଲାରେ ଥଣ୍ଡା ଅଧିକ ଥିବା ଜଣାପଡୁଛି ପ୍ରବଳ ଶୀତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ନିରାଶ୍ରୟ ମାନଙ୍କ ପାଇଁ ସହରାଞ୍ଚଳରେ ୫ଟି ଓ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ରାତ୍ରୀ ଆଶ୍ରୟସ୍ଥଳୀ ଖୋଲା ଯାଇଛି। ଯେପରି କୌଣସି ଲୋକ ରାତ୍ର ଥଣ୍ଡାରେ ବାହାରେ ନଶୁଅନ୍ତୁ ସେଥିପାଇଁ ବିଶେଷ ଧ୍ୟାନ ଦିଆ ଯିବା ସହ ଲୋକ ମାନଙ୍କୁ ରାତ୍ର ଆଶ୍ରୟସ୍ଥଳୀକୁ ନେବା ପାଇଁ ସ୍ୱତନ୍ତ୍ର ଗାଡିର ମଧ୍ୟ ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ନନ୍ଦପୁରରେ ବି ପ୍ରବଳ ଥଣ୍ଡା ଅନୁଭୂତ ହେଉଛି।

## ମିଲର ଆନ୍ଦୋଳନ ସ୍ଥଗିତ, ମଣ୍ଡିରୁ ଧାନ କ୍ରୟ ଆରମ୍ଭ

ଜୟପୁର, ୮।୧(ସମିସ): ରାଜ୍ୟ ମିଲ ମାଲିକ ସଂଘର ଆହ୍ୱାନ କ୍ରମେ ସାରା ଓଡ଼ିଶାର ବିଭିନ୍ନ ଜିଲ୍ଲାର ମିଲର୍ସ ମାନେ ଆନ୍ଦୋଳନ ଗତ ୫ ତାରିଖ ଠାରୁ ଆରମ୍ଭ ହୋଇଥିଲା। ଫଳରେ ମଣ୍ଡିରେ ଧାନ କ୍ରୟକାରୀ ସଂସ୍ଥା ଦ୍ୱାରା କ୍ରୟ ବନ୍ଦ ହୋଇଯାଇଥିଲା। ଏହି ପରିପ୍ରେକ୍ଷୀରେ କୋରାପୁଟ ଜିଲ୍ଲା ମିଲ ମାଲିକ ସଂଘ ପକ୍ଷରୁ ମଧ୍ୟ ରାଜ୍ୟ ସଂଘର ୪ ଦଫା ଦାବିକୁ ସମର୍ଥନ ଜଣାଇ ଧାନ କ୍ରୟ ବନ୍ଦ କରାଯାଇଥିଲା। କିନ୍ତୁ ଗତକାଲି ସରକାରଙ୍କ ସହ ମିଲର ସଂଘର ଆଲୋଚନା ବେଳେ ଗୋଟିଏ ଦାବି ପୂରଣ ହୋଇଥିବା ଯୋଗୁଁ ସଂଘ ପକ୍ଷରୁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇ ମଣ୍ଡିରେ କଷ୍ଟମ ମିଲିଂ ବାବଦକୁ ଧାନ ଗ୍ରହଣ ଆରମ୍ଭ ହୋଇଛି। ଏହିପରି ଜିଲ୍ଲାର ବିଭିନ୍ନ ମଣ୍ଡିରେ ଧାନକ୍ରୟ ଆରମ୍ଭ ହୋଇଛି, କିନ୍ତୁ ଆଜି ଗୁରୁବାର ହୋଇଥିବା ଯୋଗୁଁ ଅଧିକାଂଶ ଚାଷୀ ବିକ୍ରି ନିମନ୍ତେ ମଣ୍ଡିକୁ ଆଣିନଥିଲେ। ସୂଚନାଯୋଗ୍ୟ, କୋରାପୁଟ ଜିଲ୍ଲା ୪୦ ହଜାର ୮୪୪ ଜଣ ଚାଷୀ ଧାନ ବିକ୍ରି ନିମନ୍ତେ ପଞ୍ଜିକୃତ କରିଥିବା ବେଳେ ପ୍ରାପ୍ତ ସୂଚନା ଅନୁଯାୟୀ ୧୦ହଜାର ୯୨୬ ଚାଷୀଙ୍କ ଠାରୁ ୫ଲକ୍ଷ ୪୧ ହଜାର ୯୪୨ କୁଇଣ୍ଟାଲ ୨୭ କିଗ୍ରା ଧାନ କ୍ରୟ ଶେଷ ହୋଇଛି।

## ଗଣଶିକ୍ଷା ଉପ ନିର୍ଦ୍ଦେଶିକାଙ୍କ ମହାବିଦ୍ୟାଳୟ ଗସ୍ତ

ସେମିଳିଗୁଡ଼ା, ୮।୧ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ ରାଜ୍ୟ ଗଣଶିକ୍ଷା ବିଭାଗର ଉପ ନିର୍ଦ୍ଦେଶିକା ନମିତା ମାଳି ଗୁରୁବାର ପରିଦର୍ଶନରେ ଆସିଥିଲେ। ଅଧକ୍ଷା ଡ.ଝାନ୍ ସି ସିଂହ ତାଙ୍କୁ ସ୍ୱାଗତ କରିବା ସହିତ ମହାବିଦ୍ୟାଳୟର ବିଭିନ୍ନ ପ୍ରକାର ସମସ୍ୟା ସମ୍ପର୍କରେ ଆଲୋଚନା କରି କଲେଜ ପରିକ୍ରମା କରିଥିଲେ। ଏହାପରେ ସମସ୍ତ ଅଧାପକ ଅଧାପିକା କର୍ମଚାରୀଙ୍କ ସହିତ +୨ ଏବଂ +୩ ଶିକ୍ଷା ସମ୍ପର୍କରେ ମଧ ଆଲୋଚନା ଜାରିଥିଲେ। ସମସ୍ତ ଅଧାପକ ଅଧାପିକା ମିଳିତ ଭାବରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣରେ ସହଯୋଗ କରିବା ସହ ଅନୁଷ୍ଠାନ ମଧରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ କହିଥିଲେ।

## ଡକାୟତି ମାମଲାରେ ୫ ଗିରଫ

କୋଷାଗୁମୁଡା, ୮।୧(ସମିସ): ଏକ ଡକାୟତି ମାମଲାରେ କୋଡିଙ୍ଗା ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ୫ ଅଭିଯୁକ୍ତ ହେଲେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅଞ୍ଚଳର ବୋରିଗୁମ୍ମା ଗ୍ରାମର ଦେବେନ୍ଦ୍ର ବାଘ(୨୧), ସାନ ଦୁବୁଲି ଗ୍ରାମର



ହିତେଶ ବିଶୋଇ(୨୮), ଚପାର୍ଲିଗୁଡା ଗ୍ରାମର ଗୋବର୍ଦ୍ଧନ ଭୂମିୟା(୨୫), ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ଥାନା କନ୍ହେଇମୁଣ୍ଡା ଗ୍ରାମର ସାନୁ ହରିଜନ(୨୫) ଓ ଖାତିଗୁଡା ଥାନା ପଟାଗୁଡା ଗ୍ରାମର ବେଣୁଧର ନାଗ(୩୨)। ସେମାନଙ୍କ ନିକଟରୁ ଗୋଟିଏ କାର, ୩ଟି ମୋଟର ସାଇକେଲ, ୧୫ଟି ମୋବାଇଲ, ୨ଟି ରୂପାର ମୂର୍ତ୍ତି ଓ ଲୁହା ମରଣାସ୍ତ୍ର ଜବତ କରାଯାଇଛି। ସୂଚନା ଅନୁଯାଇ ଚଳିତ ଜାନୁଆରୀ ମାସ ୪ ତାରିଖ ରାତିରେ କୋଡିଙ୍ଗା ଥାନା ଅନ୍ତର୍ଗତ ବାଗଦୋରୀ ଗ୍ରାମର ଧନର ଭତରାଙ୍କ ଘରେ ମୁଖାପିନ୍ଧା ଦୁର୍ବୃତ୍ତ ମାନେ କବାଟ ଭାଙ୍ଗି ଖଣ୍ଡା ଛୁରୀ ଦେଖାଇ ସୁନା ଅଳଙ୍କାର ସହ ଟଙ୍କା ଲୁଟି ନେଇଥିଲେ। ଏନେଇ ଧନର କୋଡିଙ୍ଗା ଥାନାରେ ଏକ ଏତଲା ଦାୟର କରିଥିଲେ। ନବରଙ୍ଗପୁର ଏସପିଙ୍କ ନିର୍ଦ୍ଦେଶରେ ପାପଡ଼ାହାଣ୍ଡି ଏସଡିପିଓ ସତ୍ୟଜିତ କଣ୍ଡେଲକଲଙ୍କ ନେତୃତ୍ୱରେ ୩ଟି ଟିମ କରାଯାଇ ମାମଲାର ତଦନ୍ତ କରିଥିଲେ। ଘଟଣାରେ ଅଧିକ ତଦନ୍ତ ଚଳାଇ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ ବୋଲି କୋଡିଙ୍ଗା ଥାନା ଅଧିକାରୀ ଯୁଗଳ ଶବର ସୂଚନା ଦେଇଛନ୍ତି।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ସେମିଳିଗୁଡ଼ା, ୮।୧(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସୀତମ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ଇଂରାଜୀ ମିଡିୟମ୍ ସ୍କୁଲ, ଦିଲ୍ଲୀ ପବ୍ଲିକ ସେକେଣ୍ଡାରୀ ସ୍କୁଲର ବାର୍ଷିକ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସ୍କୁଲର କ୍ରୀଡା ପ୍ରତିଯୋଗିତାକୁ ଅନୁଷ୍ଠାନର ଅଧକ୍ଷ କୃଷ୍ଣ ସିଂହ ଉଦ୍‌ଘାଟନ କରିଛନ୍ତି। ସ୍କୁଲର କୋଷାଧକ୍ଷ ଅର୍ଜୁନ ଚରଣ ନାୟକ, ନିର୍ଦ୍ଦେଶକ ମହେଶ୍ୱର ପାଣିଗ୍ରାହୀ, ଅଧକ୍ଷ ନାରାୟଣ ପରିଡ଼ା, କ୍ଷୀରୋଦ ପାତ୍ର, ଏ.ଓ ଆର.ଡି.ସାମଲ, ସୀତମ ଡାଇରେକ୍ଟର ଡଃ.ଟି.ରାଜେସ ଦୋରା, ଡିପ୍ଲୋମା ପ୍ରିନ୍ସପାଲ ରଞ୍ଜିତ ଚହଟରାୟ, ମାଧୁରୀ ସେଠୀ, ଏସ୍. ଭାନୁ, ଜସ୍ମିନ ରାଉତ, ଜି. ଜି.ମନିକା, ସଂଗୀତା କୁମାରୀ, ସୁରୋଜ ନାୟକ, ସୁପ୍ରିୟା ଦାସ, ମନସିନୀ ନନ୍ଦ, କଳ୍ପତରୁ ଦା ଦାସ, ଅନୀତା ପ୍ରଧାନ ଓ ଉଭୟ ସିତମ ଓ ଡି.ପି.ଏସ.ଏସର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଯୋଗ ଦେଇଥିଲେ। କ୍ରୀଡା ଉତ୍ସବ କାର୍ଯ୍ୟକ୍ରମ ମ କ୍ରୀଡା ଶିକ୍ଷକ ଲିଙ୍ଗରାଜ ଶର୍ମା ଓ ଓ ଆନନ୍ଦମୌଳି ପଟ୍ଟନାୟକଙ୍କ ସଂଯୋଜନାରେ ଚାଲିଛି।

## ପୌର ପରିଷଦ ଅମିନଙ୍କୁ ପଦୋନ୍ନତି

ସେମିଳିଗୁଡ଼ା/ସୁନାବେଡ଼ା, ୮।୧(ସମିସ): କୋରାପୁଟ ଜିଲ୍ଲାର ସୁନାବେଡ଼ା ପୌର ପରିଷଦର ଅମିନ ଭାବରେ କାର୍ଯ କରୁଥିବା ସଞ୍ଜୟ କୁମାର ରାୟ ଜେନା ଦେଓ ପଦୋନ୍ନତି ପାଇଥିବା ଜଣାପଡ଼ିଛି। ତାଙ୍କୁ ଓଡ଼ିଶା ପୌର ଯୋଜନା ସେବା କ୍ୟାଡର ଅଧୀନରେ କ୍ଷେତ୍ର ପରିଦର୍ଶକ ପଦବୀକୁ ପଦୋନ୍ନତି ଦିଆଯାଇଛି। ରାଜ୍ୟରେ ୨୪ ଜଣ ଅମିନ ମାନେ ପଦୋନ୍ନତି ପାଇଥିବା ଜଣାପଡ଼ିଛି। ସେହି ମଧ୍ୟରୁ ସୁନାବେଡ଼ା ପୌର ପରିଷଦର ସଞ୍ଜୟ କୁମାର ରାୟ ଜେନା ଦେଓ ଙ୍କୁ ମଧ ପଦୋନ୍ନତି ମିଳିଛି।

## କଂଗ୍ରେସ କର୍ମୀଙ୍କ ପରଲୋକ

ନନ୍ଦପୁର, ୮।୧(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ସୀମାନ୍ତ ପାଛଲୁଙ୍ଗ ଗ୍ରାମ ପଞ୍ଚାୟତର ଗୋଡ଼ିପୁଟ ଗ୍ରାମର ସାଧୁ ଅଞ୍ଜୋଙ୍କ ପିତା ପେଣ୍ଟା ଅଞ୍ଜୋଙ୍କର ଗୁରୁବାର ପରଲୋକ ଘଟିଛି। ଖବର ପାଇ ପଟାଙ୍ଗି ବିଧାୟକ ତଥା ସିଏଲପି ନେତା ରାମଚନ୍ଦ୍ର କାଡ଼ାମ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଥିଲେ। ନନ୍ଦପୁର ବ୍ଲକ ବିଧାୟକ ପ୍ରତିନିଧି କାମେସ କାମୁଡ଼ି, ଯୁବନେତା, ନୀଳାମ୍ବର ହଂସା, ରଘୁନାଥ ବୁରୁଡ଼ି, ସୁବା ରାଓ ଭଣ୍ଡା, ପ୍ରଦୀପ ହନ୍ତାଳ, ସୁବାଷ ତାଙ୍କୁଲ ପ୍ରମୁଖ ଶୋକ ସନ୍ତପ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇଥିଲେ।

**● ଲେମନ୍ ଗ୍ରାସ ତେଲ ଟ୍ୟାଙ୍କି ଅଗ୍ନିକାଣ୍ଡ**

## ଜଳିଗଲା ଲକ୍ଷାଧିକ ଟଙ୍କାର ଘାସ



ବନ୍ଧୁଗାଁ, ୮।୧(ସମିସ): ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତର ସାଙ୍ଗିପୁଟ ଗ୍ରାମରେ ଥିବା ଲେମନ ଗ୍ରାସ ତେଲ ଟ୍ୟାଙ୍କିରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଘାସ ଜଳି ନଷ୍ଟ ହୋଇ ଯାଇଛି। ଆଜି ମଧ୍ୟାହ୍ନ ସମୟରେ ତହସିଲ କାର୍ଯ୍ୟାଳୟରୁ ପ୍ରାୟ ୨୦୦ ମିଟର ଦୂରରେ ଥିବା ଲେମନ ଗ୍ରାସ ଟ୍ୟାଙ୍କ ନିକଟରେ ନିଆଁ ଲାଗି ଯାଇଥିଲା। ସଙ୍ଗେ ସଙ୍ଗେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ବହୁ କଷ୍ଟରେ ନିୟନ୍ତ୍ରଣ କରିଥିଲେ। ଏହାର ପ୍ରଭାବରେ ପାଖ ଜମିରେ ଥିବା ଲେମନ ଗ୍ରାସ ଜଳି ପୋଡ଼ି ନଷ୍ଟ ହୋଇଛି। ୪ ଏକର ଜମିର ପ୍ରାୟ୨ଲକ୍ଷ ଟଙ୍କାର ଘାସ ପୋଡ଼ି ନଷ୍ଟ ହୋଇଥିବା କ୍ଷତିଗ୍ରସ୍ତ ଚାଷୀ ଜଣାଇଛନ୍ତି। ତେଲ ଟ୍ୟାଙ୍କ ମାଲିକ ଜି ଫକିର ଏବଂ ଜି ରଞ୍ଜିତ ଘଟଣା ସମୟରେ ଉପସ୍ଥିତ ରହିଥିଲେ ଓ ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଦମକଳ ବାହିନୀ ଏସ ଓ ସରୋଜ କୁମାର ମହାପାତ୍ର, ହାବିଲଦାର ସାଲୁକା ମୁଣ୍ଡା, ଫାଇର ଫାଇଟର ମୋନଜ୍ କୁମା ସେଠୀ, ରାଜେଶ ବେହେରା, ଶଙ୍କର ମାଝୀ ଓ ବାସୁଦେବ ପାତ୍ର ଉପସ୍ଥିତ ରହି ନିଆଁକୁ ଆୟତ୍ତ କରିଥିଲେ।

## ୨୯ ଏକର ଗଞ୍ଜେଇ ଗଛ ନଷ୍ଟ

ବୈପାରିଗୁଡ଼ା, ୮।୧(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମାଝୀଗୁଡା ପଞ୍ଚାୟତର ଗାଡ଼ିଆଯୋଡି ଏବଂ ଘୋଡାବେଡା ଅଞ୍ଚଳରେ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ପୁଲିସ, ଅବକାରୀ, ବନବିଭାଗ ଏବଂ ରାଜସ୍ୱ ବିଭାଗର ଉପସ୍ଥିତିରେ ମିଳିତ ଚଢ଼ାଉ କରାଯଇଥିଲା। ଏହି ଚଢ଼ଉରେ ୨୯ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଉଛି। ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆଙ୍କ ନେତୃତ୍ୱରେ ୧୫ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିବା ବେଳେ ଅବକାରୀ ଅଧିକାରୀ ସରୋଜ କୁମାର ବେହେରାଙ୍କ ନେତୃତ୍ୱରେ ୧୪ ଏକର ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଏଥିରେ ବୈପାରିଗୁଡା ଥାନା ଏସ୍ଆଇ ସଞ୍ଜୀବ ବେହେରା, ଅତିରିକ୍ତ ତହସିଲଦାର ଝାଡେଶ୍ୱର ସଉରା, ଅବକାରୀ ବିଭାଗ ଏବଂ ବନବିଭାଗର ଟିମ୍ ଉପସ୍ଥିତ ରହି ଗଞ୍ଜେଇ ଗଛ ନଷ୍ଟ କରିବା ସହିତ ସେଥିରେ ନିଆଁ ଲଗାଇ ପୋଡି ଦେଇଥିବା ଜଣାପଡ଼ିଛି। ନଷ୍ଟ ହୋଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୁଲିସ ସୂଚନା ଦେଇଛି।

## ମିଶନ ଶକ୍ତି ଅତିରିକ୍ତ ସଚିବଙ୍କ ସମୀକ୍ଷା

ନବରଙ୍ଗପୁର/କୋଷାଗୁମୁଡା, ୮।୧(ସମିସ): ମିଶନ ଶକ୍ତି ବିଭାଗର ଅତିରିକ୍ତ ସଚିବ ଜ୍ୟୋତିଶଙ୍କର ମହାପାତ୍ର ନବରଙ୍ଗପୁର ଜିଲ୍ଲା ପରିଦର୍ଶନ କରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପହଞ୍ଚି ଓଏଲଏମ ଓ ମିଶନ ଶକ୍ତି ଯୋଜନାର ସମସ୍ତ ପ୍ରମୁଖ ପାରାମିଟର ଉପରେ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ସଭାରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା -କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ମିଶନ ଶକ୍ତି ବିଭାଗର ଅଡିଟ୍ ଅଧିକାରୀ ଦୀପକ କୁମାର କାହାଲୀ, ବ୍ଲକ ଉନ୍ନୟନ ଅଧିକାରୀ କୋଷାଗୁମୁଡା ଆଶିଷ ତ୍ରିପାଠୀ, ଡିପିଏମ (ଓଏଲଏମ), ଡିପିସି (ମିଶନ ଶକ୍ତି) ସହ ସମସ୍ତ ବ୍ଲକ ସ୍ତରୀୟ ମିଶନ ଶକ୍ତି ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେ କୋଷାଗୁମୁଡା ବ୍ଲକସ୍ଥିତ ଲିମ୍ବଭଟା ଗ୍ରାମ ପରିଦର୍ଶନ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଧାନରେ ତିଆରି ବିଭିନ୍ନ ହସ୍ତଶିଳ୍ପ କାର୍ଯ୍ୟକଳାପ ଅବଲୋକନ କରିଥିଲେ। ପରେ ରାଜୋଡା ଗ୍ରାମ ପଞ୍ଚାୟତରେ ସ୍ୱୟଂ ସହାୟକ ସଦସ୍ୟଙ୍କ ଦ୍ୱାରା ପରିଚାଳିତ ରିଟେଲ ମାର୍ଟ ଦେଖିଥିଲେ। ତାପରେ କୋଷାଗୁମୁଡା ବ୍ଲକସ୍ଥିତ ମିଶନ ଶକ୍ତି କାଫେ ପରିଦର୍ଶନ କରି ବ୍ଲକସ୍ତରୀୟ ମହାସଂଘ ସଦସ୍ୟଙ୍କ ସହ ଆଲୋଚନା କରି ମଧାହ୍ନ ଭୋଜନ ଗ୍ରହଣ କରି ନବରଙ୍ଗପୁର ସର୍କିଟ୍ ହାଉସକୁ ଫେରିଥିଲେ।

## ସଡ଼କ ସୁରକ୍ଷା ଉପରେ ଦୃଷ୍ଟି ଦିଆଯାଉ : ଜିଲ୍ଲାପାଳ

ନବରଙ୍ଗପୁର, ୮।୧(ସମିସ): ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜାତୀୟ ସଡକ ସୁରକ୍ଷା ମାସ ପାଳନ ଅବସରରେ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଞ୍ଚଳିକ ପରିବହନ ଅଧିକାରୀ ଜିତେନ୍ଦ୍ର ଭୋଇ ସମସ୍ତଙ୍କୁ ସ୍ୱାଗତ କରି ଏଜେଣ୍ଡା ଅନୁଯାୟୀ ଚଳିତ ମାସରେ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଗୃହରେ କହିଥିଲେ। ବୈଠକରେ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାରେ ୨୦୨୫ ମସିହାରେ ୮ ଟି ବ୍ଲାକ ସ୍ପଟ୍ ଚିହ୍ନଟ ହୋଇଛି। ଜିଲ୍ଲାରେ ୨୦୨୫ ମସିହାରେ ମୋଟ ରାସ୍ତା ଦୁର୍ଘଟଣା ୨୪୯ରୁ ୧୯୦ ଜଣଙ୍କ ମୃତ୍ୟୁ, ୪୧ ଜଣ ଅତି ଗୁରୁତର ଏବଂ ୧୭ ଜଣ ସାମାନ୍ୟ ଆହତ ହୋଇଛନ୍ତି। ଜିଲ୍ଲାରେ ଦୁର୍ଘଟଣା ମୃତ୍ୟୁହାରକୁ କମାଇବା ଓ ସଡ଼କ ସୁରକ୍ଷା ଉପରେ ବିଶେଷ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ରାଣୀଡୁଡୁମାରେ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ନନ୍ଦପୁର, ୮।୧ (ସମିସ): ବନ ସୁରକ୍ଷା କମିଟି ତଥା ପର୍ଯ୍ୟଟନ ବିକାଶ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ରାଣୀଡୁଡୁମା କାର୍ଯ୍ୟକାରୀ କମିଟି ପକ୍ଷରୁ ସ୍ଥାନୀୟ ରାଣୀଡୁଡୁମା ଠାରେ ଏକ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ କରାଯାଇଛି। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଆଜି ପ୍ରଥମ ଦିନରେ ୪ଟି ଦଳ ମଧ୍ୟରେ ଉତ୍ସାହପୂର୍ଣ୍ଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ସମାରୋହରେ ଜଗନ୍ନାଥ ପାଙ୍ଗି, ଜୟରାମ ଭୋଇ, ପ୍ରଭାତ ଗୁରୁମାଇ, ଏନ୍‌ପିବିପି ସାଧାରଣ ସମ୍ପାଦକ ମୁନ୍ନା ଦଳପତି, ଫରେଷ୍ଟର ଗୋପୀନାଥ ପାଙ୍ଗି, ନରେନ୍ଦ୍ର ଖରା, ସୁଶାନ୍ତ ସାହୁ, ବିଜୟ ଲକ୍ଷ୍ମୀ ପଟ୍ଟନାୟକ, ଡମ୍ବରୁ ପାଙ୍ଗି ସହିତ ବନ ସୁରକ୍ଷା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଅତିଥିମାନେ କ୍ରୀଡା ମାଧ୍ୟମରେ ଯୁବପିଢ଼ୀଙ୍କ ମଧ୍ୟରେ ଶିଷ୍ଟାଚାର, ସହଯୋଗ ଓ ସାମାଜିକ ସମନ୍ୱୟ ବିକାଶ ଉପରେ ଗୁରୁତ୍ୱ ଆରୋପ କରିବା ସହ ଐକିକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକକୁ ନାର ସନ୍ଦେଶ ଦେଇ ପର୍ଯ୍ୟଟନ ସ୍ଥଳରେ ଏହାକୁ ପ୍ରତିବନ୍ଧିତ କରିବାକୁ ନିଷ୍ପତ୍ତି ନେଇଥିଲେ।

## ରାସ୍ତା ମରାମତି ହେଉନି, ଲୋକଙ୍କ ଦୁର୍ଦ୍ଦଶା

ପୋଡ଼ାଗଡ଼, ୮।୧(ସମିସ): ରାସ୍ତା ଘାଟ ମରାମତି କରିବା କିମ୍ବା ଜନ ସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ନାଲ୍‌କୋ ପ୍ରତିଶ୍ରୁତି ଦେଇ ତାହା ପାଳନ କରୁନାହିଁ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ସଦର ବ୍ଲକ ଅଧିନସ୍ଥ ଲିଟିଗୁଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଆମ୍ବଗାଁରେ। ଏହି ଗ୍ରାମ ଦେଇ ପ୍ରତିଦିନ ପୋଡ଼ାଗଡ଼, ମୁଜାଙ୍ଗ, କିଲାର ପ୍ରମୁଖ ଗ୍ରାମବାସୀ ଦାମନଯୋଡି ସ୍ଥିତ ଆଲୁମିନିୟମ କାରଖାନାର ତଥା ନାଲ୍‌କୋକୁ କାମ କରିବାକୁ ଯାଇଥାନ୍ତି। କିନ୍ତୁ ରାସ୍ତା ଅତ୍ୟନ୍ତ ଖରାପ ଯାଇଥିବାରୁ ଅନେକ ସମୟରେ ସମସ୍ୟା ହେଉଥିବା କହିଛନ୍ତି। ଏହାଛଡ଼ା ଗ୍ରାମରେ ପାଖାପାଖି ୧୦୦ ଆଦିବାସୀ ଓ ହରିଜନ ପରିବାର ବସବାସ କରୁଛନ୍ତି। ଆମ୍ବଗାଁ ଗ୍ରାମବାସୀଙ୍କର ହସ୍ପିଟାଲ କିମ୍ବା ପଞ୍ଚାୟତ ଅଫିସ୍‌ରେ ପିଡିଏସ ସାମଗ୍ରୀ, ବାର୍ଦ୍ଧକ୍ୟ ଭତ୍ତା ଓ କୌଣସି କାମ ନିମନ୍ତେ କୋରାପୁଟ କିମ୍ବା ଦାମନଯୋଡ଼ି ଯିବାକୁ ହେଲେ ଉକ୍ତ ରାସ୍ତା ହିଁ ରହିଛି। ସେଥିପାଇଁ ଗ୍ରାମବାସୀ ନାଲକୋ ରାସ୍ତାରୁ ଆମ୍ବଗାଁ ରାସ୍ତା ମରାମତି କରିବା ନିମନ୍ତେ ଅନେକ ବାର ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଇଲେ ସୁଦ୍ଧା କୌଣସି ଫଳପ୍ରଦ ହେଉନଥିବା ଗ୍ରାମବାସୀ କହିଛନ୍ତି। ରାସ୍ତା ଖରାପ ହେତୁ ଗ୍ରାମରେ ଯଦି କାହାର ଦେହ ଖରାପ ହେଲେ କିମ୍ବା ପ୍ରସୂତି ମହିଳାଙ୍କୁ ହସ୍ପିଟାଲ ନେବାକୁ ଆମ୍ବୁଲାନ୍ସକୁ ଯୋଗାଯୋଗ କଲେ ରାସ୍ତା ଖରାପ ଥିବାହେତୁ ବିଳମ୍ବରେ ଆସୁଥିବା ମଧ୍ୟ ଗ୍ରାମବାସୀ କହିଛନ୍ତି। ତୁରନ୍ତ ରାସ୍ତା ମରାମତି ନିମନ୍ତେ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ଓ ବ୍ଲକ ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ପରିବେଶ ପର୍ଯ୍ୟଟନରେ ପଞ୍ଚାୟତର ଭୂମିକା ନେଇ ତାଲିମ

ବୈପାରୀଗୁଡ଼ା, ୮।୧(ସମିସ): ବୈପାରୀଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସ୍ଥିତ ସଭାଗୃହ ଠାରେ ଜିଲ୍ଲା ପଞ୍ଚାୟତ ସାଧାନ କେନ୍ଦ୍ର ଦ୍ୱାରା ପରିବେଶ ପର୍ଯ୍ୟଟନରେ ଗ୍ରାମପଞ୍ଚାୟତର ଭୂମିକାକୁ ନେଇ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏବିଡ଼ିଓ ନିବେଦିତା ଦଣ୍ଡସେନା, ରାଜସ୍ୱ ନିରୀକ୍ଷକ ଶଙ୍କର ମିଶ୍ର ଏବଂ ବନପାଳ ରଞ୍ଜିତା କୁମାରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ବ୍ଲକର ସମସ୍ତ ଜନ ପ୍ରତିନିଧି, ସାମ୍ପନ୍‌ୱିତ ଶିଶୁ ବିକାଶ ଯୋଜନାର କ୍ଷେତ୍ର ପରିଦର୍ଶିକା, ଜିପିଏଲଏଫ ସଭାପତି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ମାନେ ଉପସ୍ଥିତ ଥିଲେ। ଏହି ଶିବିକୁ ବ୍ଲକ ପେସା ସଂଯୋଜକ ଦିନେଶ ପଣ୍ଡା ପରିଚାଳନା କରିଥିଲେ।

## ଶିକ୍ଷକ ସଂଘର ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

କୋଟପାଡ଼, ୮।୧(ସମିସ): କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟପାଡ଼ ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ଏକ ସ୍ମାରକପତ୍ର କୋରାପୁଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। କୋଟପାଡ଼ ବିଇଓ ପ୍ରଶାସନ ପକ୍ଷରୁ ଗତବର୍ଷ ଜୁଲାଇ ମାସରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଡିଏ ବକେୟା କରାନଯିବା, ଉଚ୍ଚ ଶିକ୍ଷାର ପ୍ରମାଣପତ୍ର ପ୍ରଦାନ ସତ୍ତ୍ୱେ ସେବାପୁସ୍ତିକାରେ ଯୋଗ ନକରିବା ଏବଂ ସିଟିଏସ ସର୍ଭେ ଟଙ୍କା ନ ମିଳିବା ଯୋଗୁଁ କୋଟପାଡ଼ ବ୍ଲକ ଓ ଏନଏସିର ଶିକ୍ଷକ ଶିକ୍ଷୟିତ୍ରୀମାନେ ଗଭୀର ଅସନ୍ତୋଷ ମଧ୍ୟରେ ଥିବା ଜିଲ୍ଲାପାଳଙ୍କୁ ଅବଗତି କରାଯାଇଛି। ଏଥିସହ କୋରାପୁଟ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରି ବିହିତ ପଦକ୍ଷେପ ଗ୍ରହଣ ନ୍ୟାୟ ପ୍ରଦାନ କରିବେ ବୋଲି ଆଶାବାଦୀଥିବା ସଂଗଠନର କର୍ମକର୍ତ୍ତାମାନେ ଗଣମାଧ୍ୟମକୁ ଅବଗତ କରିଛନ୍ତି।

## ଆଇନ ପରାମର୍ଶ ଶିବିର

ବୈପାରୀଗୁଡ଼ା, ୮।୧(ସମିସ): ବୈପାରୀଗୁଡା ବ୍ଲକ କୋଲାର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସିଏସନ୍ଆର ଅନୁଷ୍ଠାନ ପକ୍ଷରୁ ଏକ ଦିବସୀୟ ଆଇନ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ଜୟନ୍ତୀ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କୋଲାର ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ସ୍ୱାଦସ୍ୟା ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ। ତାଲିମଦାତା ଭାବେ ଆଇନଜୀବି ରାଜେଶ୍ୱର ମହୁରିଆ ଆଲୋଚନା କରିଥିଲେ। ଲୋକଙ୍କୁ ଆଇନ ସମ୍ବନ୍ଧୀୟ ପରାମର୍ଶ ସହ ମକଦ୍ଦମା ଲଢିବା ରେ ଅନୁଷ୍ଠାନ ମାଗଣାରେ ସାହାଯ୍ୟ ଯୋଗାଇଦେବ ବୋଲି ସଂଯୋଜକ ସୁନୀଲ ମିଶ୍ର ମତ ରଖିଥିଲେ। କାର୍ଯ୍ୟକ୍ରମକୁ ଦେବକୀ ପୂଜାରୀ, ସବିତା ଜେନା, ବୁଟୁ ନାୟକ ପ୍ରମୁଖ ପରିଚାଳନା କରିଥିଲେ।




## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ରାଇଘର, ୮।୧(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଗାନ୍ଧୀନଗର ପଞ୍ଚାୟତର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଭୁକ୍ତ କରାଯାଇ ବିଦ୍ୟାଳୟ ପରିସରରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ଝରିଗାଁ ବିଧାୟକ ନରସିଂହ ଭତରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି, ମନ୍ତ୍ରୀ ପ୍ରତିନିଧି, ବିଧାୟକ ପ୍ରତିନିଧି, ଜିଲ୍ଲାପାଳ ଡା. ମହେଶ୍ୱର ସୁଇଁ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ବ୍ଲକ ଅଧକ୍ଷ ଗୁପ୍ତପ୍ରସାଦ ଝାଙ୍କର, ରାଇଘର ତହସିଲଦାର ରିତୁ ସିଂ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାର ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ମାଧ୍ୟମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

## ଇପିଏଫ୍ ପେନ୍‌ସନର୍ସ ଆସୋସିଏସନର ଦାବିପତ୍ର ପ୍ରଦାନ




କୋରାପୁଟ, ୮।୧(ସମିସ)

ଅଲ୍ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ କୋରାପୁଟ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୋରାପୁଟ ଜିଲ୍ଲା ସଂଘ ସମ୍ପାଦକ ପ୍ରଦୀପ କୁମାର ମହାନ୍ତିଙ୍କ ପରିଚାଳନାରେ ଏକ ଶୋଭାଯାତ୍ରାରେ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା ପ୍ରଦାନ ସହ ମହଙ୍ଗା ଭତ୍ତା ପ୍ରଦାନ, ସୁପ୍ରିମକୋର୍ଟ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ପ୍ରଦାନ, ସମସ୍ତ ଇପିଏଫ ପେନସନର୍ସଙ୍କୁ ଚିକିତ୍ସା ଭତ୍ତା ସହ ଆୟୁଷ୍ମାନ ଭାରତ ଯୋଜନାରେ ମାଗଣା ଚିକିତ୍ସା, ସମସ୍ତ ଇପିଏଫ ପେନସନର୍ସ ବରିଷ୍ଠ ନାଗରିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବାକୁ ଦାବି କରିଥିଲେ। ଥିପ୍ରତି ସରକାର ଦୃଷ୍ଟି ଦେବାକୁ ଅଲ ଓଡ଼ିଶା ପେନସନର୍ସ ଆସୋସିଏସନ କୋରାପୁଟ ଜିଲ୍ଲା ସଂଘ ଦାବି କରିଛି। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ କୋରାପୁଟ ସଂଘ କାର୍ଯ୍ୟକାରୀ ସଭାପତି ଉମାକାନ୍ତ ରଥ, ସମ୍ପାଦକ ପ୍ରଦୀପ କୁମାର ମହାନ୍ତି, କୋଷାଧ୍ୟକ୍ଷ ଦୁର୍ଗା ପ୍ରସାଦ ଦାସଙ୍କ ସହ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।

















### ଅଦାଲତରେ 'ବୋମା' ଆତଙ୍କ ଘଟଣା

# ଇ-ମେଲ୍'ର ଉତ୍ସ ଖୋଜୁଛି ପୁଲିସ





କଟକ,୮ ।୧(ସମିସ):

କଟକ ଜିଲ୍ଲା କୋର୍ଟକୁ ବୋମା ବିସ୍ଫୋରଣରେ ଉଡାଇଦେବା ଧମକକୁ ନେଇ ଆତଙ୍କ ସୃଷ୍ଟି ହୋଇଥିଲା । କୋର୍ଟ ପରିସରରେ ଖଞ୍ଜା ଯାଇଥିବା ୩ଟି ଆରଡିଏକ୍ସ ଧାର୍ଯ୍ୟ ସମୟରେ ବିସ୍ଫୋରଣ ହେବ ନଚେତ ଆତ୍ମଘାତୀ ଦ୍ୱାରା ସମ୍ପୂର୍ଣ୍ଣ କୋର୍ଟକୁ ଉଡାଇ ଦିଆଯିବ ବୋଲି ଏକ ସନ୍ଦିଗ୍ଧ ଆଇଡିରୁ ଇ-ମେଲ ଆସିଥିଲା । ଏହି ବିଷୟ ଜାଣିବା ପରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ପୂର୍ବାହ୍ନରୁ ଅପରାହ୍ନ ଯାଏ ଜିଲ୍ଲା କୋର୍ଟରୁ ହାଇକୋର୍ଟ ଯାଏ ଜୋରଦାର ତଲାସି ଅଭିଯାନ କରାଯାଇଥିଲା । ବୋମା ନିଷ୍କ୍ରିୟକାରୀ ଦଳ, ସନ୍ଧାନୀ କୁକୁର ସମେତ ବିଭିନ୍ନ ସଶସ୍ତ୍ର ବାହିନୀକୁ ମୁତୟନ କରାଯାଇଥିଲା । ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କ ସମେତ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ପହଞ୍ଚିଥିଲେ । ମାତ୍ର ଜିଲ୍ଲା କୋର୍ଟ କିମ୍ବା ହାଇକୋର୍ଟ ଭିତରୁ କୌଣସି ପ୍ରକାର ବିସ୍ଫୋରକ ଅବା ସନ୍ଦିଗ୍ଧ ସାମଗ୍ରୀ ମିଳିନଥିଲା । କିନ୍ତୁ ଘଟଣାକୁ ପୁଲିସ ଗୁରୁତର ସହ ଗ୍ରହଣ କରିଛି । ମେଲ ପଠାଇଥିବା ସନ୍ଦିଗ୍ଧଙ୍କୁ ଧରିବା ପାଇଁ ତଦନ୍ତ ଆରମ୍ଭ କରାଯାଇଥିବା ବେଳେ ସମ୍ପୃକ୍ତ ଇ-ମେଲ୍‌ର ଉତ୍ସ ଖୋଜୁଛି କମିଶନରେଟ୍ ପୁଲିସ । ଆଇପି ଆଡ୍ରେସ୍ ମିଳିବା ପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ସ୍ପଷ୍ଟ କରିଛନ୍ତି ।

ପ୍ରଥମେ ଜିଲ୍ଲା କୋର୍ଟ ରେଜିଷ୍ଟ୍ରାରଙ୍କ ଜି-ମେଲ ଆଇଡିକୁ ଆସିଥିବା ଏକ ସନ୍ଦିଗ୍ଧ ମେଲ ସମ୍ପର୍କରେ ଜଣାପଡଥିଲା । ଉକ୍ତ ମେଲ୍‌ରେ କୋର୍ଟ ପରିସର ୩ଟି ସ୍ଥାନରେ ୩ଟା ବୋମା ଖଞ୍ଜା ଯାଇଛି ଏବଂ ଦିନ ୨ଟା ୪୫ରେ ତାହା ବିସ୍ଫୋରଣ ହେବ । ଏହା ପୂର୍ବରୁ କୋର୍ଟ ଖାଲିକରିଦେବା ଅର୍ଥାତ ସମସ୍ତେ ବାହାରିଯିବା ପାଇଁ ଧମକପୂର୍ଣ୍ଣ ଭାବେ ଲେଖାଯାଇଥିଲା । ଏ ସମ୍ପର୍କରେ ତୁରନ୍ତ ଉପରିସ୍ଥ ଅଧିକାରୀ ଏବଂ ଲାଲବାଗ ଥାନାକୁ ସୂଚନା ଦେଇଥିଲେ । ପୁଲିସ ତୁରନ୍ତ ପହଞ୍ଚି କୋର୍ଟ ଚାରିପଟେ ସଶସ୍ତ୍ର ଫୋର୍ସ ମୁତୟନ ସହ ସୁରକ୍ଷା ଦୃଷ୍ଟିରୁ ପରିସରକୁ ଆଉ କାହାରିକୁ ଛାଡିନଥିଲା । କୋର୍ଟ ପରିସରରେ ଥିବା ଜନସାଧାରଣଙ୍କୁ ବାହାର କରି ଦିଆଯାଇଥିଲା । ଏତିକିବେଳେ ବୋମା ବିଷୟ ଜାଣିବା ପରେ ସମସ୍ତେ ଭୟଭୀତ ହୋଇପଡିଥିଲେ । ଯେହେତୁ ଜିଲ୍ଲା କୋର୍ଟର ଅତି ନିକଟରେ ହାଇକୋର୍ଟର ନୂଆ କୋଠା ଥିବାରୁ ପୁଲିସ କୌଣସି ପ୍ରକାର ଅବହେଳା କରିନଥିଲା । ହାଇକୋର୍ଟକୁ ସଂଯୋଗ କରୁଥିବା ଗ୍ରାମାଞ୍ଚଳ ଏସ୍‌ପି ଗଡା, ଲାଲବାଗ ଥାନା ସମ୍ମୁଖ, ନିମଚୌଡି ପଡୁ ଗାଡି ଚଳାଚଳ ବନ୍ଦ କରିଦେଇଥିଲା । କିଛି ସମୟ ପରେ ସନ୍ଧାନୀ କୁକୁର ଏବଂ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ଯାଞ୍ଚପ୍ରକ୍ରିୟା ଆରମ୍ଭ କରିଥିଲେ । ଏହା ମଧ୍ୟରେ ସିପି ଏସ. ଦେବଦତ୍ତ ସିଂହ, ଡିସିପି ଖିଲାରୀ ରିଶିକେଶ ଦ୍ୟାନଦେଓଙ୍କ ସମେତ କଟକ ୟୁପିଡିର ସମସ୍ତ ଇନ୍ସପେକ୍ଟର, ଏସିପିମାନେ ପହଞ୍ଚି ଯାଞ୍ଚପ୍ରକ୍ରିୟାରେ ସାମିଲ ହୋଇଥିଲେ । ଆତ୍ମଘାତୀ ତଥା ମାନବ ବୋମା ବିସ୍ଫୋରଣର ଧମକ ମିଳିଥିବାରୁ ଏସ୍‌ଟିଜି, ଏସଓଜିର ସଶସ୍ତ୍ର ଯବାନଙ୍କୁ ମଧ୍ୟ ଯାଞ୍ଚପ୍ରକ୍ରିୟାରେ ସାମିଲ କରାଯାଇଥିଲା । ଡିଜିପି ଶ୍ରୀ ଖୁରାନିଆଙ୍କ ସମେତ ପୁଲିସ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ ମଧ୍ୟ ପହଞ୍ଚିଥିଲେ । ସଶସ୍ତ୍ର ଫୋର୍ସ ସହ ବମ/ଡଗ ସ୍କ୍ୱାଡ ମିଳିତ ଭାବେ ଉଭୟ ଜିଲ୍ଲା ଏବଂ ହାଇକୋର୍ଟରେ ଟିକିନିଖି ଯାଞ୍ଚ କରିଥିଲେ । ହେଲେ କୌଣସି ସ୍ଥାନରେ ଆରଡିଏକ୍ସ ତଥା ବିସ୍ଫୋରକ ସାମଗ୍ରୀ ମିଳିନଥିଲା । ଅପରାହ୍ନ ୩ଟା ବେଳକୁ ବୋମା ବିସ୍ଫୋରଣ ଏକ ଗୁଜବ ବୋଲି ସ୍ପଷ୍ଟ ହୋଇଥିଲା । ଏହାପରେ ପୁଣି କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା ।



**ସନ୍ଦିଗ୍ଧ ଇ-ମେଲ୍'ର ଆଇପି ଆଡ୍ରେସ୍ ମିଳିଲା ପରେ ନିଆଯିବ କଠୋର କାର୍ଯ୍ୟାନୁଷ୍ଠାନ**

**୩ଟି ଆର୍‌ଡିଏକ୍ସ ରଖାଯିବା ଗୁଜବ ଜଣାପଡ଼ିବା ପରେ ପରିସ୍ଥିତି ସ୍ୱାଭାବିକ**

---

### ■ କଟକରେ ଇପିଏଫ୍ ପେନସନର୍ସଙ୍କ ବିକ୍ଷୋଭ

## ସର୍ବନିମ୍ନ ପେନ୍‌ସନ୍ ୯ ହଜାର ଟଙ୍କା କରିବାକୁ ଦାବି

କଟକ,୮ ।୧(ସମିସ): ଦୀର୍ଘ ଦିନର ନ୍ୟାର୍ଯ୍ୟ ଦାବି ପୂରଣ ନ ହେବା ଫଳରେ କଟକର ଇପିଏଫ ପେନସନର୍ସମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣଦେଖାର ଶିକାର ହେଉଥିବା ସ୍ୱଳ୍ପ ପେନସନ ଭୋଗୀ କର୍ମଚାରୀମାନେ ଆଜି କଟକ କଚେରୀଗଡ଼ାଠାରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସଂଘର ଅଭିଯୋଗ ଅନୁଯାୟୀ, ଗତ ୪ ନଭେମ୍ବର ୨୦୨୨ରେ ସୁପ୍ରିମକୋର୍ଟଙ୍କ ରାୟ ସତ୍ତ୍ୱେ ବର୍ଦ୍ଧିତ ପେନସନ ପ୍ରଦାନ କ୍ଷେତ୍ରରେ ବିଭିନ୍ନ ବୈଷୟିକ ଆଳ ଦେଖାଇ ସେମାନଙ୍କ ଦରଖାସ୍ତଗୁଡ଼ିକୁ ଖାରଜ କରାଯାଉଛି । ଆଗାମୀ ଫେବୃଆରୀ ମାସରେ ଆସିବାକୁ ଥିବା କେନ୍ଦ୍ରୀୟ ବଜେଟରେ ସର୍ବନିମ୍ନ ପେନସନକୁ ୯ ହଜାର ଟଙ୍କାକୁ ବୃଦ୍ଧି କରିବା ସହ ମହଙ୍ଗା ଭତ୍ତା ଓ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ସେମାନେ ଦାବି କରିଛନ୍ତି । ଏହି ଅବସରରେ ସଂଘର ଏକ ପ୍ରତିନିଧି ମଣ୍ଡଳୀ କଟକ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଆଗାମୀ ମାର୍ଚ୍ଚ ୨୦୨୬ ଆର୍ଥିକ ବର୍ଷ ସୁଦ୍ଧା ଯଦି ଏହି ଦାବିଗୁଡ଼ିକ କାର୍ଯ୍ୟକାରୀ ନ ହୁଏ, ତେବେ ସଂଘ ରାଜରାସ୍ତା ଅବରୋଧ କରିବାକୁ ବାଧ୍ୟ ହେବ ବୋଲି ସଭାପତି ଅଗାଧୁ ଚରଣ ପ୍ରଧାନ ଓ ସମ୍ପାଦକ ବିନୋଦ ବେହେରା ଚେତାବନୀ ଦେଇଛନ୍ତି । ଏହି ବିକ୍ଷୋଭରେ ସହ ସମ୍ପାଦକ ଅଲେଖ ରାଉତ, ବୁଲେଇ ବେହେରା, କୋଷାଧ୍ୟକ୍ଷ ଦେବେନ୍ଦ୍ର ସାହୁ ଏବଂ ଧୀରେନ୍ଦ୍ର ପ୍ରତାପଙ୍କ ସମେତ ଶତାଧିକ ପେନସନର୍ ସାମିଲ ହୋଇଥିଲେ ।




---

## ନେତାଜୀଙ୍କ ବିଦ୍ୟାଳୟ ପ୍ରବେଶର ୧୨୪ତମ ବାର୍ଷିକୀ

### ଷ୍ଟୁଆର୍ଟ ସ୍କୁଲରେ ପାଳିତ ହେଲା ଐତିହାସିକ ସ୍ମରଣ ଦିବସ

କଟକ,୮ ।୧(ସମିସ): ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଶିକ୍ଷା ଜୀବନର ପ୍ରଥମ ପାଦପାତକୁ ମନେ ପକାଇ ଆଜି କଟକର ଷ୍ଟୁଆର୍ଟ ସ୍କୁଲ ପକ୍ଷରୁ ଏକ ଭାବପୂର୍ଣ୍ଣ ସ୍ମରଣ ଦିବସ ପାଳିତ ହୋଇଯାଇଛି । ୧୯୦୨ ମସିହା ଜାନୁଆରୀ ୮ ତାରିଖରେ ଶିଶୁ ସୁଭାଷ ଏହି ବିଦ୍ୟାଳୟରେ ପ୍ରଥମ ଥର ପାଇଁ ପାଦ ଥାପି ନିଜର ଶିକ୍ଷା ଜୀବନ ଆରମ୍ଭ କରିଥିଲେ । ଆଜି ସେହି ଐତିହାସିକ ମୁହୂର୍ତ୍ତର ୧୨୪ ତମ ବାର୍ଷିକୀ ଅବସରରେ ବିଦ୍ୟାଳୟ ପକ୍ଷରୁ ନେତାଜୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସକାଳ ୮:୪୫ ମିନିଟରେ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟଠାରୁ ଏକ ରୋଡ୍ ଶୋ' ହୋଇଥିଲା । ଏଥିରେ ପ୍ରାୟ ୨୦୦ରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ, ଏନସିସି ଏବଂ ଗାଇଡ୍ ସଦସ୍ୟମାନେ ସାମିଲ ହୋଇଥିଲେ । ବିଶେଷ ଆକର୍ଷଣ ଭାବେ ଛାତ୍ରଛାତ୍ରୀମାନେ ଯୁବ ନେତାଜୀଙ୍କ ମାସ୍କ ପିନ୍ଧି ସୂତାହାଟ ଦେଇ ଷ୍ଟୁଆର୍ଟ ସ୍କୁଲ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଯାଇଥିଲେ । ସ୍ଥାନୀୟ ପୁଲିସର ସହଯୋଗରେ ଏହି ରାଲିଟି ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଥିଲା । ରାଲି ପରେ ସ୍କୁଲର ହଷ୍ଟେଲ ପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ରେଭ. ଏଫ. ସି. ନର୍ଥଙ୍କ ପ୍ରାର୍ଥନା ଓ ଶିଳ୍ପା ସାହୁଙ୍କ ବାଇବେଲ ପଠନ ପରେ ସ୍କୁଲ କୋୟର ପକ୍ଷରୁ ଦେଶଭକ୍ତିମୂଳକ ସଙ୍ଗୀତ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ପ୍ରିନ୍ସିପାଲ ଡି. ମାର୍ଟିନା ସ୍ୱାଗତ ଭାଷଣ ଦେଇ ଷ୍ଟୁଆର୍ଟ ସ୍କୁଲ ସହ ନେତାଜୀଙ୍କ ରହିଥିବା ଆତ୍ମିକ ସମ୍ପର୍କକୁ ମନେ ପକାଇଥିଲେ । ମୁଖ୍ୟଅତିଥି ଭାବେ ସାତ୍ୟକି ଗୁପ୍ତା ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଯୁବପୀଢ଼ିଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ଓଜସ୍ୱିନୀ ଭାଷଣ ଏବଂ "କଦମ କଦମ ବଢ଼ାୟେ ଜା" ସଙ୍ଗୀତର ଗାୟନ ସମଗ୍ର ପରିବେଶକୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିଥିଲା । ଶେଷରେ ରେଶମା ପ୍ରଧାନ ଧନ୍ୟବାଦ ଦେଇଥିଲେ ଏବଂ ଜାତୀୟ ସଙ୍ଗୀତ ଗାନ ପରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।



---

## ଭଜନ ସମ୍ରାଟ ଭିକାରୀ ବଳଙ୍କ ଧର୍ମପତ୍ନୀ ଉଷାରାଣୀଙ୍କ ସ୍ମୃତିସଭା



କଟକ,୮ ।୧(ସମିସ): ଭଜନ ସମ୍ରାଟ ଭିକାରୀ ବଳଙ୍କ ଧର୍ମପତ୍ନୀ ତଥା ଧର୍ମପରାୟଣା ମହିଳା ଉଷାରାଣୀ ବଳଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ତେଲେଙ୍ଗାବଜାରର ରଘୁନାଥଜୀଉ ମନ୍ଦିର ପରିସରରେ ସାହିତ୍ୟିକ ଡ. ସୁନାମଣି ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସ୍ମୃତି ଉତ୍ସବକୁ ପ୍ରଫେସର ବୈଷ୍ଣବ ଚରଣ ସାମଲ ଉଦଘାଟନ କରିଥିଲେ, ଡ. ମହେଶ୍ୱର ମହାନ୍ତି, ପ୍ରଫେସର ବିଜୟାନନ୍ଦ ସିଂହ, ଡ. ବୈଜୟନ୍ତୀ ମିଶ୍ର, ଡ. ପ୍ରଭାତୀ ମିଶ୍ର, ଡ. ଉମାଶଙ୍କର ମିଶ୍ର, ଆଦିତ୍ୟ ପ୍ରତାପ ଧଳ, ଅଶୋକ ବଳ, ଅମୀୟ ବଳ, ଦିବାକର ରାଉତ, ବରଦା ପ୍ରସନ୍ନ ରାଉତ, ସ୍ୱାଗତ ରାଉତ, ଡା. ଶୁଭମ୍ ରାଉତ, ଆର୍.ଜେ. ସ୍ୱାତୀ, ମଳୟ ରାଉତ, ଜୀବନାନନ୍ଦ ଅଧିକାରୀ, ଅଭିମନ୍ୟୁ ରାଉତ ପ୍ରମୁଖ ଯୋଗଦେଇ ଉଷାରାଣୀଙ୍କ କୃତି ଓ କୀର୍ତ୍ତିର ସ୍ମୃତିଚାରଣ କରିଥିଲେ । ସ୍ମୃତିସଭାର ପ୍ରାରମ୍ଭରେ ଉଷାରାଣୀଙ୍କ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା ଏବଂ ନାତୁଣୀ ସ୍ୱାତୀଶ୍ୱତା ଭକ୍ତି ସଙ୍ଗୀତ ଗାନ କରିଥିଲେ । ଏକାଦଶାହ ଉପଲକ୍ଷେ 'ସ୍ମୃତିରେ ଉଷାରାଣୀ' ଶୀର୍ଷକ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି ଉପଲକ୍ଷେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଶୋକ ବଳ, ସ୍ୱାତୀ, ଅଭିଷେକ ତଥା ଅନ୍ୟାନ୍ୟ କଣ୍ଠଶିଳ୍ପୀ ମାନେ ଭଜନ ପରିବେଷଣ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ଅଜୟ ପାତ୍ର । ଉଷାରାଣୀଙ୍କ ନାତି ଅମୂଲ୍ୟ କୃଷ୍ଣ ବଳ ଧନ୍ୟବାଦ ଦେଇଥିଲେ ।

---






# ଏସ୍‌ସିବି ଛାଡିଲେ ହୀନସ୍ତା ହେଉଛନ୍ତି ଅସହାୟ ରୋଗୀ

କଟକ,୮ ।୧(ସମିସ):

ରୋଗୀ ଭାର ବଢୁଛି ବୋଲି ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ତରବରିଆ ଭାବେ ଅସହାୟ ରୋଗୀଙ୍କୁ ଡିସଚାର୍ଜ କରି ଦେଉଛନ୍ତି । ଚିକିତ୍ସା ଅଧାରୁ କଟକ ମହାନଗର ନିଗମ(ସିଏମସି) ସହ ଜଡିତ ଏନଜିଓ ହାତକୁ ଅସହାୟଙ୍କୁ ଟେକି ଦେଉଛନ୍ତି । ପରିବାରକୁ ନଫେରିବା ଯାଏଁ ଏମାନଙ୍କୁ କଟକରେ ଗଢ଼ି ଉଠିଥିବା ଆନନ୍ଦାଳୟରେ ରଖାଯାଉଛି ସତ, ହେଲେ ମେଡିକାଲ ଛାଡିବା ପରେ ଏମାନେ ଯେଉଁସବୁ ହୀନସ୍ତା ଭୋଗୁଛନ୍ତି ତାହାକୁ ଅଣଦେଖା କରାଯାଇ ନପାରେ । ବଡ ମେଡିକାଲରୁ ଯିବା ପରେ ଆନନ୍ଦାଳୟରେ ପଡ଼ିରହିବା କିଛି ଅସହାୟ ରୋଗୀଙ୍କୁ ନର୍କ ଯନ୍ତ୍ରଣା ଦେଉଛି । ଉପଯୁକ୍ତ ଚିକିତ୍ସା ସେବା ମିଳୁନି କି ଔଷଧ ଲୋଡ଼ା ପଡ଼ିଲେ ସଠିକ ସମୟରେ ହାତ ପାଆନ୍ତାରେ ପହଞ୍ଚୁନି । ସରକାରୀ ଅନୁଦାନ ନିଅଣ୍ଟ ପଡୁଥିବାରୁ ଅସହାୟ ରୋଗୀ ହୀନସ୍ତା ହେଉଛନ୍ତି ବୋଲି ଏକ ନିର୍ଦ୍ଦିଷ୍ଟ ଏନଜିଓର ସଦସ୍ୟ ଆଲୋଚନା ପ୍ରସଙ୍ଗରେ କହିଛନ୍ତି ।

ଅସହାୟ ରୋଗୀଙ୍କ ପାଇଁ ବଡ ମେଡିକାଲରେ ସ୍ୱତନ୍ତ୍ର ଭାବେ 'ଡେଷ୍ଟିଚ୍ୟୁଟ ୱାର୍ଡ' ଖୋଲାଯାଇଛି । ବିଭିନ୍ନ ବିଭାଗରେ ଏହି ୱାର୍ଡ ରହିଛି । ଯେଉଁଠାରେ ଶଯ୍ୟା ତୁଳନାରେ ରୋଗୀ ସଂଖ୍ୟା ଦୁଇଗୁଣା ଥିବା ବର୍ଷ ତମାମ୍ ଦେଖିବାକୁ ମିଳେ । ଦୁଇ ଦିନ ପୂର୍ବେ ଏସ୍‌ସିବି ମେଡିକାଲର ସର୍ଜରୀ ଏବଂ ଡାଇରିଆ ୱାର୍ଡରେ ଚିକିତ୍ସିତ ହେଉଥିବା ୬ଜଣ ଅସହାୟ ରୋଗୀଙ୍କୁ ଡିସଚାର୍ଜ କରାଯାଇଥିଲା । ଏମାନଙ୍କୁ ଆନନ୍ଦାଳୟରେ ଛଡାଯାଇଛି । ପ୍ରକାଶଯୋଗ୍ୟ, ଅସହାୟଙ୍କୁ ଥଇଥାନ କରିବା ପାଇଁ ସିଏମସି ପକ୍ଷରୁ କିଛି ବର୍ଷ ପୂର୍ବେ ଏକ ଅଭିଯାନ କାର୍ଯ୍ୟକାରୀ କରାଯାଇଥିଲା । ତତ୍କାଳୀନ କମିଶନର ନିଖିଳ ପୱନ କଲ୍ୟାଣଙ୍କ ଉଦ୍ୟମରେ ସହରରେ ଖୋଲାଯାଇଥିଲା ଆନନ୍ଦାଳୟ । ବିଶେଷକରି ରାସ୍ତାର ଭିକ୍ଷୁକମାନଙ୍କୁ ଆନନ୍ଦାଳୟରେ ଆଶ୍ରୟ ଦେବାକୁ ଉଦ୍ୟମ କରାଯାଇଥିଲା । ପରବର୍ତ୍ତୀ ସମୟରେ ମେଡିକାଲର ଡେଷ୍ଟିଚ୍ୟୁଟ ୱାର୍ଡରୁ ଡିସଚାର୍ଜ ହେଉଥିବା ରୋଗୀଙ୍କୁ ମଧ୍ୟ ଏଠାରେ ଥଇଥାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଆନନ୍ଦାଳୟରେ ଆଶ୍ରୟ ନେଉଥିବା ବ୍ୟକ୍ତିବିଶେଷଙ୍କ ପିଛା ସରକାର ଦୈନିକ ୧୧୩ଟଙ୍କା ପ୍ରଦାନ କରୁଛନ୍ତି । ଏହି ଟଙ୍କାରେ ଘର ଭଡା ନିଆଯିବା, ଖାଦ୍ୟପେୟ ବ୍ୟବସ୍ଥା କରିବା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବାକୁ ପଡୁଛି । ଆନନ୍ଦାଳୟରେ ପରିଚାଳନା କରିବା ପାଇଁ ୩ଟି ଏନଜିଓକୁ ଦାୟିତ୍ୱ ଦିଆଯାଇଛି । ଏବେ ବଡ ମେଡିକାଲରୁ ଅସହାୟ ରୋଗୀଙ୍କୁ ନେଇ ଆନନ୍ଦାଳୟରେ ଥଇଥାନ କରୁଥିବା ଏନଜିଓ ଗୁଡିକ ସମସ୍ୟାରେ ପଡୁଥିବା ଅଭିଯୋଗ ହେଲାଣି ।

**■ ଅଣ୍ଟୁନି ୧୧୩ ଟଙ୍କାର ସରକାରୀ ଅନୁଦାନ**

**■ ସୁସ୍ଥ କରିବାକୁ ନୟାନ୍ତ ହେଉଛି ଏନ୍‌ଜିଓ**

ଏନଜିଓର ଜନୈକ ସଦସ୍ୟଙ୍କ କହିବା ମୁତାବକ, ଆନନ୍ଦାଳୟ ହେଉଛି ଭିକ୍ଷୁକ ଥଇଥାନ କେନ୍ଦ୍ର । ଭିକ୍ଷାବୃତ୍ତିକୁ ବନ୍ଦ କରିବା ଏବଂ ଭିକ୍ଷୁକଙ୍କୁ ସାମାଜିକସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ଆନନ୍ଦାଳୟ ଖୋଲାଯାଇଥିଲା । ଭିକ୍ଷୁକ ଏବଂ ଅସହାୟ ରୋଗୀ କେବେ ବି ସମାନ ନୁହଁନ୍ତି । ମେଡିକାଲରୁ ଡିସଚାର୍ଜ ହୋଇଥିବା ଜଣେ ଅସହାୟ ରୋଗୀର ଚିକିତ୍ସା ଆନନ୍ଦାଳୟରେ ଜାରି ରହିଲେ ଏନଜିଓ ଗୁଡିକୁ ହଇରାଣ ହେବାକୁ ପଡୁଛି । କଟକରେ ଖୋଲିଥିବା ବିଭିନ୍ନ ଆନନ୍ଦାଳୟକୁ ବୁଲି ଦେଖିଲେ ଏହାର ନଗ୍ନ ଚିତ୍ର ଜଣାପଡିବ । ଅନେକ ଅସହାୟ ରୋଗୀ ଏବେ ବି ପକ୍ଷାଘାତର ଶିକାର ହୋଇ ପଡ଼ି ରହିଛନ୍ତି । ସେମାନଙ୍କ ଚିକିତ୍ସା ବାବଦରେ ଖର୍ଚ୍ଚ କରିବା ଏନଜିଓ ପକ୍ଷରେ ସମ୍ଭବପର ହେଉନାହିଁ । ଏସ୍‌ସିବି କର୍ତ୍ତୃପକ୍ଷଙ୍କ ମନୋମୁଖୀ କାର୍ଯ୍ୟ ଓ କଟକ ମହାନଗର ନିଗମର ଉଦାସୀନତା ଯୋଗୁଁ ଅସହାୟ ରୋଗୀ ହଇରାଣ ହେଉଥିବା ଜଣେ ସଦସ୍ୟ କହିଥିଲେ ।




# ଆଠଗଡ଼ ହାଉସିଂ ବୋର୍ଡ ରାସ୍ତା ଶୋଚନୀୟ

ଆଠଗଡ଼,୮।୧(ସମିସ):



ଆଠଗଡ଼ ଉପକଣ୍ଠରେ ଥିବା ହାଉସିଂ ବୋର୍ଡ ଅଞ୍ଚଳର ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତାର ଅବସ୍ଥା ଏତେ ଶୋଚନୀୟ ଯେ ଘରୁ ବାହାରିଲେ ପଥଚାରୀଙ୍କୁ ଆଣ୍ଠୁଏ ଆଣ୍ଠୁଏ ଖାଲଖମାର

## ଯମ ଯନ୍ତ୍ରଣା ଭୋଗୁଛନ୍ତି ଜନସାଧାରଣ

## ପ୍ରତିଶ୍ରୁତି ପରେ ମଧ୍ୟ ନିର୍ମାଣ ଶୂନ

ସମ୍ମୁଖୀନ ହେବାକୁ ପଡୁଛି। ବର୍ଷ ସାରା ରାସ୍ତା ଉପରେ ପାଣି ଜମି ରହିବା ସହ ସାରା ରାସ୍ତା କାଦୁଅରେ ସରସର ହେଉଥିବାରୁ ଏଠାରେ ଯାତାୟାତ କରିବା ବିପଜ୍ଜନକ ହୋଇପଡ଼ିଛି। ସାମାନ୍ୟ ଅନ୍ୟମନସ୍କ ହେଲେ ଦୁର୍ଘଟଣା ନିଶ୍ଚିତ ହେଉଥିବା ବେଳେ ପ୍ରତିଦିନ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଲକ୍ଷ୍ୟ କରାଯାଉଛି। ଏତେ ସବୁ ପରେ ମଧ୍ୟ ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତାଟି କେବଳ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ନୁହେଁ, ବରଂ ରାଧାଗୋବିନ୍ଦପୁର, ଧାଇପୁର, ମେଘା ଏବଂ କନ୍ଦରପୁର ଭଳି ଅନେକ ପଞ୍ଚାୟତର ହଜାର ହଜାର ଲୋକଙ୍କ ପାଇଁ ଜୀବନରେଖା ସଦୃଶ। ଏତଦ୍‌ବ୍ୟତୀତ ଉତ୍ତର ବାଙ୍କୀ ବ୍ଲକର ଓସ୍ତିଆ, କଦଳୀବାଡ଼ି ଓ ଫୁଲବାଡ଼ି ଆଦି ଗ୍ରାମର ଲୋକମାନେ ଡାକ୍ତରଖାନା, ସ୍କୁଲ-କଲେଜ ଏବଂ ସରକାରୀ କାର୍ଯ୍ୟାଳୟକୁ ଯିବା ପାଇଁ ଏହି ରାସ୍ତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ରାସ୍ତାର ପୁନଃ ନିର୍ମାଣ ପାଇଁ ସାଂସଦ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ବ୍ୟୟବରାଦ ହେବ ଏବଂ କାର୍ଯ୍ୟ ତୁରନ୍ତ ଆରମ୍ଭ ହେବ ବୋଲି ସ୍ଥାନୀୟ ରାଜନେତାମାନେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ପ୍ରଶାସନ ପକ୍ଷରୁ ସାମୟିକ ସମାଧାନ ପାଇଁ ରାସ୍ତା ଉପରେ କିଛି କ୍ରସର ଗୁଣ୍ଡ ପକାଇ ଦିଆଯାଇଥିବା ବେଳେ ତାହା ଯାତାୟାତକୁ ସୁଗମ କରିବା ପରିବର୍ତ୍ତେ ପଥଚାରୀଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି କରୁଛି। ଖାଲଖମା ଯୋଗୁଁ ରୋଗୀ ଓ ଛାତ୍ରଛାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଥିବାରୁ, ଏହାର ତୁରନ୍ତ ସ୍ଥାୟୀ ପ୍ରତିକାର ସହ ନୂତନ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଜୋରଦାର ଦାବି କରିଛନ୍ତି। ଯଦି ଶୀଘ୍ର ପଦକ୍ଷେପ ନିଆ ନ ଯାଏ, ତେବେ ଆଗାମୀ ଦିନରେ ଏହା ଏକ ବଡ଼ ଜନ ଆନ୍ଦୋଳନର ରୂପ ନେଇପାରେ ବୋଲି ଚେତାବନୀ ଦିଆଯାଇଛି।

## ପୌଷପୂର୍ଣ୍ଣିମା ଉପଲକ୍ଷେ ଆଦିମାତାଙ୍କ ଅଭିଷେକ

ସାଲେପୁର,୮ ।୧(ସମିସ): ସାଲେପୁର ଅଞ୍ଚଳର ମହଣ ପଞ୍ଚାୟତର ବଳଭଦ୍ରପୁର ଗ୍ରାମରେ ପୌଷପୂର୍ଣ୍ଣିମା ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଆଦିମାତାଙ୍କ ଅଭିଷେକ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଶହ ଶହ ଭକ୍ତମାନଙ୍କ ସମାଗମ ହୋଇଥିଲା। ଦୀର୍ଘ ୫୦ବର୍ଷ ଧରି ଏହି ଉତ୍ସବ ପାଳିତ ହୋଇଆସୁଅଛି। ଆଦିମାତାଙ୍କ ପୂଜାର୍ଚ୍ଚନା କରାଯିବା ସହ ଭଜନ କୀର୍ତ୍ତନ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ମନୋଜ ବାରିକଙ୍କ ସହ ଡମ୍ବରୁଧର ସାହୁ, ନୟନା ଦାସ, ମନୋରମା ସାହୁ, ସୁଲୋଚନା ଭୂୟାଁ, ଦୁର୍ଗାପ୍ରସାଦ ବେହେରା, ସନ୍ତୋଷ ରଣା, କାଞ୍ଚନ ସାହୁ, ଭାନୁଲତା ରଣା, ବିଶ୍ୱଜିତ୍ ଦାସ ପ୍ରମୁଖ ଯୋଗଦେଇ ଅଭିଷେକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସିଦ୍ଧପୀଠ କନକଗିରିରେ କମ୍ବଳ ବଣ୍ଟନ



ଟାଙ୍ଗୀ,୮ ।୧(ସମିସ): ଟେଟ୍ରାହେଡ୍ରନ୍ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ସିଦ୍ଧପୀଠ କନକଗିରି ଠାରେ ଏକ ମେଗା କମ୍ବଳ ବଣ୍ଟନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କନକଗିରି ଚାରିଟେବୁଲ ଟ୍ରଷ୍ଟ, ଜନକଗିରି ବିକାଶ ସୁରକ୍ଷା ମଞ୍ଚ ଓ ସ୍ଥାନୀୟ ଶ୍ରୀରାମ ସେନା ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ କନକଗିରି ଟ୍ରଷ୍ଟର ଅଧ୍ୟକ୍ଷ ତଥା ମାନବରତ୍ନ ସ୍ୱର୍ଗତଃ ଧ୍ରୁବଚରଣ ଷଡ଼ଙ୍ଗୀଙ୍କ ପଟ୍ଟଶିଷ୍ୟ ମାନସ ବାବା ମୁଖ୍ୟଅତିଥିଭାବେ ଯୋଗଦେଇ ମାନବ ସେବା ହିଁ ପ୍ରକୃତ ମାଧବ ସେବା ବୋଲି ଉଲ୍ଲେଖ କରିବା ସହ ଟେଟ୍ରା ଗ୍ରୁପର ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। ସେହିପରି ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ତଥା ଏଜୁକେସନାଲ ଟ୍ରଷ୍ଟର ଅଧ୍ୟକ୍ଷ ତ୍ରିଦେବ ବେହେରା ଓ ଧର୍ମପତ୍ନୀ, ରେଡକ୍ରସ ସଂଯୋଜିକା ତଥା ଅଧ୍ୟାପିକା ଡଃ. ସସ୍ମିତା ପଟ୍ଟନାୟକ ଯୋଗଦେଇ ପ୍ରବଳ ଶୀତ ସମୟରେ ଗରିବଙ୍କ ସେବାରେ ନିଜକୁ ନିୟୋଜିତ କରିଥିବାରୁ ନିଜକୁ ଧନ୍ୟ ମଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀରାମ ସେନାର ରଞ୍ଜନ ବେଜ, ପ୍ରାକ୍ତନ ସମିତିସଭ୍ୟ ତଥା ଆମ୍ଭ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସାମାଜିକ କର୍ମୀ ହେମନ୍ତ ପ୍ରଧାନ, ଆକାଶ ପାତ୍ର, ଅମୂଲ୍ୟ ବେଉରା, ଗଙ୍ଗାଧର ସାମଲ, ବୀପିନ ବେହେରା ଓ ସମୀର ନନ୍ଦ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗଦେଇ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ। ଶିକ୍ଷାବିତ ଧୀରେନ୍ଦ୍ର ଜେଠୀ ମଞ୍ଚ ପରିଚାଳନା କରିଥିବାବେଳେ କନକଗିରୀ ସୁରକ୍ଷା ମଞ୍ଚର ଆବାହକ ଦୀନବନ୍ଧୁ ନାଥ ଧନ୍ୟବାଦ ଦେଇଥିଲେ।

## ୧୫ ଶହ ଲିଟର ଦେଶୀ ମଦ ସହ କାର ଜବତ, ଦୁଇ ଅଟକ



ତ୍ରିଶୂଳିଆ,୮।୧(ସମିସ): ରାଜ୍ୟ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ ବାରଙ୍ଗ ଅଞ୍ଚଳରୁ ବେଆଇନ ଦେଶୀ ମଦ ଜବତ କରିବା ସହିତ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତିଗିରିଆ ଅଞ୍ଚଳର ପିଣ୍ଟୁ ରାଉତ (୨୫) ଓ ଅନୀଲ ସାମଲ (୧୯)। ସୂଚନା ଅନୁଯାୟୀ ଗୁରୁବାର ସକାଳୁ ରାଜ୍ୟ ଅବକାରୀ ବିଭାଗର ଫ୍ଲାଇଙ୍ଗ ସ୍କ୍ୱାର୍ଡର ୧୦ ଜଣିଆ ଦଳ ବିଶେଷ ସୂତ୍ରରୁ ଖବର ପାଇ ବାରଙ୍ଗ ଅଞ୍ଚଳରେ ଜଗି ରହିଥିଲେ। ଏହି ସମୟରେ ଆଠଗଡ଼ ଅଞ୍ଚଳରୁ ଏକ ଓଡି ୦୫ ବିଜେଡ୍ ୬୧୫୯ ନମ୍ବର ବୋଲେରୋ ଗାଡ଼ିଟି ଦ୍ରୁତଗତିରେ ବାରଙ୍ଗ ଅଞ୍ଚଳ ଦେଇ ଭୁବନେଶ୍ୱର ଆଡ଼କୁ ଯାଉଥିଲା। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ରହିଥିବା ଫ୍ଲାଇଙ୍ଗ ସ୍କ୍ୱାର୍ଡ ଦଳ ଗାଡ଼ିକୁ ଅଟକାଇଥିଲେ। ଘଟଣାସ୍ଥଳରୁ ଗାଡ଼ି ଭିତରୁ ୧୧ ଲକ୍ଷ ଟଙ୍କା ମୂଲ୍ୟର ୧୫ ଶହ ଲିଟର ଦେଶୀ ମଦ ଜବତ କରିବା ସହିତ ଗାଡ଼ି ଚାଳକ ଏବଂ ସହଯୋଗୀକୁ ଗିରଫ କରିଥିଲେ।

## ଓଡ଼ିଶା ଘଟସୂତ୍ର ମହାସଂଘର ପ୍ରଥମ ବୈଠକ

ଫୁଲନଖରା,୮।୧(ସମିସ): କଟକ ସଦର ଥାନା ପ୍ରତାପନଗରୀସ୍ଥିତ ମା' ଧାକୁଲେଇଙ୍କ ପୀଠସ୍ଥଳରେ ଓଡ଼ିଶା ଘଟସୂତ୍ର ମହାସଂଘର ପ୍ରଥମ ବୈଠକ ବାରଙ୍ଗ କଳାକାହ୍ନୁ ଘଟସୂତ୍ର କାର୍ଯ୍ୟାଳୟର ଶରତ ଚନ୍ଦ୍ର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ପ୍ରାୟ ୨୫ଟି ଜିଲ୍ଲାରୁ ୧୭୦ଜଣ ସଦସ୍ୟ ଉକ୍ତ ବୈଠକରେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏକତା ସୂତ୍ରରେ ବାନ୍ଧିହେବା ସହିତ ସମାଜରେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡିକର ସମାଧାନ ନିମନ୍ତେ ଉକ୍ତ ସଂଘ କାର୍ଯ୍ୟ କରିବ ବୋଲି ଦିଲ୍ଲୀପ ଚୌଧୁରୀ ଓ ଭବେଶ ପାଣିଗ୍ରାହୀ ପ୍ରମୁଖ ପ୍ରକାଶ କରିଥିଲେ। ପରିବାର ଲୋକେ ନିଜ କନ୍ୟା ବା ପୁତ୍ର ପାଇଁ ଉପଯୁକ୍ତ ପାତ୍ରଟିଏ ମଧ୍ୟସ୍ଥି ମାଧ୍ୟମରେ ଯୋଗାଯୋଗରେ ଆସିବା ପରେ ମଧ୍ୟସ୍ଥିଙ୍କୁ ଭୁଲିଯାଇ ନିଜ ନିଜ ଭିତରେ ସଂପର୍କ ସ୍ଥାପନ କରି ବିବାହ ସଂପାଦନ କରିଦେଉଛନ୍ତି। ଯଦ୍ଵାରା ମଧ୍ୟସ୍ଥତା କରୁଥିବା ବ୍ୟକ୍ତି ନିଜର ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାହିଁ ସମସ୍ତ ମଧ୍ୟସ୍ଥିମାନଙ୍କର ମୁଖ୍ୟ ସମସ୍ୟା ଭାବରେ ଦେଖାଦେଇଛି। ଯାହାଫଳରେ ଉକ୍ତ ଘଟସୂତ୍ର ମହାସଂଘ ମାଧ୍ୟମରେ ଏଭଳି ସମସ୍ୟାକୁ ଶୃଙ୍ଖଳିତ ଭାବରେ ସମାଧାନ ନିମନ୍ତେ ପ୍ରୟାସ କରିବେ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ଆସନ୍ତା ବୈଠକରେ ନୂତନ କର୍ମକର୍ତ୍ତା ନିର୍ବାଚନ ସହ ମହାସଂଘକୁ ପଞ୍ଜିକୃତ କରାଯିବ ବୋଲି ବିଶ୍ୱଶିନୀ ଦାସ, ଗୀତାଞ୍ଜଳି ସାହୁ, ଛବିଳ ନାୟକ, ଦିଲ୍ଲୀପ ସାହୁ, ସୁକାନ୍ତ ଦାସ, ଅମୀୟ କର, ଡମ୍ବରୁଧର ବାରିକ, ରୀନା ପଟ୍ଟନାୟକ, ରାମଚନ୍ଦ୍ର ପଣ୍ଡା ଓ ଗଣେଶ ଚନ୍ଦ୍ର ନାୟକ ପ୍ରମୁଖ ସୂଚନା ପ୍ରଦାନ କରିଥିଲେ।




## ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା ଶିବିର



ତିଗିରିଆ,୮।୧(ସମିସ): ତିଗିରିଆ ବ୍ଲକ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗରେ ବିଦ୍ୟାଳୟର ଦୃଷ୍ଟିଗତ ସମସ୍ୟା ଥିବା ଛାତ୍ରଛାତ୍ରୀଙ୍କ ଏକ ଚକ୍ଷୁ ପରୀକ୍ଷା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ବ୍ଲକ ଗଦାଧରପୁର ନୋଡାଲ ଉଚ୍ଚ ବିଦ୍ୟାଳୟ, ନୂଆପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ, କୁମ୍ଭୀପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ୩ଟି ଚକ୍ଷୁ ପରୀକ୍ଷା ଶିବିରରେ ମୋଟ ୬୨୫ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୯୨ ଛାତ୍ରଛାତ୍ରୀଙ୍କୁ ଚଷମା ଦେବାର ବ୍ୟବସ୍ଥା କରାଯାଇଥିବାବେଳେ ଉଚ୍ଚସ୍ତରୀୟ ପରୀକ୍ଷା ପାଇଁ ୧୧ ଛାତ୍ରଛାତ୍ରୀଙ୍କୁ ପଠାଯିବାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ଅମର ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ସହ ଶିକ୍ଷାଧିକାରୀ ସୌଦାମିନୀ ମିଶ୍ର, ମାଧବ ଚନ୍ଦ୍ର ଦେହୁରୀ ସହଯୋଗ କରିଥିଲେ। ଚକ୍ଷୁ ପରୀକ୍ଷା ପାଇଁ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚକ୍ଷୁ ଡାକ୍ତର ପ୍ରବୀଣା ସାମଲ, ସହଯୋଗୀ ଜ୍ୟୋତିର୍ମୟୀ ସାହୁ, ପ୍ରୀତମ କୁମାର, ବର୍ଷାରାଣୀ ପାତ୍ର, ପ୍ରିୟଙ୍କା ମହାପାତ୍ର ଉପସ୍ଥିତ ଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଗୋଷ୍ଠୀ ସାଧନ କର୍ମୀ ସବିତା ପଣ୍ଡା, ବିଜୟ ସାହୁ, ସ୍ୱେଚ୍ଛାସେବୀ ସଞ୍ଜୟ ରତ୍ନ ରାଉତ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମଣ୍ଟୁ ବାରିକ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

ତିଗିରିଆ,୮।୧(ସମିସ): ତିଗିରିଆ ଥାନା ଅଧୀନ ଜେମାଦେଇପୁର ବଉଳସାହିର ବହୁଚର୍ଚ୍ଚିତ ବିଶ୍ୱନାଥ ବାରିକ ଓରଫ ମଣ୍ଟୁ ହତ୍ୟା ଘଟଣାରେ ତିଗିରିଆ ପୁଲିସ ଗୁରୁବାର ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲାଉଥିବା ପ୍ରଶାନ୍ତ କୁମାର ନାୟକ ଓରଫ ପୋଡା ମାଷ୍ଟ୍ର ନାମକ ଜୈନିକ ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ତିଗିରିଆ ଥାନା ଭାରପ୍ରାପ୍ତ ଅଧିକାରୀ ଇପ୍ସିତା ପ୍ରିୟଦର୍ଶିନୀଙ୍କ ଠାରୁ ସୂଚନା ମିଳିଛି। ଏଥି ପୂର୍ବରୁ ଏହି ଘଟଣାରେ ତିଗିରିଆ ପୁଲିସ ଅନ୍ୟ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜିର ଗିରଫଦାରୀକୁ ମିଶାଇ ଏହି ହତ୍ୟା ଘଟଣାରେ ଗିରଫ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି। ସୂଚନା ମୁତାବକ ଆଖପାଖ ଅଞ୍ଚଳର କିଛି ଅସାମାଜିକ ଯୁବକଙ୍କୁ ନେଇ ମଣ୍ଟୁ ଗଠନ କରିଥିବା "କଟରା ଗ୍ୟାଙ୍ଗ" ର ମୁଖ୍ୟ ରୂପେ ଅଞ୍ଚଳ ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଅପରାଧିକ ମାମଲାରେ ଲିପ୍ତ ରହିଥିଲା। ତା ନାମରେ ରାଜ୍ୟର ବିଭିନ୍ନ ଥାନାରେ ଅନେକ ଅପରାଧିକ ମାମଲା ରୁଜୁ ହୋଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ୨୦୨୩ ମସିହା ଅପ୍ରେଲ ମାସ ୧୯ ତାରିଖ ସକାଳେ ଭୋଗଡା ପଞ୍ଚାୟତ ଅଧୀନ ଗୋକର୍ଣ୍ଣଖାଲ ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ବିଭିନ୍ନ ମାରଣାସ୍ତ୍ରରେ ନିର୍ମମ ଭାବେ ମଣ୍ଟୁକୁ ହତ୍ୟା କରିଥିଲେ। ଏହି ଘଟଣା ସେ ସମୟରେ ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଘଟଣା ସମ୍ପର୍କରେ ମଣ୍ଟୁଙ୍କ ମା' ତିଗିରିଆ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢଉ କରିଥିଲେ। ଏହି ମାମଲାରେ ପୂର୍ବରୁ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ବେଳେ ଆଜି ତିଗିରିଆ ପୁଲିସ ଏହି ଘଟଣାରେ ସମ୍ପୃକ୍ତ ପ୍ରଶାନ୍ତ କୁମାର ନାୟକ ଯେ କି ସମ୍ପ୍ରତି ଗୋକର୍ଣ୍ଣଖାଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରିଥାନ୍ତି ତାଙ୍କୁ ବିଦ୍ୟାଳୟ ହତାରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦୀର୍ଘ ଦିନ ଧରି ପୁଲିସକୁ ଚକମା ଦେଇ ଖସି ଯାଉଥିବା ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ଯିଏକି ସ୍ଥାନୀୟ ଗୋକର୍ଣ୍ଣଖାଲ ଗ୍ରାମର ସରକାରୀ ବିଦ୍ୟାଳୟରେ ଶିକ୍ଷକ ଅଟନ୍ତି ଆଜି ସକାଳେ ବିଦ୍ୟାଳୟକୁ ଆସିଥିବା ବେଳେ ପୂର୍ବରୁ ଥାନା ଅଧିକାରୀ ପ୍ରିୟଦର୍ଶିନୀ ଇପ୍ସିତାଙ୍କ ନେତୃତ୍ୱରେ ଛଦ୍ମବେଶରେ ବିଦ୍ୟାଳୟ ପରିସରରେ ପ୍ରସ୍ତୁତ ଥିବା ପୁଲିସ ଅଭିଯୁକ୍ତ ପ୍ରଶାନ୍ତକୁ ମାଡି ବସିଥିବା ଥାନା ଅଧିକାରୀ ପ୍ରିୟଦର୍ଶିନୀ ଇପ୍ସିତା ସୂଚନା ଦେଇଛନ୍ତି। ଅଭିଯୁକ୍ତ ପ୍ରଶାନ୍ତକୁ ଗିରଫ ପରେ ଧାରା ୧୪୭, ୧୪୮, ୩୪୧, ୨୯୪, ୩୬୪, ୩୦୨, ୪୨୭, ୧୨୦(ବି), ୧୪୯ ଆଇପିସି, ଆରଡବ୍ଲ୍ୟୁଏସ ୨୫/୨୭ ଆର୍ମସ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।



## ଗଦାଧରପୁର କପ କ୍ରିକେଟ ଉଦଘାଟିତ | କ୍ୱାର୍ଟରରେ ଚୌଦ୍ୱାର ଜାକୋବିନ୍ କ୍ରିକେଟ କ୍ଲବ୍



ତିଗିରିଆ,୮।୧(ସମିସ): ତିଗିରିଆ ବ୍ଲକ ଅଧୀନ ଗଦାଧରପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଗୁରୁବାର ୩୭ତମ ଗଦାଧରପୁର କପ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ମା ଭବାନୀ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ୧୦ଟି ଟିମ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଆଜିର ପ୍ରଥମ ଲିଗ ମ୍ୟାଚରେ ବାଙ୍କୀ ଆଥଲେଟିକ ଆସୋସିଏସନକୁ ୫ ରନରେ ପରାସ୍ତ କରି ଚୌଦ୍ୱାରର ଜାକୋବିନ କ୍ରିକେଟ କ୍ଲବ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚରେ ବାଙ୍କୀ ଆଥଲେଟିକ ଆସୋସିଏସନ ଠାରୁ ବ୍ୟାଟିଂର ନିମନ୍ତ୍ରଣ ପାଇ ଚୌଦ୍ୱାର ଦଳ ୧୯.୪ ଓଭର ମଧ୍ୟରେ ସମସ୍ତ ୱିକେଟ ହରାଇ ୨୩୩ ରନ ସଂଗ୍ରହ କରିଥିଲେ। ଜବାବରେ ବାଙ୍କୀ ଦଳ ନିର୍ଦ୍ଧାରିତ ଓଭରରେ ୯ଟି ୱିକେଟ ହରାଇ ୨୨୮ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ବ୍ୟାଟିଂରେ ବିଜୟୀ ଚୌଦ୍ୱାର ଦଳର ଖେଳାଳି ଆଲୋକ ସୁବୁଦ୍ଧିରାୟ ୨୮ ବଲରୁ ଚମତ୍କାର ୮୩ ରନ ସଂଗ୍ରହ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଆଜିର ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ଖେଳରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପୁଷ୍ପିତା ସ୍ୱାଇଁ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିବା ସହ ଉଭୟ ଦଳର ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରମେଶ ସ୍ୱାଇଁ ଓ ନରେଶ ରାଉତ ପରିଚାଳନା କରିଥିଲେ। ଶରତ ରାଉତ ଓ ଅଶୋକ ଖଟୁଆ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

## ଜୟନ୍ତୀ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ସମାରୋହ



ନେମାଳ,୮।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନଗସପୁରସ୍ଥିତ ଜୟନ୍ତୀ ବିଦ୍ୟାପୀଠର ୩୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦଯାପନୀ ସମାରୋହ ବିଦ୍ୟାପୀଠର ପ୍ରତିଷ୍ଠାତା ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦଯାପନୀରେ ବିଶିଷ୍ଟ ସମାଜସେବୀ ରବୀନ୍ଦ୍ର ନାଥ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସଭାରେ ନଗସପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ନଗେନ୍ଦ୍ର ନାଥ ଷଡ଼ଙ୍ଗୀ ଓ ପରିଚାଳନା କମିଟିର ସଭାପତି ବାବୁଲି ବେହେରା ସମ୍ମାନିତ ଅତିଥି ଭାବରେ ବକ୍ତୃତା ପ୍ରଦାନ କରିଥିଲେ। ବରିଷ୍ଠ କ୍ରୀଡ଼ା ଶିକ୍ଷକ ଅଶୋକ ପରିଡ଼ା, ସରସ୍ୱତୀ ସାମଲ, ଶିକ୍ଷକ କିଶୋର ଚନ୍ଦ୍ର ସାହୁ, ମୀର୍ ଅନସାର୍ ଅଲି ଗୋଲକ ବିହାରୀ ମହାପାତ୍ର, ସର୍ବେଶ୍ୱର ନାୟକ, ରାଜକିଶୋର ଦାସ, ସୁଲୋଚନା ବେହେରା, ପ୍ରୀତି ତାଣ୍ଡି, ଜ୍ୟୋସ୍ନାରାଣୀ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ ବର୍ଷର ପ୍ରତିଯୋଗିତାରେ ସିନିଅର ଗ୍ରୁପରେ ସୋମ୍ୟଜିତ ଦାସ, ଶୁଭସ୍ମିତା ମଲ୍ଲିକ ଓ ଜୁନିଅର ଗ୍ରୁପରେ ବିଶାଲ୍ ମଲ୍ଲିକ, ଆଦ୍ୟାଶା ଦାସ, ଆଲିଆ ଖାତୁନ ଚାମ୍ପିଅନ ଭାବରେ ଓ ପ୍ରିନ୍ସ ନାୟକ, ମଧୁସ୍ମିତା ମଣ୍ଡଳ ଶ୍ରେଷ୍ଠ ଭଲେଣ୍ଟିଅର ଭାବରେ ପୁରସ୍କୃତ ହୋଇଥିଲେ। ଶିକ୍ଷକ ଶକ୍ତି ପ୍ରସାଦ ଜେନା ଧନ୍ୟବାଦ ଦେଇଥିଲେ।

## କଟକ ବିଜେପି ଗ୍ରାମୀଣ ଜିଲ୍ଲା ସଂପାଦକ ହେଲେ ସନାତନ

ସାଲେପୁର,୮ ।୧(ସମିସ): ଭାରତୀୟ ଜନତା ପାର୍ଟି କଟକ ଜିଲ୍ଲା ଗ୍ରାମୀଣ ଜିଲ୍ଲାର ସଂପାଦକ ଭାବେ ସନାତନ ଦାଶଙ୍କୁ ମନୋନୀତ କରାଯାଇଥିବା ଜଣାଯାଇଛି। ଶ୍ରୀ ଦାଶ ଜଣେ ଦକ୍ଷ ରାଜନେତା ହୋଇଥିବାବେଳେ ଜଣେ ସମାଜସେବୀ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ଶ୍ରୀ ଦାଶଙ୍କୁ ସଂପାଦକ ଭାବେ କଟକ ଜିଲ୍ଲା ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି ମନୋନୀତ କରିଥିବା ଜଣାଯାଇଛି। ଶ୍ରୀ ଦାଶଙ୍କୁ ବିଜେପି କଟକ ଗ୍ରାମୀଣ ଜିଲ୍ଲା ସଂପାଦକ ଭାବେ ମନୋନୀତ କରାଯାଇଥିବାରୁ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ରାଜ୍ୟ ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ସଂଗଠନ ମନ୍ତ୍ରୀ ମାନସ ରଞ୍ଜନ ମହାନ୍ତି, କଟକ ଗ୍ରାମୀଣ ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତିଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ସାଲେପୁର ନିର୍ବାଚନ ମଣ୍ଡଳୀ ସମେତ କଟକ ଜିଲ୍ଲାରେ ବିଜେପି ସଂଗଠନକୁ ଅଧିକରୁ ଅଧିକ ସୁଦୃଢ଼ କରିବେ ବୋଲି ପ୍ରକାଶ କରିଛନ୍ତି।



## କଟକ ଜିଲ୍ଲାରେ ନୂତନ ଅଧ୍ୟାୟ | ସମ୍ପୂର୍ଣ୍ଣ ସୌରଶକ୍ତିସମ୍ପନ୍ନ ଗାଁ ପାଲଟିଲା ଓଲବ ଓ ଦେବଭୂମି

ନରସିଂହପୁର,୮।୧(ସମିସ):



ଶକ୍ତି ସଂରକ୍ଷଣ ଏବଂ ପରିବେଶ ସୁରକ୍ଷା ଦିଗରେ କଟକ ଜିଲ୍ଲା ପ୍ରଶାସନ ଏକ ବଡ଼ ସଫଳତା ହାସଲ କରିଛି। ନରସିଂହପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ଓଲବ ଓ ଦେବଭୂମି ଗ୍ରାମକୁ ଜିଲ୍ଲାର ପ୍ରଥମ ସମ୍ପୂର୍ଣ୍ଣ ସୌରଶକ୍ତି ସମ୍ପନ୍ନ ଗ୍ରାମ ଭାବେ ଘୋଷଣା କରାଯାଇଛି। ଗୁରୁବାର ଦିନ ବଡମ୍ବା-ନରସିଂହପୁର ବିଧାୟକ ବିଜୟ କୁମାର ଦଳବେହେରା ଏବଂ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମିଳିତ ଭାବେ ଏହି ସୌର ପ୍ରକଳ୍ପର ଉଦଘାଟନ କରିବା ସହ ଗ୍ରାମବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କେନ୍ଦ୍ର ସରକାରଙ୍କ 'ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା' ଅଧୀନରେ ଟିପିସିଓଡିଏଲ୍ ପକ୍ଷରୁ ମାତ୍ର ୨୫ ଦିନ ମଧ୍ୟରେ ଏହି ପ୍ରକଳ୍ପ ସମ୍ପନ୍ନ କରାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଓଲବ ଗାଁର ୫୧ଟି ପରିବାର ଏବଂ ଦେବଭୂମି ଗାଁର ୨୯ଟି ପରିବାରର ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ କରାଯାଇଛି। ଏହାଦ୍ୱାରା

### ଜିଲ୍ଲାପାଳ ଓ ବିଧାୟକ କଲେ ଉଦ୍‌ଘାଟନ

ଗ୍ରାମବାସୀମାନେ ବାରମ୍ବାର ବିଦ୍ୟୁତ୍ କାଟ୍ ଏବଂ ଲୋ-ଭୋଲ୍ଟେଜ୍ ସମସ୍ୟାରୁ ମୁକ୍ତି ପାଇବା ସହ ସେମାନଙ୍କର ବିଦ୍ୟୁତ୍ ଦେୟ ପ୍ରାୟ ଶୂନକୁ ଖସି ଆସିବ। ଏହି ପ୍ରକଳ୍ପର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଉପଭୋକ୍ତାଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ନିଶୁଳ୍କ। ପ୍ରତି ସୋଲାର ପ୍ୟାନେଲ ପାଇଁ କେନ୍ଦ୍ର ସରକାର ୩୦ ହଜାର ଟଙ୍କା ଏବଂ ରାଜ୍ୟ ସରକାର ୨୫ ହଜାର ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ବାକି ହିତାଧିକାରୀ ଅଂଶଧନର ଅର୍ଥକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଖଣିଜ ପାଣ୍ଠିରୁ ବହନ କରାଯାଇଛି। ଏହା ବିଶେଷ ଭାବରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରଗୁଡ଼ିକୁ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ଏକ ବଡ଼ ପଦକ୍ଷେପ। ସୌରଶକ୍ତିର ବ୍ୟବହାର ଦ୍ୱାରା ଗାଁର ପିଲାମାନେ ରାତିରେ ପାଠ ପଢ଼ିବା ସହ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଅନ୍ୟାନ୍ୟ ଜୀବିକା ସମ୍ବନ୍ଧୀୟ କାର୍ଯ୍ୟକୁ ସୁରୁଖୁରୁରେ କରିପାରିବେ। ଏହି ଅବସରରେ ଆଠଗଡ଼ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଟାଟା ପାୱାରର ଅଧିକାରୀବୃନ୍ଦ ଏବଂ ସ୍ଥାନୀୟ ପ୍ରଶାସନିକ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ମଡେଲ ଆଗାମୀ ଦିନରେ ଜିଲ୍ଲାର ଅନ୍ୟାନ୍ୟ ଦୁର୍ଗମ ଗ୍ରାମଗୁଡ଼ିକରେ କାର୍ଯ୍ୟକାରୀ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/17

| ପୋଷ୍ଟର ନାମ | ମୂଳ ଖାଲି ପଦବୀ | ଅତିରିକ୍ତ ଖାଲି ପଦବୀ ଅନ୍ତର୍ଭୁକ୍ତ | ଅନ୍ତିମ ଖାଲି ପଦବୀ |
|---|---|---|---|
| ଭିପି ୱେଲ୍ଥ (ଏସଆରଏମ) | 506 | 76 | 582 |
| ଏଭିପି ୱେଲ୍ଥ (ଆରଏମ) | 206 | 31 | 237 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 | 43 | 327 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 10.01.2026* ପର୍ଯ୍ୟନ୍ତ ।**

*23.12.2025 ରୁ 10.01.2026 ପର୍ଯ୍ୟନ୍ତ ବୃଦ୍ଧି ମଂଜୁର କରାଯାଇଛି

ସ୍ଥାନ: ମୁମ୍ବାଇ
ତାରିଖ: 31.12.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ଲୋକନାଟକ ମହୋତ୍ସବର ପଞ୍ଚମ ସନ୍ଧ୍ୟା



**ରାଉରକେଲା, ୮।୧(ସମିସ):** କଲ୍‌ଚରାଲ ଏକାଡେମୀ ଆୟୋଜିତ '୩୮ତମ ଲୋକନାଟକ ମହୋତ୍ସବ'ର ପଞ୍ଚମ ସନ୍ଧ୍ୟାରେ ଭୁବନେଶ୍ୱରର ନୂଆ ପରିଚୟ, ନାଟ୍ୟସଂସ୍ଥା ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ବିକ୍ରମ କେଶରୀ ଜେନାଙ୍କ ନିର୍ଦ୍ଦେଶିତ ନାଟକ 'ନୂଆ ସକାଳର ଅପେକ୍ଷାରେ'। ଏହି ଅବସରରେ କଲଚରାଲ ଏକାଡେମୀର ସଭାପତି ପଶୁପତି ନାଥ ଚାଟାର୍ଜୀ ସ୍ୱାଗତଭାଷଣ ଦେବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ନାଟ୍ୟ ସନ୍ଧ୍ୟାକୁ ଉଦ୍‌ଘାଟନ କରି ବସ୍ତିଆ ମେମୋରିଆଲ୍ ଟ୍ରଷ୍ଟର ଟ୍ରଷ୍ଟି ସଦସ୍ୟ ଗୌତମ ମିଶ୍ର କହିଲେ ଯେ, ଆଜିର ଯୁବପିଢ଼ି ଏପରି ଭାବେ ମୋବାଇଲ ଫୋନ୍‌ରେ ବ୍ୟସ୍ତ ଯେ ନାଟକ ପରି ଏକ ପ୍ରଦର୍ଶିତ କଳାକୁ ଉପଭୋଗ କରିବାରେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏକତ୍ରର ସାଧାରଣ ସମ୍ପାଦକ ବିଜୟ ପାତ୍ର ଏବଂ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କର, ମୁଖ୍ୟ ପରିଚାଳକ ଅନୁପ କୁମାର ସାହୁ ଓ ସି.ବି ଲୁଗୁନ୍ ସମ୍ମାନିତ ଅତିଥିଭାବେ ଯୋଗ ଦେଇ କହିଥିଲେ ଯେ, ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନରେ ନାଟକ ଯେଉଁ ଭୂମିକା ଗ୍ରହଣ କରିଥାଏ ତା'ର ମୁଖ୍ୟ ନାୟିକା ହେଉଛନ୍ତି ଦର୍ଶକ ସମାଜ। ସମ୍ପାଦକ ଡ. ନଗେନ ଦାସ ଏବଂ ସାଧାରଣ ସମ୍ପାଦକ କାଶୀନାଥ ପାତ୍ର ମଞ୍ଚାସୀନ ଥିଲେ। ଡ. ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ପ୍ରଭାତ ମଲ୍ଲିକ, ଡ. ଶ୍ରୀକାନ୍ତ ମହାନ୍ତି, ଅକ୍ଷୟ କୁମାର ସାମଲ, ଡା. କୃପାସିନ୍ଧୁ ନାୟକ, ଗୋକୁଳାନନ୍ଦ ଦାଶ, ସୁଜିତ ନାୟକ, ଅକ୍ଷୟ ପଣ୍ଡା, ଶ୍ରୀ ବଳରାମ ରାଉଳ, କିଶୋର ଚନ୍ଦ୍ର ବେହେରା, ନୃସିଂହ ରାଉତ, ବିଚିତ୍ରାନନ୍ଦ ସାହୁ, ଆଲୋକ ବୋଷ, ସୁକାନ୍ତ ମହାପାତ୍ର, ପ୍ରତାପ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଏହାପରେ ପଞ୍ଚମ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ନୂଆ ପରିଚୟ, ଭୁବନେଶ୍ୱର ନାଟ୍ୟସଂସ୍ଥାର ନାଟକ 'ନୂଆ ସକାଳର ଅପେକ୍ଷାରେ'। ବିକ୍ରମ କେଶରୀ ଜେନାଙ୍କ ନିର୍ଦ୍ଦେଶିତ ଉକ୍ତ ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଶକ୍ତି ପ୍ରସାଦ ମିଶ୍ର। ମଞ୍ଚ ସଜ୍ଜାରେ ପ୍ରଳୟ କୁମାର ଶତପଥୀ ଏବଂ ଶ୍ରୀ ଭୀଷ୍ମ ନାରାୟଣ ସ୍ୱାଇଁ ସହଯୋଗ କରିଥିଲେ।

# ୧ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ; ଝାଡ଼ଖଣ୍ଡ ଯୁବକ ଗିରଫ

**ରାଉରକେଲା, ୮।୧(ସମିସ):** ସ୍ଥାନୀୟ ସେକ୍ଟର - ୭ ଥାନା ଅଧୀନ ଭଞ୍ଜଭବନ ନିକଟରୁ ପୁଲିସ ଝାଡ଼ଖଣ୍ଡ ଅଞ୍ଚଳର ଜଣେ ଯୁବକକୁ ଗିରଫ କରିବା ସହ ତା ନିକଟରୁ ୯ ଗ୍ରାମ ୫୮ ମିଲିଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଛି। ଗିରଫ ଯୁବକ ହେଉଛି ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମି ଜିଲ୍ଲାର ଚକ୍ରଧରପୁର ଥାନା ଅଧୀନ ଚନ୍ଦାମାରି ଗାଁର ସୁମିତ କୁମାର ଯାଦବ(୨୫)। ଜବତ ବ୍ରାଉନସୁଗରର ମୂଲ୍ୟ ୯୦ ହଜାର ୮୦୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହାସହ ତା ନିକଟରୁ ନଗଦ ୭୨୦ ଟଙ୍କା ଓ ଏକ ମୋବାଇଲ ଫୋନ ଜବତ କରାଯାଇଛି। ତାକୁ ଆଜି ପୁଲିସ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଦୁଇଟି ଅଜଗର ସାପ ଉଦ୍ଧାର



ବଣାଇଁ, ୮।୧(ସମିସ): ବଣାଇଁ ସହର ଉପକଣ୍ଠ ସିଂ ଟୋଲା ଅଞ୍ଚଳରୁ ଗୁରୁବାର ଦୁଇଟି ୬ଫୁଟ ଲମ୍ବା ଅଜଗର ସାପ ଉଦ୍ଧାର କରିଛି ବଣାଇଁ ବନ ବିଭାଗ। ସୂଚନା ଅନୁସାରେ ଆଜି ଅପରାହ୍ନରେ ସିଂ ଟୋଲା ସାହିର ହିରା ଭାଇଙ୍କ ଘର ନିକଟରେ ଦୁଇଟି ଅଜଗର ଦେଖିଥିଲେ। ବନ ବିଭାଗକୁ ସୂଚନା ଦେବାପରେ ସାପ ଧରାଳି ସୁଜିତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ସାପ ଦୁଇଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଶିବନାଥପୁର ଜଙ୍ଗଲରେ ଛାଡ଼ି ଦେଇଥିଲେ।

# ସ.ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ପକ୍ଷ

**ବଣାଇଁ, ୮।୧(ସମିସ):** ବଣାଇଁ ବ୍ଲକ ଅନ୍ତର୍ଗତ ସ. ବଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସ୍ୱଚ୍ଛତା ପକ୍ଷ ଏବଂ ସୀମା ବାହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ଡାକ୍ତରଖାନା ପରିସରକୁ ସଫାସୁତୁରା କରିବା ସହ ସରସରା ବଜାର ପଡ଼ିଆକୁ ମଧ୍ୟ ସଫା ସୁତୁରା କରି ସ୍ୱଚ୍ଛତା ପକ୍ଷ ପାଳନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକ କାର୍ଯ୍ୟକ୍ରମ ପ୍ରବନ୍ଧକ ତୁଷାରକାନ୍ତ ମହାପାତ୍ର ନେତୃତ୍ୱ ନେଇ ପରିଚାଳନା କରିଥିଲେ। ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ଜୟଦେବ ଲରିଆ, ପ୍ରଦୀପ୍ତ କୁମାର ମିଶ୍ର, ଡମ୍ବରୁଧର ବେହେରା, ତସିତ୍ କୁମାର ସାହୁଙ୍କ ସମେତ ସମସ୍ତ ସ୍ୱଚ୍ଛ କର୍ମଚାରୀ ଯୋଗ ଦେଇଥିଲେ।

## ବୋଲେରୋ ଓ ବାଇକ୍ ଚୋରି ରାକେଟର ପର୍ଦ୍ଦାଫାସ୍

# ମାଷ୍ଟରମାଇଣ୍ଡ ସହ ୨ ସହଯୋଗୀ ଗିରଫ

**ରାଉରକେଲା, ୮।୧(ସମିସ)**





ରାଉରକେଲା ପୁଲିସ ଜିଲ୍ଲା ଅଧୀନରେ ଥିବା ବିଭିନ୍ନ ଥାନା ଅଞ୍ଚଳରେ ହୋଇଥିବା ବାଇକ୍ ଓ ବୋଲେରୋ ଚୋରି ଘଟଣାର ତଦନ୍ତ କରି ପୁଲିସ ରାକେଟର ପର୍ଦ୍ଦାଫାସ କରିଛି। ଏହି ଘଟଣାରେ ଜଣେ ମାଷ୍ଟରମାଇଣ୍ଡ ଏବଂ ୨ ଜଣ ସହଯୋଗୀଙ୍କୁ ଗିରଫକରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବିଶ୍ରା ଥାନା ରତାଖଣ୍ଡି ଅଞ୍ଚଳର ମାଷ୍ଟରମାଇଣ୍ଡ କାହ୍ନୁ ନାୟକ (୩୧), ବିଶ୍ରା ଚେକ୍ ଗେଟ ନିକଟସ୍ଥ ଏମଡି ଗୁଲଜାର (୨୮) ଓ ଜଲଦା ଏ ବ୍ଲକର ଅନୁପ ମୁଣ୍ଡା (୨୯)। ସେମାନଙ୍କ ଠାରୁ ୭ଟି ବୋଲେରୋ, ୪ଟି ବାଇକ୍, ୩ଟି ମୋବାଇଲ ଓ ୨ଟି ନକଲି ଚାବି ଜବତ କରାଯାଇଛି। ଆଜି ଏନେଇ ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାଏ ଅଧିକ ସୂଚନାଦେଇ କହିଥିଲେ ଯେ, ରାଉରକେଲା ପୁଲିସ ଜିଲ୍ଲାର ବିଭିନ୍ନ ଥାନାଞ୍ଚଳରୁ ବୋଲେରୋ ଓ ବାଇକ୍ ଚୋରି ହୋଇଥିବା ନେଇ ଅଭିଯୋଗ ହେବାପରେ ଏହି ରାକେଟର ପର୍ଦ୍ଦାଫାସ କରିବା ପାଇଁ ଏସ୍‌ପି ନୀତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ତଦନ୍ତ ସମୟରେ ପ୍ରଥମେ ରାକେଟର ମାଷ୍ଟରମାଇଣ୍ଡ ଉକ୍ତ ଟିମ୍ କାହ୍ନୁନାୟକର ସମ୍ପୃକ୍ତି ସନ୍ଦେହ ହେବାରୁ ତାଉପରେ ଏହି ପୁଲିସ ଟିମ୍ ତୀକ୍ଷ୍ଣ ନଜର ରଖିଥିଲା। ଏହାପରେ ପୁଲିସ ଗତକାଲି କାହ୍ନୁକୁ କାବୁ କରିବା ପରେ ତାକୁ ମରାଥନ ଜେରା କରିବା ପରେ ସେ ଚୋରିର ରହସ୍ୟ ପ୍ରକାଶ କରିବା ସହ ତାର ୨ ସହଯୋଗୀଙ୍କ ନାମ କହିଥିଲା। ଏହି ସୂଚନା ପାଇବା ପରେ ପୁଲିସ ଏମଡି ଗୁଲଜାର ଓ ଅନୁପ ମୁଣ୍ଡା ଦୁହିଁଙ୍କୁ ମଧ୍ୟ ଗିରଫ କରିଥିଲା।

### ୭ ବୋଲେରୋ ଓ ୪ ବାଇକ୍ ଜବତ

ଏନେଇ ଏସପି ଶ୍ରୀ ୱାଧୱାନୀ ସୂଚନାଦେଇ କହିଛନ୍ତି ଯେ ବିଭିନ୍ନ ସ୍ଥାନରେ ପାର୍କିଂ ହୋଇଥିବା ବୋଲେରୋ ଓ ବାଇକ ଏବଂ ସେମାନଙ୍କ ଚାଳକଙ୍କ ଉପରେ ଏହି ରାକେଟ ନଜର ରଖିବା ସହ ସୁଯୋଗ ଦେଖି ନକଲି ଚାବି ବ୍ୟବହାର କରି ଚୋରି କରି ନେଉଥିଲେ। ଏହାପରେ ସେମାନେ ଚୋରି ଗାଡ଼ିଗୁଡ଼ିକୁ କିଛି ଦିନ ଲୁଚାଇ ରଖିବା ପରେ ରାଜ୍ୟ ବାହାରେ ବିକ୍ରି କରୁଥିଲେ। ତେବେ ଉକ୍ତ ଘଟଣାରେ ଆହୁରି କେତକଙ୍କ ସମ୍ପୃକ୍ତି ରହିଥିବା ବେଳେ ସେମାନେ ଫେରାର ହୋଇଯାଇଛନ୍ତି ବୋଲି ଏସପି ଶ୍ରୀ ଓ୍ୱାଧଓ୍ୱାନୀ କହିଛନ୍ତି। ସେମାନଙ୍କୁ ଧରିବା ପାଇଁ ପୁଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ ଗିରଫ କାହ୍ନୁନାୟକ ନାଁରେ ପୂର୍ବରୁ ରଘୁନାଥପାଲି, ଟାଙ୍ଗରପାଲି, ଗୁରୁଣ୍ଡିଆ, ବନ୍ଧମୁଣ୍ଡା, ବିଶ୍ରା, କୁତ୍ରା, ବଣାଇଁ, ସେକ୍ଟର -୩, ସେକ୍ଟର - ୭, ଝିରପାଣି, ଲହୁଣୀପଡ଼ା ଓ ସୁନ୍ଦରଗଡ଼ ଥାନାରେ ମୋଟ ୪୭ଟି ମାମଲା ରହିଥିବାବେଳେ ଅନୁପ ନାଁରେ ରଘୁନାଥପାଲି, ଟାଙ୍ଗରପାଲି, ବ୍ରାହ୍ମଣୀ ତରଙ୍ଗ, ଗୁରୁଣ୍ଡିଆ ଓ ବନ୍ଧମୁଣ୍ଡା ଥାନାରେ ମୋଟ ୧୦ଟି ଓ ଗୁଲଜାର ନାଁରେ ରଘୁନାଥପାଲି, ଟାଙ୍ଗରପାଲି, ବ୍ରାହ୍ମଣୀ ତରଙ୍ଗ, ଗୁରୁଣ୍ଡିଆ ଓ ବିଶ୍ରା ଥାନାରେ ମୋଟ ୮ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି। ଗିରଫ ୩ ଅଭିଯୁକ୍ତମାନେ ବିଶ୍ରା ଥାନାଞ୍ଚଳର ଏକ ଘରୁ ଚୋରି କରିଥିବା ଘଟଣାରେ ମଧ୍ୟ ଜଡ଼ିତ ଅଛନ୍ତି।

# ସେଲ୍ ସାବାସ ଯୋଜନାରେ କର୍ମଚାରୀ ପୁରସ୍କୃତ




**ରାଉରକେଲା, ୮।୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ନୂତନ ପ୍ଲେଟ୍ ମିଲ୍ ବିଭାଗର ସମ୍ମିଳନୀ କକ୍ଷରେ ଏକ ପୁରସ୍କାର ବିତରଣ ସମାରୋହ ଆୟୋଜନ କରାଯାଇଥିଲା। ଏହି ସମାରୋହରେ ଏନପିଏମ, ଏସପିପି ଏବଂ ଡିଜିଟାଲାଇଜେସନ୍ ବିଭାଗର ସିଜିଏମ ଆରକେ ମୁଦୁଲି ଅଧ୍ୟକ୍ଷତା କରିବା ସହିତ ସେଲ୍‌ଫ ସାବାସ ଯୋଜନା ଅଧୀନରେ ନୂତନ ପ୍ଲେଟ୍ ମିଲ୍(ଏନପିଏମ) ବିଭାଗର ଅଧିକାରୀଙ୍କ ସମେତ ୨୮ ଜଣ କର୍ମଚାରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଅପରେସନ ବିଭାଗର ଜିଏମ ନୀଳମଣି ମହାପାତ୍ର, ମେକାନିକାଲ ବିଭାଗର ଜିଏମ ଏସ୍ ସୁଧାକର, ଅପରେସନ୍ସ ବିଭାଗର ଜିଏମ୍ ଏନ୍‌ଆର ହାଲଦର, ଇଲେକଟ୍ରିକାଲ ବିଭାଗର ଡିଜିଏମ ଅମିତ ରାୱତଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ମୁଦୁଲି ସାଂଗଠନିକ ଲକ୍ଷ୍ୟ ହାସଲ କରିବା ଦିଗରେ ନିରନ୍ତର ଅଭିବୃଦ୍ଧି, ଦଳଗତ କାର୍ଯ୍ୟ ଏବଂ ଉତ୍କର୍ଷତାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କର୍ମଚାରୀମାନଙ୍କୁ ଉଚ୍ଚ କାର୍ଯ୍ୟଦକ୍ଷତା ମାନଦଣ୍ଡ ପାଇଁ ନିରନ୍ତର ପ୍ରୟାସ ଜାରି ରଖିବା ସହିତ କାରଖାନାର ସଫଳତାରେ ସକ୍ରିୟ ଯୋଗଦାନ ଦେବାକୁ ଉତ୍ସାହିତ କରିଥିଲେ। ପୁରସ୍କାର ବିଜେତାମାନଙ୍କୁ ରିହିଟିଂ ଫର୍ଣ୍ଣେସର ଚାର୍ଜିଂ ସାଇଡ୍ ଲିଣ୍ଟେଲ୍ ବିମ୍ ପ୍ରଥମ ଥର ପାଇଁ ବଦଳ, ଫିନିସିଂ ମିଲର ଅପରେଟର ସାଇଡ୍ ଏଚଏଜିସି ସିଲିଣ୍ଡର ପ୍ରଥମ ଥର ପାଇଁ ବଦଳ ତଥା କମିଶନିଂ, ଏନପିଏମ ବିଭାଗର ମୁଖ୍ୟ ମୋଟରଗୁଡ଼ିକର ଲୁବ୍ରିକେସନ୍ ସର୍କିଟ୍ ସଫା ଏବଂ ସମୟାନୁସାରେ ରିଫିଲିଂ କାର୍ଯ୍ୟ ସହିତ ଅଭିନବ ପଦ୍ଧତି ଅବଲମ୍ବନ, ଫିନିସିଂ ଲାଇନରେ ଏବିବି ଏଲ -୧ ବ୍ୟବସ୍ଥାର ଉନ୍ନତୀକରଣରେ ନିର୍ବିଘ୍ନ ଏବଂ ସମୟାନୁସାରେ ସମାପ୍ତି, ସ୍କେଲ୍ ପିଟ୍ କ୍ରେନ୍ ଟ୍ରଲିର ସକ୍ରିୟ ମନିଟରିଂ ତଥା ସଫଳ କମିଶନିଂ, ଯାନ୍ତ୍ରିକ ସ୍କେଲ୍ ଚ୍ୟାନେଲ୍ ସଫେଇର ପ୍ରଥମ ଥର କାର୍ଯ୍ୟର ସଫଳ କାର୍ଯ୍ୟାନ୍ୱୟନ ଏବଂ ଏଚଏଜିସି ପିଟ୍ ସଫା କରିବାରେ ଉଦାହରଣୀୟ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। ଏହି ପୁରସ୍କାର ବିତରଣ ସମାରୋହକୁ ଏନପିଏମ ବିଭାଗର ଡେପୁଟି ମ୍ୟାନେଜର ସିଦ୍ଧାର୍ଥ ପାଲ ସଂଯୋଜନା କରିଥିଲେ।

# ବିଭିନ୍ନ ଦାବି ନେଇ ବିଜେଡି ନେତାଙ୍କ ଡିଆଇଜିଙ୍କୁ ସାକ୍ଷାତ

**ରାଉରକେଲା, ୮।୧(ସମିସ):** ସୁନ୍ଦରଗଡ଼ର ବରିଷ୍ଠ ବିଜେଡି ନେତା ତଥା ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ଏବଂ ସୁନ୍ଦରଗଡ଼ ମ୍ୟୁନିସିପାଲିଟିର ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟଙ୍କୁ ସାକ୍ଷାତକରି ସୁନ୍ଦରଗଡ଼ର ଜନସାଧାରଣଙ୍କ ସୁବିଧା ପାଇଁ ଦାବି କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼ ସହରର ବିଭିନ୍ନ ସ୍ଥାନରେ ମଦ ଏବଂ ନିଶାଦ୍ରବ୍ୟ ବିକ୍ରି ବଢ଼ି ଯାଇଥିବାରୁ ଯୁବକମାନେ ଆକ୍ରାନ୍ତ ହୋଇ ନିଜ ଭବିଷ୍ୟତ ଖରାପ କରୁଛନ୍ତି। ସେହପରି ଛୋଟ ଛୋଟ ପିଲା ବିନା ଲାଇସେନ୍ସରେ ବାଇକ ଏବଂ ସ୍କୁଟି ଚଳାଉଥିବାରୁ ରାସ୍ତାରେ ଦୁର୍ଘଟଣା ବଢ଼ି ଚାଲିଛି। ଆଉ କେତେକ ଯୁବକ ରାସ୍ତାରେ ବେପରୁଆ ଭାବେ ଏବଂ ଅତି କ୍ଷିପ୍ରଗତିରେ ବାଇକ ଚଳାଉଛନ୍ତି। ସେଇ ବାଇକର ବିକଟାଳ ଶବ୍ଦରେ ବୟସ୍କ ବ୍ୟକ୍ତିମାନେ ଘୋର ଅସୁବିଧାର ସମ୍ମୁଖୀନ ହେବା ସହିତ ଛାତି ଯନ୍ତ୍ରଣାରେ ଆକ୍ରାନ୍ତ ହେଉଛନ୍ତି। ଏସବୁକୁ ରୋକାଯିବା ସହିତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଥିଲେ। ସହରର ବିଭିନ୍ନ ଜାଗାରେ ଗାଡ଼ିସବୁ ରାସ୍ତା ଉପରେ ପାର୍କିଂ କରି ରଖାଯାଉଥିବାରୁ ଏଥିପାଇଁ ଅନେକ ସମୟରେ ବହୁତ ଦୁର୍ଘଟଣା ଘଟି ନିରୀହ ଲୋକଙ୍କ ଜୀବନ ଯାଉଛି। ତେଣୁ ରାସ୍ତାକୁ ଅବରୋଧମୁକ୍ତ କରିବା, ଜାତୀୟ ରାଜପଥରେ ଚେକିଂ କରାଯିବା, ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବା, ସେହିପରି ହେମଗିର ଥାନା ଅଧୀନସ୍ଥ ବିଲେଇମୁଣ୍ଡା ଏବଂ ଆଖପାଖ ଗ୍ରାମର ଜନସାଧାରଣଙ୍କ ସୁବିଧା ପାଇଁ ବିଲେଇମୁଣ୍ଡା ଠାରେ ଏକ ପୁଲିସ ଫାଣ୍ଡି ପ୍ରତିଷ୍ଠା କରିବା ପାଇଁ ଦାବି କରିଥିଲେ। ଏହି ସାକ୍ଷାତ ଆଲୋଚନା ସମୟରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପଞ୍ଚା ବାର୍ଲା, ଯୁବନେତା ବରୁନ ବାଗ ସହିତ ପଙ୍କଜ ଶ୍ରେଷ୍ଠ ପ୍ରମୁଖ ଉପସ୍ଥିତ ଥିଲେ।

# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି



**ରାଉରକେଲା ୮।୧(ସମିସ) :** ସାଧାରଣତନ୍ତ୍ର ଦିବସ-୨୦୨୬ ପାଳନ ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ଜାତୀୟ ଉତ୍ସବ ପାଳନ କମିଟିର ଅଧ୍ୟକ୍ଷ ଦୀନା ଦସ୍ତଗୀରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୨୬ ତାରିଖ ସକାଳ ୮.୩୦ ମିନିଟ୍ ସମୟରେ ଉଦିତନଗର ପରେଡ ପଡ଼ିଆରେ ମୁଖ୍ୟଅତିଥି ଜାତୀୟପତାକା ଉତ୍ତୋଳନ କରିବା ସହିତ ପରେଡ ଅଭିବାଦନ ଗ୍ରହଣ କରିବେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ରାମଧୂନ ଗାନ ପ୍ରଚାର କରାଯିବ। ଉକ୍ତ ଦିନ ସକାଳ ୭ ଘଟିକା ଠାରୁ ୭.୩୦ ମିନିଟ ମଧ୍ୟରେ ବିଭିନ୍ନ ବିଦ୍ୟାଳୟ ଓ ଅନୁଷ୍ଠାନଗୁଡ଼ିକରେ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବା ନିମନ୍ତେ ସ୍ଥିର କରାଯାଇଛି। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଦେଶାତ୍ମବୋଧକ ସଙ୍ଗୀତଗାନ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ ଏବଂ ଏଥିନିମନ୍ତେ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ଏହାର ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମହାନଗର ନିଗମର ଯୁଗ୍ମ ଉପାୟୁକ୍ତ ପଲ୍ଲବୀ ନାୟକ, ପାନପୋଷ ଅତିରିକ୍ତ ଉପଜିଲ୍ଲାପାଳ ଚାନ୍ଦିନୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ, ବରିଷ୍ଠ ପୁଲିସ ଅଧିକାରୀ, ବିଭିନ୍ନ ବିଭାଗୀର ଅଧିକାରୀ ତଥା ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ



**ରାଉରକେଲା, ୮।୧(ସମିସ):** ରାଉରକେଲା ଉଠା ଜଳସେଚନ ବିଭାଜନ ପକ୍ଷରୁ ଉଦିତନଗର ସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ପାଣି ପଞ୍ଚାୟତପକ୍ଷ ପାଳିତ ହୋଇଯାଇଛି। ବିଭାଜନର ନିର୍ବାହୀ ଯନ୍ତ୍ରୀ ଇଂ ଅମୃତ କୁମାର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବିକରାଣୀ କିସପଟ୍ଟା, ଜିଲ୍ଲା କୃଷି ବିଭାଗ ଅଧିକାରୀ ରୁପମ କୁମାରୀ ଓ ଆଦ୍ୟାଶା ମିଶ୍ର, ଉଦ୍ୟାନ ବିଭାଗ ଅଧିକାରୀ ସୌମ୍ୟ ପାଠକ, ସହକାରୀ ଯନ୍ତ୍ରୀ ଜଳସେଚନ ବିଭାଗ ବଧୁପମା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଭାଗୀୟ ସହକାରୀ ଯନ୍ତ୍ରୀ ଇଂ ତିରୁପତି ନନ୍ଦ, ସହକାରୀ ଯନ୍ତ୍ରୀ ଇଂ ସେଲେଷ୍ଟିନା ସୀମା ସୂରିନ, ଇଂ. ପଲ୍ଲବୀ ଆଚାର୍ଯ୍ୟ, ଇଂ. ଶୁଭମ ପାଲ, ଇଂ. ସୌମ୍ୟରଞ୍ଜନ ବେହେରା ଓ ଅନ୍ୟକର୍ମଚାରୀ ସହଯୋଗ କରିଥିଲେ। ବିଭିନ୍ନ ପ୍ରତିଯୋଗିତା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/17

| ପୋଷ୍ଟର ନାମ | ମୂଳ ଖାଲି ପଦବୀ | ଅତିରିକ୍ତ ଖାଲି ପଦବୀ ଅନ୍ତର୍ଭୁକ୍ତ | ଅନ୍ତିମ ଖାଲି ପଦବୀ |
|---|---|---|---|
| ଭିପି ୱେଲ୍ଥ (ଏସଆରଏମ) | 506 | 76 | 582 |
| ଏଭିପି ୱେଲ୍ଥ (ଆରଏମ) | 206 | 31 | 237 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 | 43 | 327 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 10.01.2026* ପର୍ଯ୍ୟନ୍ତ ।**

*23.12.2025 ରୁ 10.01.2026 ପର୍ଯ୍ୟନ୍ତ ବୃଦ୍ଧି ମଂଜୁର କରାଯାଇଛି

**ସ୍ଥାନ:** ମୁମ୍ବାଇ
**ତାରିଖ:** 31.12.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ଭାଙ୍ଗିଲା ବ୍ରିଜ୍ ସ୍ଲାବ୍; ବର୍ତ୍ତିଲେ ଶ୍ରମିକ

**ରାଉରକେଲା, ୮।୧(ସମିସ):** ବ୍ରିଜ୍‌ର ମରାମତି କାର୍ଯ୍ୟ ଚାଲୁଥିବାବେଳେ ହଠାତ୍ ଏକ ସ୍ଲାବ ଭାଙ୍ଗିଯିବା ଫଳରେ କାମରେ ନିୟୋଜିତ ଥିବା ଶ୍ରମିକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ପୁରୁଣାଷ୍ଟେସନର ଫୁଟ୍‌ଓଭର ବ୍ରିଜ ଠାରେ ଗୁରୁବାର ଏହି ଘଟଣା ଘଟିଥିଲା। ଉକ୍ତ ବ୍ରିଜର ରକ୍ଷଣାବେକ୍ଷଣ କାର୍ଯ୍ୟ ଜାରି ରହିଛି। ଏଥିରେ ନିୟୋଜିତ ଥିବା ଜଣେ ଶ୍ରମିକ କାମ କରୁଥିବାବେଳେ ସ୍ଲାବ ଗଳି ପଡ଼ିଥିଲା। ଫଳରେ ଶ୍ରମିକ ଜଣକ ଲୁହା ଏଙ୍ଗଲରେ ଯାଇ ଫସି ଯାଇଥିଲେ। ଠିକ ସେତିକି ବେଳେ ଟ୍ରେନ୍ ଯାଇଥିଲା। ଭଗ୍ୟବଶତଃ ସେ ରେଳ ଧାରଣାକୁ ପଡ଼ି ନଥିଲେ। ନଚେତ୍ ଅଘଟଣ ଘଟିଥାନ୍ତା ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## କୋଇଡ଼ାରେ ବରଫ ବୃଷ୍ଟି

# ତୁଷାରପାତ ସାଙ୍ଗକୁ ଶୀତ ଲହରିରେ ଜନଜୀବନ ଅସ୍ତବ୍ୟସ୍ତ



**କୋଇଡ଼ା, ୮।୧(ସମିସ)**

ପାହାଡ଼ ପର୍ବତ ଘେରା ଖଣି ଅଞ୍ଚଳ କୋଇଡ଼ାରେ ବୁଧବାର ଦିନତମାମ କୋହଲାପାଗକୁ ଘନ କୁହୁଡ଼ି ଘେରି ରହିଥିଲା। ଗୁରୁବାର ସକାଳେ ବିଶେଷ କରି ଖୋଲା ପଡ଼ିଆ, ବାଇକ ସିଟ୍, ବଡ଼ଗାଡିର ଉପରଭାଗ ଏବଂ ଗଛପତ୍ର ମଧ୍ୟ ତୁଷାରପାତରେ ସମ୍ପୂର୍ଣ୍ଣ ଅଞ୍ଚଳ ଧଳା ଆବରଣରେ ଚମକି ଉଠୁଥିଲା। ଦିନତମାମ ଶୀତ ଛାଡିବା ନାଁ ଧରୁନି ଏବଂ ସନ୍ଧ୍ୟା ୪ ଘଟିକାରୁ ଶୀତର ପ୍ରଭାବ ଜୋରଦାର ଅନୁଭବ କରି ହେଉଥିବା ଦେଖିବାକୁ ମିଳିଛି। କୋଇଡ଼ା ବ୍ଲକର କୋଇଡା ବ୍ଲକ ହେଡକ୍ୱାର୍ଟର୍ସ, ଟେନସା, କାଳଟା, ପାଟମୁଣ୍ଡା, ସାନଇନ୍ଦିପୁର, ମାଲଦା, ଜଳଡିହି ଭଳି ପ୍ରମୁଖ ସ୍ଥାନରେ ଗୁରୁବାର ସକାଳ ସମୟରେ ତୁଷାରପାତ ଦେଖିବାକୁ ମିଳିଛି। ଏପଟେ କୋଇଡ଼ା ଅଞ୍ଚଳର ଗତକାଲି ରାତି ତାପମାତ୍ରା ୫ ଡିଗ୍ରୀ ତଳେ ଥିବା ଅନୁମାନ କରାଯାଉଛି। ଚଳିତବର୍ଷ ବିଳମ୍ବରେ ଶୀତ ଆରମ୍ଭ ହୋଇଥିବାବେଳେ ହଠାତ୍ ପାରଦ କମିବା ଯୋଗୁଁ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। ଝଟିମାଟି ଘରେ ଜୀବନ ବିତାଉଥିବା ପରିବାର ରାତିସାରା ନିଆଁ ଲଗେଇ ଶୋଉଥିବା ବେଳେ କିଛି ଛକ ମାନଙ୍କରେ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳିଛି। ସକାଳୁ ପ୍ରବଳ କୁହୁଡ଼ି ଯୋଗୁଁ ସକାଳ ଭ୍ରମଣରେ ଯାଉଥିବା ବ୍ୟକ୍ତି ଅଣ୍ଡା ପାଇଁ ଘରୁ ପୂର୍ବଭଳି ବାହାରୁ ନାହାନ୍ତି। ସକାଳୁ ଚା' ଦୋକାନରେ ଶୀତୁଆ ସକାଳ ଖଟି ମଧ୍ୟ ଦିନ ଦଶଟା ପରେ ଜମୁଛି। ଗ୍ରାମାଞ୍ଚଳ ଲୋକ ସନ୍ଧ୍ୟା ହୋଇଗଲେ ଘରେ ରହୁଛନ୍ତି। ସନ୍ଧ୍ୟାପରେ ଘରୁ ପଦାକୁ ବାହାରିବା କଷ୍ଟ ହୋଇଯାଉଛି।

## ବୁମେରାଂ ହେଲା ପରିବହନ ବିଭାଗର 'ଅନ୍ଧ ନୀତି'

# ୧ ହଜାରକୁ କମିବ ପିୟୁସିସି ଜରିମାନା !

### ଏପ୍ରିଲ ପହିଲା ଯାଏଁ ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚ କୋହଳ

### ଟୋଲ୍‌ଗେଟରେ ଇ-ଡିଟେକ୍ସନରେ ଏବେ କଟିବ ନାହିଁ ପ୍ରଦୂଷଣ ଚାଲାଣ

### ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଭଳି ଓଡ଼ିଶାରେ କମିବ ଜରିମାନା

ଭୁବନେଶ୍ୱର, ୮ ।୧ (ସମିସ): ପ୍ରଦୂଷଣ ସାର୍ଟିଫିକେଟ୍ (ପିୟୁସିସି) ଓ ଏହାକୁ ନେଇ ମୋଟା ଅଙ୍କର ଜରିମାନା ଆଦାୟ କରିବାକୁ ପରିବହନ ବିଭାଗ କରିଥିବା ଫନ୍ଦି ଏବେ ସରକାରଙ୍କ ପାଇଁ ବୁମେରାଂ ହୋଇଛି । ଏହି ପ୍ରସଙ୍ଗକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ସରକାରଙ୍କୁ ଚାରି ଆଡ଼ୁ ସମାଲୋଚନା କରାଯାଉଛି । ଦିନକୁ ଦିନ ଏହି ପ୍ରସଙ୍ଗରେ ଜନ ଅସନ୍ତୋଷ ଦାନା ବାନ୍ଧୁଥିବା ବେଳେ ବିଜେଡି ଏହି ପ୍ରସଙ୍ଗରେ ରାସ୍ତାକୁ ଓହ୍ଲାଇଛି । ଜନ ଅସନ୍ତୋଷ ଭୟ ଏବେ ସରକାରଙ୍କୁ ଘାରିଛି ଓ ପ୍ରଦୂଷଣ ଜୋରିମାନା ସଂକ୍ରାନ୍ତରେ ସରକାର ଏକ ବଡ଼ ନିଷ୍ପତ୍ତି ନେବାକୁ ଯାଉଛନ୍ତି । ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଭଳି ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ୧୦ ହଜାର ଟଙ୍କା ବଦଳରେ ୧ ହଜାର କିମ୍ବା ୨ ହଜାର ଟଙ୍କା ଜରିମାନା କରିବା ନିମନ୍ତେ ସରକାର ଯୋଜନା କରୁଛନ୍ତି । ଏହା ସହ ପ୍ରଦୂଷଣ ଜରିମାନା ହୋଇଥିବା ଦିନଠାରୁ ୭ ଦିନ ମଧ୍ୟରେ ଗାଡ଼ି ମାଲିକ ପ୍ରମାଣପତ୍ର ଦାଖ କଲେ ସମ୍ପୂର୍ଣ୍ଣ ଜରିମାନା ଛାଡ଼ ପାଇଁ ମଧ୍ୟ ସରକାର ଯୋଜନା କରିଥିବା ଜଣାପଡ଼ିଛି ।

ମିଳିଥିବା ସୂଚନା ଅନୁଯାୟୀ, ପିୟୁସିସି ନାଁରେ ପରିବହନ ବିଭାଗ ବକେୟା ଚାଲାଣ ଆଦାୟ ପାଇଁ କରିଥିବା ଫନ୍ଦି ଏକପ୍ରକାର ଫସର ଫାଟିଛି । ଏହାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ସାମାଜିକ ଗଣମାଧ୍ୟମରେ ରାଜ୍ୟବାସୀ ସରକାରଙ୍କୁ କାଠଗଡ଼ାରେ ଠିଆ କରିଛନ୍ତି । ରାଜ୍ୟରେ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ଲୋକଙ୍କ ମନରେ ରହିଥିବା ରୋଷକୁ ପ୍ରଦୂଷଣ ପ୍ରମାଣପତ୍ର ଯନ୍ତ୍ରଣା ବହୁଗୁଣିତ କରିଛି । ଏହା ବଳବତ୍ତର ରହିଲେ ଶାସକ ଦଳ ଓ ରାଜ୍ୟ ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି ହେବା ଆଶଙ୍କା ରହିଥିବାରୁ ଜୋରିମାନା ହ୍ରାସ ଓ ନିୟମ କୋହଳ କରିବାକୁ ସରକାର ଆପାତତଃ ନିଷ୍ପତ୍ତି ନେଇଛନ୍ତି । ଦିନେ ଦୁଇଦିନ ଭିତରେ ଏ ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇପାରେ ବୋଲି କୁହାଯାଉଛି । ଗାଡ଼ିଚାଳକଙ୍କ ପାଇଁ ରହିଥିବା ଜରିମାନା ରାଶିକୁ ହ୍ରାସ କରି ଜନଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ସରକାର ଯୋଜନା କରିଛନ୍ତି । ଏବେ କୌଣସି ଗାଡ଼ି ଚାଳକ ପ୍ରଦୂଷଣ ସାର୍ଟିଫିକେଟ୍ ନ କରିଥିଲେ, ତାଙ୍କ ଉପରେ ୧୦ ହଜାର ଟଙ୍କା ଜରିମାନା କରିବାର ବ୍ୟବସ୍ଥା ରହିଛି । ମାତ୍ର ଏହି ରାଶିକୁ ୧୦୦୦ ଟଙ୍କାକୁ ଖସାଇ ଦେବା ପାଇଁ ଯୋଜନା କରାଯାଉଛି । ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ସମେତ ଅନ୍ୟ କିଛି ରାଜ୍ୟରେ ଗାଡ଼ିର ପିୟୁସିସି ନ ଥିଲେ ପ୍ରଥମେ ୧ ହଜାର ଓ ପରେ ୨ ହଜାର ଟଙ୍କା ଜରିମାନା କରାଯାଉଛି । ତେଣୁ ଓଡ଼ିଶାରେ ଏମ୍‌ଭି ଆକ୍ଟରେ ପରିବର୍ତ୍ତନ କରି ଜରିମାନା ରାଶିକୁ କମ୍ କରିବା ପାଇଁ ନିଷ୍ପତ୍ତି ହୋଇଛି । ସମାନ ଭାବେ ବ୍ୟବସ୍ଥା ଅନୁଯାୟୀ କୌଣସି ଗାଡ଼ି ଚାଳକ ପିୟୁସିସି କରି ନ ଥିଲେ ଗାଡ଼ି ଉପରେ ଜରିମାନା ହେବାର ୭ ଦିନ ମଧ୍ୟରେ ଗାଡ଼ି ଚାଳକ ପିୟୁସିସି କରି ଅପ୍‌ଲୋର୍ଡ କଲେ ଏହାକୁ ଛାଡ଼ କରାଯିବାର ନିୟମ ରହିଛି । ତେବେ ଏମ୍‌ଭି ଆକ୍ଟରେ ଏ ସମ୍ପର୍କିତ ନିଷ୍ପତ୍ତି ନେବା ପାଇଁ ରାଜ୍ୟ ସରକାର ବିଚାର କରିପାରିବେ ବୋଲି ଦର୍ଶାଯାଇଛି । ପୂର୍ବରୁ ଓଡ଼ିଶାରେ ଏହି ବ୍ୟବସ୍ଥାରେ ଜରିମାନା ଛାଡ଼ କରାଯାଉ ନ ଥିବା ବେଳେ ଏବେ ରାଜ୍ୟ ସରକାର ଏହି ନିୟମକୁ କୋହଳ କରି ଗାଡ଼ି ଚାଳକଙ୍କ ପାଇଁ ଆଶ୍ୱସ୍ତି ଆଣିବା ନେଇ ଯୋଜନା କରୁଥିବା ଜଣାପଡ଼ିଛି ।

ଅନ୍ୟପଟେ ଜନଅସନ୍ତୋଷକୁ ଦେଖି ପିୟୁସିସି କଟକଣା କୋହଳ ଅବଧିକୁ ଆଉ ମାସେ ବଢ଼ାଯାଇଛି । ଏପ୍ରିଲ ପହିଲା ଯାଏଁ ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚ କୋହଳ କରିବାକୁ ବିଭାଗୀୟ ମନ୍ତ୍ରୀ ଘୋଷଣା କରିଛନ୍ତି । ସେହିପରି ଏହି ଅବଧି ମଧ୍ୟରେ ଟୋଲଗେଟରେ ଇ-ଡିଟେକ୍ସନରେ କଟୁଥିବା ଏ ସମ୍ବନ୍ଧୀୟ ଜରିମାନାକୁ ମଧ୍ୟ ସ୍ଥଗିତ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ରାଜ୍ୟରେ 'ପିୟୁସିସି ନ ଥିଲେ ତେଲ ମନା' ନିଷ୍ପତ୍ତି ପରଠାରୁ ସରକାରଙ୍କୁ ଚାରି ଆଡ଼ୁ ସମାଲୋଚନା କରାଯାଉଛି । ଏମିକି ହାଇକୋର୍ଟରେ ମଧ୍ୟ ଏହାକୁ ନେଇ ଜନସ୍ୱାର୍ଥ ମାମଲା ଦାୟର ସହ କୋର୍ଟ ସରକାରଙ୍କଠାରୁ ଉତ୍ତର ମାଗିଛନ୍ତି । ସରକାରଙ୍କ ଲୋକପ୍ରିୟତା ଉପରେ ଏହି ନିଷ୍ପତ୍ତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏଥିରୁ ମୁକୁଳିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହି ପ୍ରସଙ୍ଗ ହସ୍ତକ୍ଷେପ କରିଥିବା ସୂଚନା ମିଳିଛି ।

■ ପୁରୀ ଭକ୍ତ ନିବାସରେ ପାର୍କିଂ ଫି ପ୍ରସଙ୍ଗ

## ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର ପାଇଁ ବିଜେଡିର ଦାବି

ଭୁବନେଶ୍ୱର, ୮।୧(ସମିସ): ପୁରୀ ଭକ୍ତ ନିବାସରେ ପାର୍କିଂ ଫି' ବୃଦ୍ଧି ପ୍ରସଙ୍ଗରେ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜେଡି । ଓଡ଼ିଆଙ୍କ ଆରାଧ୍ୟ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଆସୁଥିବା ଲକ୍ଷଲକ୍ଷ ଭକ୍ତଙ୍କୁ ଲୁଟିବା ସହ ପବିତ୍ର ପୁରୀ ଓ ସମଗ୍ର ଓଡ଼ିଶାର ଭାବମୂର୍ତ୍ତି ମଳିନ ପାଇଁ ନିଆ ଯାଇଥିବା ନିଷ୍ପତ୍ତିକୁ ବିଜେଡି ଉପସଭାପତି ସଂଜୟ କୁମାର ଦାସବର୍ମା ଦୃଢ଼ ବିରୋଧ କରିଛନ୍ତି । ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଭକ୍ତ ନିବାସରେ



ପାର୍କିଂ ପାଇଁ ୧୮ ପ୍ରତିଶତ ଜିଏସଟି ସହ ୫୦୦ ଟଙ୍କା ଆଦାୟ କରିବା ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହାକୁ ନେଇ ବିଜେଡି କଡ଼ା ବିରୋଧ କରୁଛି ବୋଲି ଶ୍ରୀ ଦାସବର୍ମା କହିଛନ୍ତି ।

ସେ କହିଛନ୍ତି ଯେ ପ୍ରଥମତଃ ଭକ୍ତ ନିବାସଗୁଡ଼ିକରେ ରହିବା ପୂର୍ବ ଅପେକ୍ଷା ମହଙ୍ଗା ହୋଇଛି । କଟା ଘା'ରେ ଚୂନ ସଦୃଶ ଭକ୍ତ ନିବାସ ରହିବା ଦେୟ ମହଙ୍ଗା ପରେ ପୁଣି ପ୍ରଶାସନ ପକ୍ଷରୁ ଭକ୍ତନିବାସରେ ଗାଡ଼ି ପାର୍କିଂ ଶୁଳ୍କରେ ବଡ଼ ଧରଣର ବୃଦ୍ଧି କରାଯାଇଛି । ସିଧାସଳଖ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଧର୍ମୀୟ ଭାବନାରୁ ପ୍ରଶାସନ ଆର୍ଥିକ ଫାଇଦା ନେବାକୁ ଚାହୁଁଛି । ନୂତନ ନିୟମ ଅନୁଯାୟୀ ଜାନୁଆରୀ ୭ ତାରିଖରୁ ପୁରୀର ସମସ୍ତ ଚାରୋଟି ଭକ୍ତ ନିବାସରେ ପ୍ରଥମଥର ପାଇଁ ଅତି ଉଚ୍ଚଦରରେ ପାର୍କିଂ ଫି' ଆଦାୟ କରାଯିବା ନିଷ୍ପତ୍ତି ହୋଇଛି । ଯେଉଁ ଶ୍ରଦ୍ଧାଳୁମାନେ ଭକ୍ତ ନିବାସରେ ରହିବେ, ସେମାନଙ୍କୁ ନିଜର ଚାରିଚକିଆ ଯାନ ପାଇଁ ୨୪

**ପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ**

ଘଣ୍ଟାକୁ ୫୦୦ ଟଙ୍କା ପାର୍କିଂ ଶୁଳ୍କ ଦେବାକୁ ପଡ଼ିବ । ଏହି ୫୦୦ ଟଙ୍କା ମଧ୍ୟରେ ୧୮ ପ୍ରତିଶତ ଜିଏସଟି ଅନ୍ତର୍ଭୁକ୍ତ କରାଯାଇଛି । ପୁରୀରେ ଥିବା ନୀଳାଚଳ ଭକ୍ତନିବାସ, ନୀଳାଦ୍ରି ଭକ୍ତ ନିବାସ ସମେତ ଅନ୍ୟ ସମସ୍ତ ସରକାରୀ ଭକ୍ତ ନିବାସରେ ରହୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ଏହି ନିୟମ ପରିସରଭୁକ୍ତ ହେବେ । ଶ୍ରୀ ଦାସବର୍ମା ଆହୁରି ମଧ୍ୟ କହିଛନ୍ତି ଯେ ପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କୁ ସଦବୁଦ୍ଧି ଦିଅନ୍ତୁ । ଏପରି ନିଷ୍ପତ୍ତି ପର୍ଯ୍ୟଟକ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପୁରୀ ଆଗମନକୁ ପ୍ରଭାବିତ କରିବ । ଏହା କୋଟିକୋଟି ଜଗନ୍ନାଥପ୍ରେମୀଙ୍କ ମନରେ ଆଘାତ ଦେଇଛି । ତେଣୁ, ପ୍ରଶାସନ ତୁରନ୍ତ ଏ ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ ବୋଲି ସେ ଦାବି କରିଛନ୍ତି ।

## ଚଳିତ ମାସରେ ସାଢ଼େ ୪ ଲକ୍ଷ ହିତାଧିକାରୀଙ୍କୁ 'ସୁଭଦ୍ରା' ଟଙ୍କା



ଭୁବନେଶ୍ୱର,୮ ।୧(ସମିସ): ଚଳିତ ଜାନୁୟାରୀ ମାସରେ ସାଢ଼େ ୪ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ସହାୟତା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଗୁରୁବାର ମହିଳା ଓ ଶିଶୁ ବିକାଶ ଆନୁକୂଲ୍ୟରେ ବିଭାଗୀୟ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସୁଭଦ୍ରା ଯୋଜନାରେ ୧ଲକ୍ଷ ୭୮ ହଜାର ୩୯୮ ନୂତନ ପଞ୍ଜିକୃତ ସୁଭଦ୍ରା ହିତାଧିକାରୀ, ଆଗରୁ କୌଣସି କାରଣରୁ ବାଦ୍ ପଡିଥିବା ଓ ଅଭିଯୋଗ ଶୁଣାଣିର ତଦନ୍ତ ପରେ ଯୋଡ଼ି ହୋଇଥିବା ୨୪ହଜାର ୧୮ ଜଣ ହିତାଧିକାରୀଙ୍କ ସମେତ ଅନ୍ୟ ୨ଲକ୍ଷ ୫୫ହଜାର ୨୨୬ ଜଣ ହିତାଧିକାରୀଙ୍କୁ ମିଶାଇ ସମୁଦାୟ ୪ଲକ୍ଷ ୫୭ ହଜାର ୬୮୧ ଜଣ ହିତାଧିକାରୀଙ୍କୁ ବକେୟା ସୁଭଦ୍ରା ସହାୟତା କିସ୍ତି ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଆସନ୍ତା ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ମାର୍ଚ୍ଚ ୮ରେ ପ୍ରଦାନ କରାଯିବାକୁ ଥିବା ଚତୁର୍ଥ କିସ୍ତି ବିଷୟରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା । ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କୁ ଚତୁର୍ଥ କିସ୍ତି ସୁନିଶ୍ଚିତ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା ।

## ସ୍ୱାଭାବିକ ହେଲା ଧାନକିଣା

ଭୁବନେଶ୍ୱର,୮ ।୧(ସମିସ): ବୁଧବାର ରାତିରେ ମିଲର୍ସ ସଂଘ ଆନ୍ଦୋଳନରୁ ଓହରିବାକୁ ଘୋଷଣା କରିବା ପରେ ଗୁରୁବାରଠାରୁ ରାଜ୍ୟରେ ଧାନକିଣା ସ୍ୱାଭାବିକ ହୋଇଛି । ସରକାର ଓ ମିଲର୍ସଙ୍କ ମଧ୍ୟରେ ରହିଥିବା ବିବାଦ ଯୋଗୁଁ ମିଲର୍ସ ସଂଘ ଆନ୍ଦୋଳକୁ ଓହ୍ଲାଇଥିଲା । ଫଳରେ ସାରା ରାଜ୍ୟରେ ଚାଷୀ ଧାନ ବିକିବା ଯୋଗୁଁ ଅପେକ୍ଷାରେ ଚାହିଁ ରହିଥିଲେ । ମାତ୍ର ଚାଷୀଙ୍କ ସମସ୍ୟାକୁ ଦୃଷ୍ଟି ଦେଇ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଧାନ କିଣାରେ କୌଣସି ସମସ୍ୟା ନ କରିବାକୁ ମିଲର୍ସ ସଂଘ ନିଷ୍ପତ୍ତି ନେବା ସହ ପୁଣିଥରେ ଧାନ କିଣାକୁ ସ୍ୱାଭାବିକ କରିଛି । ବର୍ତ୍ତମାନ ୧୯ ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଛି କିନ୍ତୁ ବାକି ୧୧ ଜିଲ୍ଲାରେ ଆସନ୍ତା ୧୦ ତାରିଖରେ ଧାନ କିଣା ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ତେବେ ତଥ୍ୟ ଅନୁଯାୟୀ, ରାଜ୍ୟରେ ୧୯ଟି ଜିଲ୍ଲାରେ ଆଜି ସୁଦ୍ଧା ୩ ଲକ୍ଷ ୧୫ ହଜାର ୪୩୧ ଚାଷୀଙ୍କ ଠାରୁ ୧୩ ଲକ୍ଷ ୯୩ ହଜାର ୮୬୭ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଛି । ଏଥିମଧ୍ୟରୁ ୧୩ ଲକ୍ଷ ୫୯ ହଜାର ୯୭୪ ମେଟ୍ରିକ ଟନ ଧାନ ମିଲର ମାନେ ଉଠାଇଛନ୍ତି । ଏ ବାବଦରେ ଚାଷୀଙ୍କୁ ୮ ୯୧ କୋଟି ୫୮ ଲକ୍ଷ ଟଙ୍କାର ଇନପୁଟ ସହାୟତା ମଧ୍ୟ ପ୍ରଦାନ କରାଯାଇଛି ।

## ଲଢ଼ୁଆ ମହିଳା କର୍ମୀଙ୍କୁ ସଂଗଠନ ସହ ଯୋଡ଼ିବ କଂଗ୍ରେସ

ଭୁବନେଶ୍ୱର, ୮।୧ (ସମିସ): ରାଜ୍ୟରେ ମହିଳା ଅଧିକାର ଓ ନ୍ୟାୟ ପାଇଁ ଦୁର୍ବାର ଆନ୍ଦୋଳନ ହେବ । ଏହି ଆନ୍ଦୋଳନ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଓ ସମୟ ଓ ଶ୍ରମଦାନ ପାଇଁ ୧୦୦ଜଣ ଉପଯୁକ୍ତ ମହିଳାଙ୍କୁ ବଛାଯିବ । ସେମାନେ ମହିଳାମାନଙ୍କ ସମ୍ବିଧାନିକ ଅଧିକାର, ଅତ୍ୟାଚାରିତା ଓ ନିର୍ଯାତିତା ମହିଳାମାନଙ୍କ ପାଇଁ ନ୍ୟାୟର ଲଢ଼େଇ, ଗାଁରେ ଥିବା ମହିଳାଙ୍କ ସ୍ୱର ସାଜିବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ।




ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ସଭାରେ ଯୋଗ ଦେଇ ଶ୍ରୀ ଦାସ କହିଛନ୍ତି, ସଂଗଠନର ସବୁ ୟୁନିଟ୍‌ରେ ମହିଳାମାନଙ୍କୁ ସେମାନଙ୍କର ଅଧିକାର ପ୍ରାପ୍ତି ପାଇଁ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବ । ଏବେ ରାଜ୍ୟରେ ଦୟନୀୟ ସ୍ଥିତିରେ ଥିବା ୫ଲକ୍ଷ ମହିଳା ପ୍ରତିବାଦ କରିବାପାଇଁ ଜାଗ୍ରତ ହୋଇ ରାଜରାସ୍ତାକୁ ଓହ୍ଲାଇଲେ ଏ ସରକାର ଗାଦି ଛାଡ଼ି ପଳାୟନ କରିବ ବୋଲି ଶ୍ରୀ ଦାସ କହିଛନ୍ତି । ଏହି ଅବସରରେ ଏକ ବିଶାଳ ମହିଳା ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବାକୁ ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି ।

ଏହି ପ୍ରଶିକ୍ଷଣ ଶିବିରରେ ମହିଳା କଂଗ୍ରେସର ସାଂଗଠନିକ ଢାଞ୍ଚା ସମ୍ପର୍କରେ ସମାଜସେବୀ ତଥା ବିଶିଷ୍ଟ ସ୍ଥାପତ୍ୟ କଳାବିତ୍ ମିସ୍ ସୃଷ୍ଟି ସୋମେନ ଆଲୋଚନା କରିଥିଲେ । ବର୍ଷକୁ ୫ଲକ୍ଷ ନୂଆ ମହିଳା ସଂଗଠନ ସହ ଯୋଡ଼ିବାକୁ ସେ ଉପଦେଶ ଦେଇଥିଲେ । ଗାଁରୁ ସହର ପର୍ଯ୍ୟନ୍ତ ବିଭିନ୍ନ ପରିସର ଓ କ୍ଷେତ୍ରରୁ ମହିଳାମାନଙ୍କୁ ସାମିଲ କରିବାକୁ ପଡ଼ିବ ବୋଲି ସେ କହିଥିଲେ । ପ୍ରତି ଗାଁରେ ଅତି କମ୍‌ରେ ୫ଜଣ, ପଞ୍ଚାୟତରେ ୨୫ଜଣ ଏବଂ ସେହି ଅନୁପାତରେ ବ୍ଲକ ଓ ଜିଲ୍ଲାରେ ନୂତନ ପ୍ରତିନିଧି ନେବାକୁ ସେ ପରାମର୍ଶ ଦେଇଥିଲେ । ପିସିସି ମୁଖପାତ୍ର ତଥା ଆଇନଜୀବୀ ମନୀଷା ଦାସ ପଟ୍ଟନାୟକ ଭାରତୀୟ ସମ୍ବିଧାନରେ ମହିଳାମାନଙ୍କ ଅଧିକାର ପାଇଁ ବିଭିନ୍ନ ଆଇନ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ । ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ପ୍ରଭାରୀ ତୁଳିକା କର୍ମା ଆଗାମୀ କାର୍ଯ୍ୟଖସଡ଼ା, ସଂଗଠନର ସୁଦୃଢ଼ତା ଓ ବିଶେଷକରି ସଭ୍ୟ ସଂଗ୍ରହ ଅଭିଯାନ ଉପରେ ଆଲୋକପାତ କରିଥିଲେ । ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ବାହିନୀପତି ମାଲକାନଗିରି ଓ ମୟୂରଭଞ୍ଜ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ମହିଳା ସମସ୍ୟା, ପଞ୍ଚାୟତଠାରୁ ରାଜ୍ୟସ୍ତରରେ ମହିଳାଙ୍କ ଅଧିକାର ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ।

■ ମହିଳା ଓ ଶିଶୁ ବିକାଶ ବିଭାଗ ସହ ଉତ୍କଳିକାର ଚୁକ୍ତିପତ୍ର

## କନ୍ୟାଙ୍କୁ ଦିଆଯିବ ଶାଢ଼ୀ, ଚୁଡ଼ି, ଶୃଙ୍ଗାର ସାମଗ୍ରୀ

ଭୁବନେଶ୍ୱର,୮ ।୧(ସମିସ): ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ଯୋଗ୍ୟ କନ୍ୟାମାନଙ୍କୁ ଶାଢ଼ୀ, ଚୁଡ଼ି, ପାଉଁଜି,ଝୁଣ୍ଟିଆ, ଅଳତା, ସିନ୍ଦୂର ସମେତ ସମସ୍ତ ଶୃଙ୍ଗାର ସାମଗ୍ରୀ ଯୋଗାଇବ ଉତ୍କଳିକା । ଏହାସହ ବାସନକୁସନ ଭଳି ଘରୋଇ ବ୍ୟବହାର ସାମଗ୍ରୀ ମଧ୍ୟ ଉପଲବ୍ଧ କରାଇବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନସ୍ଥ ଉତ୍କଳିକା, ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି ।



ଗୁରୁବାର ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ ଏବଂ ଉତ୍କଳିକାର ପରିଚାଳନା ନିର୍ଦ୍ଦେଶିକା ମମତା ନାୟକଙ୍କ ମଧ୍ୟରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହେଇଛି । କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଶା ବାନାର୍ଜୀ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ନିର୍ଦ୍ଦେଶିକା ନିବେଦିତା ପୃଷ୍ଟି, ଅତିରିକ୍ତ ସଚିବ ପ୍ରତାପ ହୋତାଙ୍କ ସମେତ ଏବଂ ଉଭୟ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## 'ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ'ର ଷ୍ଟିଅରିଂ କମିଟିରେ ସୁଶାନ୍ତ ନନ୍ଦ

ଭୁବନେଶ୍ୱର,୮ ।୧(ସମିସ): 'ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ'ର ଷ୍ଟିଅରିଂ କମିଟିରେ ସ୍ଥାନ ପାଇଛନ୍ତି ପୂର୍ବତନ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ । ବୁଧବାର କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏହି ନୂତନ କମିଟି ଗଠନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ନୂତନ କମିଟିରେ ଶ୍ରୀ ନନ୍ଦଙ୍କୁ ସଦସ୍ୟ ଭାବେ ଚୟନ କରାଯାଇଛି । ଓଡ଼ିଶାରେ ତାଙ୍କ କାର୍ଯ୍ୟକାଳ ସମୟରେ ଶ୍ରୀ ନନ୍ଦ ଅନେକ ହାତୀଙ୍କ ସଂରକ୍ଷଣ କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ମୁଖ୍ୟତଃ ହାତୀ ମୃତ୍ୟୁ ହାର ହ୍ରାସ କରିବା ପାଇଁ ସୁରକ୍ଷା ବ୍ୟବସ୍ଥା ଓ ଗୋଷ୍ଠୀ ସହଭାଗିତା କ୍ଷେତ୍ରରେ ସମସ୍ୟାର ସମାଧାନ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ୧୯୮୯ ବ୍ୟାଚର ଅଧିକାରୀ ଶ୍ରୀ ନନ୍ଦ ନଭେମ୍ବର ୨୦୨୪ରେ ପିସିସିଏଫ୍ (ବନ୍ୟପ୍ରାଣୀ) ଭାବେ ଅବସର ଗ୍ରହଣ କରିଥିଲେ । ରେଳ ଦୁର୍ଘଟଣା ଯୋଗୁଁ ହାତୀ ମୃତ୍ୟୁ ରୋକିବା ସହ ମଣିଷ-ବନ୍ୟଜନ୍ତୁ ମଧ୍ୟରେ ସଂଘର୍ଷ ହ୍ରାସ କରିବା ଦିଗରେ ତାଙ୍କର ବିଶେଷ ଅଭିଜ୍ଞତା ରହିଛି । ଏହି କମିଟିରେ ଅଣ-ସରକାରୀ ସଦସ୍ୟ ଭାବେ ଡକ୍ଟର ସମୀର ସିହ୍ନା, ଡକ୍ଟର ନାରାୟଣ ଶର୍ମା ଏବଂ ଡବ୍ଲ୍ୟୁଡବ୍ଲ୍ୟୁଏଫ୍-ଇଣ୍ଡିଆର ରବି ସିଂହ ମଧ୍ୟ ସ୍ଥାନ ପାଇଛନ୍ତି । କେନ୍ଦ୍ର ପରିବେଶ ମନ୍ତ୍ରୀ ଏହି କମିଟିର ଅଧ୍ୟକ୍ଷ ରହିଛନ୍ତି । ୩ ବର୍ଷିୟା କାର୍ଯ୍ୟକାଳ ବିଶିଷ୍ଟ ଏହି କମିଟି ୧୯୯୨ରେ ଆରମ୍ଭ ହୋଇଥିବା 'ପ୍ରୋଜେକ୍ଟ ଏଲିଫ୍ୟାଣ୍ଟ'ର ସମୀକ୍ଷା କରିବା ସହ ହାତୀଙ୍କ ବାସସ୍ଥାନ ଓ ଚଲାପଥର ସୁରକ୍ଷା ଉପରେ ଏହା କାର୍ଯ୍ୟ କରିବ ।



ଦ୍ୱାଦଶ କଳିଙ୍ଗ ସାହିତ୍ୟ ମହୋତ୍ସବ-୨୦୨୬ ଉଦଘାଟିତ

## ସାହିତ୍ୟ ବିଭାଜନ ନୁହେଁ; ଏକାଠି କରେ

ଭୁବନେଶ୍ୱର, ୮ ।୧(ସମିସ): ସାହିତ୍ୟ ସମାଲୋଚନାମୂଳକ ଆଲୋଚନା ଓ ନୈତିକ ପ୍ରତିଫଳନକୁ ପ୍ରତିପୋଷଣ କରିଥାଏ ବୋଲି ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ କହିଛନ୍ତି । ଗୁରୁବାର ସ୍ଥାନୀୟ ଏକ ହୋଟେଲରେ କଳିଙ୍ଗ ସାହିତ୍ୟ ମହୋତ୍ସବ (କେଏଲ୍ଏଫ)ର ଦ୍ୱାଦଶ ସଂସ୍କରଣର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ଶ୍ରୀ ସିଂହ ଏହା କହିଛନ୍ତି ।

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ ଏହି ମହୋତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ସାହିତ୍ୟକୁ ଏକ ଶକ୍ତି ଭାବେ ଉଲ୍ଲେଖ କରିଥିଲେ । ସେ କହିଥିଲେ, ସାହିତ୍ୟ ବିଭାଜନ କରେ ନାହିଁ ବରଂ ଏକାଠି କରିଥାଏ । ଶ୍ରୀଲଙ୍କାର ମନ୍ତ୍ରୀ ଡ. ଉପାଲି ପନ୍ନିଲାଜେ କହିଛନ୍ତି, ସାହିତ୍ୟ ରାଜନୈତିକ ସୀମାକୁ ଅତିକ୍ରମ କରିଥାଏ ଏବଂ ଦେଶଗୁଡ଼ିକୁ ମିଳିତ ଇତିହାସ ଓ ଆକାଂକ୍ଷାକୁ ପୁନଃଆବିଷ୍କାର କରିବାରେ ସାହାଯ୍ୟ କରିଥାଏ । କେଏଲ୍ଏଫ୍ ଭଳି ମହୋତ୍ସବଗୁଡ଼ିକୁ ଦକ୍ଷିଣ ଏସିଆରେ ଲୋକମାନଙ୍କ ମଧ୍ୟରେ ସଂଯୋଗକୁ ଗଭୀର କରୁଥିବାରୁ ସେ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଛନ୍ତି, ଓଡ଼ିଶା ହେଉଛି ସେହି ରାଜ୍ୟ ଯେଉଁଠାରେ ଚେତନା ଆଗରେ ମୁଣ୍ଡ ନୁଆଁଇଥାଏ ଖଣ୍ଡା । ଏକ ସମାଜ କେବଳ ସିମେଣ୍ଟ ନୁହେଁ ବରଂ ଚେତନା ଓ ବିବେକ ଆଧାରରେ ଗଠନ ହୋଇଥାଏ ଏବଂ ସାହିତ୍ୟ ଏହାର ରକ୍ଷକ । ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟ ଯୋଗଦେଇ କହିଥିଲେ




ଯେ ସାହିତ୍ୟ ହେଉଛି ସମାଜର ବିବେକ । ଏଥିରେ କେଏଲ୍ଏଫର ସିଇଓ ଓ ପୃଷ୍ଠପୋଷକ ଅଶୋକ କୁମାର ବଳ, କେଏଲ୍ଏଫର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ରଶ୍ମିରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇ କେଏଲ୍ଏଫ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ସମାଜସେବୀ ଡ. ସୌମ୍ୟରଞ୍ଜନ ସାମଲ, 'ସମ୍ବାଦ' ଗ୍ରୁପ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ତନୟା ପଟ୍ଟନାୟକ ଉପସ୍ଥିତ ଥିଲେ ।

ଏହି ଅବସରରେରେ ଡ. ବିନୋଦ ଚୌଧୁରୀଙ୍କ 'ମେଡ୍ ଇନ ନେପାଳ' ଏବଂ ଅଶୋକ କୁମାର ବଳଙ୍କ 'ସାମନ୍ତ ଚନ୍ଦ୍ରଶେଖର' ପତ୍ରାବଳୀ ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏହାସହ ଡ. ବିନୋଦ ଚୌଧୁରୀଙ୍କୁ 'କଳିଙ୍ଗ ଇଣ୍ଟରନ୍ୟାସନାଲ ଲିଭିଙ୍ଗ ଲିଜେଣ୍ଡ ଆୱାର୍ଡ', ଅଚ୍ୟୁତାନନ୍ଦ ପତିଙ୍କୁ 'କଳିଙ୍ଗ ଲିଟେରାରୀ ଆୱାର୍ଡ', ଡେଜି ରକ୍‌ୱେଲଙ୍କୁ 'କଳିଙ୍ଗ ଇଣ୍ଟରନ୍ୟାସନାଲ ଲିଟେରାରୀ ଆୱାର୍ଡ', ରଞ୍ଜନା ନିରୌଲାଙ୍କୁ 'କଳିଙ୍ଗ ଲିଟେରାରୀ ଆୱାର୍ଡ (ଯୁବ ଲେଖକ)', ପଣ୍ଡିତ ହରମୋହନ ଖୁଣ୍ଟିଆ ଓ ଗୋବର୍ଦ୍ଧନ ଦୋରାଙ୍କୁ 'ଓଡ଼ିଶା ଲିଭିଙ୍ଗ ଲିଜେଣ୍ଡ ଆୱାର୍ଡ' ପ୍ରଦାନ କରାଯାଇଥିଲା । ଏହାସହ କେଏଲ୍ଏଫ-ପେଙ୍ଗୁଇନ ରିଭ୍ୟୁ ପ୍ରୋଜେକ୍ଟ ଆୱାର୍ଡ ଓ କେଏଲ୍ଏଫ-ସମ୍ବାଦ ବୁକ୍ ରିଭ୍ୟୁ ଆୱାର୍ଡ ମଧ୍ୟ ପ୍ରଦାନ କରାଯାଇଥିଲା । ଏହି ମହୋତ୍ସବ ଆସନ୍ତା ଜାନୁଆରୀ ୧୧ ତାରିଖ ଯାଏ ଚାଲିବ ।

## କରଞ୍ଜିଆ ବଜାରରେ ଅଗ୍ନିକାଣ୍ଡ

କରଞ୍ଜିଆ, ୮।୧(ସମିସ): କରଞ୍ଜିଆ ବଜାରସ୍ଥିତ ଷ୍ଟାର୍ ମ୍ୟାଚିଓ ସେଣ୍ଟର୍, ସରିତା ଲୁଗା ଦୋକାନ ଓ ଗୋଦାମରେ ଆଜି ଭୋର୍‌ରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଲୁଗା ସମେତ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି । ଏଥିରେ କେହି ମୃତାହତ ହୋଇନାହାନ୍ତି । କରଞ୍ଜିଆ, ସାହାରପଡ଼ା, ଶୁକୃଳି, ଠାକୁରମୁଣ୍ଡା ଓ ଯଶିପୁରର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ । ଅଗ୍ନିକାଣ୍ଡର ଏତେ ଭୟଙ୍କର ଥିଲା ଯେ ୫୦ଜଣ ଆଗ୍ନିକ ଦୀର୍ଘ ସମୟ ଧରି ଅକ୍ଲାନ୍ତ ପରିଶ୍ରମ କରିଥିଲେ ହେଁ ସଂଧ୍ୟା ୫ଟା ପର୍ଯ୍ୟନ୍ତ ନିଆଁ ପୂରା ଲିଭି ନଥିଲା । ଅଗ୍ନିକାଣ୍ଡର କାରଣ ଜଣାପଡ଼ିନଥିଲେ ହେଁ ସର୍ଟସର୍କିଟ୍ ଯୋଗୁଁ ଏହି ଅଘଟଣ ଘଟିଥିବା ଅନୁମାନ କରାଯାଉଛି । କରଞ୍ଜିଆ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ସୂଚନାନୁଯାୟୀ, ବଜାରରେ ଅଗ୍ରୱାଲ ପରିବାରଙ୍କ ଘର ଓ ଦୋକାନ ରହିଛି ।

## ହୋଟେଲ ଶିଳ୍ପର ବାଦ୍‌ଶାହ ଓ ରାଜନେତା ଦିଲୀପ

ବିଶିଷ୍ଟ ରାଜନେତା ତଥା ସଫଳ ଶିଳ୍ପଦ୍ୟୋଗୀ ଦିଲିପ ରାୟଙ୍କର ଆଜି ଜନ୍ମଦିନ । ଉଭୟ ରାଜନୀତି ଏବଂ ବ୍ୟବସାୟରେ ସଫଳ ହୋଇଥିବା କେତେଜଣ ହାତଗଣତି ବ୍ୟକ୍ତିଙ୍କ ଭିତରେ ଅନ୍ୟତମ, କାଉନ୍‌ସିଲର ରୁ ରାଜନୀତି ଆରମ୍ଭକରି ବିଧାୟକ (୧୯୮୫) ଏବଂ ପରେ ପରେ ରାଉରକେଲାର ପ୍ରଥମ ମୁନିସ୍‌ପାଲଟିର ଚେୟାରମ୍ୟାନ ହେବାର ସୌଭାଗ୍ୟ ଅର୍ଜନ କରିପାରିଥିଲେ । ମାତ୍ର ୩୦ ବର୍ଷ ବୟସରେ ବିଧାୟକ ଏବଂ ୩୫ବର୍ଷ ବୟସରେ ବିଜୁବାବୁଙ୍କ ନେତୃତ୍ୱାଧୀନ ଜନତାଦଳ ସରକାରରେ ୧୯୯୦ ମସିହାରେ ଶିଳ୍ପ ମନ୍ତ୍ରୀ (କ୍ୟାବିନେଟ) ହୋଇଥିଲେ । ଲଗାତର ଭାବରେ ତିନିଜଣ ପ୍ରଧାନମନ୍ତ୍ରୀଙ୍କ ଅଧୀନରେ ୪ ଥର କେନ୍ଦ୍ରମନ୍ତ୍ରୀ ହେବାର ରେକର୍ଡ଼ ଏବେବି ଦିଲିପ ରାୟଙ୍କ ନାମରେ ଅଛି । ସ୍ୱାଧୀନ ଭାବରେ ରାଜ୍ୟସଭାକୁ ନିର୍ବାଚିତ ହୋଇଯିବାରେ ସେ ପ୍ରଥମ ଓଡ଼ିଆ । ୨୦୧୪ ମସିହାରେ ଲୋକସଭା ନିର୍ବାଚନରେ (ବିଜେପି) ରାଜ୍ୟରେ ଏକମାତ୍ର ଆସନ ସୁନ୍ଦରଗଡ଼ରୁ ଜୁଏଲ ଓରାମ୍‌ଙ୍କୁ ଜିତିବାରେ ଦିଲିପଙ୍କ ପ୍ରମୁଖ ଭୂମିକା ଥିଲା ।



**ଜନ୍ମଦିନ ଉପଲକ୍ଷେ**

୧୯୭୯ ମସିହାରୁ ଯାତ୍ରା ଆରମ୍ଭ କରିଥିବା ତାଙ୍କ ପରିଚାଳିତ ମେ ଫେୟାର ଗ୍ରୁପ ୨୦୨୦ ମସିହା କରୋନା ମହାମାରି ପରେ ବୁଲେଟ୍ ଟ୍ରେନ ପରି କ୍ଷିପ୍ର ଗତିରେ ଆଗେଇ ଚାଲିଛି । ଗତ ୫ବର୍ଷରେ ମେ ଫେୟାର ଗ୍ରୁପ୍‌ବିଭିନ୍ନ ରାଜ୍ୟରେ ପାଖାପାଖି ୧୦ ଟା ତାରକା ହୋଟେଲ୍ ଖୋଲିବାରେ ସଫଳ ହୋଇଛି । ଗତ ନଭେମ୍ବର ୫ ତାରିଖ ଦିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦ୍ୱାରା ପାରାଦୀପରେ ଉଦ୍‌ଘାଟିତ ହୋଇଛି ୧୫୦ ରୁମ୍ ବିଶିଷ୍ଟ MAYFAIR ON Sea । ୨୦୨୬ ଶେଷ ସୁଦ୍ଧା MAYFAIR Sanchauri and Convention ଠିଆ କରିବ ଭୁବନେଶ୍ୱର ଚନ୍ଦକା ଜଙ୍ଗଲ ସଂଲଗ୍ନ Elephant corridor ଠାରେ ଯାହା ହେବ ଭାରତର ସର୍ବବୃହତ Convention ଏବଂ ୪୦୦ କୋଠରୀ ବିଶଷ୍ଟ ପଞ୍ଚତାରକା ହୋଟେଲ । ଯେଉଁଠାରେ ଏକକାଳିନ ୫୦୦୦ ଲୋକଙ୍କର ବସିବା ୭୦୦ ଗାଡ଼ି ରହିବାର ବ୍ୟବସ୍ଥା ରହିଛି । ପଛକୁ ପଛ ଆସିବ (Siridi Airport) ନିକଟରେ MAYFAIR ପଞ୍ଚତାରକା ହୋଟେଲ ଏବଂ ସାତପଡ଼ା ଚିଲିକା ମୁହାଣରେ (MAYFAIR Chilika Resort) ।

୪୦ ଏକର ପରିମିତ ବଙ୍ଗୋପସାଗର (Vizag) ସାମ୍ନାରେ ଦୃତ ଗତିରେ ଆଗେଇ ଚାଲିଛି ୨୫୦ କୋଠରୀ ବିଶିଷ୍ଟ MAYFAIR - Ocean Vizag । ଯାହାକି ହେବ ଆନ୍ଧ୍ରପ୍ରଦେଶର ସବୁଠାରୁ ବଡ଼ ସାତତାରକା ହୋଟେଲ । ସମୁଦ୍ରକୂଳ, ହ୍ରଦ,ଜଙ୍ଗଲ,ନଦୀ, ଲାଗୁନ, ଟି ଗାର୍ଡେନ, ଏବଂ ଶୈଳ ନିବାସରେ ଠିଆ ହୋଇଥିବା ମେ ଫେୟାର ପ୍ରଥମ ଥର ପାଇଁ ସୌନ୍ଦର୍ଯ୍ୟପୂର୍ଣ୍ଣ Andaman ଓ Nikobara ରେ ପାଦ ଥାପିଛି । ୨୦୨୬ ଶେଷ ବେଳକୁ ମେ ଫେୟାରର ୨୫ ତମ ହୋଟେଲ ଅତିକ୍ରମ କରିବାରେ ସଫଳ ହୋଇସାରିଥିବ ଏବଂ ମେଫେୟାର ଗ୍ରୁପ୍ ବ୍ୟକ୍ତିଗତ ମାଲିକାନାରେ ଭାରତବର୍ଷର ସର୍ବବୃହତ ହୋଟେଲ ଗ୍ରୁପ୍‌ରେ ପରିଣତ ହୋଇସାରିଥିବ । ଏପରି ଜଣେ ସଫଳ ବ୍ୟକ୍ତିଙ୍କ ଜନ୍ମଦିନ ଅବସରରେ ଭଗବାନଙ୍କ ନିକଟରେ ତାଙ୍କୁ ଦୀର୍ଘାୟୁ କରିବାକୁ ପ୍ରାର୍ଥନା କରୁଛୁ । ■

ଦୁର୍ଗାପ୍ରସାଦ ମହାନ୍ତି, ରାଜନୈତିକ ସଚିବ

ସକାଳ THE SAKALA



# ଅଞ୍ଚଳ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



ପଦ୍ମପୁର, ୮।୧(ସମିସ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପରିସରରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଧିକାରୀ ପ୍ରାଧ୍ୟାପିକା ଝୁନୁ ପରିଡ଼ାଙ୍କ ସଭାପତିତ୍ୱରେ ଛାତ୍ରୀମାନଙ୍କ ପାଇଁ 'ଆତ୍ମସୁରକ୍ଷା ତାଲିମ ଶିବିର' ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ସମାଜରେ ନିଜର ସୁରକ୍ଷା ପାଇଁ ଆତ୍ମବିଶ୍ୱାସ ଓ କୌଶଳ ଶିଖିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ଆୟୋଜନ କରାଯାଇଛି। ଏଥିରେ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ବୁନି ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ ଦ୍ୱାରା ଛାତ୍ରୀମାନେ ଶାରୀରିକ ଓ ମାନସିକ ସ୍ତରରେ ସଶକ୍ତ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ।

ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ରୀନା ଧର୍ମବିନାୟକ ଓ ସୁରେଶ୍ୱରୀ ପାଣ୍ଡେ ଯୋଗ ଦେଇଥିଲେ। ଶେଷରେ ଅଧ୍ୟାପିକା ଡ.ସସ୍ମିତା ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ମହାବିଦ୍ୟାଳୟର +୨ ଓ +୩ ଶ୍ରେଣୀର ଶତାଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଛାତ୍ରୀମାନଙ୍କୁ ଅଧିକ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା କରାଯାଇଛି।

# ବୃକ୍ଷ ଶୂନ୍ୟ ହେବାରେ ଲାଗିଛି ବରଗଡ଼ ସହର

ବରଗଡ଼, ୮।୧(ସମିସ)

- ଧନୁଯାତ୍ରା ପରେ ସହର ଏବେ ବିଷ ବଳୟରେ
- ଜର୍ଜ ହାଇସ୍କୁଲ ପଡ଼ିଆରେ ପ୍ଲାଷ୍ଟିକ ଧୂଆଁ



ଦେଶରେ ଏବେ ପ୍ରଦୂଷଣ ଚର୍ଚ୍ଚା। ଏପରି ସ୍ଥଳେ କିନ୍ତୁ ସାରା ବରଗଡ଼ ସହର ଏକ ପ୍ରକାର ବିଷ ବଳୟ ମଧ୍ୟରେ ରହିଛି। ବିଶ୍ୱ ପ୍ରସିଦ୍ଧ ୭୮ ତମ ବରଗଡ଼ ଧନୁଯାତ୍ରା ମହୋତ୍ସବ ଗତ ୩ ତାରିଖରୁ ଉଦ୍‌ଯାପିତ ହୋଇଯାଇଛି। ହେଲେ ବରଗଡ଼ ବାସୀ ବିଷାକ୍ତ ଧୂଆଁରୁ ମୁକ୍ତି ପାଇପାରି ନାହାନ୍ତି। ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ମୀନାବଜାର ପଡ଼ିଥିଲା। ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ବେପାରୀ ମାନେ ବେଶ ଦୁଇ ପଇସା ଲାଭ ମଧ୍ୟ ପାଇଛନ୍ତି। ଖାଦ୍ୟ ବ୍ୟବସାୟୀ ମାନେ ମଧ୍ୟ ଲୋକଙ୍କୁ ଅଖାଦ୍ୟ ଖୁଆଇ ଲାଭବାନ ହୋଇଛନ୍ତି। ଏଥିପାଇଁ କେତେକ ଦୋକାନୀଙ୍କୁ ଦଣ୍ଡିତ ମଧ୍ୟ କରାଯାଇଛି। ଏତିକିରେ ବରଗଡ଼ର ସମସ୍ୟା ସମାଧାନ ହୋଇନାହିଁ ବରଂ ଆହୁରି ସମସ୍ୟା ସୃଷ୍ଟି କରିଛି। ଏବେ ମୀନାବଜାର ପଡ଼ିଆ ପ୍ଲାଷ୍ଟିକ ଆବର୍ଜନାରେ ଭର୍ତ୍ତି ହୋଇଛି। ଘରକୁ ଘର ଯାଇ ଅଳିଆ ବୁହା ଗାଡି ଶୁଖିଲା ଓ ଓଦା ମଇଳା ଅଲଗା ଅଲଗା ନେଉଥିବା ବେଳେ ଜର୍ଜ ହାଇସ୍କୁଲ ପଡ଼ିଆରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ପ୍ଲାଷ୍ଟିକ ଆବର୍ଜନା ପୋଡି ଦିଆଯାଉଛି। ସେଥିରୁ ବାହାରୁଥିବା ବିଷାକ୍ତ ବାୟୁ କାର୍ବନ ମୋନୋକ୍ସାଇଡ୍ ଓ ଡାଇଅକ୍ସିନ ଗ୍ୟାସ୍ ଯାହା ମଣିଷ ଶରୀର ପାଇଁ ଅତିମାତ୍ରାରେ କ୍ଷତିକାରକ ତାହା ସହରର ବାୟୁମଣ୍ଡଳକୁ ବିଷାକ୍ତ କରିବାରେ ଲାଗିଛି। କ୍ଷତିକାରକ ବୋଲି ଜାଣି ସୁଦ୍ଧା କୌଣସି ଦୁର୍ବୃତ୍ତ ପଡ଼ିଆର ପ୍ଲାଷ୍ଟିକ ମଇଳାରେ ନିଆଁ ଲଗାଇ ଦେଇଛି। ସରକାର ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ଭାବେ ବାରଣ କରିଥିବା ବେଳେ ଏତେ ସଂଖ୍ୟାରେ ପ୍ଲାଷ୍ଟିକ କୋଉଠୁ ଆସିଲା ତଦନ୍ତ ସାପେକ୍ଷ ବୋଲି ମତ ପ୍ରକାଶ ପାଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତୁରନ୍ତ ଏ ଦିଗରେ ତଦନ୍ତ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହେଉଛି। ଭବିଷ୍ୟତରେ ବରଗଡ଼ ଜିଲ୍ଲା ପ୍ରଶାସନ ଏଥିପ୍ରତି ସଚେତନ ହେବା ସହ ବରଗଡ଼ ସହରକୁ ପ୍ଲାଷ୍ଟିକ ମୁକ୍ତ କରି ଏକ ସବୁଜ ସହରରେ ପରିଣତ କରିବା ନିହାତି ଆବଶ୍ୟକ ବୋଲି ବିଶିଷ୍ଟ ପରିବେଶବିତ ଡାକ୍ତର ରାମକୃଷ୍ଣ ପୁରୋହିତ କହିଛନ୍ତି। ଆଉ ଏଥିରେ ସମସ୍ତ ବରଗଡ଼ ବାସୀଙ୍କ ସହଯୋଗ ମଧ୍ୟ କାମନା କରିଛନ୍ତି।

## ତହସିଲରେ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି

ବରପାଲି, ୮।୧(ସମିସ): ବରପାଲି ତହସିଲ କାର୍ଯ୍ୟାଳୟ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଉପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ରୁକ୍ମଣ ମେହେର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବ୍ଲକ ଅଧିକାରୀ ସୁମନ୍ତ କୁମ୍ଭାର, ଏନଏସି ଅଧିକାରୀ ଭୁବନ ଶତପଥୀ, ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାରା, ଡାକ୍ତରଖାନା ମୁଖ୍ୟ ଚିକିତ୍ସା ଅଧିକାରୀ ରାଜେଶ ବେହେରା, ଏନଏସି ଅଧ୍ୟକ୍ଷ ଦିନେଶ ଗହୀର, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ, ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ନାରାୟଣ ଭୁଏ ତଥା ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସକାଳେ ମୁଖ୍ୟଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ପୂର୍ବକ ପାରେଡରେ ଅଭିବାଦନ ଗ୍ରହଣ କରାଯିବ। ଅପରପକ୍ଷରେ ସାଧାରଣତନ୍ତ୍ର ଦିବସ ପାଳନ ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପରେ ପାରେଡ ପଡ଼ିଆରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ରହିଛି। ସୂଚନାଯୋଗ୍ୟ, ସାଧାରଣତନ୍ତ୍ର ଦିବସରେ ପତାକା ଉତ୍ତୋଳନ ବେଳେ ପେଣ୍ଡାଲରେ ମୁଖ୍ୟ ଅତିଥି ତଥା ପ୍ରଶାସନିକ ବିଭାଗ ବ୍ୟତୀତ ଅନାବଶ୍ୟକ ଲୋକଙ୍କ ଉପସ୍ଥିତିକୁ ବାରଣ କରିବାକୁ ନିର୍ଦ୍ଦେଶ ରହିଛି। ଏହାସହ ପାରେଡ ପଡ଼ିଆକୁ ପୋଲିସ ବାହିନୀଙ୍କ ଛଡ଼ା ଅନ୍ୟ ବ୍ୟକ୍ତି ମାନଙ୍କର ପ୍ରବେଶ ଉପରେ ଆଙ୍କୁଶ ଲଗାଇବାକୁ ଜୋର ଦିଆ ଯାଇଥିଲା।

## ମଧ୍ୟସ୍ଥତା ମାଧ୍ୟମରେ ମାମଲାର ସମାଧାନ ପାଇଁ ଦେଶବ୍ୟାପୀ ଅଭିଯାନ

ବରଗଡ଼, ୮।୧(ସମିସ): ମଧ୍ୟସ୍ଥତା ମାଧ୍ୟମରେ ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ତାଲୁକ ସ୍ତରର ଅଦାଲତରେ ଥିବା ସମସ୍ତ ବିଚାରଧିନ ମାମଲା ଗୁଡିକର ସରଳ ଓ ସହଜ ସମାଧାନ ନିମନ୍ତେ ସମଗ୍ର ଦେଶରେ ୨ ତାରିଖ ଠାରୁ ଦ୍ୱିତୀୟଥର ପାଇଁ ଅଭିଯାନ ଚାଲୁଛି। ଏହା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବରଗଡ଼ ସମେତ ତାଲୁକ ଆଇନସେବା କାର୍ଯ୍ୟାଳୟ ପଦ୍ମପୁର, ସୋହେଲା, ବରପାଲି ଓ ଭେଡେନ ପରିସରରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିଭୂତି ଭୂଷଣ ନାୟକ ସୂଚନା ଦେଇଛନ୍ତି। ଏହି ମଧ୍ୟସ୍ଥତା କାର୍ଯ୍ୟକ୍ରମ ମାଧ୍ୟମରେ କୋର୍ଟରେ ବିଚାରଧୀନ ଥିବା ସମସ୍ତ ବୈବାହିକ ମାମଲା, ଗାଡିମୋଟର ଦୁର୍ଘଟଣା ଜନିତ ମାମଲା, ଘରୋଇ ହିଂସା, ଚେକ୍ ବାଉନ୍ସ, ବାଣିଜ୍ୟିକ ବିବାଦ ମାମଲା, ନିଯୁକ୍ତି ବା ଚାକିରି ସମ୍ବନ୍ଧୀୟ ମାମଲା, ସାଲିସ୍ ଯୋଗ୍ୟ ଫୌଜଦାରି ମାମଲା, ଖାଉଟି ସୁରକ୍ଷା, ଋଣ ଅନାଦେୟ ଜମିବାଡି ଭାଗ ବଣ୍ଟା ଓ ଓ ଉଚ୍ଛେଦ/ବେଦଖଲ ମାମଲା, ଜମି ଅଧିଗ୍ରହଣ ଏବଂ ଅନ୍ୟାନ୍ୟ ସମସ୍ତ ପ୍ରକାରର ଦେୱାନି ମାମଲା ଗୁଡିକ ମଧ୍ୟସ୍ଥତା ମାଧ୍ୟମରେ ସମାଧାନ କରାଯାଇପାରିବ ବୋଲି ସୂଚନା ଦେଇଛନ୍ତି। ଏହାର ସୁଯୋଗ ନେଇ ମାମଲାର ପରିସମାପ୍ତି କରିବା ଦ୍ୱାରା ଜନସାଧାରଣଙ୍କ ସମୟ ଏବଂ ଖର୍ଚ୍ଚ ଅପଚୟ ହେବାରୁ ରକ୍ଷା ପାଇପାରିବେ। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ମଧ୍ୟସ୍ଥତା ମାଧ୍ୟମରେ ସମସ୍ତ ବିଚାରଧିନ ମାମଲାର ସମାଧାନ କରିବା। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବରଗଡ଼ ବା ତାଲୁକ ଆଇନସେବା କାର୍ଯ୍ୟାଳୟ ପଦ୍ମପୁର, ସୋହେଲା, ବରପାଲି ଓ ଭେଡେନ ସହିତ ଜନସାଧାରଣ ଯୋଗାଯୋଗ କରିପାରିବେ। ରାଷ୍ଟ୍ରୀୟ ନିଃଶୁଳ୍କ ଆଇନଗତ ସହାୟତା ନମ୍ବର ୧୫୧୦୦ ରହିଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବରଗଡ଼ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହେବ।

## ବରଗଡ଼ ନାଗରିକ ମଞ୍ଚର ସାଧାରଣ ସଭା

ବରଗଡ଼, ୮।୧(ସମିସ): ବରଗଡ଼ର ଅଗ୍ରଣୀ ସାମାଜିକ ସଂଗଠନ ବରଗଡ଼ ନାଗରିକ ମଞ୍ଚର ନୂତନ ବର୍ଷର ପ୍ରଥମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚାଷୀ ମାନଙ୍କ ଧାନ ବିକ୍ରି ସମସ୍ୟା, ବରଗଡ଼ ସହର ଲେଙ୍ଗୁ ମିଶ୍ର ଛକରୁ ଜିରା ବ୍ରିଜରାସ୍ତା ପ୍ରଶସ୍ତୀକରଣ ଓ ଜବରଦଖଲ ଉଚ୍ଛେଦ ବିଷୟ ଆଲୋଚନା ହୋଇଥିଲା। ସେହିପରି ବରଗଡ଼ ସହର ମଧ୍ୟରେ ଥିବା ହସ୍ପିଟାଲ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲାଗିରହିଥିବା ଅବ୍ୟବସ୍ଥା, ସହର ମଧ୍ୟରେ ଧୂଳି ପ୍ରଦୂଷଣ ଓ ବରଗଡ଼ କେନାଲରେ ହେବାକୁ ଥିବା କନଡୁଇଟ ବକ୍ସର କୁପ୍ରଭାବ ବିଷୟରେ ଆଲୋଚନା ହୋଇଥିଲା। ମଞ୍ଚର ସଭାପତି ଭୀଷ୍ମଦେବ ସରାଫ ଏଥିରେ ସଭାପତିତ୍ୱ କରିଥିଲେ। ମଞ୍ଚର ପରାମର୍ଶଦାତା ଆଇନଜୀବୀ ନିଧୁ ବନ ବିହାରି ପ୍ରସାଦ ପଣ୍ଡାଙ୍କ ଜନ୍ମଦିନରେ ସଦସ୍ୟ ମାନେ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଭବାନୀ ସାହୁ, ଶୟନ ପଣ୍ଡା, ଟିଙ୍କୁ ନନ୍ଦ, ନିଖିଳ ପାଣିଗ୍ରାହୀ, ଗୋବିନ୍ଦ ଶର୍ମା, ଜିଭିରାଓ, ଗଙ୍ଗା ପୂଝାରୀ, ନିତ୍ୟାନନ୍ଦ ବାଗ, ସୁଧୀର ବରିହା, ଶ୍ରବଣ ଶର୍ମା, ବାସୁଦେବ ଦାଶ, ମହେନ୍ଦ୍ର ପୁରୋହିତ, ଲାଲା ଦୀପ, ମୁକୁନ୍ଦ ତାଣ୍ତି, ରତନ ତାଣ୍ତି, ବାସୁଦେବ ବୁଡେକ ଉପସ୍ଥିତ ଥିଲେ।



## ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଗାଇସିଲେଟ, ୮।୧(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟର ପରିସରରେ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ନେଇ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ମାଷ୍ଟର ଟ୍ରେନର ଭାବେ ମାଧବୀ ସାହୁ ଛାତ୍ରୀ ମାନଙ୍କୁ ଦୀର୍ଘ ୮ ଦିନ ଧରି ଆତ୍ମସୁରକ୍ଷା ସମ୍ବନ୍ଧୀୟ କୌଶଳର ତାଲିମ ପ୍ରଦାନ କରିବେ। ମହାବିଦ୍ୟାଳୟର ୧୫୫ ଜଣ ଛାତ୍ରୀ ମାନଙ୍କ ମଧ୍ୟରୁ ୧୫୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ତାଲିମ ଶିବିରର ପରାମର୍ଶଦାତ୍ରୀ ତଥା ସଂଯୋଜିକା ଡ.ବୀଣାପାଣି ତାଣ୍ଡିଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହେଉଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀ, ପ୍ରାଧ୍ୟାପକ ପ୍ରଦୀପ ପଧାନ, ନାରାୟଣ ମିଶ୍ର, ଅଧ୍ୟାପକ ବାଚସ୍ପତି ପଧାନ, ଖେଳ ଶିକ୍ଷକ ହେମନ୍ତ ପଣ୍ଡା ଶିବିର ପ୍ରାରମ୍ଭରୁ ଛାତ୍ରୀ ମାନଙ୍କୁ ଆତ୍ମସୁରକ୍ଷା ପାଇଁ ଛାତ୍ରୀ ମାନଙ୍କର ତାଲିମ ଗ୍ରହଣ ନିତାନ୍ତ ଆବଶ୍ୟକ ବୋଲି କହିଥିଲେ।



## ଝରାପାଲି ମାର୍କେଟରେ ପାନୀୟଜଳ ସମସ୍ୟା ଦୂର ପାଇଁ ଦାବି

ଥୁଆପାଲି, ୮।୧(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ମହୁଲପାଲି ଠାରୁ ଆସୁଥିବା ମେଗା ପ୍ରକଳ୍ପ ପାନୀୟଜଳ ସଂକ୍ରିଡ଼ା ପଞ୍ଚାୟତର ଝରାପାଲି ମାର୍କେଟ, ଥୁଆପାଲି ଠାରେ ମେଗା ପାନୀୟଜଳ ପ୍ରକଳ୍ପରେ ଠିକ ଭାବେ ପାନୀୟଜଳ ଯୋଗାଣ ହୋଇପାରୁ ନାହିଁ। ସରକାର ପାନୀୟଜଳ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା କହୁଥିବା ବେଳେ ତାହା ଜନସାଧାରଣଙ୍କ କାମ ଆସୁନାହିଁ। ଅଧିକାଂଶ ଜାଗାରେ ପାଇପ ଫାଟି ପାଣି ଲିକ ହୋଇ ରାସ୍ତା ଉପରେ ନଷ୍ଟ ହେଉଛି। ଏହାଦ୍ୱାରା ଜଳ ନଷ୍ଟ ହେବା ସହ ଯାତାୟାତରେ ଅସୁବିଧା ହେଉଛି। ଅନେକ ସ୍ଥାନରେ କଳ ଲାଗି ନାହିଁ ଏବଂ କେତେକ ସ୍ଥାନରେ କଳ ଲାଗିଥିଲେ ପାଣି ଆସୁ ନାହିଁ। ଏଣୁ ଅଞ୍ଚଳରେ ଗ୍ରୀଷ୍ମ ଋତୁ ପୂର୍ବରୁ ମଧ୍ୟ ପାନୀୟଜଳର ଅସୁବିଧା ଦେଖା ଦେଇଛି। ତେଣୁ ପାନୀୟଜଳର ତୁରନ୍ତ ବ୍ୟବସ୍ଥା କରିବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଆସୁଛି। ବରଗଡ଼ ଜିଲ୍ଲା ମେଗା ପାନୀୟଜଳ ପ୍ରକଳ୍ପ ବିଭାଗ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ଝରାପାଲି ମାର୍କେଟ ଥୁଆପାଲି ଗ୍ରାମବାସୀ ଏହି ଦାବି କରିଛନ୍ତି।

## ମନ୍ଦିର ପ୍ରତିଷ୍ଠା ଉତ୍ସବ

ବରପାଲି, ୮।୧(ସମିସ): ବରପାଲି ବ୍ଲକ ତୁଲଣ୍ଡି ଗାଁରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଏହି ଉପଲକ୍ଷେ ଗୁରୁବାର ଏକ ପୂର୍ଣ୍ଣକୁମ୍ଭ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଭଗବାନ ଶ୍ରୀରାମଙ୍କ ପୂଜାର୍ଚ୍ଚନା ପରେ ଆଜ୍ଞାମାଳ ଆସିଥିଲା। ଏହାପରେ ହଜାର ହଜାର ସଂଖ୍ୟାରେ ଭକ୍ତ କଳସ ଶୋଭାଯାତ୍ରାରେ ବାହାରି ପରିକ୍ରମା ସହ ପୂଜାମଣ୍ଡପରେ ପହଞ୍ଚିଥିଲେ। ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ପାଇଁ ପୂଜାକର୍ତ୍ତା ଭାବେ ସନାତନ ସାହୁ, ଅନୁସୂୟା ସାହୁ, ସରୋଜ ସାହୁ, ତନୟା ସାହୁ, ସୁଦର୍ଶନ ସାହୁ, ଅନିତା ସାହୁ, ନିରଞ୍ଜନ ସାହୁ, ସସ୍ମିତା ସାହୁ ପ୍ରମୁଖ କାର୍ଯ୍ୟଭାର ତୁଲାଉଛନ୍ତି। ହନୁମାନ ମନ୍ଦିର ପ୍ରତିଷ୍ଠା ନିମନ୍ତେ ରଘୁନାଥ ଷଡ଼ଙ୍ଗୀ, ଗୀତାଞ୍ଜଳି ଷଡ଼ଙ୍ଗୀ ଏବଂ ଗାଁଦେବୀ ମନ୍ଦିର ପୂଜାକର୍ତ୍ତା ରୂପେ ଗଙ୍ଗାଧର ସାହୁ, ନିରାଶ ସାହୁ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ନିକଟ ପଡୋଶୀ ଗାଁ କାଇଁଶିରରୁ ଶତାଧିକ ଭକ୍ତ ମଉଳାଭାର ଶୋଭାଯାତ୍ରାରେ ଆସି ଉତ୍ସବରେ ସାମିଲ ହୋଇଥିଲେ। କଳସ ଶୋଭାଯାତ୍ରା ପ୍ରତିଷ୍ଠା କମିଟି ସଭାପତି ଲୋକନାଥ ତ୍ରିପାଠୀ, ସମ୍ପାଦକ କମଳେଶ ଭୋଇ, ରାଘବ ଭୋଇ, ସୁଦାମ ଶତପଥୀ, ଆଲୋକ ଶତପଥୀ, ବନବସ ନାଏକ, ନେପାଳ ଥପା, ରମାକାନ୍ତ ତ୍ରିପାଠୀ, ପ୍ରଦୀପ ଶତପଥୀ, ଗଣେଶ ପଟେଲ, ଗଙ୍ଗାଧର ବାଗ, ଅଲେଖ ଭୋଇ ପ୍ରମୁଖଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଉତ୍ସବର ମୁଖ୍ୟ ପଣ୍ଡିତ ଛନ୍ଦାଚରଣ ରଥଙ୍କ ନେତୃତ୍ୱରେ ପଣ୍ଡିତ ରବି ରଥ, ହୃଷିକେଶ ହୋତା, ନବ ରଥ, ଗୋପାଳ ଶତପଥୀ, ସୁଶାନ୍ତ ଦାଶ, ଡାଳେଶ୍ୱର ରଥ ପ୍ରମୁଖ ସମସ୍ତ ପୂଜା ଦାୟିତ୍ୱ ତୁଲାଉଛନ୍ତି। ପ୍ରତିଦିନ ରାତ୍ର ସମୟରେ ଭିନ୍ନଭିନ୍ନ ଶୈଳୀର ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମୁକ୍ତାକାଶ ରଙ୍ଗମଞ୍ଚ ଖୋଲା ନାଟକ ରାବଣ ଦରବାର ମଞ୍ଚସ୍ଥ ବ୍ୟବସ୍ଥା କରାଯାଇଛି। ଏହାସହ ମୀନାବଜାର, ଦୋଳି ଖେଳ ଆଦିର ଆୟୋଜନ ହୋଇଛି।

## ଲେଙ୍ଗୁ ମିଶ୍ର ଷ୍ଟାଡିୟମରେ ଅଣ୍ଡର ୧୪ କ୍ରିକେଟ ଚୟନ ପ୍ରକ୍ରିୟା

### ସାମ୍ବାଦିକ ସଂଘ ସହଯୋଗରେ ଉପକୃତ ହେଲେ ଝାରବନ୍ଧ ବ୍ଲକ୍ ଖେଳାଳି

ବରଗଡ଼, ୮।୧(ସମିସ): ବରଗଡ଼ ସ୍ଥିତ ଲେଙ୍ଗୁ ମିଶ୍ର ଷ୍ଟାଡିୟମରେ ୧୪ ବର୍ଷରୁ କମ ବୟସର ବାଳକ ବିଭାଗ କ୍ରିକେଟ ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଚୟନ ପ୍ରକ୍ରିୟାରେ ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅଧୀନ ବୈତାଳି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସିଆରସିସି ଦିବସ ସାହୁ ନିଜେ ଛାତ୍ରମାନଙ୍କୁ ନେଇ ବରଗଡ଼ ପହଞ୍ଚିବା ସହ ସେମାନଙ୍କୁ ସହଯୋଗ କରିଥିଲେ। ଏଥିରେ ଝାରବନ୍ଧ ଅଞ୍ଚଳରୁ ଛାତ୍ରମାନେ ଚୟନ ପ୍ରକ୍ରିୟାରେ ଯୋଗଦେବା ପାଇଁ ଆସିଥିଲେ। କିନ୍ତୁ ପୂର୍ବରୁ ସବିଶେଷ ସୂଚନା ନ ଥିବାରୁ ଗୋଟିଏ ଦିନରେ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଯିବ ବୋଲି ଧାରଣା କରି ଗାଡି ଭଡା କରି ବରଗଡ଼ରେ ପହଞ୍ଚିଥିଲେ। ପ୍ରଥମ ଦିନ କେବଳ ବୋଲିଂ ପରୀକ୍ଷା ହୋଇଥିବା ବେଳେ ବ୍ୟାଟିଂ ପରୀକ୍ଷା ପାଇଁ ପରଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ଏହାର ଫଳସ୍ୱରୂପ ଛାତ୍ରମାନେ ଓ ସହଯୋଗୀ ଶିକ୍ଷକମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସକାଳ ୮ଟାରେ ପୁନଃ ଷ୍ଟାଡିୟମରେ ପହଞ୍ଚିବା ସମ୍ଭବ ନ ଥିବା ସହିତ, ଚୟନକର୍ତ୍ତାଙ୍କ ତରଫରୁ ରହିବା, ଖାଇବା ପିଇବା ପାଇଁ କୌଣସି ବ୍ୟବସ୍ଥା ନ ଥିବା କଥା ଜଣାପଡ଼ିଥିଲା। ପ୍ରବଳ ଶୀତରେ ୧୪ ବର୍ଷରୁ କମ ବୟସରେ ଛାତ୍ର ମାନଙ୍କୁ ବରଗଡ଼ ସହରରେ କୋଉଠି କେମିତି ରଖିବେ ଏହି ଚିନ୍ତା ଦିବସଙ୍କୁ ଘାରିଥିଲା। ଅଳ୍ପ ଦିନ ପୂର୍ବରୁ ବରଗଡ଼ ସାମ୍ବାଦିକ ସଂଘକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅଶ୍ୱିନୀ ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ସେଠାରେ ପିଲାଙ୍କୁ ରଖିବା ପାଇଁ ସେ ଚିନ୍ତା କରିଥିଲେ। ପରେ ବରଗଡ଼ ସାମ୍ବାଦିକ ସଂଘର କାର୍ଯ୍ୟକର୍ତ୍ତା ମାନଙ୍କ ସହ ଯୋଗାଯୋଗ କରିଥିଲେ। ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ସାମ୍ବାଦିକ ସଂଘ ଅତ୍ୟନ୍ତ ତତ୍ପରତା ସହ ଛାତ୍ରମାନଙ୍କ ପାଇଁ ରହିବାର ସୁବ୍ୟବସ୍ଥା କରିଥିଲେ। କେବଳ ଗୋଟିଏ ହଳ ପୋଷାକ ନେଇ ଆସିଥିବା ଛାତ୍ରମାନଙ୍କ ପାଇଁ ଗଦି ଓ କମ୍ବଳର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ସାମ୍ବାଦିକ ସଂଘ ପକ୍ଷରୁ ପ୍ରେମାନନ୍ଦ ଖମାରୀ ଓ ବଦ୍ରୀ ପ୍ରସାଦ ସାହୁ ନିଜେ ଉପସ୍ଥିତ ହୋଇ ସମସ୍ତ ବ୍ୟବସ୍ଥା ବୁଝିଥିଲେ। ସାମ୍ବାଦିକ ସଂଘର ଏହି ମାନବିକ ଓ ସହଯୋଗୀ ପଦକ୍ଷେପ ପାଇଁ ବୈତାଳି କ୍ଲଷ୍ଟର ପକ୍ଷରୁ ଗଭୀର କୃତଜ୍ଞତା ପ୍ରକାଶ କରାଯାଇଛି। ଏହି ସହଯୋଗ ପାଇଁ ଛାତ୍ରମାନେ ତଥା ସିଆରସିସି ଦିବସ ସାହୁ ବରଗଡ଼ ସାମ୍ବାଦିକ ସଂଘକୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଉଲ୍ଲେଖନୀୟ ଯେ, ବରଗଡ଼ ଠାରୁ ଝାରବନ୍ଧ ପର୍ଯ୍ୟନ୍ତ ଦୂରତା ପାଖାପାଖି ୧୪୦ କିମି ଥିବାରୁ ଛାତ୍ରମାନଙ୍କ ପାଇଁ ଦୁଇଥର ଯାତାୟାତ କରିବା ସମ୍ଭବପର ନଥିଲା। ଏମିତି ସ୍ଥିତିରେ ସାମ୍ବାଦିକ ସଂଘର ସମୟୋଚିତ ସହଯୋଗ ଦ୍ୱାରା କୁନି ଖେଳାଳିମାନେ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ସାମ୍ବାଦିକ ସଂଘର ଏହି ସହଯୋଗ ଓ ମାନବିକତା କ୍ରୀଡା ପ୍ରତି ଉତ୍ସାହୀ ଛାତ୍ରମାନଙ୍କ ପାଇଁ ଏକ ନୂଆ ଆଶା ଓ ପ୍ରେରଣା ହୋଇ ଉଭୟ ଅଞ୍ଚଳରେ ପ୍ରଶଂସାର ବିଷୟ ହୋଇଛି।



# ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟନ ପୂର୍ବରୁ ଉତ୍ତେଜନା

- ପ୍ରାପ୍ୟ ନ ପାଇଲେ ଆତ୍ମାହୁତି ଚେତାବନୀ ଦେଇ ତାଲା ପକାଇଲେ ଠିକାଦାର
- ପୁଲିସ ଉପସ୍ଥିତିରେ ତାଲା ଖୋଲିବା ପରେ ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ



ଭେଡେନ, ୮।୧(ସମିସ)

ଭେଡେନ ବ୍ଲକରେ ଗୁରୁବାର ବିଧାୟକ ନିହାର ରଞ୍ଜନ ମହାନନ୍ଦ ଭେଡେନ, ପପଙ୍ଗା, ମାନପୁର, ଡାଲବ, ସଂକ୍ରିଡ଼ା, ଅର୍ଜୁଣ୍ଡା ଆଦି ପଞ୍ଚାୟତକୁ ଯାଇ ମୁଖ୍ୟ ଅତିଥି ଭାବେ ୧୧ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ହେଲେ ମାନପୁର ୧, ମାନପୁର ୨, କାଣ୍ଡପାଲି ଅଙ୍ଗନବାଡି କେନ୍ଦ୍ର ଉଦ୍‌ଘାଟନ ପୂର୍ବରୁ ବିବାଦ ଦେଖା ଦେଇଥିଲା। ଉକ୍ତ କେନ୍ଦ୍ରକୁ ନିର୍ମାଣ କରିଥିବା ଠିକାଦାର ମାନପୁର ଗାଁର ପଦ୍ମଲୋଚନ ମଲ୍ଲିକ ବିଲ ପାଇ ନଥିବାରୁ ପ୍ରତିବାଦରେ କେନ୍ଦ୍ରଟିରେ ତାଲା ପକାଇ ଦେଇଥିଲେ। ମାନପୁର କେନ୍ଦ୍ରର କାନ୍ଥରେ 'ମତେ ୧୦ ଦିନ ଭିତରେ ଦେୟ ନଦେଲେ ବ୍ଲକ କାର୍ଯ୍ୟାଳୟ ପରିସରରେ ଆତ୍ମାହୁତି ଦେବି' ବୋଲି ଲିଖିତ ଆକାରରେ ଏକ ଅଭିଯୋଗ ପତ୍ର ଲଗାଇଥିଲେ। ତେବେ ବିଧାୟକଙ୍କ ଉଦ୍‌ଘାଟନ କାର୍ଯ୍ୟକ୍ରମ ପୂର୍ବରୁ ନବ ନିର୍ମିତ କେନ୍ଦ୍ରରେ ତାଲା ଝୁଲୁ ଥିବାରୁ ବିଜେପି କର୍ମୀ ନିଆଁବାଣ ହୋଇଥିଲେ। ବିଧାୟକ ଆସୁଥିବାର ଜାଣି ପୁଲିସ ଉପସ୍ଥିତିରେ ତୁରନ୍ତ ତାଲା ଖୋଲା ଯାଇଥିଲା। ପରେ ବିଧାୟକ ମହାନନ୍ଦ ଆସି କେନ୍ଦ୍ରକୁ ଉଦ୍‌ଘାଟିତ କରିଥିଲେ। ସେପଟେ ନିର୍ମାଣ କରିଥିବା ଠିକାଦାରଙ୍କ ସୂଚନା ଅନୁଯାୟୀ, କେନ୍ଦ୍ର ଗୁଡିକ ଆଜି ଉଦ୍‌ଘାଟନ ହେଉଥିଲେ ମଧ୍ୟ ସେ ବର୍ତ୍ତମାନ ପର୍ଯ୍ୟନ୍ତ ନିର୍ମାଣଧୀନ ସରକାରୀ ଅର୍ଥ ପାଇ ନଥିବା କହିଛନ୍ତି। ଏହାସହ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଟଙ୍କା ତାଙ୍କୁ ମିଳିନାହିଁ ବୋଲି ନାହିଁ ବୋଲି ସୂଚନା ଦେଇଛନ୍ତି। ଫଳରେ ସେ ଶ୍ରମିକ, ମିସ୍ତ୍ରୀ, ଗେଟି ସିମେଣ୍ଟ ମାଲିକଙ୍କୁ ଟଙ୍କା ଦେଇ ନ ପାରି ଭୀଷଣ ଦୁଶ୍ଚିନ୍ତାରେ କାଳାତିପାତ କରୁଛନ୍ତି ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏବିଷୟରେ ସେ ସମୟରେ ଥିବା କନିଷ୍ଠ ଯନ୍ତ୍ରୀ ପ୍ରଦୀପ ପଧାନଙ୍କୁ ପଚରା ଯିବାରୁ, ଯେତିକି କାମ ହୋଇଥିଲା, ସେତିକରି ବିଲ ପୈଠ ହୋଇ ସାରିଥିବା କହିଛନ୍ତି। ବର୍ତ୍ତମାନ ଦାୟିତ୍ୱ ନେଇଥିବା ଯନ୍ତ୍ରୀ ନୀଳାକାର କାନଡାରାଙ୍କୁ ପଚରା ଯିବାରୁ ସେ ଏହି ବିଷୟରେ କିଛି ଜାଣି ନ ଥିବା କହିବା ସହ କାଗଜପତ୍ର ଦେଖିଲେ ଯାଇ କିଛି କହିହେବ ବୋଲି ପ୍ରକାଶ କରିଥିଲେ। ଏହି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଲାଗି ରହିଛି।

## ଶତାୟୁ ବାଞ୍ଛାନିଧି ପାତ୍ରଙ୍କ ପରଲୋକ

ମେଲଛାମୁଣ୍ଡା, ୮।୧(ସମିସ): ଘେଁସ ନିକଟସ୍ଥ ସାର୍ଗୁଣାପାଲି ଗାଁର ୧୦୨ ବର୍ଷ ବର୍ଷିୟ ବୃଦ୍ଧ ବାଞ୍ଛାନିଧି ପାତ୍ରଙ୍କ ଗୁରୁବାର ପରଲୋକ ଘଟିଛି। ସେ ପରିଣତ ବୟସରେ ପହଞ୍ଚିଥିଲେ ମଧ୍ୟ ଶାରୀରିକ ଭାବେ ବୟସ ଦୃଷ୍ଟିରୁ ସୁସ୍ଥ ଥିଲେ। ଆଜି ହଠାତ୍ ଅସୁସ୍ଥ ହୋଇ ତାଙ୍କର ପରଲୋକ ହୋଇଛି। ସେ ଜଣେ ଧର୍ମ ପରାୟଣ ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ତାଙ୍କ ପୁତ୍ର ଯୁଧିଷ୍ଠିର ପାତ୍ର, ପରିବାର ସଦସ୍ୟ, ବନ୍ଧୁ ବାନ୍ଧବ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।



## ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ପକ୍ଷରୁ ନାମ ଲେଖା ଓ ସଚେତନତା କାର୍ଯ୍ୟକ୍ରମ

ବରଗଡ଼, ୮।୧(ସମିସ): ସିମେଣ୍ଟ ନଗର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ମେଗା ନାମ ଲେଖା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବ ଜୀବନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥି ଭାବେ ବରଗଡ଼ ବିଇଓ ଡ.ସୁରେନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ଯୋଜନା ମୁତାବକ ଅଧାରୁ ପାଠ ଛାଡିଥିବା କିମ୍ବା ୪ର୍ଥ ଶ୍ରେଣୀ ପଢ଼ିଥିବା ଛାତ୍ରଛାତ୍ରୀ ସିଧାସଳଖ ମାଟ୍ରିକ ଦେବା ଏବଂ ମାଟ୍ରିକ ପାସ କରି ଯୁକ୍ତ ଦୁଇରେ ନାମ ଲେଖାଇ ପାରି ନ ଥିବା କିମ୍ବା ଫେଲ ହୋଇଥିବା ଛାତ୍ରଛାତ୍ରୀ ମୁକ୍ତ ବିଦ୍ୟାଳୟ ଅଧୀନରେ କିପରି ସେହି ପରୀକ୍ଷା ଦେଇ ପାରିବେ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।

ସମ୍ମାନିତ ଅତିଥି ଭାବେ ବରଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମାକାନ୍ତ ମେହେର, ପୂର୍ବତନ ଶିକ୍ଷକ କପିଳେଶ୍ୱର ବାଗ, ସିଆରସିସି ପାର୍ବତୀ ସାହୁ, ଗୋପିକାନ୍ତ ମେହେର, ରୀମା ଭୋଇ, ପ୍ରମୁଖ ଉପସ୍ଥିତ ଥିଲେ। ଯୋଜନାରେ ନାମ ଲେଖାଇବାକୁ ଚାହୁଁଥିବା ଆଗ୍ରହୀ ଛାତ୍ରଛାତ୍ରୀଙ୍କ ପାଇଁ ବୟସ ଓ ଯୋଗ୍ୟତା, ବିଷୟ ଚୟନ, ନାମ ଲେଖା, ପରୀକ୍ଷା, ବୈଶିଷ୍ଟ୍ୟ ଓ ନମନୀୟତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିଥିଲେ। ପ୍ରଥମ ବ୍ଲକରେ ମାର୍ଚ୍ଚ ୧ରୁ ଅଗଷ୍ଟ ୩୧ ମଧ୍ୟରେ ନାମ ଲେଖାଇବା ପାଇଁ ୧୪ ବର୍ଷ ହୋଇଥିବା ଆବଶ୍ୟକ, ଦ୍ୱିତୀୟ ବ୍ଲକରେ ସେପ୍ଟେମ୍ବର ୧ରୁ ଫେବୃଆରୀ ୨୮ ମଧ୍ୟରେ ଜାନୁଆରୀ ୩୧ ତାରିଖ ସୁଦ୍ଧା ୧୪ ବର୍ଷ ବୟସ ହୋଇ ଥିବା ଆବଶ୍ୟକ। ତେବେ ଏହି ଯୋଜନାରେ ନାମ ଲେଖା ବର୍ଷ ସାରା ଚାଲୁରହିଥାଏ ବୋଲି ଶିବିର ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଶିବିରରେ ୧୦ ଜଣ ଡ୍ରପ ଆଉଟ୍ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ଶେଷରେ ବନ୍ଦିତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବିପଦ ଆଶଙ୍କାରେ ସ୍କୁଲ ଛାତ୍ରଛାତ୍ରୀ

**ବନ୍ତ/ଆଗରପଡ଼ା, ୮ ।୧(ସମିସ):** ଆଗରପଡ଼ାସ୍ଥ ଶୋଭନୀୟ ଶିକ୍ଷାଶ୍ରମରେ କୋମଳମତି ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଆଗରପଡ଼ା-ବନ୍ତ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏହି ଶିକ୍ଷାଶ୍ରମ ରହିଛି । ଏହି ରାସ୍ତାରେ ଯାତ୍ରୀବାହୀ ବସ୍, ବାଲିବୋଝେଇ ହାଇୱା ସହ ଦୁଇ ଚକିଆ ଯାନମାନ ପ୍ରତିଦିନ ସଦାସର୍ବଦା ଚଳାଚଳ କରୁଛି । ଖେଳଛୁଟି, ଛୁଟି ସହ ଶିକ୍ଷାଶ୍ରମକୁ ଯିବା ସମୟରେ ଏହି ଗାଡ଼ିମଟର ଚଳାଚଳକୁ ନେଇ ଛାତ୍ରଛାତ୍ରୀମାନେ ଦୁର୍ଘଟଣା ଆଶଙ୍କା ସବୁବେଳେ କରୁଛନ୍ତି । ବିଶେଷକରି ହାଇୱା ଗୁଡ଼ିକ ଦୃତ ଗତିରେ ଯାଆଆସ କରୁଥିବାର ପରିଲକ୍ଷିତ ହେଉଛି । ଏଥିପାଇଁ ଏହି ଶିକ୍ଷାଶ୍ରମ ସମ୍ମୁଖଭାଗ ରାସ୍ତାରେ ଡିଜିଟାଲ ହମ୍ପ ନିର୍ମାଣ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି ।

# ଧୂଷୁରୀ 'ଏରିଆ ହସ୍ପିଟାଲ୍' ରୋଗୀସେବା ବିପର୍ଯ୍ୟସ୍ତ

**ଅସୁରାଳି, ୮ ।୧(ସମିସ)**




ଧାମନଗର ବ୍ଲକର ଧୂଷୁରୀ ଏରିଆ ହସ୍ପିଟାଲ ଏବେ ଅବ୍ୟବସ୍ଥା ଓ ଅଭାବର ମଧ୍ୟରେ ଚାଲିଛି । ଏହି ଅଞ୍ଚଳର ୨୦ଟି ପଞ୍ଚାୟତ ସହିତ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଅନେକ ପଞ୍ଚାୟତ ନିର୍ଭର କରୁଥିବା ଏହି ହସ୍ପିଟାଲ ରୋଗୀମାନେ ଦିନକୁଦିନ ଅସୁବିଧାରେ ପଡୁଛନ୍ତି । ଫାର୍ମାସିଷ୍ଟ, ନର୍ସ, ଲ୍ୟାବ ଟେକ୍ନିସିଆନ୍, ଓ ଗ୍ରେଡ୍-୪ କର୍ମଚାରୀଙ୍କ ଅଭାବ ହେତୁ ରୋଗୀମାନେ ଲମ୍ବା ଲାଇନ ଲାଗିଥିଲେ ମଧ୍ୟ ଔଷଧ ନ ପାଇ ପାରୁଛନ୍ତି । ଜଣେ ମାତ୍ର ଡାକ୍ତର ଉପସ୍ଥିତ ଥିବାରୁ ତିନି ଡାକ୍ତର ଆବଶ୍ୟକ ଥିବା ହେଉଛି ଅପରିପୂର୍ଣ୍ଣ । ନର୍ସ ୧୫ ଜଣ ଆବଶ୍ୟକ ଥିବା ବେଳେ ମାତ୍ର ୨ ଜଣ ଅଛନ୍ତି, ତାହା ମଧ୍ୟ ଅସ୍ଥାୟୀ ଭାବେ ନିଯୁକ୍ତ । ଫାର୍ମାସୀ ଓ ଲ୍ୟାବ ବିଭାଗରେ ଅଭିଜ୍ଞ କର୍ମଚାରୀ ନଥିବାରୁ ଡାକ୍ତର ନିଜେ ଔଷଧ ବିତରଣ କରିବାକୁ ବାଧ୍ୟ ହେଉଛନ୍ତି । ରାତ୍ରିକାଳୀନ ସେବା ଅତି ଦୁର୍ବଳ । କେବଳ ଜଣେ ଡାକ୍ତର ଓ ଜଣେ ସୁଇପର ଉପସ୍ଥିତ ଥିବାରୁ ଆପତ୍କାଳୀନ ସ୍ଥିତିରେ ରୋଗୀମାନେ ଭାରି ସମସ୍ୟାରେ ପଡୁଛନ୍ତି । ଗ୍ରେଡ୍-୪ କର୍ମଚାରୀ, ଆଟେଣ୍ଡାଣ୍ଟ ଓ ସୁରକ୍ଷା କର୍ମଚାରୀଙ୍କ ଅଭାବ ହେତୁ ହସ୍ପିଟାଲର ଦୈନିକ କାର୍ଯ୍ୟ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏନେଇ ଧାମନଗର ମେଡିକାଲ ଅଫିସର ମନ୍ମୟ ସାମନ୍ତସିଂହା କହିଛନ୍ତି, 'ଆମେ ଏ ବିଷୟରେ ଅବଗତ ଅଛୁ ଖୁବ୍ ଶୀଘ୍ର ଏହି ପରିପ୍ରେକ୍ଷୀରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି' । ଏପରି ଅବସ୍ଥାରେ ରୋଗୀମାନେ କେଉଁପରି ନିରାପଦ ଓ ସମୟୋପଯୋଗୀ ସେବା ପାଇବେ ଅଞ୍ଚଳବାସୀ ଏବେ ଏହି ଅବ୍ୟବସ୍ଥା ଉପରେ ତୀବ୍ର ପ୍ରତିକ୍ରିୟା ଦେଉଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସ୍ମୃତିରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଲେ ଖୁବଶୀଘ୍ର ପଦବୀ ପୂରଣ କରାଯିବ ।

## ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିରରେ ବିଜ୍ଞାନମେଳା



**ଭଣ୍ଡାରିପୋଖରୀ, ୮।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରଣଜିତ ପଞ୍ଚାୟତ ଅନ୍ତର୍ଗତ ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିରରେ ଚଳିତ ବର୍ଷର ବିଜ୍ଞାନମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଗୁରୁଜୀ ନିର୍ମଳ ଚନ୍ଦ୍ର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମେଳାକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ ଉଦ୍‌ଘାଟନ କରିଥିଲେ । ଏଥିରେ ବିଜେପିନେତା ବଦ୍ରୀନାରାୟଣ ଧଳ ମୁଖ୍ୟ ଅତିଥି, ଶିକ୍ଷାବିତ ବିଶ୍ୱମ୍ଭର ନାଥ ମୁଖ୍ୟବକ୍ତା ଓ ଶିକ୍ଷାବିତ ସୁଧାକର ଦାଶ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ବିଜ୍ଞାନମେଳାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ମେଳାରେ ୫୭ଟି ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବଳଦେବଜୀଉ ଉଚ୍ଚ ବିଦ୍ୟାଳୟ ବିଜ୍ଞାନଶିକ୍ଷକ ଗୌରୀଶଙ୍କର ମିଶ୍ର ଓ ସୁଶାନ୍ତ କୁମାର ସେନାପତି ଯୋଗଦେଇ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ । ଏହାସହ କୁଇଜ ଓ ଭାଷଣ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଗୁରୁମା ଦମୟନ୍ତୀ ବେହେରାଙ୍କ ସଂଯୋଜନାରେ ଓ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଦ୍ୟୁମ୍ନ ନାୟକ ଅତିଥି ପରିଚୟ ଓ ଗୁରୁମା ଜ୍ୟୋତିରାଣୀ ରାଉତ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଗୁରୁଜୀ ସନ୍ତୋଷ ପଣ୍ଡା ଓ ଗୁରୁମା ସୌମିତ୍ରୀ ମିଶ୍ରଙ୍କ ସଂଯୋଜନାରେ ସ୍ଥାନୀୟ ପ୍ରେସ କ୍ଲବ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



**ଅସୁରାଳି, ୮ ।୧(ସମିସ):** ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କୋରୁଆ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ଠାରେ ୫୦ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ପ୍ରଧାନ ଶିକ୍ଷକ ରମାକାନ୍ତ ମଲ୍ଲିକ ଓ ସଭା ସଞ୍ଚାଳନ କରିଥିଲେ ଶିକ୍ଷକ ପଣ୍ଡିତ ସୁବାସ ଚନ୍ଦ୍ର ନାୟକ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବଂଶୀଧର ସାହୁ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିଧିରାମ ଦତ, ଧୂଷୁରୀ ପ୍ରେସ୍ ୟୁନିଅନ ସଭାପତି ସନ୍ତୋଷ ଦାସ, ପ୍ରାକ୍ତନ ସମିତିସଭ୍ୟ ଶ୍ରୀକାନ୍ତ ନାୟକ, ରାକେଶ ପତି, ବିଷ୍ଣୁ ମୋହନ ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ରଶ୍ମିରେଖା ଜେନା ପ୍ରମୁଖ । ବାର୍ଷିକ ବିବରଣୀ ପାଠ କରିଥିଲେ ଅପରାଜିତା ତପମାଳା ବାରିକ । ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ମମତା ଜେନା, ରମାକାନ୍ତ ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ପରିଡ଼ା, ଶାଶ୍ୱତୀ ପଣ୍ଡା, ସ୍ମିତାଞ୍ଜଳି ମଲ୍ଲିକ, ଆଶୁତୋଷ ମହାନ୍ତି, ସତ୍ୟଭାମା ଦତ, ଶର୍ମିଷ୍ଠା ନାଥ, କୁମୁଦିନୀ ଦାଶ, ମମତା ରାଣୀ ମଲ୍ଲିକ, ଜ୍ୟୋତ୍ସ୍ନାରାଣୀ ମଲ୍ଲିକ ଓ ମୁରଲୀଧର ପୁରୁଖାତ, ବିଷ୍ଣୁ ମୋହନ ବେହୁରିଆଙ୍କ ଉତ୍ସବ ନିମିତ ଅକ୍ଳାନ୍ତ ପରିଶ୍ରମ ଉତ୍ସବଟିର ଶୋଭାକୁ ବହୁ ଗୁଣିତ କରିଥିଲା ଓ ଶେଷରେ ଧନ୍ୟବାଦ ଅର୍ପଣ ବରିଷ୍ଠ ଶିକ୍ଷକ ହୃଷୀକେଶ ଜେନା । ଅନ୍ତିମ ପର୍ଯ୍ୟାୟରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଓ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

## ପିଏମ୍‌ଶ୍ରୀ ବିନ୍ଧୁମାଧବ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା




**ଭଦ୍ରକ, ୮।୧(ସମିସ):** ପିଏମ୍‌ଶ୍ରୀ ବିନ୍ଧୁମାଧବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗତ ୬ ଓ ୭ ତାରିଖ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଉତ୍ସବର ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି କ୍ରୀଡ଼ାକୁ କ୍ୟାରିୟର କରି ଜୀବନଯାପନର ସୁଯୋଗ ବିଷୟରେ ପ୍ରତିଯୋଗୀଙ୍କୁ ଅବଗତ କରାଇଥିଲେ । ସମ୍ମାନିତ ଅତିଥି ଭାବେ ପାରା ଅଲମ୍ପିକ ସ୍ୱର୍ଣ୍ଣ ବିଜେତା ମଧୁସ୍ମିତା ସାହୁ କ୍ରୀଡ଼ା ମାଧ୍ୟମରେ ସେ କିପରି ସଫଳ ବ୍ୟକ୍ତି ହୋଇ ପାରିଛନ୍ତି ତାହା ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ସାହୁ, ଏସ୍‌ଏମ୍ସି ସଭାପତି ଦିଲିପ କୁମାର କବାଟ, ଏସ୍‌ଏମ୍ସି ପୂର୍ବତନ ସଭାପତି ଅକ୍ଷୟ କୁମାର ପଣ୍ଡା କ୍ରୀଡ଼ାର ବହୁମୁଖୀ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ସଭାପତିତ୍ୱ କରି କ୍ରୀଡ଼ା ବିଦ୍ୟାଳୟକୁ ଏକ ନୂତନ ପରିଚୟ ପ୍ରଦାନ କରିଛି ବୋଲି ବ୍ୟକ୍ତ କରିଥିଲେ । ରବିନାରାୟଣ ମହାନ୍ତି ଅତିଥି ପରିଚୟ, ଡଃ ତରୁଣ କୁମାର ଭଟ୍ଟାଚାର୍ଯ୍ୟ ଏବଂ ହିମାଦ୍ରି ତନୟାଦ ସଞ୍ଚାଳନା ଏବଂ ସନ୍ତୋଷ କୁମାର ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ବିଭାଗରେ ଖେଳ ଗୁଡ଼ିଗୁ ସେମାନାଥ ଜେନା, ସସ୍ମିତା ପାଣିଗ୍ରାହୀ, ଅପରାଜିତା ଦାସ, ଶୈଳଜାନନ୍ଦିନୀ ଜେନା, ସୁବାସିନୀ ମିଶ୍ର, ହିମାଂଶୁ କୁମାର ପଣ୍ଡା, ସୁକାନ୍ତି ସାହୁ, ଭାଗବତ ନାୟକ, ସୂର୍ଯ୍ୟ ପ୍ରକାଶ ଦଳାଇ, ଦେବସ୍ମିତା ମହାନ୍ତି, ବିଜୟିନୀ ପୁହାଣ, ଉର୍ବଶୀ ଦାସ, ମାନସୀରାଣି ପାଢ଼ୀ, ଜୟନ୍ତୀ ତିଆଡ଼ି ପରିଚାଳନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡି.ଏସ.ଓ. ଅନୂପ କୁମାର ବେହେରା ଏବଂ ଆଇସିଡିପିଓ ରାଜେନ୍ଦ୍ର ପ୍ରସାଦ ମହାଳିକ ଯୋଗ ଦେଇ କ୍ରୀଡ଼ା ସ୍ୱାସ୍ଥ୍ୟ ପାଇଁ ଅପରିହାର୍ଯ୍ୟ ତଥା ମାନସିକ ସନ୍ତୁଳନର ଆଧାର ବୋଲି ପିଲାଙ୍କୁ ବୁଝାଇଥିଲେ । ଏହି ଦୁଇଦିନର ଉତ୍ସବରେ ଛାତ୍ରଛାତ୍ରୀଙ୍କ ଫ୍ଲାଗ୍ମାର୍ଚ୍ଚ, ସାଂସ୍କୃତିକ କାର୍ଯ୍ୟକ୍ରମ, ଜମ୍ବଲ୍ ମାର୍ଚ୍ଚ, ପୁରସ୍କାର ବିତରଣ ମାଧ୍ୟମରେ ସମ୍ପନ୍ନ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ, ଟ୍ରେନିଂରେ ଥିବା ବିଇଡ଼ି ଷ୍ଟୁଡେଂଟ ପରିଚାଳନା କରିଥିଲେ । କ୍ରୀଡ଼ା ଶିକ୍ଷକ ତପନ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ରାଜେଶ କୁମାର ନାୟକଙ୍କ ସହଯୋଗିତାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ୨୫ରେ ଜିଲ୍ଲାସ୍ତରୀୟ ସତ୍‌ସଙ୍ଗ ମହୋତ୍ସବ 'ଧୃତି ସନ୍ଦିପନା'

**ଭଦ୍ରକ, ୮ ।୧(ସମିସ):** ଭଦ୍ରକ ଜିଲ୍ଲା ସତସଙ୍ଗ ମହୋତ୍ସବ 'ଧୃତି ସନ୍ଦିପନା' ଓ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଶୁଭ ୧୩୮ ତମ ଆବିର୍ଭାବ ମହୋତ୍ସବ ପାଳନ କରିବା ପାଇଁ ଜିଲ୍ଲାସ୍ତରୀୟ କର୍ମୀ ବୈଠକ ଭଦ୍ରକ ସତସଙ୍ଗ ବିହାର ଠାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୫ତାରିଖ (ରବିବାର) ଦିବସ ବ୍ୟାପି ଉକ୍ତ ଉତ୍ସବ ପାଳିତ ହେବାକୁ ଯାଉଛି । ବନ୍ତ, ଭଦ୍ରକ, ଭଣ୍ଡାରିପୋଖରୀ, ଧାମନଗର, ତିହିଡ଼ି, ବାସୁଦେବପୁର ଓ ଚାନ୍ଦବାଲିର ପ୍ରତି ପଞ୍ଚାୟତର ଗୁରୁ ଭାଇ, ମାଆ ଓ ସତ୍‌ସଙ୍ଗ ପ୍ରେମୀ ଜନସାଧାରଣଙ୍କୁ ନେଇ ପ୍ରାୟ ୨୦ ହଜାର ଲୋକଙ୍କ ସମାବେଶ ହେବା ଆକଳନ କରାଯାଇଛି । ଭଦ୍ରକ ଆରଡ଼ି ରାସ୍ତାର, ମା' ସାତଭଉଣୀ ମନ୍ଦିର ନିକଟସ୍ଥ ଖେଳ ପଡ଼ିଆରେ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟ ମଧ୍ୟ ଦେଇ ଉକ୍ତ ଉତ୍ସବ ପାଳିତ ହେବ । ଉତ୍ସବ କମିଟିର କର୍ମକର୍ତ୍ତାଗଣ ବିଶେଷ କରି ଶିବାଜୀ ମହାନ୍ତି, ମହେଶ୍ୱର ନାୟକ, ନବକିଶୋର ପତି, ଚକ୍ରଧର ବନ୍ଧ, ଭାରତ ଭୂଷଣ ଦାଶ, ଅଭିମନ୍ୟୁ ଖଟୁଆ, ସୁଭାଷ ଚନ୍ଦ୍ର ଦାସ ପ୍ରମୁଖ ଜଣାଇଛନ୍ତି ଯେ ଉକ୍ତ ମହୋତ୍ସବର ପ୍ରତ୍ୟୁଷରେ ବେଦ ମାଙ୍ଗଳିକ, ଉଷା କୀର୍ତ୍ତନ, ବିନତୀ ପ୍ରାର୍ଥନା, ସଦ୍ ଗ୍ରନ୍ଥ ପାଠ, ଭକ୍ତି ସଙ୍ଗିତାଞ୍ଜଳି, ସକ୍ରିୟ ଯୁବ ଗୁରୁଭାଇମାନଙ୍କ ଦ୍ୱାରା ଯାଜନ, ବିନା ଦେୟରେ ଡାକ୍ତରୀ ପରୀକ୍ଷା ଓ ପରାମର୍ଶ, ଅଭିଜ୍ଞ ବିଦ୍ୱାନ ବୁଦ୍ଧିଜୀବୀଙ୍କ ଦ୍ୱାରା ଶିକ୍ଷିତ ଯୁବ ଭାଇ ମାନଙ୍କୁ ଜୀବିକା ସମ୍ପର୍କୀୟ ପରାମର୍ଶ, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଇତ୍ୟାଦି ମାଧ୍ୟମରେ ମହୋତ୍ସବଟିକୁ ଶ୍ରୀଶ୍ରୀ ଆଚାର୍ଯ୍ୟ ଦେବ ଯେପରି ଚାହାନ୍ତି ସଫଳ କରିବା ପାଇଁ ପ୍ରସ୍ତୁତି ଚାଲିଛି । ଜିଲ୍ଲାର ସମସ୍ତ କର୍ମୀ, ଗୁରୁଭାଇ ଓ ମା' ମାନେ ତନୁ, ମନ ଧନ ଦେଇ ଉକ୍ତ ମହୋତ୍ସବକୁ ସଫଳ କରି ଶ୍ରୀଶ୍ରୀ ଆଚାର୍ଯ୍ୟ ଦେବଙ୍କୁ ଖୁସି କରିବାକୁ ସତତ୍ ପ୍ରୟାସୀ ହୋଇ ଏହି ମହାନ୍ ଆଧ୍ୟାତ୍ମିକ କର୍ମ ଯଜ୍ଞରେ ସାମିଲ ହେବାକୁ ବିଶେଷ ଅନୁରୋଧ ଜଣାଇଛନ୍ତି ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



**ଭଦ୍ରକ, ୮।୧(ସମିସ):** ଚାନ୍ଦବାଲି ବ୍ଲକ ଗୋପୀନାଥପୁର ପଞ୍ଚାୟତ ଅଧୀନ ଅପର୍ତ୍ତି ଚରଣ ଉଚ୍ଚ ବିଦ୍ୟାଳୟ ଆଦର୍ଶ ବିଦ୍ୟାଳୟର ମାନ୍ୟତା ପାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉକ୍ତ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ସ୍ଥାନୀୟ ବିଧାୟକ ଡ. ବ୍ୟୋମକେଶ ରାୟ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ସମାଜସେବୀ ମିତ୍ରଭାନୁ ଦାଶ, ବାବୁଲି ଦୀକ୍ଷିତ୍, ସରପଞ୍ଚ ବାପୁନ୍ ବାରିକ୍, ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ ମହାରାଜ, ପ୍ରଧାନଶିକ୍ଷକ ପ୍ରକାଶ ଜେନା, ସିଆର୍‌ସିସି ଯୁଧିଷ୍ଠିର ମହାଳିକ, ତପନ ସାହୁ, ମନୋଜ ସାହୁ, ଦିଲ୍ଲୀପ ନାୟକ, ବୀରନାରାୟଣ ଦାସ, ଭାସ୍କର ଦାସ, ସୁଶାନ୍ତ ପଣ୍ଡା, କାମାକ୍ଷା ପାତ୍ର, କୃଷ୍ଣଚନ୍ଦ୍ର ଜେନା, ତ୍ରିଲୋଚନ ଦାସ, ରଣଜିତ୍ ଜେନା, ବୀଣାପାଣି ନାୟକ, ଦେବାଶିଷ ମୁଦୁଲି, ପ୍ରେମାରାଣୀ ମୁଦୁଲି, ଲମ୍ବୋଦର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଶୀତ କବିତା ଆସର

**ଭଣ୍ଡାରିପୋଖରୀ, ୮ ।୧(ସମିସ):** ଏହି ବ୍ଲକ ଅନ୍ତର୍ଗତ ବାରିକପୁର ବଜାରସ୍ଥିତ ଉତ୍କଳମଣି ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶୀତ କବିତା ଆସର କବି ଘନଶ୍ୟାମ ସ୍ୱାଇଁଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି । ସର୍ବ ପ୍ରଥମେ ଶିକ୍ଷକବିତ, ସଂଗଠକ ଓ କବି ସୂର୍ଯ୍ୟମଣି ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରା ଯାଇଥିଲା । ଉପସ୍ଥିତ କବି ଅର୍ଜୁନ ଦତ, ଶ୍ରୀଧର ବିଶ୍ୱାଳ, ସନାତନ ଦାସ, କମଳାକାନ୍ତ ଜେନା, ଖଗେଶ୍ୱର ସୁତାର ପ୍ରମୁଖ ସ୍ୱରଚିତ ଶୀତ କବିତା ପାଠ କରିବା ସଂଗେ ସଂଗେ ସ୍ୱର୍ଗତ ବିଶ୍ୱାଳଙ୍କ ସରଳ ଜୀବନଚର୍ଯ୍ୟା ଉପରେ ଆଲୋଚନା କରିଥିଲେ । ସାହିତ୍ୟ



ସଂସଦ ସମ୍ପାଦକ ପୁରୁଷୋତମ ଧଳ ଉଦେଶ୍ୟ ଜ୍ଞାପନ କରିଥିବା ବେଳେ ସୁରେଶ ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

## ଶୀତକାଳୀନ ସେବା ଶିବିର ଉଦ୍‌ଘାଟିତ




**ଅସୁରାଳି, ୮ ।୧(ସମିସ):** ଆଦର୍ଶ ନାଗରିକର ମାନବ ତଥା ସମାଜ ସେବା ଜୀବନର ବ୍ରତ ହେବା ବାଞ୍ଛନୀୟ ଏବଂ ଏହା ହେଲେ ସମାଜର ବହୁ ସମସ୍ୟାର ସମାଧାନ ହେବା ସହ ଦେଶର ବିକାଶ ତ୍ୱରାନ୍ୱିତ ହୋଇ ପାରିବ ବୋଲି ଧାମନଗର ବ୍ଲକ ରଇପୁରଗ୍ରାମସ୍ଥିତ ଜୟ ଦୁର୍ଗା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପାଳସାହିର ଶୀତକାଳୀନ ସେବା ଶିବିରର ଉଦ୍‌ଘାଟନ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଅଧ୍ୟକ୍ଷ ନୀହାର ରଞ୍ଜନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନ ଉତ୍ସବରେ ପୂର୍ବତନ ସରପଞ୍ଚ ସୁଶାନ୍ତ ନାୟକ ମୁଖ୍ୟ ଅତିଥି, ଦର୍ଶନ ବିଭାଗ ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ମୁଖ୍ୟ ବକ୍ତା, ଜୟ ଦୁର୍ଗା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଙ୍ଗାଧର ବେହେରା, ଶିକ୍ଷକ ଅଶୋକ ବେହେରା ଓ ଶିକ୍ଷକ ରଞ୍ଜନ ଖଟୁଆ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ପଦ୍ମିନୀ ନାୟକ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଅଧ୍ୟାପିକା ଇପ୍ସିତା ବେହେରା ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲା ବେଳେ ଅଧ୍ୟାପକ ସୋମନାଥ ମଲିକ ଅତିଥି ପରିଚୟ, କ୍ରୀଡ଼ା ଶିକ୍ଷକ ଅନୀଲ କୁମାର ରାଉତ ସ୍ୱାଗତ ଭାଷଣ, ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ପ୍ରିୟଦୀପ ପରିଡ଼ା, ଅଧ୍ୟାପକ ଲୋକନାଥ ସିଂ, ଅଧ୍ୟାପିକା ପୟସ୍ୱତୀ ରାଉତ, ଅଧ୍ୟାପିକା କଳ୍ପନା ମଞ୍ଜରୀ ଜେନା, ଅଧ୍ୟାପିକା ଅଲିଭା ପ୍ରିୟଦର୍ଶିନୀ ଖିଲାର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

## କେନାଲରେ ନାହିଁ ପାଣି, ଚିନ୍ତାରେ ରବି ଚାଷୀ

**ଦୋଲସାହି, ୮ ।୧(ସମିସ):** ତିହିଡ଼ି ବ୍ଲକ ଅଞ୍ଚଳରେ କେନାଲରେ ପାଣି ଆସୁନଥିବାରୁ ମୁଗବିରି ଆଦି ରବି ଫସଲ କରିଥିବା ଚାଷୀ ହତାଶ ହୋଇଛନ୍ତି । ଏ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ମୁତାବକ ତିହିଡ଼ି ବ୍ଲକର ବିଭିନ୍ନ ଅଞ୍ଚଳ ଦେଇ ଯାଇଥିବା ଦଶମୌଜା କେନାଲରେ ସରକାରଙ୍କ ପକ୍ଷରୁ ପାଣି ଛଡାଯାଉନଥିବା ନେଇ ମୁଗବିରି ଚାଷୀ ମୁଗବିରି ଜମିରେ ବୁଣି ପାରୁନଥିବା ନେଇ ଚାଷୀ ମହଲରେ ଅସନ୍ତୋଷ ଓ ଚିନ୍ତା ବଢ଼ିବାରେ ଲାଗିଛି । ପ୍ରକାଶ ପାଇଛି । ବେଳେ ଦଶମୌଜା କେନାଲ ରେ ପାଣି ଦେବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି ।

## ସମସ୍ତଙ୍କର ପ୍ରିୟ ଥିଲେ କୁନି ସାର୍

**ଭଦ୍ରକ, ୮ ।୧(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ଦୁର୍ଗା ମନ୍ଦିର ପରିସରରେ ଅଧ୍ୟାପକ କୁମାର ପ୍ରିୟଦର୍ଶନ ମହାନ୍ତି (କୁନିସାର)ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅଧ୍ୟାପକ ଗାଗାରିନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ବିଡିଓ ସଞ୍ଜୀବ ମହାପାତ୍ର, ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପୂର୍ଣ୍ଣ ଚନ୍ଦ୍ର ପାଣି, ବରିଷ୍ଠ ନେତା କାହ୍ନୁ ଚରଣ ବେହେରା, ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, ଅଧ୍ୟକ୍ଷା ସ୍ନେହମଞ୍ଜରୀ ବେହେରା, ଶିକ୍ଷକନେତା ଅମୁଲ୍ୟ କୁମାର ରାଉତ ପ୍ରମୁଖ ଯୋଗ ଦେଇ ଅଧ୍ୟାପକ କୁମାର ପ୍ରିୟଦର୍ଶନ (କୁନି ସାର)ଙ୍କ ଅଧ୍ୟାପନା, ସାମାଜିକ, ସାଂସ୍କୃତିକ ଓ ସାଙ୍ଗଠନିକ କୀର୍ତ୍ତି ଓ କୃତିତ୍ୱ ସମ୍ପର୍କରେ ମତ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ କୁନି ସାର ସମସ୍ତଙ୍କର ପ୍ରିୟ ଥିଲେ ବୋଲି ସ୍ମୃତି ଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବିଶ୍ୱକେଶରୀ ମହାନ୍ତି,




ଅଭୟ ସାମଲ, ଅଧ୍ୟାପକ ସୁବାସ ନାୟକ, ଆଇନଜୀବୀ ରଜନୀକାନ୍ତ ମହାନ୍ତି, ରାଜ ନାରାୟଣ ନାୟକ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷରେ ପ୍ରାଧ୍ୟାପକ ନିମାଇଁ ଚରଣ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ ଆସନ୍ତା ଶ୍ରାଦ୍ଧ ବାର୍ଷିକୀରେ କୁମାର ପ୍ରିୟ ଦର୍ଶନଙ୍କ ସ୍ମୃତିରେ ଏକ ସ୍ମରଣିକା ପ୍ରକାଶିତ ହେବ ବୋଲି ଘୋଷଣା କରିଥିଲେ ।

## ଅରୁଣ ଭାରତୀ ବିଦ୍ୟାବାଣୀ ଭବନର ବାର୍ଷିକ କ୍ରୀଡ଼ା

**ତିହିଡ଼ି, ୮ ।୧(ସମିସ):** ତିହିଡି ବ୍ଲକ ଅରୁଣ ଭାରତୀ ବିଦ୍ୟାବାଣୀ ଭବନର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ତ୍ରିଦିବସ ବ୍ୟାପି ଏହି ଉତ୍ସବକୁ ବିଶିଷ୍ଟ ଶିକ୍ଷାବିତ୍ ଓ ସୁସାହିତ୍ୟିକ ଶୀତଳ ବେହେରା କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲାବେଳେ ଘଣ୍ଟେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ନିରଞ୍ଜନ ନାଥ ମୁଖ୍ୟ ଅତିଥି ଓ କ୍ରୀଡ଼ା ଅଧ୍ୟାପକ ରାଜକିଶୋର ଦାଶ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଜୀବନ ଗଠନରେ କ୍ରୀଡ଼ାର ଭୂମିକା



ସମ୍ପର୍କରେ ଆଲୋକପାତ କରିଥିଲେ । ସୁନାମଧନ୍ୟ ପ୍ରବଚକ ସୁଧାକର ଧନୀ ମଞ୍ଚ ପରିଚାଳନା କରିଥିଲା ବେଳେ ସଂସ୍କୃତି ପ୍ରାଣ ଶିକ୍ଷୟିତ୍ରୀ ସୁଜାତା ଦାଶ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଦୌଡ଼ ପ୍ରତିଯୋଗିତା, ଲମ୍ବ ଡିଆଁ, ଲୌହ ପେଣ୍ଡୁ ଫିଙ୍ଗା, ଲେମ୍ବୁ ଚାମଚ, ବୋତଲ ବଛା, ଗଣିତ କଷା, ଦୌଡ଼ି ଡିଆଁ, ଗୀତର ଚୌକି ପ୍ରଭୃତି ପ୍ରତିଯୋଗିତା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଭିତରେ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ଏ ଅଞ୍ଚଳର ଲୋକପ୍ରିୟ ନୃତ୍ୟଶିଳ୍ପୀ ସୁଇଟି ମାଝୀ ଓ ଶିଖା ଦାସ ନୃତ୍ୟ ପ୍ରତିଯୋଗିତାର ବିଚାରକ ଭାବେ ଯୋଗ ଦେଇ କୁନି କୁନି ପ୍ରତିଭା ମାନଙ୍କୁ ଉତ୍ସାହିତ କରିଥିଲେ । ବୀଣାପାଣି ମିଶ୍ର, ପ୍ରମିଳା ସାହୁ, କନକଲତା ପଣ୍ଡା, ଗୀତାଞ୍ଜଳି ସେଠି, ସୁକାନ୍ତ ମହାରାଜ, ତପନ ଦାଶ, କୃଷ୍ଣଚନ୍ଦ୍ର ନାୟକ ପ୍ରଭୃତି ବିଭିନ୍ନ କ୍ରୀଡା ପ୍ରତିଯୋଗିତାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ପ୍ରାକ୍ତନ ଅଧ୍ୟକ୍ଷ ଗୋପାଳ ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଅଧ୍ୟାପିକା ସଂଯୁକ୍ତା ଭାରତୀ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖରିଫ୍ ଧାନ ମଣ୍ଡି ଉଦ୍‌ଘାଟିତ

**ବନ୍ତ/ଆଗରପଡ଼ା, ୮।୧(ସମିସ)**




ବନ୍ତ ବ୍ଲକ ଗଣିଜାଙ୍ଗ ସେବା ସମବାୟ ସମିତିରେ ବୁଧବାର ସରକାରୀ ଧାନ ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସେବା ସମବାୟ ସଭାପତି ସଭାପତି ରଞ୍ଜନ କୁମାର ସାହୁଙ୍କ ସଭାପତିତ୍ୱରେ ସମିତି ସମ୍ପାଦକ ମାନସ କୁମାର ପଣ୍ଡା ପ୍ରାରମ୍ଭିକ ସ୍ୱାଗତ ଭାଷଣ ଦେଇଥିଲେ । ସମବାୟ ବ୍ୟାଙ୍କ ପୂର୍ବତନ ପରିଚାଳକ ରତ୍ନାକର ଦାଶ, ପ୍ରାକ୍ତନ ସିଇଓ ଭାସ୍କର ଚନ୍ଦ୍ର ମହାପାତ୍ର, ସ୍ଥାନୀୟ ସରପଞ୍ଚ ରଶ୍ମିତା ସେଠୀ, ସମିତିସଭ୍ୟ ମନୋରଞ୍ଜନ ସେଠୀ, ସମାଜସେବୀ ସନ୍ତୋଷ କୁମାର ନାୟକ, ପ୍ରାକ୍ତନ ସମିତି ସଭାପତି ଜଗନ୍ନାଥ ପାଣିଗ୍ରାହୀ, ସମାଜସେବୀ ଭୀମସେନ ସାମଲ, ବିଜୟ କୁମାର ପ୍ରଧାନ, ପ୍ରିୟନାଥ ନାୟକ, ପ୍ରଫୁଲ୍ଲ ରାଉତ୍, ଗଣେଶ ପ୍ରସାଦ ଦାସ, ଗୟାଧର ଜେନା, ପରିଚାଳନା ପରିଷଦର ସଦସ୍ୟ ଗୟାଧର ଜେନା, ସୁରେନ୍ଦ୍ର ସାହୁ, ପବିତ୍ର ବିଶ୍ୱାଳ, ଉମାକାନ୍ତ ରାଉଳ ସମେତ ଗଣିଜାଙ୍ଗ, ଛୟାଳସିଂହ ପଞ୍ଚାୟତର ଚାଷୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଚାଷୀ କିପରି ସଠିକ ଭାବରେ ମଣ୍ଡିରେ ଧାନ ଦେଇ ପାରିବେ ଏହି ବିଷୟରେ ଆଲୋଚନା କରିଥିଲେ । ମଣ୍ଡି ପୂଜା ପୂଜାରୀ ସତ୍ୟବ୍ରତ ପଣ୍ଡା କରିଥିବା ବେଳେ କର୍ମଚାରୀ ଦୀପକ ବାରିକ, ସନାତନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସରକାରୀ ଧାର୍ଯ୍ୟ ମୂଲ୍ୟ ୨୩୦୦ ଥିବା ବେଳେ ସରକାରଙ୍କ ପକ୍ଷରୁ ଇନପୁଟ ସବସିଡି ୮୦୦ ଟଙ୍କା ସିଧାସଳଖ ଚାଷୀଙ୍କ ଖାତାକୁ ଯିବା । ପରିଶେଷରେ ସେବାସମୟ ସମିତି ସମ୍ପାଦକ ମାନସ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ ପୂର୍ବକ ସଭା ସମାପ୍ତ କରିଥିଲେ ।

# ସୁଡ଼ଙ୍ଗରେ ଖୋଳାଗଲା ୨ଟି ନଳକୂପ

ସକାଳ ପ୍ରଭାବ



**ଶରତ, ୮।୧(ସମିସ):** କପ୍ତିପଦା ବ୍ଲକ ଅନ୍ତର୍ଗତ କଳମଗଡ଼ିଆ ପଞ୍ଚାୟତର ଗୋକୁଳଚନ୍ଦ୍ରପୁର ରାଜସ୍ୱ ଗ୍ରାମରେ ସୁଡ଼ଙ୍ଗ ଗ୍ରାମ ଅବସ୍ଥିତ। ଏହି ଗ୍ରାମରେ ବାସ କରୁଥିବା ୬୦ରୁ ଅଧିକ ଜନଜାତି ପରିବାର ଚୁଆ ପାଣି ପିଉଥିବା ଓ ଗ୍ରାମରେ ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିବାରୁ ସେମାନେ ଅନ୍ଧକାର ମଧ୍ୟରେ କାଳାତିପାତ କରୁଥିବା ଖବର ୬/୧୨/୨୦୨୫ରେ 'ସକାଳ' ଖବରକାଗଜରେ ପ୍ରକାଶ ପାଇଥିଲା। ପାଲବଣୀ ଓ ଶୁଖୁଆପଟା ପାହାଡ଼ରୁ ଝରି ଯାଉଥିବା ନାଳ ପାଣିକୁ ସେମାନେ ଉଭୟ ପାନୀୟ ଓ ରୋଷେଇ ପାଇଁ ବ୍ୟବହାର କରୁଥିବା ଖବର ପ୍ରକାଶନ ହୋଇଥିଲା। ଗ୍ରାମରେ ପାନୀୟ ଜଳର ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଯାଇ ପ୍ରଶାସନ ଆଜି ଉକ୍ତ ଗ୍ରାମରେ ଦୁଇଟି ନଳକୂପ ବସାଇ ଗ୍ରାମବାସୀଙ୍କ ମୁହଁରେ ହସ ଫୁଟାଇଛନ୍ତି। ଗ୍ରାମରେ ନଳକୂପ ଖୋଳାଯାଇଥିବାରୁ ଗ୍ରାମବାସୀ କପ୍ତିପଦା ବିଡିଓ ରେଶେମା ଟେଟେ, ମୟୂରଭଞ୍ଜ ଜିଲ୍ଲାପାଳ ହେମାକାନ୍ତ ସୟ ଓ 'ସକାଳ' ଖବରକାଗଜକୁ ଧନ୍ୟବାଦ ଦେଇଥିବା ଯୁବ ସାମଜସେବୀ ଗାଲୁରାମ ଲାମାୟେ ପ୍ରକାଶ କରିଛନ୍ତି। ତେବେ ପ୍ରଶାସନ କେବେ ବିଦ୍ୟୁତ ସଂଯୋଗ କରୁଛି ଏହା ଦେଖିବା ପାଇଁ ବାକି ରହିଲା।

## ଝରପୋଖରିଆରେ ଟୋଲ୍ ଆଦାୟକୁ ଚ୍ୟାଲେଞ୍ଜ

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ

ବାରିପଦା, ୮ ।୧(ସମିସ)




ଅସମ୍ପୂର୍ଣ୍ଣ ୪୯ନଂ ଜାତୀୟ ରାଜପଥର ଅସୁରକ୍ଷିତ ଓ ବିପଜ୍ଜନକ ରାସ୍ତାରେ ଟୋଲ୍ ଆଦାୟକୁ ଚ୍ୟାଲେଞ୍ଜ କରି ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ରାଇରଙ୍ଗପୁରର ବାସିନ୍ଦା ତଥା ସୁପ୍ରିମକୋର୍ଟର ଆଡଭୋକେଟ୍ ଆକାଶ ଶର୍ମାଙ୍କ ଅଭିଯୋଗକୁ ଭିତ୍ତି କରି ଏହି ମାମଲା ଡବ୍ଲ୍ୟୁପି(ସି) (ପିଆଇଏଲ୍) ନଂ.୧୧୫/୨୦୨୫ ରୂପେ ଉଚ୍ଚନ୍ୟାୟାଳୟରେ ଦାଏର ହୋଇଛି। ଏନଏଚ ୪୯ ରାସ୍ତାର ଝରପୋଖରିଆସ୍ଥ ଟୋଲ ପ୍ଲାଜାରେ ଅବୈଧ ଟୋଲ୍ ଆଦାୟକୁ ବିରୋଧ କରି ଏହି ମାମଲାରେ ଚ୍ୟାଲେଞ୍ଜ କରାଯାଇଛି। ଝରପୋଖରିଆରେ ଅସମ୍ପୂର୍ଣ୍ଣ ପୋଲ ଓ ଦୁଆରଶୁଣି ଘାଟିର ୯ କିମି ଅସମ୍ପୂର୍ଣ୍ଣ ଅଂଶ ଅତ୍ୟନ୍ତ ବିପଜ୍ଜନକ ଓ ଯାନବାହନ ଚଳାଚଳ ଯୋଗ୍ୟ ନୁହେଁ ବୋଲି ଅଭିଯୋଗରେ ଯୁକ୍ତି ଉପସ୍ଥାପନ କରାଯାଇଛି।

୨୦୧୮ରୁ ଉପରୋକ୍ତ ରାସ୍ତା ଅସମ୍ପୂର୍ଣ୍ଣ ତଥା ଅତ୍ୟନ୍ତ ଖରାପ ଅବସ୍ଥାରେ ରହିଛି। ଏହି ସମୟରେ ୫୦୦ରୁ ଅଧିକ ଦୁର୍ଘଟଣା ଘଟିଛି ଓ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଏହା ଦୈନନ୍ଦିନ ଯାତ୍ରୀ, ଆମ୍ବୁଲାନ୍ସ, ସ୍କୁଲ୍ ଯାନ ଓ ଜରୁରୀ ସେବାକୁ ଗୁରୁତର ପ୍ରଭାବିତ କରୁଛି। ଏପରି ଅବସ୍ଥାରେ ଟୋଲ୍ ଆଦାୟ ଅବୈଧ ଓ ସମ୍ବିଧାନ ବିରୋଧୀ। ଏହା ନ୍ୟାସନାଲ୍ ହାଇୱେ ଫି (ଡିଟର୍ମିନେସନ୍ ଅଫ୍ ରେଟ୍ସ ଆଣ୍ଡ କଲେକ୍ସନ୍) ରୁଲ୍ସ, ୨୦୦୮ର ରୁଲ୍ ୩(୧) ସହ ରୁଲ୍ ୬, ନ୍ୟାସନାଲ୍ ହାଇୱେ ଆକ୍ଟ, ୧୯୫୬ ଏବଂ ଭାରତୀୟ ସମ୍ବିଧାନର ଆର୍ଟିକଲ୍ ୧୪, ୨୧ ଏବଂ ୨୬୫ର ଉଲ୍ଲଙ୍ଘନ କରୁଛି। ଟୋଲ୍ କେବଳ ସେହି ସମୟରେ ଆଦାୟ କରାଯାଇପାରିବ ଯେତେବେଳେ ରାସ୍ତା ସୁରକ୍ଷିତ, ଅବାଧ ଓ ଯାନବାହନ ଚଳାଚଳ ଯୋଗ୍ୟ ହୋଇଥିବ। ଅଭିଯୋଗରେ ସ୍ପଷ୍ଟ କରାଯାଇଛି ଯେ, ଏହି ରାସ୍ତା ମରାମତି ଓ ବିସ୍ତାରଣ ସମ୍ବନ୍ଧରେ ଏକ ପୂର୍ବ ପିଆଇଏଲ୍ ବିଚାରାଧୀନ ଥିବାବେଳେ, ଏହି ମାମଲା ଏକ ଭିନ୍ନ ଏବଂ ସ୍ୱାଧୀନ ପ୍ରସଙ୍ଗ ଦର୍ଶାଉଛି। ଏହା ଅସୁରକ୍ଷିତ ଅବସ୍ଥାରେ ଟୋଲ୍ ଆଦାୟର ଜାରି ରଖିବା ସମ୍ବନ୍ଧରେ ଉଲ୍ଲେଖ ରହିଛି। ଡିସେମ୍ବର ପହିଲାରେ ହୋଇଥିବା ଅଭିଯୋଗର ଉତ୍ତରରେ ଏନ୍ଏଚ୍ଏଆଇର ପ୍ରୋଜେକ୍ଟ ଡାଇରେକ୍ଟର, ପିଆଇୟୁ ଚଣ୍ଡିଖୋଲ, ସ୍ୱୀକାର କରିଛନ୍ତି ଯେ, ବାଙ୍ଗିରିପୋଷି-ଦ୍ୱାରଶୁଣି ଘାଟି ଅଂଶର ବିସ୍ତାରଣ ଏକ ନୂତନ ଇପିସି କଣ୍ଟ୍ରାକ୍ଟ ଅନୁଯାୟୀ ନିକଟରେ ଆରମ୍ଭ ହୋଇଛି ଓ ତାହା ନିର୍ଦ୍ଧାରିତ ତା୨୨।୧୧।୨୦୨୭ରିଖ ମଧ୍ୟରେ ସମାପ୍ତ ହେବେ। ଏହା ମଧ୍ୟ ସ୍ୱୀକାର କରାଯାଇଛି ଯେ, ଘାଟି ଅଂଶର ଏକ ବଡ଼ ଭାଗ, ବନାଞ୍ଚଳ ସମ୍ବେଦନଶୀଳ ଅଞ୍ଚଳ ସମେତ, ନିର୍ମାଣାଧୀନ ରହିଛି। ଏହି ସ୍ୱୀକାରୋକ୍ତି ସତ୍ତ୍ୱେ ଯାତ୍ରୀଙ୍କଠାରୁ ପୂର୍ଣ୍ଣ ଟୋଲ୍ ଆଦାୟ ଜାରି ରହିଛି। ପିଟିସନ୍ ବିଚାରପତିଙ୍କ ପୂର୍ବ ନିର୍ଣ୍ଣୟକୁ ଆଧାର କରି କୁହାଯାଇଛି ଯେ, ନାଗରିକଙ୍କୁ ଅସୁରକ୍ଷିତ ଓ ଖାଲଖମା ରାସ୍ତାରେ ଟୋଲ୍ ଦେବାକୁ ବାଧ କରାଯାଇପାରିବନାହିଁ। ଏଣୁ ହାଇକୋର୍ଟରୁ ଉପଯୁକ୍ତ ନିର୍ଦ୍ଦେଶନାମା ଆଶା କରିଛନ୍ତି ଅଭିଯୋଗକାରୀ ଶ୍ରୀ ଶର୍ମା। ଯାହାକି ରାସ୍ତା ପୂର୍ଣ୍ଣରୂପେ ସୁରକ୍ଷିତ ଓ ଯାନବାହନ ଚଳାଚଳ ଯୋଗ୍ୟ ହେବା ପର୍ଯ୍ୟନ୍ତ ଅବୈଧ ଟୋଲ୍ ଆଦାୟକୁ ବନ୍ଦ ପାଇଁ ସେ ଗୁହାରୀ କରିଛନ୍ତି। ଏହି ମାମଲାର ବ୍ୟାପକ ଜନସ୍ୱାର୍ଥ ରହିଛି, ବିଶେଷକରି ମୟୂରଭଞ୍ଜ ଏବଂ ପାଖାପାଖି ଅଞ୍ଚଳର ବାସିନ୍ଦାଙ୍କ ପାଇଁ। ଯେଉଁମାନେ ଦୈନନ୍ଦିନ ପରିବହନ ଓ ଜରୁରୀ ଚଳାଚଳ ପାଇଁ ଏନଏଚ୪୯ର ଉପରୋକ୍ତ ରାସ୍ତା ଉପରେ ନିର୍ଭର କରନ୍ତି। ମାମଲାର ଶୁଣାଣି ନିକଟରେ ହେବାର ଆଶା କରାଯାଉଛି।

# ମଦ ବୋଝେଇ ବୋଲେରୋ ଜବତ, ଜଣେ ଗିରଫ



**ମୋରଡା, ୮।୧(ସମିସ):** ମୋରଡା ଅବକାରୀ ବିଭାଗ ଗୁରୁବାର ସୁବର୍ଣ୍ଣରେଖା ରାସ୍ତା ଦେଇଯାଉଥିବା ଏକ ଦେଶୀମଦ ବୋଝେଇ ବୋଲେରୋକୁ ଜବତ କରିଛି। ଅବକାରୀ ଇନ୍ସପେକ୍ଟର ଦୀପକ ରାଉତଙ୍କ ସୂଚନା ମୁତାବକ, ଆଜି ଅପରାହ୍ନ ୩ଟା ୩୦ମିନିଟ ସମୟରେ ଏକ ବୋଲେରରେ ବେଆଇନ ଭାବେ ୫୬୦ ଲିଟର ଦେଶୀ ମଦ ପଡୋଶୀ ପଶ୍ଚିମବଙ୍ଗର ଧୁମସାହିରୁ ସୁନାକଣିଆକୁ ମୋରଡା ବ୍ଲକ ରାସ୍ତା ଦେଇ ଯାଉଥିଲା। ଖବର ପାଇ ମୋରଡା ଅବକାରୀ ଅଧିକାରୀ ଦୀପକ ରାଉତ, ଏଏସଆଇ ରେଣୁକା ମଲ୍ଲିକ, କନଷ୍ଟେବଲ ଯଶୋବନ୍ତ ନାଏକ ଓ ପିଥନାଥ ମୁର୍ମୁ ମୋରଡା ବ୍ଲକର ପଳାସମୁଣ୍ଡି କେନାଲ ବନ୍ଧ ରାସ୍ତା ଉପରେ ବୋଲେରକୁ ଅଟକାଇଥିଲେ। ବୋଲେରୋକୁ ଜବତ କରିବା ସହିତ ଡ୍ରାଇଭର ସତ୍ୟଜିତ ସେଠୀଙ୍କୁ ଗିରଫ କରିଥିବାବେଳେ ଅନ୍ୟଜଣେ ଫେରାର ଅଛନ୍ତି। ଏ ନେଇ ଅବକାରୀ ଥାନାରେ ୧୭୧/୨୬ରେ ଏକ ମାମଲା ରୁଜୁ ହୋଇଛି।

## ମାସାଧିକ କାଳ ବାଲି ବୋଝେଇ ହାଇୱା ଅଟକ ଘଟଣା

# ପରିବହନ ସଂସ୍ଥା ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ

**ବାରିପଦା, ୮ ।୧(ସମିସ):** ଖଣି ବିଭାଗ ପାଖରୁ ଜବତ ବାଲି ନିଲାମ ନେଇ ପରିବହନ କରୁଥିବା ଏକ ହାଇୱାକୁ ପୁଲିସ୍ ଓ ଖଣିବିଭାଗ ମାସାଧିକ କାଳ ଅଟକ ରଖିବା ନେଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଛି ପରିବହନ ସଂସ୍ଥା। ଏମ/ଏସ୍ ଲଗ୍ନ ଟ୍ରେଡର୍ସ, କଟକ ପକ୍ଷରୁ ଆଇନଜୀବୀ ପ୍ରବୋଧ ନାୟକ ଓଡ଼ିଶା ଉଚ୍ଚନ୍ୟାୟାଳୟରେ ନ୍ୟାୟ ପାଇଁ ଡିସେମ୍ବର ୨୭ ତାରିଖରେ ଦ୍ୱାରସ୍ଥ ହୋଇଥିବାବେଳେ ଡବ୍ଲୁପି(ସି) ୫୫୦୯୮/୨୦୨୫ ଆବେଦନ କ୍ରମେ ୪୬୮/୨୦୨୬ରେ ମାମଲା ପଞ୍ଜିକୃତ ହୋଇଛି। ଏଥିରେ ଓଡ଼ିଶା ସରକାର, ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସପି, ଖଣି ନୀରିକ୍ଷକ, ବେତନଟୀ ଥାନାଧିକାରୀ, କୃଷ୍ଣଚନ୍ଦ୍ରପୁର ଆଉଟପୋଷ୍ଟର ସହକାରୀ ଇନିସପେକ୍ଟର ଓ ଶ୍ରୀଧର ଜେନାଙ୍କୁ ପକ୍ଷ ରଖାଯାଇଛି।

ବୁଢାବଳଙ୍ଗ ନଦୀର କାଞ୍ଚନପାଳ ନିକଟରେ ବେଆଇନ ବାଲି ମହଜୁଦ ଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜବତ କରାଯିବା ପରେ ଖଣି ବିଭାଗ ନିଲାମ କରିଥିଲା। ନିଲାମ ବାଲି ପରିବହନ ସମୟରେ କେତେକ ଗ୍ରାମବାସୀ ଭୁଲ ରାସ୍ତାରେ ପରିବହନ ଦର୍ଶାଇ ଅଟକ ରଖି ବେତନଟୀ ପୁଲିସକୁ ହସ୍ତାନ୍ତର କରିଥିଲେ। ତେବେ ପରିବହନ ସଂସ୍ଥା ହାତୀପଲ ଭୟରେ ଚାଳକ ଅନ୍ୟ ରାସ୍ତାରେ ନେଉଥିବା ଯୁକ୍ତି ଉପସ୍ଥାପନ ସତ୍ତ୍ୱେ ପୁଲିସ ହାଇୱାକୁ ଛାଡିନଥିଲା। ବେତନଟୀ ଆଇଆଇସି ସସ୍ମିତା ମହାନ୍ତଙ୍କ କହିବାନୁଯାୟୀ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସମସ୍ତ ଉପରିସ୍ଥ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଅବଗତ ଅଛନ୍ତି। ଏଣୁ ଉଚ୍ଚ ନ୍ୟାୟାଳୟଙ୍କୁ ସମସ୍ତ ତଥ୍ୟ ପ୍ରମାଣ ପ୍ରଦାନ କରାଯିବ।

# ରୟାଲ୍ସ ପ୍ରିମିୟର ଲିଗ୍‌ର ଷଷ୍ଠ ଦିବସରେ ୪ଟି ମ୍ୟାଚ୍



**ବାରିପଦା, ୮ ।୧(ସମିସ):** ଷ୍ଟେସନ ଆଥଲେଟିକ ଆସୋସିଏସନ୍ ପକ୍ଷରୁ ଚାଲିଥିବା ରୟାଲ୍ସ ପ୍ରିମିୟର ଲିଗର ଷଷ୍ଠ ଦିନରେ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଯୁବ ନେତା ରାକେଶ ସିଂ ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ବିକ୍ରମ କେଶରୀ ବେହେରା ଯୋଗଦେଇ ଖେଳକୁ ଉଦଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲିଗ୍‌ର ସଭାପତି ସଞ୍ଜୀବ ଦ୍ୱିବେଦୀ, ଷ୍ଟେସନ ଆଥଲେଟିକ ଆସୋସିଏସନର ଉପସଭାପତି ଆଦିତ୍ୟ ଦଣ୍ଡପାଟ, କ୍ରିକେଟ ସମ୍ପାଦକ ରାମେଶ୍ୱର ମାଝୀ ଓ ବରିଷ୍ଠ ସଦସ୍ୟ ପୱନ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍‌ରେ ଭି ରୋର ୨୫ ରନରେ ଥ୍ରୀଲର ଦଳକୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ଆଞ୍ଜୋଲ ରଣା ୮୭ ରନରେ ମା' ଅମ୍ବିକା ସୁପର ସ୍କ୍ୱାସର ଦଳ, ତୃତୀୟ ମ୍ୟାଚରେ ପରୀ ଚ୍ୟାଲେଞ୍ଜର ଦଳ ୧୧ ରନରେ ଏମର୍ଜିଂ ଟାଇଟନ ଦଳକୁ ପରାସ୍ତ କରିଥିଲା। ଚତୁର୍ଥ ମ୍ୟାଚରେ ମା' ତାରିଣୀ ୱାରିୟର୍ସ ୨ ରନରେ ଜଗନ୍ନାଥ ୱାରିୟର୍ସ ଦଳକୁ ପରାସ୍ତ କରିଥିଲା। ଲକ୍ଷ୍ମୀଧର ସିଂ, ପ୍ରସନ୍ନଜିତ ମହାନ୍ତି, ଅବିନାଶ କଲିଆ ଓ ତାପସ ଦେ ଖେଳ ପରିଚାଳନା କରିଥିବାବେଳେ ବିଶ୍ୱ ସ୍କୋରର ଥିଲେ। ରାଜେଶ ସାହୁ ମ୍ୟାଚ୍ ରେଫରୀ, ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ।

## ପାଟଣା ରେଞ୍ଜରେ ଗୋଠଛଡ଼ା ଦନ୍ତାର ଉପଦ୍ରବ

# ବିଳମ୍ବିତ ରାତିରେ ଭାଙ୍ଗିଲା ୩ ଘର



**ତୁରୁମୁଙ୍ଗା, ୮।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ବିଳମ୍ବିତ ରାତିରେ ଏକ ଗୋଠଛଡା ଦନ୍ତା ଆତଙ୍କ ଖେଳାଇଛି। ମଲିପଶି ବିଟ୍ ନୂଆପଡ଼ା ଓ ରାମଚନ୍ଦ୍ରପୁର ଗ୍ରାମରେ ଆତଙ୍କ ଖେଳାଇ ୩ ଟି ଘର ଭାଙ୍ଗି ଘର ଭିତରୁ ଧାନ ଓ ଚାଉଳ ଖାଇ ନଷ୍ଟ କରିଦେଇଛି। ଘଟଗାଁ ରେଞ୍ଜରୁ ଏହି ଗୋଠଛଡା ଦନ୍ତା ଆସି ନୂଆପଡ଼ା ଗ୍ରାମର ଜଳଧର ନାଏକ ଏବଂ ଅକ୍ଷୟ ନାଏକ ଙ୍କ ଘର ଭାଙ୍ଗି ଦେଇଥିବା ବେଳେ ରାମଚନ୍ଦ୍ରପୁର ଗ୍ରାମର ବରୁଣ ନାଏକଙ୍କ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛି। ସେହିପରି ଆଉ ଏକ ୨୫ ଟିକିଆ ହାତୀପଲ ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଅଞ୍ଚଳରେ ଆତଙ୍କ ଖେଳାଇବା ସହ ଅଞ୍ଚଳରେ ବ୍ୟାପକ ପନିପରିବା ଚାଷକୁ ପାଦରେ ଦଳି ଚକଟି ନଷ୍ଟ କରିଦେଇଛନ୍ତି। ହାତୀପଲଙ୍କ ଉପଦ୍ରବରେ ଲୋକେ ଅତିଷ୍ଠ ହୋଇ ପଡ଼ିଥିବା ବେଳେ ଗାଁ ନିକଟରେ ହାତୀପଲଙ୍କ ଉପସ୍ଥିତିକୁ ନେଇ ଭୟଭୀତ ଅବସ୍ଥାରେ ରହିଛନ୍ତି।

# ୯୯ ହଜାର ଟଙ୍କା ଠକିନେଲେ ସାଇବର ଅପରାଧୀ

**ବାରିପଦା, ୮ ।୧(ସମିସ):** ବୀମା ଆଳରେ ସାଇବର ଅପରାଧୀ ୯୯,୦୦୦ ଟଙ୍କା ଠକି ନେଇଛନ୍ତି। ଏ ନେଇ ଲାଲବଜାର ଅଞ୍ଚଳର ଆଇନଜୀବୀ ଜ୍ୟୋତି ପ୍ରକାଶ ରଥ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କର ଏ ବୀମା ସାରିବାକୁ ଥିବାବେଳେ ତାହା ଉଠାଣ ସମୟ ହୋଇଛି। ସାଇବର ଅପରାଧୀ ଜଣକ ନିଜକୁ ଉକ୍ତ ବୀମା କମ୍ପାନୀର କର୍ମଚାରୀ ବୋଲି ପରିଚୟ ଦେଇ ଫୋନ କରିଥିଲା। ଟଙ୍କା ଉଠାଣ ନିମନ୍ତେ କାର୍ଯ୍ୟ ପ୍ରକ୍ରିୟା ନିମନ୍ତେ ଅନଲାଇନ ଜରିଆରେ କାର୍ଯ୍ୟ କରିବାକୁ କହିଥିଲେ। ସେ ମଧ୍ୟ ବିଶ୍ୱାସ କରି ସେହି ଅନୁଯାୟୀ ଅନଲାଇନ କାର୍ଯ୍ୟ କରିଥିଲେ। ଏହାର କିଛି ସମୟ ପରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୯୯,୦୦୦ ଟଙ୍କା ତାଙ୍କ ଅଜାଣତରେ ଉଠାଣ ହୋଇଥିବା ମେସେଜ ଆସିଥିଲା। ସେ ସାଇବର ଠକେଇର ଶିକାର ନେଇ ଜାଣିବା ପରେ ବ୍ୟାଙ୍କକୁ ଯୋଗାଯୋଗ କରିଥିଲେ। ଏହାପରେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି।

# ଠାକୁରମୁଣ୍ଡା ବ୍ଲକ୍ ଠିକାଦାର ସଂଘର ବୈଠକ



**ମହୁଲଡିହା, ୮।୧(ସମିସ ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଠିକାଦାର ସଂଘର ଏକ ବୈଠକ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବସନ୍ତ ପଇବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ସମସ୍ତ ଠିକାଦାର ଟେଣ୍ଡର ସିଡ୍ୟୁଲ ରେଟରେ ପକାଇବା ଓ ବାହାର ଜିଲ୍ଲା ଠିକାଦାର ନିମ୍ନମାନର କାମ କରୁଥିବାରୁ କୌଣସି ଠିକାଦାରଙ୍କୁ ବ୍ଲକରେ ଟେଣ୍ଡର ନ ପକାଇବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ଯଦି କୌଣସି ଜିଲ୍ଲାର ବାହାର ଠିକାଦାର ଟେଣ୍ଡର ପକାନ୍ତି, ତେବେ ବିରୋଧ କରାଯିବା ପାଇଁ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଚକ୍ରଧର ଦାସ, ପଦ୍ମଲୋଚନ ପଣ୍ଡା, ତାପସ ପଣ୍ଡା, ଦିବାନ ଅଲ୍ଲୀ, ଶ୍ରୀମନ୍ତ ଦାସ, ଜ୍ୟୋତିଶ ଦାଶ, ଆରସେଦ ହୁସେନ, ବିମଳ ସେନାପତି ଓ ଧିରେନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ଗିରଫ ପିଇଓଙ୍କ ଘରେ ଭିଜିଲାନ୍ସର ପୁଣି ଖୋଳତାଡ଼

**ହାଟଡ଼ିହୀ, ୮।୧(ସମିସ):** ଗତ ଡ଼ିସେମ୍ବର ମାସ ୩୦ ତାରିଖରେ ହାଟଡ଼ିହୀ ବ୍ଲକ ବଞ୍ଚୋ ପଞ୍ଚାୟତ ପିଇଓ ଜିତେନ୍ଦ୍ର ଜେନାଙ୍କ ଘରେ ଭିଜିଲାନ୍ସ ରେଡ୍ କରିବା ସହିତ ଆୟ ବହିର୍ଭୁତ ସମ୍ପତି ଠୁଳ ମାମଲାରେ ଜିତେନ୍ଦ୍ରଙ୍କୁ ଗିରଫ କରିଥିଲା। ସେଦିନ ତାଙ୍କର ଘର ସମେତ ବ୍ୟବସାୟ ପ୍ରତିଷ୍ଠାନ, ଶ୍ୱଶୁର ଘର, ପଞ୍ଚାୟତ ଅଫିସ ଆଦି ୬ଟି ସ୍ଥାନରେ ରେଡ୍ କରି ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ କରିଥିଲା। ଏହି ଘଟଣାରେ ଭିଜିଲାନ୍ସ ବିଭାଗ ଜିତେନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ସେଦିନ ତାଙ୍କ ବସନ୍ତିଆ ବଜାରସ୍ଥିତ ଗୋଦାମର ଚାବି ମିଳି ନଥିବାରୁ ଯାଞ୍ଚ ଅଧାରେ ରହିଥିଲା। ପୁନର୍ବାର ଆଜି ସକାଳେ ବାଲେଶ୍ୱର ଭିଜିଲାନ୍ସର ଏକ ୧୦ ଜଣିଆ ଟିମ ପହଁଞ୍ଚି ଗୋଦାମ ଘର ଚାବି ଖୋଲିବା ସହିତ ଯାଞ୍ଚ କରୁଛନ୍ତି। ସମ୍ପୃକ୍ତ ପିଇଓ ଜଣଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନିଲମ୍ବିତ କରାଯାଇଥିବା ହାଟଡ଼ିହୀ ବିଡ଼ିଓ ରଞ୍ଜନ ପରିଡ଼ା ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ବଞ୍ଚୋ ପଞ୍ଚାୟତର ପିଇଓ ଜିତେନ୍ଦ୍ର ଜେନା ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିଥିବା ନେଇ ଅଭିଯୋଗ ପରେ ଭିଜିଲାନ୍ସ ଚଢ଼ଉ କରି ଜିତେନ୍ଦ୍ରଙ୍କ ଅନେକ ସ୍ଥାବର, ଅସ୍ଥାବର ସମ୍ପତ୍ତି ଠାବ କରିଥିଲା।

## ଟାଟା ଏସିଇରୁ ଗୋରୁ ମୁଣ୍ଡ ଓ ଚମଡ଼ା ଜବତ ଘଟଣା

# ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ

**ରାଇରଙ୍ଗପୁର, ୮।୧(ସମିସ):** ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ଟାଟା ଏସସିରୁ ଗୋରୁ ମୁଣ୍ଡ ଓ ଚମଡା ଜବତ ଘଟଣାରେ ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଛି। ହାଟବାଦଡା ଅଞ୍ଚଳର କାଦୁଆଣି ଛକ ନିକଟରେ ଜାତୀୟ ରାଜପଥ ୨୨୦ରେ ବୁଧବାର ରାତିରେ ଗୋ ମୁଣ୍ଡ ଓ ଚମଡା ବୋଝେଇ ଟାଟା ଏସସି ଓଲଟିଥିଲା। ପଶ୍ଚିମବଙ୍ଗର ଏକ ଟାଟା ଏସସି ଗାଡିରେ ଉକ୍ତ ଜିନିଷ ତେଣ୍ଟପୋଷି ପଟୁ ରାଇରଙ୍ଗପୁର ପଟକୁ ଆସୁଥିଲା। ଉକ୍ତ ସମୟରେ କୌଣସି କାରଣ ପାଇଁ ଗାଡିଟି ଓଲଟି ପଡ଼ିଥିଲା। ଘଟଣାସ୍ଥଳରୁ ଗାଡି ଚାଳକ ଓ ସହାୟକ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇବାରୁ ଲୋକେ ରାସ୍ତା ଅବରୋଧ କରିଥିଲେ। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ଥମିଥିଲା। ତେବେ ଏହାକୁ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ ହୋଇଥିଲା। ଅତିରିକ୍ତ ଏସପି ଯଦୁନାଥ ଜେନାଙ୍କ ନେତୃତ୍ୱରେ ଥାନା ଅଧିକାରୀ ଓ ଏଏସଆଇ ନେଇ ତଦନ୍ତ ଆରମ୍ଭ ହୋଇଛି।

## କୁଶପଦା ଗ୍ରାମ ହତ୍ୟା ଘଟଣା, ଅଭିଯୁକ୍ତ ଗିରଫ

# ଭୂତପ୍ରେତ ପ୍ରତି ଭୟ କରି ବାପା ଓ ସମ୍ପର୍କୀୟ ଭାଇକୁ ହତ୍ୟା

କରଞ୍ଜିଆ, ୮।୧(ସମିସ)



କରଞ୍ଜିଆ ଥାନା ଅନ୍ତର୍ଗତ କୁଲିପଶଡି ପଞ୍ଚାୟତର କୁଶପଦା ଗ୍ରାମରେ ଗତକାଲି ଅପରାହ୍ନରେ ବିନୟ ପାତ୍ର ନାମକ ଜଣେ ବ୍ୟକ୍ତି ନିଜ ପିତା ଓ ସମ୍ପର୍କୀୟ ଭାଇକୁ ଅତି ନୃଶଂସ ଭାବେ କୋଦାଳରେ ହାଣି ହତ୍ୟା କରିଥିଲା। ଏ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ହତ୍ୟାର ସଠିକ କାରଣ ଜଣାପଡ଼ିନଥିଲେ ସୁଦ୍ଧା ଖୋଦ ହତ୍ୟାକାରୀ ବିନୟ ପାତ୍ର ଭୂତ ପ୍ରେତ ଉପରେ ଡରି ପିତୃ ଓ ଭାତୃ ହତ୍ୟା କରିଥିବାର ସ୍ୱୀକାର କରିଛି। କୋଦାଳରେ ହତ୍ୟା କରିବା ପରେ କୋଦାଳକୁ ବିନୟ ଘର ପଛ ପାଖ ବୁଦା ମୂଳରେ ଲୁଚାଇ ରଖିଥିଲା। ତେବେ ପୁଲିସ ଖବର ପାଇ ହତ୍ୟାକାରୀ ବିନୟକୁ ଗିରଫ କରି ଗତକାଲି ଥାନାକୁ ଆଣିଥିଲା। ଆଜି ଡାକ୍ତରୀ ପରୀକ୍ଷା ପରେ ଘଟଣାସ୍ଥଳ ପରିଦର୍ଶନ କରିବା ପରେ କୋର୍ଟ ଚାଲାଣ କରାଯାଇଥିଲା। ତା' ବିରୋଧରେ କରଞ୍ଜିଆ ଥାନାର କେସ ନମ୍ବର ୧୧୩, ବିଏନଏସ ୧୦୩(୧) ଧାରାରେ ମାମଲା କରାଯାଇଛି।

କୁଶପଦା ଗ୍ରାମର ପ୍ରଫୁଲ ପାତ୍ରଙ୍କ ବଡ଼ପୁଅ ବିନୟ ପାତ୍ର (୩୭)। ସେ ନିକଟ କାଦଡିହା ଆରଏନ ଡିଗ୍ରୀ କଲେଜରୁ ଇତିହାସ ସମ୍ମାନରେ ବିଏ ପାସ କରିଥିଲା। ପରେ ସେ ଗୋଆ ଯାଇ ଏକ ମେଡ଼ିସିନ କମ୍ପାନୀରେ ଚାକିରି କରିଥିଲା। ମା'ଙ୍କ ମୃତ୍ୟୁ ଖବର ପାଇ ସେ ଗାଁକୁ ଫେରି ଆସିଥିଲା। ଘରେ ପିତା ପ୍ରଫୁଲ ଗାଳିଗୁଲଜ କରିଆସୁଥିଲେ। ଗ୍ରାମର ଗଣେଶ୍ୱର ପାତ୍ର ନାମକ ଜଣେ ସମ୍ପର୍କୀୟ ଭାଇ ପିତାଙ୍କ ସହ ମିଶି ତା' ଦେହ ଭିତରକୁ ଭୂତ ପ୍ରେତ ପ୍ରବେଶ କରୁଥିଲା ବୋଲି ବିନୟ ବିଶ୍ୱାସ କରୁଥିଲା। ଏଣୁ ଏହି ଦୁଇ ଜଣଙ୍କ ଉପରେ ବିନୟ ରାଗ ରଖିଥିଲା। ଗତକାଲି ଅପରାହ୍ନ ୪.୩ ମିନିଟ ସମୟରେ ପ୍ରଫୁଲ ନିଜ ଘରେ ଶୋଇଥିବା ସମୟରେ ଏକ କୋଦାଳରେ ୪/୫ ଚୋଟ ମୁଣ୍ଡକୁ ମାରିଥିଲା। ଘଟଣାସ୍ଥଳରେ ପ୍ରଫୁଲଙ୍କ ମୃତ୍ୟୁ ଘଟିଥିଲା। ପରେ ସେଠାରୁ ଗଣେଶ୍ୱର ଘରକୁ ଯାଇ ସେହି କୋଦାଳରେ ଆକ୍ରମଣ କରିଥିଲା। ଗଣେଶ୍ୱରଙ୍କ ପୁଅ ମଳୟ ଚିତ୍କାର ଶୁଣି ଘଟଣାସ୍ଥଳକୁ ଯାଇ ନିଜ ପିତାକୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲା। କରଞ୍ଜିଆ ଡାକ୍ତରଖାନାରେ ଗଣେଶ୍ୱରଙ୍କୁ ମୃତ ଘୋଷଣା କରାଯାଇଥିଲା। ଥାନା ଅଧିକାରୀ ଖବର ପାଇ କୁଶପଦା ଗ୍ରାମକୁ ଯାଇ ହତ୍ୟାକାରୀ ବିନୟକୁ ଧରି ଥାନାକୁ ଆଣିଥିଲା। ଥାନା ଅଧିକାରୀ ଶରତ ଚନ୍ଦ୍ର ମାହାଲିକ ନିଜେ ଏହି ଘଟଣାର ତଦନ୍ତ କରି ଆଜି ଆସାମୀକୁ କୋର୍ଟ ଚାଲାଣ କରିଛନ୍ତି।

# ଜଙ୍ଗଲ ନିଆଁକୁ ଆୟତ୍ତ କଲା ଅଗ୍ନିଶମ ବାହିନୀ

**ତୁରୁମୁଙ୍ଗା, ୮।୧(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ମୂଷାଖୋରୀ କାଶିଆ ଜଙ୍ଗଲରେ ଗୁରୁବାର ଅପରାହ୍ନରେ ନିଆଁ ଲାଗି ଅନେକ ମୂଲ୍ୟବାନ ଗଛ ଜଳିପଡ଼ି ନଷ୍ଟ ହୋଇଥିବା ବେଳେ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଜଙ୍ଗଲରେ ନିଆଁ ଲାଗିବା କାରଣ ଅସ୍ପଷ୍ଟ ଥିବା ବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ସ୍ଥାନୀୟ ଲୋକେ ଜଙ୍ଗଲ ରେ ନିଆଁ ଲାଗିଥିବା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ପାଟଣା ଅଗ୍ନିଶମ ବାହିନୀ ପକ୍ଷରୁ ଦୀର୍ଘ ସମୟ ପ୍ରଚେଷ୍ଟା ପରେ ନିଆଁ ଆୟତ୍ତ ହୋଇଥିଲା।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**ବେତନଟୀ, ୮।୧(ସମିସ):** ବେତନଟୀ ବ୍ଲକ ଅଧୀନସ୍ଥ ମୁକ୍ତାପୁର ପଞ୍ଚାୟତ ଅନ୍ତର୍ଗତ ସିଦ୍ଧେଶ୍ୱର ହାଇସ୍କୁଲ ଛଚିନାପଦାର ପ୍ରଧାନଶିକ୍ଷକ ବିମଲ କୁମାର ଜେନା ଡିସେମ୍ବର ୩୧ ତାରିଖ ଦିନ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଶ୍ରୀ ଜେନାଙ୍କ ଉଦ୍ଦେଶ୍ୟରେ ଉକ୍ତ ବିଦ୍ୟାଳୟରେ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସୁଶାନ୍ତ କୁମାର ବଳାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ଓଷ୍ଟା ସଂଘ ସମ୍ପାଦକ କିଶୋର ଆଚାର୍ଯ୍ୟ, ବ୍ଲକ ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ, ସିଆରସିସି ପ୍ରଦୀପ ଦାସ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନମୋହନ ସାହୁ, ମୁକ୍ତାପୁର ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ପରିଚାଳନା କମିଟି ସଦସ୍ୟ, ପୂର୍ବତନ ପରିଚାଳନା କମିଟି ସଦସ୍ୟଙ୍କ ସମେତ ଗ୍ରାମବାସୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଶ୍ରୀ ଜେନା ୧୯୯୨ରେ ଏହି ବିଦ୍ୟାଳୟରେ କାର୍ଯ୍ୟରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ଶିକ୍ଷକ ବିଜୟ ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଅନୁଗୋଳ ଓ ତାଳଚେରରେ ବାୟୁ ପ୍ରଦୂଷଣ ନେଇ ଚିନ୍ତା

**କେନ୍ଦ୍ର ପରିବେଶ ମନ୍ତ୍ରୀ, କୋଇଲା ମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡ଼ିଲେ**

ଅନୁଗୋଳ,୮ ।୧(ସମିସ): ଅନୁଗୋଳ-ତାଳଚେର ଶିଳ୍ପାଞ୍ଚଳରେ ବଢୁଥିବା ମାତ୍ରାଧିକ ବାୟୁ ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ପରିବେଶ ମନ୍ତ୍ରୀ, କୋଇଲା ମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିଶାନ ରେଡ୍ଡୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୃଥକ ପତ୍ର ଲେଖି ଜନସ୍ୱାସ୍ଥ୍ୟ ପ୍ରତି ସୃଷ୍ଟି ହୋଇଥିବା ବିପଦ ସମ୍ପର୍କରେ ଅବଗତ କରାଇଛନ୍ତି। ଅନୁଗୋଳରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଗମ୍ଭୀର ସ୍ଥିତିରେ ଥିବାରୁ ମନ୍ତ୍ରୀ ପ୍ରଧାନ ଚିନ୍ତା ପ୍ରକଟ କରିଛନ୍ତି। ବିଶେଷ କରି ତାଳଚେର ଦେଶର ସବୁଠାରୁ ପ୍ରଦୂଷିତ ସହର ତାଲିକାରେ ସ୍ଥାନ ପାଇବା ଉଦବେଗଜନକ ବିଷୟ ବୋଲି ସେ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାଦ୍ୱାରା ଶିଶୁ, ବୟସ୍କ ଏବଂ ଶ୍ୱାସକ୍ରିୟା ଜନିତ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିପନ୍ନ ହେଉଥିବା ସେ ପତ୍ରରେ ଉଲ୍ଲେଖ କରିଛନ୍ତି। ଶିଳ୍ପାଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ ନିୟମାବଳୀ କଡ଼ାକଡ଼ି ଲାଗୁ କରିବା ସହ ରିଅଲ୍-ଟାଇମ୍ ମନିଟରିଂ ବ୍ୟବସ୍ଥା ସୁଦୃଢ଼ କରିବା, କୋଇଲା ପରିବହନ କ୍ଷେତ୍ରରେ "ମେକାନାଇଜ୍ଡ୍ କୋଲ୍ ଟ୍ରାନ୍ସପୋର୍ଟେସନ୍ ସିଷ୍ଟମ' ଏବଂ ଉନ୍ନତ ଧୂଳି ଦମନ ପ୍ରକ୍ରିୟା ଆପଣାଇବାକୁ କୋଇଲା ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବା, ଶିଳ୍ପାଞ୍ଚଳ ଏବଂ ଖଣି କରିଡର ଚାରିପାଖରେ ବ୍ୟାପକ ବୃକ୍ଷରୋପଣ ମାଧ୍ୟମରେ "ଗ୍ରୀନ୍ ବଫର୍' ସୃଷ୍ଟି କରିବା ସହ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନସିଏପି) ଅନ୍ତର୍ଗତ ଲକ୍ଷ୍ୟ ଧାର୍ଯ୍ୟ ଯୋଜନାଗୁଡ଼ିକର ସମ୍ପ୍ରସାରଣ କରିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ମନ୍ତ୍ରୀ ପ୍ରଧାନ ଦର୍ଶାଇଛନ୍ତି ଯେ ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ (ଜିଆରଏପି) ଅନ୍ତର୍ଗତ ନିଆଯାଉଥିବା ପଦକ୍ଷେପଗୁଡ଼ିକ ସାମୟିକ। ତେଣୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲ୍ଲା ପ୍ରଶାସନ ଏବଂ ବିଭିନ୍ନ ଶିଳ୍ପସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷାକରି ସ୍ଥାୟୀ ସମାଧାନ ବାଟ ବାହାର କରିବା ଆବଶ୍ୟକ। ଅନୁଗୋଳ ଏବଂ ତାଳଚେର ଅଞ୍ଚଳବାସୀଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ ଉପରେ ଗୁରୁତ୍ୱାରୋପ କରିଛନ୍ତି।

## ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦଘାଟିତ



ଅନୁଗୋଳ,୮ ।୧(ସମିସ): ବୁଧବାର ପୂର୍ବାହ୍ନରେ ଅନୁଗୋଳ ବ୍ଲକ୍ ବେନ୍ତପୁର ପ୍ରାଥମିକ କୃଷି ସମବାୟ ସମିତିଠାରେ ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିବା ସହ କଟନିଛଟନି ବନ୍ଦ କରି ଧାନକ୍ରୟ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଅନୁଗୋଳ ସମବାୟ ସମିତି ସମୂହ ଉପ-ନିବନ୍ଧକ ଶରତ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ, କୃଷକ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

## ପବିତ୍ରନଗର କପ୍; ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ

ପବିତ୍ରନଗର,୮ ।୧(ସମିସ): କଣିହାଁ ବ୍ଲକ ପବିତ୍ରନଗର ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ପବିତ୍ରନଗର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ବେଙ୍ଗାଲୁରୁକୁ ହରାଇ କଟକ ରାଇଜିଂ ଷ୍ଟୁଡେଣ୍ଟ



ଦଳ ଫାଇନାଲରେ ପ୍ରବେଶ କରିଛି। ପୁରସ୍କାର ବିତରଣ ସଭାରେ ପାଲଲହଡ଼ା ପୂର୍ବତନ ବିଧାୟକ ମୁକେଶ ପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ଓ ପରାବିଲ ଗ୍ରାମ ସଭାପତି କରୁଣାକର ପ୍ରଧାନ, ପ୍ରଫୁଲ୍ଲ ମିଶ୍ର ଯୋଗଦେଇଥିଲେ।

## ଅନ୍ଧକଲ୍ୟାଣ ସମିତିର ଶୀତବସ୍ତ୍ର ବଣ୍ଟନ



କଣିହାଁ,୮ ।୧(ସମିସ): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଅନ୍ଧକଲ୍ୟାଣ ସମିତି ପକ୍ଷରୁ ୫୨ତମ ଶୀତବସ୍ତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଛି। କଣିହାଁ ପ୍ରଜାମଣ୍ଡଳ ପରିସରରେ ସମିତି ସଭାପତି ସୁଧାକର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏନଟିପିସି, କଣିହାଁ ପ୍ରକଳ୍ପର ମୁଖ୍ୟ କେ ନରସିମା ରେଡ୍ଡୀ, ସମ୍ମାନିତ ଅତିଥି ଭାବେ ଏଜିଏମ (ଏଚଆର) ସୁଜିତା ରଥ, ପଙ୍କଜ ଚୌଧୁରୀ, ଏଜିଏମ (ଟିଏସ) ୱାଇ ଶ୍ରୀନିବାସ ରାଓ, ଏମସିଏଲ, କଣିହାଁର ଜିଏମ ନରେଶ ସିଂ ରାଣା, ଜିଏମ ଦୀନେଶ କୁମାର ମାଳି ପ୍ରମୁଖ ଯୋଗଦେଇ ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ଦୃଷ୍ଟିହୀନ, ଦିବ୍ୟାଙ୍ଗମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ସମାଜସେବୀ ଇଂ ଧନେଶ୍ୱର ସାହୁ ମଞ୍ଚ ପରିଚାଳନା, ସମିତି ସମ୍ପାଦକ କାଳନ୍ଦୀ ଚରଣ ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ, ଦେବଦତ୍ତ ପ୍ରସାଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉଷାରାଣୀ ପ୍ରଧାନ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ମୋଟ ୮୪୦ ଜଣଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ଦିଲୀପ ପ୍ରଧାନ, ସୁନୀଲ ପ୍ରଧାନ, ଜଗବନ୍ଧୁ ପ୍ରଧାନ, ରୋହିତ ସାହୁ, ସମରବଲ୍ଲଭ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଅନୁଗୋଳ ବିଧାୟକ



ଅନୁଗୋଳ,୮ ।୧(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାର୍ଗଦର୍ଶନରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ସମାରୋହରେ ଯୋଗଦେବାକୁ ଅନୁରୋଧ କରିଛନ୍ତି। ଏଥିସହ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ଓ ଅନୁଗୋଳ ଜିଲ୍ଲାର ବିକାଶ ସମ୍ବନ୍ଧରେ ଆଲୋଚନା କରିଛନ୍ତି। ଏହି ସାକ୍ଷାତକାର ବେଳେ ଅନ୍ୟମାନଙ୍କ ମଧ୍ୟରେ ନାଲକୋ ଟ୍ରକ୍ ମାଲିକ ସଂଘ ତଥା ନାଲକୋ ଠିକାଦାର ସଂଘ ସଭାପତି ମନୋରଞ୍ଜନ ଜେନା, ବିଜେପି ନେତା ତଥା ସମାଜସେବୀ ଦୁଃଖବନ୍ଧୁ ସାହୁ, ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ଅଧ୍ୟକ୍ଷ ଅଶୋକ ଜୈନ, ସଭାପତି ଦୀପକ କୁମାର ବର୍ମା, ଉପସଭାପତି ବିକ୍ରମ ଅଗ୍ରୱାଲ, ଅନୁଗୋଳ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ମୁଖ୍ୟ ସଂଯୋଜକ ତଥା ବିଜେପି ଯୁବମୋର୍ଚ୍ଚାର ରାଜ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ ରାଷ୍ଟ୍ରପତି ମୁର୍ମୁଙ୍କୁ ଭେଟି ଅନୁଗୋଳରେ ପ୍ରତିଷ୍ଠିତ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ଅଗ୍ରଗତି ବିଷୟରେ ଆଲୋଚନା କରିଥିଲେ।

## ଅନୁଗୋଳ ଜେଲରେ କଏଦୀଙ୍କ ମୃତ୍ୟୁ

ଅନୁଗୋଳ,୮ ।୧(ସମିସ): ଅନୁଗୋଳ ଜେଲରେ ସଜା କାଟୁଥିବା ଜଣେ କଏଦୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସହର ଉପକଣ୍ଠ କୁମଣ୍ଡ ପଞ୍ଚାୟତ ବେଲସୁଣ୍ଡା ଗ୍ରାମର ଜଗବନ୍ଧୁ ଭୋଇ (୫୦)। ଜଗବନ୍ଧୁ ୨୦୨୪ରେ ଏକ ହତ୍ୟା ମାମଲାରେ ଗିରଫ ହୋଇ ଜେଲ୍ ଯାଇଥିଲେ। କିଛିଦିନ ହେଲା ସେ ଅସୁସ୍ଥ ଅନୁଭବ କରୁଥିଲେ। ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଜେଲର ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦଘାତରେ ତାଙ୍କ ମୃତ୍ୟୁ ହୋଇଥିବା ଜେଲ୍ ପକ୍ଷର ସୂଚନା ଦିଆଯାଇଛି। ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

## ଜଙ୍ଗଲ ବିଭାଗର ଚଢ଼ଉ

## ୨ ଦେଶୀ ବନ୍ଧୁକ ଜବତ; ୩ ଶିକାରୀ ଗିରଫ

ଅନୁଗୋଳ,୮ ।୧(ସମିସ): ଅନୁଗୋଳ ଫରେଷ୍ଟ ରେଞ୍ଜ ଅଧିକାରୀମାନେ ଗୁରୁବାର ମାଣିକଯୋଡ଼ି ବିଟବାଲିଆସାହିର ଏକ ଘରେ ଚଢ଼ଉ କରି ଦୁଇଟି ଦେଶୀ ବନ୍ଧୁକ ଜବତ କରିଛନ୍ତି। ଉକ୍ତ ଘରୁ ତିନି ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଗିରଫ ଶିକାରୀମାନେ ହେଲେ ବାଲିଆପଶି ସାହିର ଅମୂଲ୍ୟ ନାୟକ, ସୁଜନ ସେଠୀ ଓ ସହରସାହିର ସୁମନ୍ତ ବେହେରା। ପଚରାଉଚରା କରିବାରୁ ସେମାନେ ଶିକାର ପାଇଁ ପ୍ରସ୍ତୁତି ଚଳାଇଥିବା କହିଥିଲେ। ଚଢ଼ଉରେ ରେଞ୍ଜ ଅଧିକାରୀ ଉଦ୍ଧବ ବେହେରା, ଫରେଷ୍ଟର ଅଭିମନ୍ୟୁ ମାଝୀ, ଲିଜାଲିନ ସାହୁ, ପ୍ରଜ୍ଞାସିନୀ ଦାସ, ଲଳିତ କୁମାର ବେହେରା, ଫରେଷ୍ଟ ଗାର୍ଡ ସୁଜାତା ପ୍ରଧାନ, ଜୟସ୍ମିତା ସାହୁ, ଗୌରହରି ସେଠୀଙ୍କ ସମେତ ବହୁ ହାତୀ ସ୍କ୍ୱାଡ୍ ଓ ଗଜମିତ୍ର ସାମିଲ ହୋଇଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



ପାଲଲହଡ଼ା,୮ ।୧(ସମିସ): ସ୍ଥାନୀୟ ଶିକ୍ଷା ଇଂଲିଶ ସ୍କୁଲରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ କୁମାର ସାହୁ ଏହାକୁ ଉଦଘାଟନ କରିଥିଲେ। କୃତୀ ପ୍ରତିଯୋଗୀ କମଳେଶ ଜଙ୍ଗ, ସ୍ୱାଧୀନ ଦାଶ, ଅନୁପ୍ରିୟା ନାୟକଙ୍କ ସମେତ ଅନ୍ୟମାନଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର କ୍ରୀଡ଼ା ପ୍ରମୁଖ କାହ୍ନୁଚରଣ ନାୟକଙ୍କ ନେତୃତ୍ୱରେ ମୁକ୍ତା ଏକ୍କା, ସୁନିତା ଲାକ୍ରା, ଯଶୋମତୀ ନାଏକ, ଅଞ୍ଜଳି ପୂର୍ତ୍ତି ଏବଂ ଅନିତା ବେହେରା କ୍ରୀଡ଼ା ପରିଚାଳନା କରିଥିଲେ।

## ପିବିକେ ହାଇସ୍କୁଲରେ ଆଇନ ସଚେତନତା ସପ୍ତାହ



ବଁଅରପାଳ,୮ ।୧(ସମିସ): ପାଞ୍ଚଗଡ଼ ବିଜୟ କୁମାର ଉଚ୍ଚ ବିଦ୍ୟାଳୟରେ ସ୍ଥାନୀୟ ଜେଏମଏଫସି କୋର୍ଟର ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହେଇଛି। କାର୍ଯ୍ୟକ୍ରମରେ ଅଦାଲତର ମହିଳା ବିଚାରପତି ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ସାବିତ୍ରୀ ଦାସ, କମିଟିର ସ୍ଥାୟୀ ସଦସ୍ୟ ତଥା ବଅଁରପାଳ ଅଦାଲତର ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ସାହୁ, ଆଇନଜୀବୀ ଅଭୟ ବିଶୋଇ ପ୍ରମୁଖ ଯୋଗଦେଇ ବାଲ୍ୟ ବିବାହ ନିଷେଧ ଆଇନ, ନିଶାମୁକ୍ତ ଭାରତ ଓ ପରିବେଶ ସୁରକ୍ଷା ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ।

## ଡିଭାଇଡରେ ଧକ୍କାହୋଇ ଓଲଟିଲା କାର

ବଅଁରପାଳ,୮ ।୧(ସମିସ): ୫୫ନଂ ଜାତୀୟ ରାଜପଥର ବଅଁରପାଳ ଥାନା ନୂଆହତାଠାରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଅନୁଗୋଳରୁ କଟକ ଅଭିମୁଖେ ଯାଇଥିବା ଏହି କାର୍ ଭାରସାମ୍ୟ ହରାଇ ଡିଭାଇଡରେ ମାଡ଼ ହେବା ପରେ ପ୍ରାୟ ୨୦ ଫୁଟ ଘୋଷାରି ହୋଇ ରାସ୍ତାରେ ଓଲଟି ପଡ଼ିଥିଲା। ତେବେ ଗାଡ଼ିରେ ଥିବା ଚାଳକ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କର କୌଣସି କ୍ଷତି ହୋଇନାହିଁ। ଘଟଣାସ୍ଥଳରୁ ଅନ୍ୟ ଏକ ଗାଡ଼ିରେ ଦୁହେଁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

## ଦେଶୀ ମଦ ଜବତ, ୩ ଗିରଫ

କଣିହାଁ,୮ ।୧(ସମିସ): କଣିହାଁ ପୁଲିସ ସାନହାର ଜଙ୍ଗଲରେ ଚଢ଼ଉ କରି ୧୨୦ ଲିଟର ଦେଶୀ ମଦ ଓ ଏକ ବାଇକ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସାନହାର ଗ୍ରାମର ଅଖିଳ ନାଏକ, ନରେନ୍ଦ୍ର ନାଏକ ଓ ଜୟନ୍ତ ନାଏକ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ





ଖମାର,୮ ।୧(ସମିସ): ପାଲଲହଡ଼ା ବ୍ଲକ୍ ରୋହିଲା ପଞ୍ଚାୟତ ମା' କନକେଶ୍ୱରୀ ଉଚ୍ଚ ବିଦ୍ୟାପୀଠର ୧୮ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦୁଇଦିନ ଧରି ଚାଲିଥିବା ଉତ୍ସବର ପ୍ରଥମ ଦିବସରେ ଖେଳ ଶିକ୍ଷକ ଗଣେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଦିବସରେ ପ୍ରଧାନଶିକ୍ଷକ ବିଷ୍ଣୁଚରଣ ସାହୁଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଇଓ ଚିତ୍ତରଞ୍ଜନ ପରିଡ଼ା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ମଧୁସୂଦନ ସାହୁ, ଗୋଲେଖ ବିହାରୀ ସାହୁ, ସମାଜସେବୀ ମଦନ ମୋହନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ସାହୁ ଯୋଗଦେଇଥିଲେ। ବିଜ୍ଞାନ ଶିକ୍ଷକ ନବୀନ ରଞ୍ଜନ ସାହୁ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ନିରାକାର ଗଡ଼ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ବାଳିକା ବିଭାଗ କ୍ରୀଡ଼ାରେ ଦଶମ ଶ୍ରେଣୀର ମୁନିବର ପାଇ ଓ ବାଳକ ବିଭାଗରେ ଓମପ୍ରକାଶ ନାୟକ ଚାମ୍ପିଅନ ହୋଇଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷକ ଦିଲୀପ କୁମାର ସାହୁ, ସାରଙ୍ଗଧର ପରିଡ଼ା, ଡିଲେଶ୍ୱର ଗଡ଼ନାୟକ, ଯୁଗଳ କିଶୋର ସାହୁ, କର୍ମଚାରୀ ଦୁର୍ଯ୍ୟୋଧନ ସାହୁ, ଯୁଗଳ କିଶୋର ସାହୁ ଓ ଚକ୍ରଧର ସାହୁ ସହଯୋଗ କରିଥିଲେ।

## ଆଇନ ସଚେତନତା ଶିବିର

ଅନୁଗୋଳ,୮ ।୧(ସମିସ): ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ, ସଦସ୍ୟ ସୁବାସ ଚନ୍ଦ୍ର ସାହୁ, ଡ. ପ୍ରଫୁଲ୍ଲ ବେହେରା, ପ୍ୟାନେଲ ଆଡଭୋକେଟ ତଥା ଡନ୍ ଓ ଆଶା ୟୁନିଟ ସଦସ୍ୟ ସୁମନ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଦ୍ରୁତ ଜନସଂଖ୍ୟା ବୃଦ୍ଧି, ସହରାଞ୍ଚଳରେ ଜନସଂଖ୍ୟା ଘନତ୍ୱ ବୃଦ୍ଧି, ଶିଳ୍ପାୟନ, ଯାନବାହନ ଚଳାଚଳ ସଂଖ୍ୟା ବୃଦ୍ଧି ହେତୁ ବର୍ଜ୍ୟବସ୍ତୁର ମାତ୍ରା ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଛି। ବିଭିନ୍ନ ବର୍ଜ୍ୟବସ୍ତୁ ତଥା ଜୈବକ୍ଷୟବ, ପୁନଃ ଚକ୍ରଣଶୀଳ, ପୁନଃ ବ୍ୟବହାରକାରୀ ଓ ମିଶ୍ର ବର୍ଜ୍ୟବସ୍ତୁ ଉପରେ ବୁଝାଇଥିଲେ। ଆବର୍ଜନା ହ୍ରାସ କରନ୍ତୁ ଅଲଗା କରନ୍ତୁ-ପୁନଃ ବିନିଯୋଗ କରନ୍ତୁ, ପରିବେଶ-ସ୍ୱାସ୍ଥ୍ୟ ସୁରକ୍ଷିତ ରଖନ୍ତୁ ବୋଲି ଅତିଥିମାନେ କହିଥିଲେ। ଏହାସହ ନିଶାଦ୍ରବ ବ୍ୟବହାରର କୁପରିଣାମ ଓ ନିଶାସକ୍ତ ବ୍ୟକ୍ତି ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝାଇଥିଲେ। ଆଇନସେବା ହିତାଧିକାରୀ ତାଙ୍କ ଆଇନଗତ ସମସ୍ୟା ବିଷୟରେ ମାଗଣାରେ ପରାମର୍ଶ ପାଇଁ ନାଲସା ହେଲ୍ପଲାଇନ ନମ୍ବର -୧୫୧୦୦ ସହ ଯୋଗାଯୋଗ କରିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅଳକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।





## ଅଜଣା ଗାଡ଼ି ଧକ୍କାରେ ହେଲପର ମୃତ

କଣିହାଁ,୮ ।୧(ସମିସ): ୧୪୯ନଂ ଜାତୀୟ ରାଜପଥର କଣିହାଁ ବ୍ଲକ ସମଲ ଥାନା ଅନ୍ତର୍ଗତ ବରପାଳ ଛକ ସମାକୋଇ ପାଖରେ ଅଜଣା ଗାଡ଼ି ଧକ୍କାରେ ଜଣେ ଟ୍ରକ ହେଲପରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କେନ୍ଦୁଝର ଜିଲ୍ଲା ଠାକୁରଡିହର ଗୌରାଙ୍ଗ ମହାକୁଡ଼ (୪୦)। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତାଳଚେର ପଠାଇ ତଦନ୍ତ ଚଳାଇଛି। ବୁଧବାର ରାତି ପ୍ରାୟ ସାଢ଼େ ୧ଟାରେ ରୁଙ୍ଗଟା ମାଇନ୍ସକୁ ଯାଉଥିବା ଏକ ହାଇୱା ଟ୍ରକ ବରପାଳ ଛକ ପାଖରେ ଠିଆ ହୋଇଥିଲା। ଗୌରାଙ୍ଗ ଗାଡ଼ିରୁ ଓହ୍ଲାଇ ଶୌଚ ପାଇଁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ଡ୍ରାଇଭର ଖୋଜା ଖୋଜି କରିବାରେ ରାତି ପ୍ରାୟ ସାଢ଼େ ୨ଟାରେ ରାସ୍ତା ଉପରେ ତାଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। କୁହୁଡ଼ି ଯୋଗୁଁ ଅଜଣା ଗାଡ଼ି ଧକ୍କାରେ ଗୌରାଙ୍ଗଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି।

## ବିପଦରେ ବାଜି ରାଉତ ଛାତ୍ରାବାସ

## 'ଅନୁଷ୍ଠାନର ଆଦର୍ଶ ସର୍ବୋଦୟ ଅହିଂସା ନୀତିରେ ହେଉ ସମାଧାନ'

ଅନୁଗୋଳ,୮ ।୧(ସମିସ): ଅନୁଗୋଳ ତଥା ଓଡ଼ିଶାର ଐତିହ୍ୟସମ୍ପନ୍ନ ବାଜି ରାଉତ ଛାତ୍ରାବାସ ଆଜି ବିପଦରେ ପଡ଼ିଛି। ବିଭିନ୍ନ ଅସାଧୁ ପ୍ରକୃତିର ବ୍ୟକ୍ତିମାନେ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀଙ୍କ ପ୍ରତିଷ୍ଠିତ ସ୍ୱାଧୀନତା ଆନ୍ଦୋଳନର ଏହି ପବିତ୍ର ପୀଠକୁ ଧ୍ୱଂସ କରିଦେବା ପାଇଁ ଷଡ଼ଯନ୍ତ୍ର ଚଳାଇଛନ୍ତି। ଛାତ୍ରାବାସର ସମ୍ପତ୍ତି ଲୁଟ୍ ତଥା ଏହାର ସମ୍ମାନ ନଷ୍ଟ କରି ଏହାର ସ୍ଥାବର ଅସ୍ଥାବର ସମ୍ପତ୍ତି ହଡ଼ପ କରିବାକୁ ଯୋଜନା ଚଳାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ

### ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ ନୁମାବାପିଙ୍କ ବୃହତ ପରିବାର ଉତ୍ତରାଧିକାରୀ

୧୯୯୬ରେ ଏକ 'ଉଇଲ୍' ମାଧ୍ୟମରେ ଅନୁଗୋଳରେ ନିଜେ ଖରିଦ କରିଥିବା ସମସ୍ତ ସମ୍ପତ୍ତିକୁ ମାଳତୀ ଦେବୀ ଦାନ କରିଦେଇଥିଲେ। ସେଥିମଧ୍ୟରୁ ୨.୭୩ ଏକର ଜମି ବାଜି ରାଉତ ଛାତ୍ରାବାସକୁ ଏବଂ ଅନ୍ୟ ଜମି ତାଙ୍କ କନ୍ୟା କୃଷ୍ଣା ମହାନ୍ତି ଓ ତାଙ୍କ ବୃହତ ପରିବାରର ସୁଶୀଳା ବେହେରା, ପ୍ରିୟମ୍ବଦା ଗିରି, ସୂର୍ଯ୍ୟମଣି ବେହେରା ପ୍ରମୁଖଙ୍କୁ ମଧ୍ୟ ଦାନ କରିଥିଲେ। ମାଳତୀ ଦେବୀଙ୍କ 'ଉଇଲ୍'ର ପ୍ରୋବେଟର ଭାବେ ତାଙ୍କ ଜ୍ୱାଇଁ ବିଭୂତି ଭୂଷଣ ମହାନ୍ତି ଓ ସାକ୍ଷୀ ଭାବେ କନ୍ୟା କୃଷ୍ଣା ମହାନ୍ତି ଥାଇ ଏହି ଜମି ଛାତ୍ରାବାସ ସମେତ ସମସ୍ତଙ୍କ ନାମରେ ରେଜିଷ୍ଟ୍ରିଭୁକ୍ତ ହୋଇସାରିଛି। ତେବେ କୃଷ୍ଣା ମହାନ୍ତିଙ୍କ ପୁଅ ଏହି ସମ୍ପତ୍ତିକୁ ନିଜ ନାମରେ କରାଇଦେବାକୁ ଯୋଜନା କରୁଛନ୍ତି। ଏହି ଅନୁଷ୍ଠାନର ସମ୍ପତ୍ତିକୁ ଲୁଟ୍ କରିବା ପାଇଁ କୃଷ୍ଣା ମହାନ୍ତିଙ୍କ ପୁଅ ଓ ବୋହୂଙ୍କୁ ଅର୍ଥ ଦେଇ ଏହି ଜମି ନେବାର ଷଡ଼ଯନ୍ତ୍ର କରିଥିବା କିଛି ଲୋକେ ଚକ୍ରାନ୍ତ ଚଳାଇଛନ୍ତି। କୃଷ୍ଣା ମହାନ୍ତି ଛାତ୍ରାବାସର ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିବାରୁ ପୁଅ-ବୋହୂ ତାଙ୍କୁ ଶାରୀରିକ ଏବଂ ମାନସିକ ଯନ୍ତ୍ରଣା ଦେଇ ଚାଲିଛନ୍ତି। କୃଷ୍ଣା ମହାନ୍ତି ବାଧହୋଇ 'ନୁମାବାପୀ କୁଟୀର', ଯାହାକୁ ଛାତ୍ରାବାସ ମ୍ୟୁଜିୟମ ଭାବେ ଘୋଷଣା କରାଯାଇଛି, ସେଠାରେ ରହିବାକୁ ବାଧ ହେଉଛନ୍ତି। କୃଷ୍ଣା ମହାନ୍ତିଙ୍କ ସହଯୋଗୀ ତଥା ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନେ ମଧ୍ୟ କୃଷ୍ଣା ମହାନ୍ତିଙ୍କ ପୁଅ-ବୋହୂଙ୍କ ଆକ୍ରୋସରୁ ନିସ୍ତାର ପାଉନାହାନ୍ତି। ସମସ୍ତଙ୍କୁ ନିନ୍ଦା ଅପବାଦ ଦେଇ ଅପପ୍ରଚାର ଚଳାଇଛନ୍ତି। ମିଥ୍ୟା ମାମଲା ଦେଇଛନ୍ତି। ଛାତ୍ରାବାସରେ ରହୁଥିବା ଦଳିତ ଓ ଆଦିବାସୀ ଝିଅମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ବି କୃଷ୍ଣା ମହାନ୍ତିଙ୍କ ପୁଅବୋହୂ ପଛାଉ ନାହାନ୍ତି ବୋଲି କ୍ଷୋଭର ସହିତ ସାମ୍ବାଦିକ ସମ୍ମିଳନୀରେ କୃଷ୍ଣା ମହାନ୍ତି ପ୍ରକାଶ କରିଛନ୍ତି।



ଏକଦା ଅନୁଷ୍ଠାନର ଜଣେ ପୁରାତନ ଛାତ୍ର ଏବଂ ପରବର୍ତ୍ତୀ ସମୟରେ ନିଜେ ଛାତ୍ରାବାସର କୋଷାଧ୍ୟକ୍ଷ ଥିବାବେଳେ ତଞ୍ଚକତା କରି କୌଣସି ସର୍ବସାଧାରଣ ନୋଟିସ୍ ନ ଦେଇ, ମନକୁ ମନ ନିଜ ପୁଅ ନାମରେ ଦୋକାନ ଘର କରିନେଇଛନ୍ତି। ଏହାର ବିରୋଧ କରିବାରୁ ସେ କୃଷ୍ଣା ମହାନ୍ତିଙ୍କୁ ଅସମ୍ମାନଜନକ ଭାଷାରେ ଗାଳିଗୁଲଜ କରିଛନ୍ତି। ଏଥିସହ କୃଷ୍ଣା ମହାନ୍ତିଙ୍କ ପୁଅବୋହୂଙ୍କ ସହ ମିଶି ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଡା. ବିଶ୍ୱଜିତ ବିରୋଧରେ ମିଥ୍ୟା ପ୍ରଚାର କରିବା ସହ ସାମ୍ବାଦିକ ସମ୍ମିଳନୀ କରି ସମ୍ମାନହାନି କରିଛନ୍ତି। ମାଳତୀ ଦେବୀଙ୍କ ପ୍ରତିଷ୍ଠିତ ଓ ବର୍ତ୍ତମାନ କୃଷ୍ଣା ମହାନ୍ତି ସଭାପତି ଥିବା 'ଉତ୍କଳ ଗାନ୍ଧୀ ସ୍ମାରକନିଧି', ଯାହା ନବକୃଷ୍ଣ ଚୌଧୁରୀଙ୍କ କଟକ ଗୃହରେ ଚାଲିଛି, ସେହି ଅନୁଷ୍ଠାନ ପକ୍ଷରୁ ଛାତ୍ରାବାସର ସହମତିରେ ସାଂସଦ ପାଣ୍ଠିରେ ନିର୍ମାଣ ହେବାକୁ ଥିବା ରେଡିଓ ଗୃହକୁ କରାଇ ନ ଦେବା ଓ ରାତିଅଧିଆ ଦୋକାନ ଗୃହ କରି ମାଡ଼ିବସିବା ଯୋଜନା କରିଛନ୍ତି। ତିନିକୋଣିଆ ବଗିଚାକୁ ବାଡ଼ ଦେଇଥିବା ବେଳେ ପୌର ପରିଷଦ ପୁଲିସ ଫୋର୍ସ ସହ ସେହି ବାଡ଼କୁ ଉଠାଇ ଦେଇଛି। ସ୍ୱାଧୀନତା ପୂର୍ବରୁ ଆଜିପର୍ଯ୍ୟନ୍ତ ଗାନ୍ଧୀ ଓ ସର୍ବୋଦୟ ବିଚାରଧାରାରେ ପରିଚାଳିତ ଏହି ଅନୁଷ୍ଠାନ କେବଳ ଅନୁଗୋଳ ନୁହେଁ, ବରଂ ସମଗ୍ର ରାଜ୍ୟର ଅନଗ୍ରସର, ଆଦିବାସୀ ଓ ଦଳିତ ଶ୍ରେଣୀର ପିଲାମାନଙ୍କ ସେବା କରିଆସୁଛି। ଏଭଳି ଏକ ସୁନାମଧନ୍ୟ ଅନୁଷ୍ଠାନକୁ ସହଯୋଗ କରିବା ନିମନ୍ତେ ଛାତ୍ରାବାସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୃଷ୍ଣା ମହାନ୍ତି, ଅନ୍ତର୍ଯ୍ୟାମୀ ବରାଳ, ଡା. ଇନ୍ଦିରା ଦାଶ, ଇଂ ଧନେଶ୍ୱର ସାହୁ, ଶାନ୍ତିଲତା ପ୍ରଧାନ, କୈଳାସ ଚନ୍ଦ୍ର ସାହୁ, ସୂର୍ଯ୍ୟନାରାୟଣ ନାଥ, ଡା. ବିଶ୍ୱଜିତ, ଆଦ୍ୟଶ୍ଳୋକ ମିଶ୍ର, ରାଜଲକ୍ଷ୍ମୀ ମହାନ୍ତି, ସୁଜାତା ପ୍ରୀତିନନ୍ଦା, ମିହିର ପ୍ରତାପ ଦାସ, ଶଙ୍କର ବେହେରା ଓ କୁମୁଦ ଚନ୍ଦ୍ର ନାୟକ ପ୍ରମୁଖ ନିବେଦନ କରିଛନ୍ତି।









## ଏମିତି ଆମ ଏଟିଏମ୍ ସୁରକ୍ଷା \ ସୁରକ୍ଷା ହୁଗୁଳା; କାଉଣ୍ଟର ମୁକୁଳା

ଭୁବନେଶ୍ୱର, ୮।୧ (ସମିସ): ୨୦୨୫ ଜାନୁଆରୀ ୨୪ ତାରିଖ। ମାଲମାଲ ପୁଲିସ ଗାଡ଼ି ସାଙ୍ଗକୁ ଉଚ୍ଚ ଅଧିକାରୀମାନେ ସାମନ୍ତରାପୁର ଶ୍ରୀରାମ ନଗର ଆଡ଼କୁ ଛୁଟିଥିଲେ। କେହି କିଛି ବୁଝିବା ଆଗରୁ ସ୍ଥାନୀୟ ଏସବିଆଇ ଏଟିଏମକୁ ସୁରକ୍ଷା ବଳୟ ଭିତରେ ରଖିଥିଲେ। ତାପରେ ଧୀରେ ଧୀରେ କଥା ବାହାରକୁ ଆସିଥିଲା ଯେ କିଛି ଆନ୍ତଃରାଜ୍ୟ ଲୁଟେରା ଏଟିଏମ୍ ତାଡ଼ି ଲୁଟିନେଇ ୨୦ ଲକ୍ଷରୁ ଅଧିକ ଟଙ୍କା। କେବଳ ଟଙ୍କା ଲୁଟି ନାହାନ୍ତି, ଚୋରା



ଅଟୋ ସାହାଯ୍ୟରେ ଏଟିଏମ୍ ମେସିନକୁ ଗଙ୍ଗୁଆ ନାଳରେ ଫିଙ୍ଗି ଦେଇଛନ୍ତି। ଖୋଳତାଡ଼ ହେଲା, ଦିନ ଦିନ ପୁଲିସ ରାଜ୍ୟ ବାହାରେ ଡେରା ପକାଇଲା। କିଛି ସପ୍ତାହ ମଧ୍ୟରେ ଜଣଙ୍କ ପରେ ଜଣେ କରି ୮ ଲୁଟେରାଙ୍କୁ ଧରିଲା। ଆଉ ମାତ୍ର ୨ ଲକ୍ଷ ଟଙ୍କା ଜବତ କଲା। ତେଣୁ ନିଷ୍ପତ୍ତି ନେଲା ସବୁ ଏଟିଏମ୍ ଓ ଗହଣା ଦୋକାନ ସମ୍ମୁଖରେ ସୁରକ୍ଷା କର୍ମୀ ରହିବା ବାଧ୍ୟତାମୂଳକ। ଜଣେ ଅତିରିକ୍ତ ଡିସିପିଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ ହେଲା। ହେଲେ ଦିନ ଗଡ଼ିବା ସହିତ ଟିମ୍ କୋମାକୁ ପଳାଇଲା। ତା' ସାଙ୍ଗକୁ ଏଟିଏମ୍ ସୁରକ୍ଷା ଦାୟିତ୍ୱରେ ଥିବା ସଂସ୍ଥାଗୁଡ଼ିକ ମଧ୍ୟ ସ୍ଥାଣୁ ପାଲଟିଗଲେ। ଦୁଇ ଦିନ ପୂର୍ବେ ଘାଟିକିଆ ଅଞ୍ଚଳରେ ଏକ ଏଟିଏମ୍ କାଉଣ୍ଟରରୁ ଲୁଟ୍ ଉଦ୍ୟମ ହୋଇଛି। ଏହିପରି ରାଜଧାନୀରେ ଗୋଟିଏ ପରେ ଗୋଟିଏ ଏଟିଏମ୍ ଲୁଟ୍ ଓ ଲୁଟ୍ ଉଦ୍ୟମ ହୋଇଚାଲିଛି।

ଏଟିଏମ୍ କାଉଣ୍ଟର ସାଧାରଣ ଲୋକଙ୍କ ଟଙ୍କା ଉଠାଣ ଓ ଜମା କରିବାକୁ ଦୃଷ୍ଟିରେ ରଖି ବିଭିନ୍ନ ବ୍ୟାଙ୍କଗୁଡିକ ପକ୍ଷରୁ ନୂଆ ନୂଆ ଏଟିଏମ୍ ଖୋଲାଯାଉଛି। ହେଲେ ନୂତନ ଏଟିଏମ୍ ଖୋଲିବା ପରେ ଏହାର ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଉନାହିଁ। ରାଜଧାନୀ ଓ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଦୀର୍ଘଦିନ ହେବ ଏଭଳି ଅବ୍ୟବସ୍ଥା ଲାଗି ରହିଛି। ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ବିଭିନ୍ନ ବ୍ୟାଙ୍କର ଶହ ଶହ ଏଟିଏମ୍ କାଉଣ୍ଟର ରହିଛି। ରାଜଧାନୀରେ ସହର ଭିତରେ ଥିବା ପ୍ରାୟ ଏଟିଏମ୍ ଗୁଡ଼ିକରେ ସୁରକ୍ଷାକର୍ମୀ ଜଗୁ ନାହାନ୍ତି। ଆଉ କିଛି ଏଟିଏମ୍ କାଉଣ୍ଟରରେ ସିସିଟିଭି କ୍ୟାମେରା ଅଚଳ ହୋଇପଡ଼ିଛି। ରାଜଧାନୀ ଉପକଣ୍ଠରେ ସ୍ଥିତି ଆହୁରି ସାଙ୍ଘାତିକ। ଉପକଣ୍ଠରେ ଥିବା ଏଟିଏମ୍ ଡ଼ିକରେ କୌଣସିଥିରେ ସୁରକ୍ଷାକର୍ମୀ ନାହାନ୍ତି। ବାକି ଏଟିଏମରୁ କେତୋଟି ହାତଗଣତି ଏଟିଏମକୁ ଛାଡିଦେଲେ ବାକି କେଉଁଠାରେ ବି ସିକ୍ୟୁରିଟି ଗାର୍ଡ ନାହାନ୍ତି। ଏଟିଏମ୍ କାଉଣ୍ଟରରେ ସୁରକ୍ଷାକର୍ମୀ ନ ଥିବାରୁ ଗ୍ରାହକମାନେ ଧାଡିରେ ଅପେକ୍ଷା କରୁନାହାନ୍ତି। ୪/୫ ଜଣ ଲୋକ ଏକାଥରକେ ଏଟିଏମ୍ ଭିତରକୁ ପ୍ରବେଶ କରୁଛନ୍ତି। ବିଭିନ୍ନ ଏଟିଏମ୍‌ଗୁଡ଼ିକରୁ



- ଦିଶୁନାହାନ୍ତି ସୁରକ୍ଷାକର୍ମୀ
- ପୁଲିସର ବି ତାଗିଦ୍ ନାହିଁ
- ଲୁଟ୍ ହେବାପରେ ଚେତା ପଶୁଛି

ବାରମ୍ବାର ଲୁଟ୍ ହେଉଥିବାବେଳେ ବ୍ୟାଙ୍କ କର୍ତ୍ତୃପକ୍ଷ ନିଜ ସୁରକ୍ଷା ବ୍ୟବସ୍ଥା କରୁନାହାନ୍ତି। ଲୁଟ୍ ହେଲେ ପୁଲିସକୁ ଦୋଷ ଦେଉଛନ୍ତି, ହେଲେ ସୁରକ୍ଷାକର୍ମୀ ନିୟୋଜିତ କଥା ଚିନ୍ତା ମଧ୍ୟ କରୁନାହାନ୍ତି। ସେପଟେ ଲୁଟ୍ ପରେ ଯାଇ ପୁଲିସର ଚେତା ପଶୁଛି। ଅଘଟଣ ପରେ ତତ୍ପରତା ପ୍ରକାଶ ପାଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାକୁ ପାଶୋରି ଯାଉଛନ୍ତି। ପୁଲିସର ଢିଲା ପାଟ୍ରୋଲିଂ ବ୍ୟବସ୍ଥା ଲୁଟେରାମାନଙ୍କୁ ବେଶ୍ ସୁହାଉଛି। ବ୍ୟାଙ୍କଗୁଡିକର ଦାୟିତ୍ୱହୀନତା ଓ କଡା ପୁଲିସ ପାଟ୍ରୋଲିଂ ହେଉ ନ ଥିବାରୁ ସେମାନେ ଗୋଟିଏ ପରେ ଗୋଟିଏ ଏଟିଏମ ଲୁଟ୍ ଘଟଣା ସାମ୍ନାକୁ ଆସୁଛି। ବାରମ୍ବାର ଲୁଟ୍ ପାଟ୍ ହେଉଥିବାରୁ ଲୁଟ୍ ହେଉଥିବାରୁ କମିସନରେଟ୍ ପୁଲିସ ପକ୍ଷରୁ ବ୍ୟାଙ୍କଗୁଡିକ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ସୁରକ୍ଷା କର୍ମଚାରୀ ନିୟୋଜିତ କରିବା ସହ ସିସିଟିଭି ଲଗାଇବାକୁ କୁହାଯାଇଛି। ହେଲେ ବ୍ୟାଙ୍କ ଗୁଡ଼ିକ କମିସନରେଟ୍ ପୁଲିସର ପରାମର୍ଶକୁ ଦଳିମକଚି ଦେଉଛନ୍ତି। ଏମିତିକି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) ଗାଇଡଲାଇନକୁ ଖାତିରି କରୁନାହାନ୍ତି। ଏଟିଏମ୍ ସୁରକ୍ଷାରେ ବ୍ୟାଙ୍କ୍ ଗୁଡିକ ଅସହଯୋଗ ସାଙ୍ଗକୁ ଲୁଟେରାଙ୍କ ଉତ୍ପାତ ଏବେ କମିସନରେଟ୍ ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି।

### କେବେ କେଉଁଠି ଏଟିଏମ୍ ଲୁଟ୍

- ୨୦୨୬ ଜାନୁୟାରୀ ୬: ଭରତପୁର ଥାନା ଅଧୀନସ୍ଥ ଘାଟିକିଆ ସ୍ଥିତ କାନାଡ଼ା ବ୍ୟାଙ୍କ ଏଟିଏମରୁ ଉଦ୍ୟମ ହୋଇଛି।
- ୨୦୨୫ ଜାନୁୟାରୀ ୨୩: ଶ୍ରୀ ଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁର ଶ୍ରୀରାମ ନଗର ଅଞ୍ଚଳରୁ ଏଟିଏମ୍ ମେସିନ୍ ତାଡ଼ି ନେଇ ସେଥିରୁ ୨୦ ଲକ୍ଷ ଟଙ୍କା ଲୁଟି ନେଇଥିଲେ।
- ୨୦୨୩ ଡିସେମ୍ବର ୧୦: ଶ୍ରୀଲିଙ୍ଗରାଜ ଥାନା ହାଟସାହିରେ ଥିବା ଏସ୍ବିଆଇ ଏଟିଏମକୁ ଗ୍ୟାସ୍ କଟରରେ କାଟି ୧୦ ଲକ୍ଷ ୫୯ ହଜାର ଟଙ୍କା ଲୁଟି ନେଇଥିଲେ ଲୁଟେରା।
- ୨୦୨୩ ମେ ୨୧: ଜଟଣୀ ରେଡଙ୍ଗ କଲୋନୀସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏଟିଏମକୁ ଗ୍ୟାସ୍ କଟରରେ କାଟି ୨୩ ଲକ୍ଷ ୩୯ ହଜାର ଟଙ୍କା ଲୁଟି ନେଇଥିଲେ ଲୁଟେରା।
- ୨୦୨୩ ଫେବୃଆରୀ ୧୯ : ଭରତପୁର ଥାନା ଅନ୍ତର୍ଗତ ବରମୁଣ୍ଡା ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଏଟିଏମ୍ ଭିତରକୁ ଦୁଇଜଣ ଦୁର୍ବୃତ୍ତ ପ୍ରବେଶ କରିଥିଲେ। ଯନ୍ତ୍ରପାତି ସାହାଯ୍ୟରେ ଏଟିଏମରୁ ହଜାର ଟଙ୍କା ଲୁଟି ନେଇଯାଇଥିଲେ।
- ୨୦୨୨ ମେ ୧୮ : ଖଣ୍ଡଗିରି ଥାନା ଅନ୍ତର୍ଗତ କୋଳଥିଆ ଛକରେ ଥିବା ୟୁନିଅନ୍ ବ୍ୟାଙ୍କ ଏଟିଏମ୍‌ରୁ ଲୁଟ୍ ହୋଇଥିଲା। ଦୁର୍ବୃତ୍ତ ଜଣକ ଏଟିଏମ୍ ମେସିନ ଭାଙ୍ଗି ୫ ମିନିଟରେ ୭ଲକ୍ଷ ୫୭ହଜାର ୬ଶହ ଟଙ୍କା ଲୁଟି ନେଇଥିଲେ।

## ବବୁଲ୍ ହତ୍ୟାକାଣ୍ଡ: ୩ ଜଣଙ୍କୁ ଉଠାଇ ଆଣିଲା ପୁଲିସ

ଭୁବନେଶ୍ୱର, ୮।୧ (ସମିସ): ତ୍ରିକୋଣୀୟ ପ୍ରେମରୁ ବବୁଲ୍ ଦାସ ହତ୍ୟାକାଣ୍ଡରେ ୩ ଜଣଙ୍କୁ ଉଠାଇ ଆଣିଛି ପୁଲିସ। ସେମାନଙ୍କୁ ନୂଆପଲ୍ଲୀ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ପୁଲିସ ସୂଚନାନୁସାରେ, ୟୁନିଟ୍ ୮ ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ କରିବାକୁ ନେଇ ବବୁଲ୍ ଓ ନାରାୟଣୀ ବସ୍ତିର ନାଣ୍ଟୁ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ଉଭୟ ପୂର୍ବରୁ ଏକାଧିକବାର ହାତାହାତି ମଧ୍ୟ ହୋଇଥିଲେ। ଗତମାସ ୨୭ ତାରିଖ ସନ୍ଧ୍ୟାରେ ବବୁଲ୍ ତାଙ୍କ ଘର ସାମ୍ନାରେ ଛିଡ଼ା ହୋଇଥିବା ବେଳେ ନାଣ୍ଟୁ, ଦାଦା ସୁମନ, ଜଣେ ନାବାଳକ ଓ ଅନ୍ୟ ୩ ସହଯୋଗୀ ପହଞ୍ଚି ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ବବୁଲ୍ ଗୁରୁତର ହୋଇ ଏମ୍ସରେ ଚିକିତ୍ସିତ ହେଉଥିବା ବେଳେ ମୃତ୍ୟୁବରଣ କରିଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକମାନେ ବବୁଲଙ୍କ ମୃତଦେହ ରଖି ସିଆରପି - ୟୁନିଟ୍ ୮ ଡିଏଭି ରାସ୍ତା ଅବରୋଧ କରିଥିଲେ। ପୂର୍ବରୁ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ କରୁଥିବା ପୁଲିସ ବବୁଲଙ୍କ ମୃତ୍ୟୁପରେ ହତ୍ୟା ଦଫା ଯୋଡ଼ି ତଦନ୍ତ କରୁଥିଲା। ଏଥିସହିତ ଘଟଣାରେ ସମ୍ପୃକ୍ତ ନାଣ୍ଟୁର ଦାଦା ତଥା ଅଟୋ ଚାଳକ ସୁମନକୁ ଗିରଫ କରିଥିଲା। ଗୁରୁବାର ନୂଆପଲ୍ଲୀ ଥାନା ପୁଲିସ ହତ୍ୟାକାଣ୍ଡରେ ସମ୍ପୃକ୍ତ ୩ ଜଣଙ୍କୁ ଉଠାଇ ଆଣିଛି। ସେମାନଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

## କଫ୍ ସିରପ୍ ଚାଲାଣକାରୀକୁ ଆଜୀବନ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୮।୧(ସମିସ): କଫ ସିରପ ଚାଲାଣ ମାମଲାରେ ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ଜଜ୍‌ଙ୍କ ଅଦାଲତ ଗୁରୁବାର ଦୋଷୀଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ବେଗୁନିଆ ଅଞ୍ଚଳର ପଦ୍ମନାଭ ବେହେରା। କୋର୍ଟ ତାକୁ ୫୦ ହଜାର ଟଙ୍କାର ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ବର୍ଷେ ଜେଲରେ ରହିବାକୁ ହେବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନା ଅନୁଯାୟୀ, ୨୦୨୨ ମେ ୧୩ ସକାଳ ସମୟରେ ବରମୁଣ୍ଡା ବସଷ୍ଟାଣ୍ଡରୁ ଅଭିଯୁକ୍ତ ପଦ୍ମନାଭ ଏକ ମହିନ୍ଦ୍ରା ସୁପ୍ରୋ ଗାଡିରେ ୮ଟି ପେଟିରେ ୧୨୮୦ ବୋତଲ କଫ ସିରପ୍ ଚାଲାଣ କରିବାକୁ ନେଉଥିଲେ। ଏସଟିଏଫ୍ ଓ କମିସନରେଟ୍ ପୁଲିସର ଏକ ମିଳିତ ଟିମ୍ ବରମୁଣ୍ଡା ବସଷ୍ଟାଣ୍ଡରେ ଅତର୍କିତ ଚଢ଼ାଉ କରିଥିଲା। ମିଳିତ ଟିମ୍ ପଦ୍ମଲାଭଙ୍କୁ ଗିରଫ କରି କରିଥିଲା। ଭରତପୁର ଥାନା ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରଶ୍ମୀରଞ୍ଜନ ବ୍ରହ୍ମା ମାମଲା ପରିଚାଳନା କରୁଥିଲେ।

## କେଳୁଚରଣ କୀର୍ତ୍ତି ଶତକମ୍: ଗୁରୁଜୀଙ୍କ ସ୍ମୃତିରେ 'ଓଡ଼ିଶୀ ସନ୍ଧ୍ୟା'



ଭୁବନେଶ୍ୱର, ୮।୧(ସମିସ): ପଦ୍ମ ବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ହେଉଛି 'କେଳୁଚରଣ କୀର୍ତ୍ତି ଶତକମ୍' କାର୍ଯ୍ୟକ୍ରମ। ୧୦ ତାରିଖ ଯାଏଁ ଅନୁଷ୍ଠିତ ହେବାକୁ ଥିବା ଏହି ଓଡ଼ିଶୀ ସନ୍ଧ୍ୟା କାର୍ଯ୍ୟକ୍ରମରେ ଗୁରୁ କେଳୁଚରଣଙ୍କ ଓଡ଼ିଶୀ ନୃତ୍ୟ ଶୈଳୀ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଗୁରୁବାର 'ଓଡ଼ିଶୀ ସନ୍ଧ୍ୟା' କାର୍ଯ୍ୟକ୍ରମ ଉଦଘାଟନୀରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜୀବନୀ ଉପରେ ପର୍ଯ୍ୟବଶିତ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦଘାଟନ କରି ଗୁରୁ କେଳୁଚରଣଙ୍କ କୀର୍ତ୍ତି ଓ କୃତି ଆମ ପାଇଁ ଚିର ସ୍ମରଣୀୟ ବୋଲି କହିଥିଲେ। ନୃତ୍ୟଶିଳ୍ପୀ ପଦ୍ମ ବିଭୂଷଣ ଡ଼. ସୋନଲ ମାନସିଂହ କହିଥିଲେ ଯେ, 'ଗୁରୁ କେଳୁଚରଣ ଏବଂ ଓଡ଼ିଶୀ ଏକ ଓ ଅଭିନ୍ନ। ଗୁରୁ କେଳୁଚରଣ ଯେ କେବଳ ଓଡ଼ିଶୀର ପ୍ରଚାର ଓ ପ୍ରସାର ପାଇଁ କାର୍ଯ୍ୟ କରିଛନ୍ତି ତାହାନୁହେଁ, ବରଂ ଅନେକ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କୁ ମଧ୍ୟ ଗଢ଼ିଛନ୍ତି ବୋଲି କହିଛନ୍ତି। ପଦ୍ମଶ୍ରୀ ଡ଼. ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦି, ଗୁରୁ ରତିକାନ୍ତ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସୃଜନ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଦଳଗତ ଓଡ଼ିଶୀ ନୃତ୍ୟ 'ବନ୍ଦେ ମାତରମ୍' ପରିବେଷଣ କରିବା ସହ ମା' ଭାରତୀର ଜୟଗାନ କରିଥିଲେ। ନୃତ୍ୟଶିଳ୍ପୀ କୁମ୍‌କୁମ୍ ମହାନ୍ତି 'ହେ ବନଗିରି ହେ ଲତା ଗିରି', କୁମ୍‌କୁମ୍ ଲାଲ 'କୁରୁ ଯଦୁ ନନ୍ଦନ', ମାଧବୀ ମୁଦ୍‌ଗଲ 'ଶଙ୍କରଭରଣ ପଲ୍ଲବୀ', ଇଲିଆନା ସିତାରିଷ୍ଟି 'ଧୀର ସମୀରେ', ଅରୁଣା ମହାନ୍ତି 'ଅଶ୍ୱତ୍ଥମା', ରୀନା ଜେନା 'ବିହଗ ପଲ୍ଲୀବୀ', ଦକ୍ଷା ମସୁରୱାଲା 'କିଶାଳୟ ଶୟନ ତଳେ' ଆଲୋକା କାନୁନଗୋ 'ପଥ ଛାଡି ଦେ', ସ୍ୱପ୍ନୋକଳ୍ପା ଦାସଗୁପ୍ତା 'ସଖି ହେ' ସଙ୍ଗୀତରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସମସ୍ତ ନୃତ୍ୟଶିଳ୍ପୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ସଂସ୍କୃତି ବିଭାଗର ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ସତ୍‌ସଙ୍ଗ ବିହାର ନିକଟରେ ରାସ୍ତା ମରାମତି ଯୋଗୁଁ ୧୬ ନମ୍ବର ଜାତୀୟ ରାଜପଥ ଜାମ୍ (ଫଟୋ-ଦୀପକ)

## ଦୁଇ ଲୁଟେରା ଗିରଫ



ଭୁବନେଶ୍ୱର, ୮।୧ (ସମିସ): ମୋବାଇଲ ଛଡ଼ାଇ ନେଇଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବାହାଦଲପୁରର ଅନିଲ କୁମାର ସାହୁ (୨୮) ଓ ସରକନ୍ତରାର ଧିରେନ ଭଞ୍ଜ ଓରଫ୍ ଧିରୁ (୨୨)। ପୁଲିସ ସୂଚନାନୁଯାୟୀ, ଗତକାଲି ଦିନ ପ୍ରାୟ ସାଢେ ୨ଟା ବେଳେ ରାଜୁ ଶର୍ମା ଘରୁ ବାହାରି ଦୋକାନକୁ ଯାଉଥିଲେ। ସେହି ସମୟରେ ଦୁଇ ଅଭିଯୁକ୍ତ ସ୍କୁଟିରେ ଆସିଥିଲେ। ଅନିଲ ସ୍କୁଟି ଚଳାଉଥିବା ବେଳେ ଧିରୁ ପଛ ସିଟ୍‌ରେ ବସି ରାଜୁଙ୍କ ଠାରୁ ମୋବାଇଲ ଫୋନ ଛଡ଼ାଇ ନେଇଥିଲା। ରାଜୁଙ୍କ ଚିତ୍କାର ଶୁଣି ତାଙ୍କ ବନ୍ଧୁ ଓ ପଥଚାରୀମାନେ ଅଭିଯୁକ୍ତମାନଙ୍କୁ ପିଛା କରି ଧରିଥିଲେ। ଖବରପାଇ ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ଦୁଇ ଅଭିଯୁକ୍ତଙ୍କୁ ଥାନାକୁ ନେଇଥିଲା। ରାଜୁଙ୍କ ଅଭିଯୋଗ ଆଧାରରେ ଏୟାରପୋର୍ଟ ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ସେମାନଙ୍କ ହେପାଜତରୁ ଲୁଟ୍ ମୋବାଇଲ ଫୋନ୍ ଓ ବ୍ୟବହୃତ ସ୍କୁଟି ଜବତ କରିଥିଲା।

## ଯୁବକକୁ ଛୁରାମାଡ଼; ନାବାଳକ ଗିରଫ

ଭୁବନେଶ୍ୱର, ୮ ।୧ (ସମିସ): ଯୁବକଙ୍କୁ ଛୁରାମାଡ଼ ଘଟଣାରେ ନାବାଳକକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ନାବାଳକକୁ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି)ରେ ହାଜର କରାଯାଇଛି। ଏହି ଘଟଣାରେ ଆଉ ୨ ଜଣ ଅଭିଯୁକ୍ତ ଫେରାର ଅଛନ୍ତି।

ପୁଲିସ ସୂଚନାନୁଯାୟୀ, ନୂଆବର୍ଷ ଦିନ ମୁଣ୍ଡା ସାହିର ଜିତୁ ସ୍ୱାଇଁ ଓ ସହ କୃଷି ବିହାର ବସ୍ତିର କିଛି ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗତକାଲି ରାତିରେ ଜିତୁ ଓ ତାଙ୍କ ସାଙ୍ଗମାନେ ମୁଣ୍ଡାସାହି ଛକ ନିକଟରେ ଖଟି କରୁଥିଲେ। ସେହି ସମୟରେ ନାବାଳକ ଓ ୨ ସହଯୋଗୀ ଜିତୁକୁ ଗୋଡ଼ାଇ ଛୁରାମାଡ଼ କରିଥିଲେ। ଖବରପାଇ ନୂଆପଲ୍ଲୀ ଥାନା ପୁଲିସ ଜିତୁଙ୍କୁ ଗୁରୁତର ଅବସ୍ଥାରେ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ନୂଆପଲ୍ଲୀ ଥାନା ପୁଲିସ ଏକ ମାମଲା ରୁଜୁ କରି ନାବାଳକକୁ ଗିରଫ କରିଛି।

### ଏମିତି ଚାଲିଛି କ୍ୟାବ୍ ସର୍ଭିସ

## ରାଜଧାନୀରେ ଅପରାଧୀଙ୍କ ହାତରେ ଗାଡ଼ି ଷ୍ଟିୟରିଂ

ଭୁବନେଶ୍ୱର, ୮।୧(ସମିସ): ଅପରାଧୀଙ୍କୁ କେହି ବି ବିଶ୍ୱସନୀୟ ବେଉସାରେ କାମ ଦେବାକୁ ପସନ୍ଦ କରୁନାହାନ୍ତି। ଏପରିକି ଲୋକଙ୍କର ଅପରାଧିକ ଭିତ୍ତିଭୂମି ଥିଲେ ରାଜଧାନୀରେ ଘର ଖଣ୍ଡେ ଭଡା ମିଳିବା କାଠିକର ପାଠ ହୋଇଯାଉଛି। ହେଲେ ଉଭୟ ମହିଳା ଏବଂ ପୁରୁଷ ଯାତ୍ରୀ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା କ୍ୟାବ୍ ସର୍ଭିସଗୁଡ଼ିକ ଏବେ ଅପରାଧୀଙ୍କ ଆଡ୍ଡା ପାଲଟିଛି। ଏମାନେ ମାଳ ମାଳ ଅପରାଧୀଙ୍କୁ ନିଯୁକ୍ତି ମିଳୁଛି। କେଉଁଠି କାମ ନ ମିଳିଲେ ଅପରାଧୀ ଡ୍ରାଇଭର ହୋଇ ଯାଉଛନ୍ତି। ଆଉ ଡ୍ରାଇଭର ବେଶରେ ରହି ବେପିକର ଅପରାଧ ଘଟାଇ ଚାଲିଛନ୍ତି।

- ବର୍ଷେ ହେଲା ପୁଲିସ ଭେରିଫିକେସନ୍ ବନ୍ଦ
- ଘରୋଇ ସଂସ୍ଥା ଶୁଣୁ ନାହାନ୍ତି, ଚିଠି ଲେଖିବ ପୁଲିସ

ଘରୋଇ କ୍ୟାବ୍ ସର୍ଭିସ ପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକ ଡ୍ରାଇଭର ନିଯୁକ୍ତି ବେଳେ ପୁଲିସ ଭେରିଫିକେସନ୍ ଆବଶ୍ୟକ ବୋଲି କମିସନରେଟ୍ ପୁଲିସର ନିୟମ ରହିଛି। ହେଲେ ଘରୋଇ ସଂସ୍ଥାଗୁଡ଼ିକ ଏହି ନିୟମକୁ ଫୁ କରି ସାରିଲେଣି। କୌଣସି କ୍ୟାବ୍ ସର୍ଭିସ ପ୍ରଦାନ କରୁଥିବା ସଂସ୍ଥା ଆଉ ନିୟମ ମାନୁ ନାହାନ୍ତି। ମନଇଚ୍ଛା କ୍ୟାବ୍ ଡ୍ରାଇଭର ନିଯୁକ୍ତି ଦେଉଛନ୍ତି। ତାଙ୍କର ବଡ଼ ଅପରାଧିକ ଭିତ୍ତିଭୂମି ରହୁ କିମ୍ବା ସେ ଜାଲ କାଗଜପତ୍ର ଦେଇ ବିନା ଲାଇସେନ୍ସପ୍ରାପ୍ତ ଡ୍ରାଇଭର ହୁଅନ୍ତୁ। କିଛି ଭେରିଫିକେସନ୍ ନାହିଁ। କୌଣସି ସ୍ଥାନରେ ରେକ୍ ଟୋକ୍ ନାହିଁ। ସହରର ଯାତ୍ରୀ ପରିବହନର ମେରୁଦଣ୍ଡ ପାଲଟିଥିବା ଘରୋଇ କ୍ୟାବ୍ ସଂସ୍ଥା ଗୁଡ଼ିକ ନିଜ ବ୍ୟବସାୟିକ ଫାଇଦା ପାଇଁ ଯାତ୍ରୀଙ୍କ ସୁରକ୍ଷାକୁ ବାଜି ଲଗାଇବାକୁ ପଛାଉ ନାହାନ୍ତି।



ରାଜଧାନୀରେ ପୂର୍ବରୁ କ୍ୟାବ୍ ସର୍ଭିସଗୁଡ଼ିକରେ ଡ୍ରାଇଭରଙ୍କ ପୁଲିସ ଭେରିଫିକେସନ୍ ହେଉଥିଲା। ହେଲେ ବର୍ଷେ ହେବ ଗାଡି ମାଲିକ କିମ୍ବା ଘରୋଇ କ୍ୟାବ୍ ସଂସ୍ଥା ଏହାକୁ ନିଜ ଇଚ୍ଛାରେ ବନ୍ଦ କରି ସାରିଲେଣି। ପୁଲିସ ଯଦି ଅନୁରୋଧ କରୁଛି ତେବେ କ୍ୟାବ୍ ପରିଚାଳନା କରୁଥିବା ଅନେକ ସଂସ୍ଥାର ଉଚ୍ଚପଦସ୍ଥ କର୍ମଚାରୀମାନେ ପୁଲିସକୁ ଓଲଟା ନାଲି ଆଖି ଦେଖାଉଛନ୍ତି। ସେମାନଙ୍କ ଚାପରେ ପୁଲିସ ମୁହଁ ଖୋଲୁ ନାହିଁ।

ବିଳମ୍ବିତ ରାତିରେ ମହିଳାମାନେ କ୍ୟାବ୍ ସର୍ଭିସ ବୁକିଂ କରୁଛନ୍ତି। ନିଜ ଗନ୍ତବ୍ୟସ୍ଥଳକୁ ଯାତ୍ରା କରୁଛନ୍ତି। ଅପରାଧୀକ ଭିତ୍ତିଭୂମି ଥିବା ଲୋକ ମାନେ ଡ୍ରାଇଭର ଭାବେ କାମ କଲେ ମହିଳାଙ୍କ ଅଘଟଣ ଘଟାଇବାର ସମ୍ଭାବନା ବଢ଼ି ଯାଇଥାଏ। ଦେଶର ରାଜଧାନୀ ଦିଲ୍ଲୀରେ କ୍ୟାବ୍ ଡ୍ରାଇଭରଙ୍କ ଦ୍ୱାରା ମହିଳାଙ୍କ ବିରୋଧରେ ଦୁଷ୍କର୍ମ ଏବଂ ଅସଦାଚରଣ, ହତ୍ୟା, ଲୁଟ୍ ଭଳି ବହୁ ଘଟଣା ଘଟିଛି। ଯେଉଁଥିରେ ଅପରାଧିକ ଭିତ୍ତିଭୂମି ଥିବା କ୍ୟାବ୍ ଡ୍ରାଇଭରମାନେ ଲିପ୍ତ ରହିଛନ୍ତି। ଏଣୁ ପୁଲିସ ଭେରିଫିକେସନ୍ ବ୍ୟବସ୍ଥା ଭୁବନେଶ୍ୱରରେ ଲାଗୁ କରାଯାଇଥିଲା। ହେଲେ ଚନ୍ଦ୍ରଶେଖରପୁରରେ ବୁଧବାର ଯାତ୍ରୀଙ୍କ ଠାରୁ ଓଲା କ୍ୟାବ୍ ଡ୍ରାଇଭର ନାଗେଶ୍ୱର ପ୍ରମାଣିକ୍ ଅଳଙ୍କାର ଲୁଟିବା ଘଟଣାରେ ପୁଲିସକୁ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ନାଗେଶ୍ୱରଙ୍କ ନାମରେ ପୂର୍ବରୁ ୪ଟି ଅପରାଧୀ ମାମଲା ରହିଥିଲା। ଏହା ସତ୍ତ୍ୱେ ସେ ରାତିରେ ଓଲା କ୍ୟାବ୍ ଚଲାଉଥିଲେ। ଶେଷରେ ଯାତ୍ରୀଙ୍କୁ ଲୁଟିଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ପୁଲିସ ଯେତେବେଳେ ଡ୍ରାଇଭରଙ୍କ ସମ୍ପର୍କରେ ପଚାରିଲା ସଂସ୍ଥା ପକ୍ଷରୁ ସଂସ୍ଥା ପକ୍ଷରୁ ପୁଲିସକୁ ନାଲି ଆଖି ଦେଖାଇଲେ। ତେବେ କଣ ପାଇଁ ଡ୍ରାଇଭରଙ୍କ ପୁଲିସ ଭେରିଫିକେସନ୍ ହୋଇ ନ ଥିଲା ବୋଲି କ୍ୟାବ୍ ସର୍ଭିସଗୁଡ଼ିକୁ ପୁଲିସ ଚିଠି ଲେଖିବ ବୋଲି କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି। ତେବେ ରାଜଧାନୀରେ ବର୍ଷେ ହେବ କ୍ୟାବ୍ ଡ୍ରାଇଭରଙ୍କ ପୁଲିସ ଭେରିଫିକେସନ୍ କ'ଣ ପାଇଁ ହେଉନି ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମିନାଙ୍କୁ ପଚାରିବାରୁ ସେ ଫୋନ୍ ଉଠାଇ ନ ଥିଲେ।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/17

| ପୋଷ୍ଟର ନାମ | ମୂଳ ଖାଲି ପଦବୀ | ଅତିରିକ୍ତ ଖାଲି ପଦବୀ ଅନ୍ତର୍ଭୁକ୍ତ | ଅନ୍ତିମ ଖାଲି ପଦବୀ |
|---|---|---|---|
| ଭିପି ୱେଲ୍ଥ (ଏସଆରଏମ) | 506 | 76 | 582 |
| ଏଭିପି ୱେଲ୍ଥ (ଆରଏମ) | 206 | 31 | 237 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 | 43 | 327 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 10.01.2026* ପର୍ଯ୍ୟନ୍ତ ।**

*23.12.2025 ରୁ 10.01.2026 ପର୍ଯ୍ୟନ୍ତ ବୃଦ୍ଧି ମଂଜୁର କରାଯାଇଛି

**ସ୍ଥାନ:** ମୁମ୍ବାଇ
**ତାରିଖ:** 31.12.2025

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)





# ବଢୁଛି ସହର; ବଦଳୁଛି ଉପକଣ୍ଠବାସୀଙ୍କ ପେସା

**■ ଦୈନିକ ପରିବା ହାଟରୁ ମୁହଁ ଫେରାଉଛନ୍ତି ସ୍ଥାନୀୟ ବେପାରୀ**
**■ ଠିକାଦାରୀ, ଜମିବାଡ଼ି ବେପାରକୁ ଆପଣେଇଛନ୍ତି ଯୁବଗୋଷ୍ଠୀ**



ବଡ଼ରଘୁନାଥପୁର, ୮।୧(ସମିସ): ରାଜଧାନୀର ସହର ବଢ଼ିବା ସହ ବଢୁଛି ଉପକଣ୍ଠବାସୀଙ୍କ ପେସା। ବିଶେଷକରି ଏକଦା ଛୋଟ ସହର ଥିବା ରାଜଧାନୀ ଭୁବନେଶ୍ୱରରେ କାଁ ଭାଁ ବ୍ୟବସାୟ ପ୍ରତିଷ୍ଠାନ ରହିଥିଲା। ଏପରିସ୍ଥଳେ ଅଳ୍ପ କିଛି ଛୋଟମୋଟ ଦୋକାନ ବଜାର ତଥା ବ୍ୟବସାୟ ପ୍ରତିଷ୍ଠାନ ରହିଥିବା ବେଳେ ସେଠାରେ ଅଳ୍ପ କିଛି ଲୋକେ ପରିବାର ପ୍ରତିପୋଷଣ କରୁଥିଲେ। ପୂର୍ବ ୩ ଦଶନ୍ଧୀ ପୂର୍ବ ସ୍ଥିତିକୁ ଅନୁଧ୍ୟାନ କଲେ ରାଜଧାନୀ ସହରରେ ପ୍ରାୟ ୫ ଶହରୁ ୭ ଶହ ଦୋକାନ ମଧ୍ୟରେ ସୀମିତ ରହିଥିଲା। ସେହିଭଳି ଏକନମ୍ବର ରାଜଧାନୀ ହାଟକୁ ମିଶାଇ କାଁ ଭାଁ ହାଟ ରହିଥିଲା। ଯେଉଁଠାରେ ଭୁବନେଶ୍ୱର ଉପକଣ୍ଠବର୍ତ୍ତୀ ବାରଙ୍ଗଠାରୁ ଆରମ୍ଭ କରି ବାଲିଅନ୍ତା, ଜଟଣୀ, ଡେଲାଙ୍ଗ ଆଦି ଅଞ୍ଚଳରୁ ଲୋକେ ପରିବାପତ୍ର ଆଣି ବିକ୍ରି କରୁଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟବାହାରୁ ପରିବା ଗୋଦାମକୁ ଆସିବା ପରେ ଉପକଣ୍ଠବର୍ତ୍ତୀ ଅଞ୍ଚଳରୁ ଲୋକେ ପରିବାପତ୍ର ଆଣି ସହରରେ ବିକ୍ରିବଟା କଲେ। ହାଟ ସମେତ ରାଜଧାନୀ ଗଢ଼ି ଉଠିଥିବା ଦୋକାନବଜାରରେ ଉପକଣ୍ଠବର୍ତ୍ତୀ ଲୋକେ ତେଜରାତି ସାମଗ୍ରୀ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ସମୟରେ କ୍ରମେ ଗତ ୩ ଦଶନ୍ଧୀ ଭିତରେ ଦୋକାନବଜାର ବ୍ୟବସାୟ ପ୍ରତିଷ୍ଠାନ ସମେତ ଦୈନିକ ହାଟସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ପ୍ରାୟ ୧୦ ହଜାରରୁ ଅଧିକ ବ୍ୟବସାୟ ପ୍ରତିଷ୍ଠାନ ସମେତ ହାଟ ବ୍ୟବସାୟୀମାନେ ରାଜଧାନୀ ଉପକଣ୍ଠରେ ନିର୍ଭର କରୁଛନ୍ତି। କିନ୍ତୁ ଏସବୁ କ୍ଷେତ୍ରରେ ଉପକଣ୍ଠବର୍ତ୍ତୀ ଲୋକଙ୍କ କର୍ମସଂସ୍ଥା ତୁଳନାତ୍ମକ ଭାବେ ବଢ଼ିନାହିଁ। ବିଶେଷକରି ଜମିବାଡ଼ି ଦର ବୃଦ୍ଧି ଯୋଗୁଁ ଅନେକ ଉପକଣ୍ଠବାସୀ ବଡ଼ବଡ଼ ବ୍ୟବସାୟ ପ୍ରତିଷ୍ଠାନ ସମେତ ନିଯୁକ୍ତି ତଥା ଠିକାଦାରୀ ଭଳି କାମକୁ ଆପଣେଇ ନେଇଛନ୍ତି ବୋଲି କହିଛନ୍ତି ମଦନପୁର ଗ୍ରାମର ଅଶ୍ୱିନୀ କୁମାର ବିଦ୍ୟାଧର।

ସେହିଭଳି ଏବେ ହାଟଗୁଡ଼ିକରେ ଅଧିକାଂଶ ଦୂରଦୂରାନ୍ତରୁ ଲୋକେ ଆସି ବ୍ୟବସାୟ କରୁଛନ୍ତି ବୋଲି ସେ କହିଛନ୍ତି। ଅପରପକ୍ଷେ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଜନବସତି ବୃଦ୍ଧି ଯୋଗୁଁ ଚାଷବାସ ମଧ୍ୟ ସାଂଘାତିକ ଭାବେ ହ୍ରାସ ପାଇଛି। ଫଳରେ ହାଟ ପରିବା ବେପାରୀମାନେ ସ୍ଥାନୀୟ ଚାଷୀଙ୍କଠାରୁ ପରିବା ପାଇଁ ନିର୍ଭର କରୁନାହାନ୍ତି। ରାଜଧାନୀର ଆଇଗିଣିଆ କୁବେରପୁରୀରେ ଥିବା ପରିବା ଗୋଦାମରୁ ପରିବାର ନେଇ ବ୍ୟବସାୟୀମାନେ ବିକ୍ରି କରୁଛନ୍ତି। ପରିବାର ବେପାରୀଙ୍କ ମଧ୍ୟରେ କାଁ ଭାଁ ସ୍ଥାନୀୟ ଲୋକ ରହିଛନ୍ତି। ଅପରପକ୍ଷେ ସହର ଅଭିବୃଦ୍ଧି ଏବଂ ଜମିବାଡ଼ି ଦରବୃଦ୍ଧି ଯୋଗୁଁ ଲୋକେ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଅନେକ ଲୋକ ଘରଦ୍ୱାର ଉପରେ ନିର୍ଭର କରୁଛନ୍ତି ବୋଲି କହିଛନ୍ତି ତମାଣ୍ଡୋର ପ୍ରଶାନ୍ତ କୁମାର ସୁବୁଦ୍ଧି। ଉପକଣ୍ଠବର୍ତ୍ତୀ ଅଞ୍ଚଳର ଲୋକେ। ସେହିଭଳି ଅନେକ ଯୁବଗୋଷ୍ଠୀ ଗଢ଼ି ଉଠିଥିବା ବିଭିନ୍ନ ପ୍ରତିଷ୍ଠାନ ଏବଂ ସଂସ୍ଥାରେ ଠିକାଦାରୀ ଭଳି କାମକୁ ମଧ୍ୟ ଆପଣେଇ ନେଇଛନ୍ତି ବୋଲି ସେ କହିଛନ୍ତି।

## ଏକାମ୍ର ନାଟ୍ୟ ସଂଗଠନ ପକ୍ଷରୁ ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୮।୧(ସମିସ) ଏକାମ୍ର ନାଟ୍ୟ ସଂଗଠନ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ସହଯୋଗରେ ଏକାମ୍ର ନାଟ୍ୟ ସଂଗଠନର ସପ୍ତମ ବାର୍ଷିକ ଉତ୍ସବ ଏବଂ ଏକାମ୍ର ନୃତ୍ୟଶାଳାର ଷଷ୍ଠ ବାର୍ଷିକ ଉତ୍ସବ ଗୁରୁବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅତିଥି ଭାବେ ଶତାବ୍ଦୀର କଳାକାର ଧୀର ମଲ୍ଲିକ, ନୃତ୍ୟଶିଳ୍ପୀ ନିର୍ଦ୍ଦେଶକ ଶାଶ୍ୱତ ଯୋଶୀ ଯୋଗଦେଇଥିଲେ। ଏହି ଅବସରରେ ପଶ୍ଚିମ ଓଡ଼ିଶାର ଶ୍ରେଷ୍ଠ ନାଟ୍ୟ ନିର୍ଦ୍ଦେଶକ ବିଶେଶ୍ୱର ଖୁଲାରୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଏହି ଉତ୍ସବର 'ମୁଁ ନାଥୁରାମ କହୁଚି' ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ନାଟକର ରଚନା ନିମାଇଁ ଲେଙ୍କା କରିଥିବା ବେଳେ ଜିତେନ୍ଦ୍ର ପଟ୍ଟନାୟକ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏକାମ୍ର ନୃତ୍ୟଶାଳାର ଛାତ୍ରମାନଙ୍କ ଦ୍ୱାରା ଓଡ଼ିଶୀ ଏବଂ ଆଧୁନିକ ନୃତ୍ୟ ପ୍ରଦର୍ଶନର ଏକ ଧାରାବାହିକ ମଧ୍ୟ ପ୍ରଦର୍ଶିତ ହୋଇଥିଲା।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା



ବାଲିଅନ୍ତା, ୮।୧(ସମିସ): ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଭୁବନେଶ୍ୱର – ୨୦୨୬ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ସେନାପତି, ଭୁବନେଶ୍ୱର ଉପ ଜିଲ୍ଲାପାଳ ମନୋରଞ୍ଜନ ସାହୁ, କୃଷି ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ଶେଖର ଦାସ, ଭୁବନେଶ୍ୱର ଜିଲ୍ଲା କୃଷି ଅଧିକାରୀ ମନୋରଞ୍ଜନ ରାଉଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏନେଇ ଆୟୋଜିତ ସଭାରେ ଉପ ଜିଲ୍ଲାପାଳ ସଭାପତିତ୍ୱ କରିଥିଲେ। କୃଷି ଓ କୃଷକର ସାମଗ୍ରୀକ ଉନ୍ନତି ଉପରେ ସମବେତ ଅତିଥିବୃନ୍ଦ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପଞ୍ଚାୟତର ୮ ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୩୫ଟି ଷ୍ଟଲରେ କୃଷି ଓ ଉଦ୍ୟାନ କୃଷି ସମ୍ପର୍କିତ ବିଭିନ୍ନ ଯନ୍ତ୍ରପାତି ପ୍ରଦର୍ଶିତ ହୋଇଥିଲା। ପ୍ରାରମ୍ଭରେ ବ୍ଲକ ସହକାରୀ କୃଷି ଅଧିକାରୀ ସ୍ଥିତିପ୍ରଜ୍ଞ ଖମାରୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ।

## ଇପିଏଫ୍ ପେନସନ ଆସୋସିଏସନର ପ୍ରଥମ ବାର୍ଷିକ ସମ୍ମିଳନୀ



ଭୁବନେଶ୍ୱର, ୮।୧(ସମିସ): ନିଖିଳ ଉତ୍କଳ ଇପିଏଫ୍ ପେନସନ ଆସୋସିଏସନର ପ୍ରଥମ ବାର୍ଷିକ ସମ୍ମିଳନୀ ଗୁରୁବାର ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନର ସଭାପତି ସଞ୍ଜୟ କୁମାର ରଥ ଏହି ସମ୍ମିଳନୀକୁ ସଭାପତିତ୍ୱ କରି ଇପିଏଫ୍ ପେନସନଧାରୀମାନଙ୍କର ସର୍ବନିମ୍ନ ପେନସନ ୧୦୦୦ ହଜାର ଟଙ୍କାରୁ ୭ ୫୦୦ ଟଙ୍କାକୁ ବୃଦ୍ଧି କରିବା ସହ ମୂଳ ପେନସନ୍ ସହିତ ମହଙ୍ଗା ଭତ୍ତା ଯୋଡ଼ିବାକୁ ଦାବି କରିଥିଲେ। ସମ୍ମାନିତ ଅତିଥିଭାବେ ଏନ୍‌ଏସିର ରାଷ୍ଟ୍ରୀୟ ସଭାପତି କମାଣ୍ଡର ଅଶୋକ ରାଉତ ଯୋଗଦେଇ ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ଶ୍ରମମନ୍ତ୍ରୀଙ୍କ ସହ ଏ ବାବଦରେ ଆଲୋଚନା କରାଯାଇଛି ବୋଲି କହିଥିଲେ। ସଂଘର ସାଧାରଣ ସମ୍ପାଦକ ମାୟାଧର ମଲ୍ଲିକ୍ ବାର୍ଷିକ ବିବରଣୀ ପାଠ କରିବା ସହ ସମଗ୍ର ଓଡ଼ିଶାରେ ସଂଘର କାର୍ଯ୍ୟକ୍ରମକୁ ଜୋରଦାର କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ତଥା ସଂଘର ଉପଦେଷ୍ଟା ଓ ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜଳ ଶର୍ମା, ଏହି ଯୁକ୍ତିଯୁକ୍ତ ଦାବି ସରକାର ଶୀଘ୍ର ପୂରଣ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ସର୍ବଭାରତୀୟ ଏନସିର ସରିତା ନରଖଡ଼େ, ରମାକାନ୍ତ ନରଗୁଣ୍ଡେ, ଭାନୁଦାସ ନରଖଡେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସମ୍ମିଳନୀ ଅବସରରେ ଏକ ସ୍ମରଣିକା 'ପ୍ରୟାସ' ଉନ୍ମୋଚିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂଗଠନିକ ସମ୍ପାଦକ କସ୍ତୁରୀ ଚରଣ ସୁବୁଦ୍ଧି, ପ୍ରଶାନ୍ତ କୁମାର ଶତପଥୀ, ପ୍ରସନ୍ନ କୁମାର ଶତପଥୀ, ଲକ୍ଷ୍ମଣ ନନ୍ଦ, ପିତାମ୍ବର ମହାନ୍ତି, ହେମନ୍ତ ଦାସ, ରାଜକିଶୋର ସ୍ୱାଇଁ, ପ୍ରେମଲତା ଜୟସିଂ ପ୍ରମୁଖ ଯୋଗଦେଇଥିଲେ।

## ଆଜିଠୁ ସୋଆରେ 'ଓଟିକନ୍-୨୦୨୬'

ଭୁବନେଶ୍ୱର, ୮।୧(ସମିସ): ଜାନୁଆରୀ ୯ ରୁ ୧୧ ପର୍ଯ୍ୟନ୍ତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ ଅଲ୍ ଇଣ୍ଡିଆ ଅକୁପେସ୍‌ନାଲ ଥେରାପିଷ୍ଟସ ଆସୋସିଏସନ୍‌ର ବାର୍ଷିକ ସମ୍ମିଳନୀ 'ଓଟିକନ୍-୨୦୨୬'। ଅଲ୍ ଇଣ୍ଡିଆ ଅକୁପେସ୍‌ନାଲ ଥେରାପିଷ୍ଟସ ଆସୋସିଏସନ୍‌ର ଓଡ଼ିଶା ଶାଖା ଓ ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ରିହାବିଲିଟେସନ୍ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ (ଏସ୍‌ଭିଏନ୍‌ଆଇଆରଟିଆର) ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହ ଲୋକସଭା ସଦସ୍ୟ ବିଭୁ ପ୍ରସାଦ ତରାଇ, ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିବେ। ପ୍ରି-କନ୍‌ଫରେନ୍ସ କଣ୍ଟିନ୍ୟୁଙ୍ଗ ଅକୁପେସ୍‌ନାଲ ଥେରାପି ଏଜୁକେସନ କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ମେଡିକାଲ ଏଜୁକେସନ୍ ଆଣ୍ଡ ଟ୍ରେନିଂ ନିର୍ଦ୍ଦେଶକ ଡକ୍ଟର ସନ୍ତୋଷ କୁମାର ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହେବ।

## 'ଉତ୍କଳ' ସ୍ନାତକୋତ୍ତର ଏନ୍‌ଏସ୍‌ଏସ୍‌ର ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୮।୧(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ପୁରୁଷ ଓ ମହିଳା ଶାଖା ଜାତୀୟ ସେବା ଯୋଜନା (ଏନଏସଏସ) ପକ୍ଷରୁ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ପରିଷଦ ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷା ପ୍ରଫେସର ମିତାଲି ଚିନାରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବିଶ୍ୱବିଦ୍ୟାଳୟର ଏନଏସଏସ ସଂଯୋଜକ ପ୍ରଫେସର ବ୍ରଜ ନାରାୟଣ ପାତ୍ର, ମୁଖ୍ୟବକ୍ତା ଭାବେ ଓୟୁଏଟି ଭୁବନେଶ୍ୱର ଏନଏସଏସ ତାଲିମ ଶିକ୍ଷାନୁଷ୍ଠାନର ସହାୟକ ସଂଯୋଜକ ନିରଦ ବରଣ ଖୁଣ୍ଟିଆ ଯୋଗ ଦେଇଥିଲେ। ଅହିଂସା ବିଚାର ଫାଉଣ୍ଡେସନ ପ୍ରତିଷ୍ଠାତା ସଭାପତି ସତ୍ୟଶ୍ରୀ ସୋମ୍ୟକାନ୍ତ ମହାପାତ୍ର ଯୋଗ ଦେଇଥିବା ବେଳେ ଦ୍ୱିତୀୟ ଭାଗରେ ଲେଖକ ଡ. ମହମ୍ମଦ ଅଲ୍ଲୀ ଖାନ ନିଶା ମୁକ୍ତ ଭାରତ ଅଭିଯାନ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଏନ୍‌ଏସଏସ ପ୍ରୋଗ୍ରାମ ଅଫିସର (ପୁରୁଷ) ଡ. ଶାନ୍ତି ସ୍ୱରୂପ ସାହୁ ଅତିଥି ପରିଚୟ ଦେଇଥିଲେ। ଏନ୍‌ଏସଏସ ପ୍ରୋଗ୍ରାମ ଅଫିସର (ମହିଳା) ଡ. କବିତା ଦାସ ଧନ୍ୟବାଦ ପ୍ରଦାନ କରିଥିଲା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ଏନ୍‌ଏସଏସ ବ୍ୟୁରୋର କର୍ମଚାରୀ ପ୍ରଶାନ୍ତ ମହାରଣା ଉପସ୍ଥିତ ରହିଥିଲେ।

## ଓଡ଼ିଶା-ଶ୍ରୀଲଙ୍କା ସମ୍ପର୍କ ଅତି ପ୍ରାଚୀନ ଓ ରକ୍ତଗତ



ଭୁବନେଶ୍ୱର, ୮।୧(ସମିସ): ମହାବୋଧି ସୋସାଇଟି ପକ୍ଷରୁ ଗୁରୁବାର ବୁଦ୍ଧ ମନ୍ଦିର ପରିସରରେ ଶ୍ରୀଲଙ୍କାର ଗ୍ରାମୀଣ ବିକାଶ ଓ ସାମାଜିକ ସଶକ୍ତୀକରଣ ମନ୍ତ୍ରୀ ଡ. ଉପାଲି ପାନିଲାଗେଙ୍କୁ ଏକ ସ୍ୱତନ୍ତ୍ର ସମାରୋହରେ ସମ୍ମାନିତ କରାଯାଇଛି। ଏହି ସମାରୋହରେ ମହାବୋଧି ସୋସାଇଟି ଓଡ଼ିଶା ଶାଖାର ସଭାପତି ନରେନ୍ଦ୍ର କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ଡ଼. ପାନିଲାଗେ ତାଙ୍କ ବକ୍ତବ୍ୟରେ କଳିଙ୍ଗ ବା ବର୍ତ୍ତମାନର ଓଡ଼ିଶା ସହ ଶ୍ରୀଲଙ୍କାର ଭାବଗତ ସମ୍ପର୍କର ପ୍ରାଚୀନ ଇତିହାସ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ପୂର୍ବତନ ଆୟକର ମୁଖ୍ୟ ଆୟୁକ୍ତ ଅଶୋକ ବଳ, ଗବେଷକ ପ୍ରବୀର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବୋଧି ସୋସାଇଟିର ଟ୍ରଷ୍ଟି ଡ. ସୌରେନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଓଡ଼ିଶା ଶାଖା ଉପସଭାପତି ଡା. କରୁଣାକର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ପଣ୍ଡା ସଭା ପରିଚାଳନା କରିଥିଲେ।

● ମରିଚିଆ କପ ଫୁଟବଲ

## ଦ୍ୱିତୀୟ ସେମିଫାଇନାଲିଷ୍ଟ ପ୍ରତାପନଗରୀ

ନନ୍ଦନକାନନ, ୮।୧(ସମିସ): ଭୁବନେଶ୍ୱର ଉପକଣ୍ଠ ମରିଚିଆ ଗ୍ରାମ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ମରିଚିଆ କପ ୨୦୨୬ ଗୁରୁବାର ଦ୍ୱିତୀୟ ଦିନରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆଜିର ପ୍ରଥମ ଲିଗ ପର୍ଯ୍ୟାୟ ମ୍ୟାଚ ପ୍ରତାପନଗରୀ ଏବଂ ଟାଙ୍ଗିବନ୍ତ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୭/୧ଗୋଲରେ ପ୍ରତପନଗରୀ ଦଳ ଟାଙ୍ଗିବନ୍ତ ଠାରୁ ବିଜୟୀ ହୋଇଥିଲା। ଆଜିର ଦ୍ୱିତୀୟ ଲିଗ ସାଲିଆସାହି ଏବଂ ଉରାଳୀ କ୍ଲବ ଦଳ ମଧ୍ୟରେ ହୋଇଥିଲା। ଏଥିରେ ସାଲିଆସାହି ୨/୧ଗୋଲରେ ଉରାଳୀ ଠାରୁ ବିଜୟୀ ହୋଇଥିଲା। ଆଜି କ୍ୱାଟର ପର୍ଯ୍ୟାୟକୁ ଯାଇଥିବା ପ୍ରତାପନଗରୀ ଏବଂ ସାଲିଆସାହି ମଧ୍ୟରେ କ୍ୱାଟର ପର୍ଯ୍ୟାୟ ଦ୍ୱିତୀୟ ମ୍ୟାଚ ହୋଇଥିଲା। ଗୋଲ ଶୂନ୍ୟ ହେବାରୁ, ଫଳରେ ଟ୍ରାଇ ବ୍ରେକର ଜରିଆରେ ଫଳ ନିର୍ଣ୍ଣୟ କରାଯାଇଥିଲା। ଉଭୟ ଦଳ ଟ୍ରାଇବ୍ରେକର ରେ ବି କେହି କାହାରିକୁ ହରାଇ ପାରିନଥିଲେ। ସଡନ ଡେଥ ଗୋଲ ବଳରେ ପ୍ରତପନଗରୀ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ରବିବାର ସେମି ଫାଇନାଲ ଖେଳିବାକୁ ସ୍ଥାନ ପକ୍କା କରିଛି। ଆଜିର ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଦୌଡରାଣୀ ଦୂତୀ ଚାନ୍ଦ, ଶ୍ରଦ୍ଧାଞ୍ଜଳି ରାୟ, ମଧୁପୁର ପଞ୍ଚାୟତ ସମିତି ସଭ୍ୟ କିଶନ କୁମାର ଜେନା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଶୁକ୍ରବାର ଲିଗ ପର୍ଯ୍ୟାୟରେ ଉଷୁମା ସହିତ ଜୟପୁର, ତାର୍ଜନ କ୍ଲବ କଟକ ସହିତ ନରଣପୁର କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ତରଫରୁ ଜୟନ୍ତ ରାଉତ ପ୍ରକାଶ କରିଛନ୍ତି।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ଶୀତ ଉତ୍ସବ'



ବଡ଼ରଘୁନାଥପୁର, ୮।୧(ସମିସ):ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସଂସ୍କୃତି ଭିତ୍ତିକ ବାର୍ଷିକ କାର୍ଯ୍ୟକ୍ରମ 'ଶୀତ ଉତ୍ସବ-୨୦୨୬' ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସ୍ଥପତି ପଦ୍ମ ବିଭୂଷଣ ଡ. ସୁଦର୍ଶନ ସାହୁ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ଅନ୍ୟତମ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଶିବପ୍ରସାଦ ଅଧିକାରୀ, ଆକାଶବାଣୀ ବ୍ରହ୍ମପୁରର ପ୍ରାକ୍ତନ ନିର୍ଦ୍ଦେଶକ ହୃଷିକେଶ ପାଣିଗ୍ରାହୀ, ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ସୁଦୀପ୍ତା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଫେସର ଚକ୍ରଧର ବେହେରା ଓ ଡ. ସସ୍ମିତା କାମିଲାଙ୍କ ଦୃଶ୍ୟକଳା ଓ ବ୍ୟାବହାରିକ କଳା ସମ୍ପର୍କିତ ପୁସ୍ତକ ଲୋକାର୍ପିତ ହୋଇଥିଲା। ଅଧ୍ୟାପକ ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କବିତା ପାଠୋତ୍ସବ ସହ ତବଲା ଓ ମର୍ଦ୍ଦଳର ଯୁଗଳବନ୍ଦୀ, ହିନ୍ଦୁସ୍ତାନୀ କଣ୍ଠସଙ୍ଗୀତ, ଓଡିଶୀ କଣ୍ଠସଙ୍ଗୀତ, ମିଳିତ ଯନ୍ତ୍ରସଙ୍ଗୀତ, ଓଡିଶୀ ନୃତ୍ୟ, ଛଉନୃତ୍ୟ, ଫ୍ୟାଶନ ସୋ' ସମେତ ନାଟକ ପରିବେଷିତ ହୋଇଥିଲା। କୁଳସଚିବ ଅନାମିକା ଅଧିକାରୀ ଉପସ୍ଥିତ ଥିବା ବେଳେ ବିଭାଗର ଅଧ୍ୟାପକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଅମର ଫାଉଣ୍ଡେସନ୍ ପକ୍ଷରୁ କମ୍ବଳ ଓ ରାସନ ସାମଗ୍ରୀ ବଣ୍ଟନ



ଭୁବନେଶ୍ୱର, ୮।୧(ସମିସ): ଅମର ଫାଉଣ୍ଡେସନ୍ ପକ୍ଷରୁ ଜାନୁଆରୀ ୧ତାରିଖରେ କଟକ ଜିଲ୍ଲା ହରିପୁର ଗ୍ରାମର ବାସିନ୍ଦାଙ୍କୁ ୩୦୦କମ୍ବଳ ସମେତ ଡ୍ରାଏଫ୍ରୁଟସ୍ ପ୍ରଦାନ କରାଯାଇଥିଲା। ସେହିପରି ଯାଜପୁରର କୋଲହାପୁର ଓ ଭାଲୁମରା ଗ୍ରାମ ଏବଂ ଢେଙ୍କାନାଳରେ ଦରହା ସାହିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି ଗୁରୁବାର ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକ ନାଗଡ଼ା ଅଧୀନସ୍ଥ ଦୁର୍ଗମ ଆଦିବାସୀ ଅଞ୍ଚଳରେ ଆବଶ୍ୟକୀୟ ସାମଗ୍ରୀ ପ୍ରଦାନ କରିଛନ୍ତି। ବିଶେଷ କରି ସେଠାରେ ଲୋକମାନେ ଲୁଣ, ତେଲ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଫାଉଣ୍ଡେସନ୍ ର ସଦସ୍ୟମାନେ କମ୍ବଳ ସମେତ ଡାଲି, ସୋରିଷ ତେଲ, ଆଳୁ, ହଳଦୀ ଗୁଣ୍ଡ ଏବଂ ଲୁଣ ଆଦି ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି। ଅଞ୍ଚଳର ଗୁହିଆସାଲା, ତଳଡିହା, ତୁମୁନି ଏବଂ ନଳିଆଡାବା ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାରକୁ ଏହି ସମସ୍ତ ସାମଗ୍ରୀ ପ୍ରଦାନ କରାଯାଇଛି। ନଳିଆଡାବା ନିକଟସ୍ଥ ଜଙ୍ଗଲ ଅଫିସ୍ ନିକଟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଫାଉଣ୍ଡେସନର ପ୍ରତିଷ୍ଠାତା ଅମର ରଞ୍ଜନ ମହାନ୍ତି ଓ ତାଙ୍କ ପରିବାର, ଶୋଭନ କାନୁନଗୋ, ବସନ୍ତ କୁମାର ବେହେରା, ଚିତ୍ତ ରଞ୍ଜନ ପଟ୍ଟନାୟକ, ଚିରଞ୍ଜିବୀ ଦାସ, ହେମନ୍ତ କୁମାର ସାହୁଙ୍କ ସମେତ ଫାଉଣ୍ଡେସନ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ଏଫ୍‌ଏଫ୍‌ସିର କର୍ମକର୍ତ୍ତା ସମ୍ମାନିତ

ଭୁବନେଶ୍ୱର, ୮।୧(ସମିସ): ୱାକର୍ସ ଇଣ୍ଟରନ୍ୟାସନାଲ ଦ୍ୱାରା ଅନୁବନ୍ଧିତ ଓ କ୍ରମାଗତ ତିନିବର୍ଷ ଧରି ଶ୍ରେଷ୍ଠ କ୍ଲବ ଭାବେ ପରିଗଣିତ ଫନ ଆଣ୍ଡ ଫିଟନେସ ୱାକର୍ସ କ୍ଲବକୁ ଓଡିଆ ସ୍ୱାଭିମାନ ସମ୍ମିଳନୀ ଦ୍ୱାରା ଜୟଦେବ ଭବନଠାରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ୧୪ତମ ଓଡ଼ିଶା ରାଜ୍ୟ ସ୍ୱାଭିମାନ ସମ୍ମିଳନୀରେ ଅତିଥି ଭାବେ ଲୋକସଭା ସଦସ୍ୟ ରବି ବେହେରା, ବଦ୍ରିନାଥ ପଟ୍ଟନାଟକ, ବିପିନ ମିଶ୍ର ଓ ସଭାପତି ଶୁସାନ୍ତ ସାବତ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଏଫଏଫସି ର ସଭାପତି ଆଶିଷ ପଟ୍ଟନାୟକ, ବାବୁରାମ ସେଠୀ, ଡ. ରଙ୍ଗାଧର ସାହୁ, କେଦାର ପଟ୍ଟନାୟକ, ଜୟସୁରିୟା କାନୁନଗୋ ପ୍ରମୁଖଙ୍କୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

# ବଞ୍ଜାରାଙ୍କ ସାହାରା ପାଲଟିଛି ଉପକଣ୍ଠ

**ଦିନରେ ଆସୁଛନ୍ତି ରାତିରେ ଚାଲିଯାଉଛନ୍ତି**



ଭୁବନେଶ୍ୱର, ୮।୧(ସମିସ): ରାଜଧାନୀକୁ ଆସିବା ଲାଗି ବଞ୍ଜାରାଙ୍କ ଠିକଣା ପାଲଟିଛି ଉପକଣ୍ଠ। ସହର ଉପକଣ୍ଠରେ ଏହି ବଞ୍ଜାରାମାନେ ରହୁଛନ୍ତି। ଦିନରେ ଟ୍ରେନ୍‌ରେ ଆସି ବୁଲି ବୁଲି ଭିକ୍ଷାବୃତ୍ତି କରୁଛନ୍ତି। ରାତି ହେଲେ ପୁଣି ଟ୍ରେନ୍‌ରେ ନିଜ ଠିକଣାକୁ ଫେରୁଛନ୍ତି। ଦିନକୁ ଦିନ ବଞ୍ଜାରାଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସହରରୁ ବଞ୍ଜାରା ହଟାଇବା ଅଭିଯାନ ବାଟବଣା ହୋଇଗଲାଣି। ଏହା ଉପରେ ରୋକ ଲଗାଇବାରେ ଭୁବନେଶ୍ୱର ମହାନଗର ନିଗମ ବା ବିଏମ୍‌ସି ବିଫଳ ହୋଇଛି।

ରାଜ୍ୟ ଏବଂ ରାଜ୍ୟ ବାହାରୁ ବଞ୍ଜାରା ଆସି ରାଜଧାନୀରେ ପହଞ୍ଚୁଛନ୍ତି। ପ୍ରଥମେ ଓଭରବ୍ରିଜ୍ ତଳେ ଓ ଫୁଟ୍‌ପାଥରେ କିଛି ଦିନ ଡେରା ପକାଉଛନ୍ତି। ଦିନରେ ବୁଲି ଭିକ୍ଷାବୃତ୍ତି କରିବା ସହ ବିଭିନ୍ନ ଟ୍ରାଫିକ୍ ଆଗରେ ବୁଲିବୁଲି ବିଭିନ୍ନ ପ୍ରକାରର ସାମଗ୍ରୀ ବିକ୍ରି କରୁଛନ୍ତି। ଏଥିସହିତ ଟ୍ରାଫିକ୍‌ରେ ଅଟକୁଥିବା କାରରେ ସର୍ଫ ପାଣି ପକାଇ ପୋଛି ଦଉଛନ୍ତି। ଯଦି ଗାଡ଼ି ମାଲିକ ପଇସା ଦେଲେ ତ ଭଲ କଥା ନହେଲେ ୧୦ ଟଙ୍କା ପାଇଁ ଦୁର୍ଘଟଣାକୁ ଖାତିର ନକରି ଗାଡ଼ି ପଛରେ କିଛି ବାଟ ଧାଉଁଛନ୍ତି। ଏହି ବଞ୍ଜାରାଙ୍କୁ ତଡ଼ିବା ଲାଗି ବିଏମ୍‌ସି ଓ ପୁଲିସ ପକ୍ଷରୁ ମିଳିତ ଅଭିଯାନକୁ କଡ଼ାକଡ଼ି କରାଯାଇଥିଲା ଏହି ଅଭିଯାନ କିଛି ଦିନ ଭଲ ଚାଲିଥିଲା ହେଲେ ଏବେ ବାଟବଣା ହୋଇଗଲାଣି।

ଏହି ବଞ୍ଜାରା ଏବେ ସହର ଉପକଣ୍ଠ ବିଶେଷ କରି ଜଟଣୀ, ବାଲିଅନ୍ତା ଓ ଖୋର୍ଦ୍ଧାର ବିଭିନ୍ନ ଅଞ୍ଚଳରେ ରହୁଛନ୍ତି। ରାତି ପାହିଲେ ଟ୍ରେନ୍‌ରେ ଆସି ରେଳ ଷ୍ଟେସନରେ ଓହ୍ଲାଉଛନ୍ତି ପୂର୍ବ ଭଳି ସେମାନେ ତାଙ୍କ ଭିକ୍ଷାବୃତ୍ତି ସହିତ ଲୁଟ୍‌ପାଟ କାର୍ଯ୍ୟରେ ମଧ୍ୟ କିଛି ସ୍ଥାନରେ ସମ୍ପୃକ୍ତ ରହୁଛନ୍ତି। ଏବେ ବଞ୍ଜାରାଙ୍କ ପ୍ରତି ବିଏମ୍‌ସି ନା ପୁଲିସ କାହାର ନିଘା ନାହିଁ। ବାରମ୍ବାର ସଚେତନ କରାଯାଉଥିଲେ ମଧ୍ୟ ଏମାନେ ନିଜ ସ୍ଥାନକୁ ଫେରି ନଯିବା ଏବଂ ସେହି ଭିକ୍ଷାବୃତ୍ତିକୁ ଆଦରି ନେବାର ଅଭ୍ୟାସ ଛାଡୁନାହାନ୍ତି। କଳ୍ପନା ଛକ ଟ୍ରାଫିକ୍‌ରେ କାର ସଫା କରୁଥିବା ରାଜସ୍ଥାନରୁ ଆସିଥିବା ଝୁନୁ ଚୈରାସିଆ କୁହନ୍ତି ଏହି କାମ କଲେ ସେମାନେ ଖାଇବାକୁ ମିଳୁଛି। ରାତି ହେଲେ ବ୍ରିଜ୍ ତଳେ ରହିବା କଷ୍ଟ ହୋଇ ପଡୁଛି। ସେଥିପାଇଁ ସେମାନେ ସନ୍ଧ୍ୟା ହେବା ଆଗରୁ ଜଟଣୀ ଷ୍ଟେସନକୁ ଚାଲିଯାଆନ୍ତି। ପୁଣି ସକାଳ ହେଲେ ଆସନ୍ତି ବୋଲି କହିଛନ୍ତି।

ଏନେଇ ସିରିପୁର ବାସିନ୍ଦା କାର ଚାଳକ ଶୁଭମ୍ ରାଉତରାୟ କହିଛନ୍ତି ଟ୍ରାଫିକ୍‌ରେ ଏମିତି ଗାଡ଼ି ପଛରେ ଦୌଡ଼ିବା କଥା ନୁହେଁ। ପୋଲିସ ନା ଅଧିକାରୀ କେହି ଏମାନଙ୍କ ପ୍ରତି ଧ୍ୟାନ ଦେଉନାହାନ୍ତି। ଫଳରେ ଯଦି କିଛି ଅଘଟଣ ଘଟେ ତେବେ କିଏ ବୁଝିବ ବୋଲି ସେ କହିଛନ୍ତି।

# ବନ୍ଦ ସ୍କୁଲ ପୁନଃ ଖୋଲିବା ଘୋଷଣା ଧୂଆଁବାଣ

ରାଇରଙ୍ଗପୁର, ୮।୧(ସମିସ): ପୂର୍ବରୁ ବନ୍ଦ ହୋଇଥିବା ବିଦ୍ୟାଳୟ ପୁନଃ ଖୋଲିବା ନେଇ ରାଜ୍ୟ ସରକାରଙ୍କ ଘୋଷଣା ଧୂଆଁବାଣ ସଦୃଶ୍ୟ ହୋଇଛି। ଛାତ୍ରଛାତ୍ରୀଙ୍କୁ ଘର ନିକଟରେ ଶିକ୍ଷା ଯୋଗାଇବା ଯୋଜନାରେ ରାଜ୍ୟ ସରକାର ବିଫଳ ହୋଇଥିବାବେଳେ ଶିକ୍ଷାରେ ସମସ୍ୟା ସୃଷ୍ଟି ହେଉଛି। ଏଭଳି ଘଟଣା ରାଇରଙ୍ଗପୁର ପୌରପାଳିକା ଅଞ୍ଚଳରେ ଦେଖିବାକୁ ମିଳିଛି। ଇଟିଣ୍ଡା ଅଞ୍ଚଳରେ ଥିବା ମଧୁବନ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଲେପ୍ରାସାହି ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଉଭୟ ବିଦ୍ୟାଳୟ ରାଇରଙ୍ଗପୁର ଅଞ୍ଚଳର ଅନେକ ପୁରାତନ ବିଦ୍ୟାଳୟ ଅଟେ। ଯେଉଁଠାରେ କି ବହୁ ବଡ଼ ବ୍ୟକ୍ତିବିଶେଷ ଶିକ୍ଷା ଗ୍ରହଣ କରି ଆଜି ଉଚ୍ଚ ପଦପଦବୀରେ ଚାକିରି କରିଛନ୍ତି।

- ରାଇରଙ୍ଗପୁରର ଦୁଇଟି ବିଦ୍ୟାଳୟ ବନ୍ଦ
- ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଛାତ୍ରଛାତ୍ରୀ
- ଘରଠୁ ଦୂରକୁ ପଢ଼ିବାକୁ ଯାଉଛନ୍ତି ପିଲା

ତାହା ବର୍ତ୍ତମାନ ଅବହେଳିତ ଅବସ୍ଥାରେ ରହିଛି। ସ୍ୱଳ୍ପ ଛାତ୍ରଛାତ୍ରୀଙ୍କ ଉପସ୍ଥିତିକୁ ଦୃଷ୍ଟିରେ ରଖି ଉଭୟ ବିଦ୍ୟାଳୟକୁ ୨/୩ ବର୍ଷ ପୂର୍ବରୁ ବନ୍ଦ କରାଯାଇଥିଲା। ଉଭୟ ବିଦ୍ୟାଳୟରେ ୧୫ରୁ କମ୍ ଛାତ୍ରଛାତ୍ରୀ ଥିବା ଦର୍ଶାଇ ମଧୁବନ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଇଟିଣ୍ଡା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଲେପ୍ରାସାହି ପ୍ରାଥମିକ ବିଦ୍ୟାଳୟକୁ ମନ୍ଦିର ସାହି ବିଦ୍ୟାଳୟ ସହ ସାମିଲ କରାଯାଇଥିଲା। ଇଟିଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୂର୍ବ ବିଦ୍ୟାଳୟଠାରୁ ୫୦୦ମିଟର ଦୂରରେ




ଥିବାବେଳେ ଲେପ୍ରାସାହି ପ୍ରାଥମିକ ବିଦ୍ୟାଳୟରୁ ମନ୍ଦିର ସାହି ବିଦ୍ୟାଳୟ ପ୍ରାୟ ୨ କିଲୋମିଟର ଦୂର ହେଉଛି। ଅନ୍ୟ ବିଦ୍ୟାଳୟରେ ସାମିଲ ହେବା ପରେ ଅଭିଭାବକ ବାଧ ହୋଇ ନିଜ ପିଲାଙ୍କୁ ଉକ୍ତ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇ ପାଠ ପଢ଼ାଉଛନ୍ତି।

ରାଜ୍ୟ ସରକାର ରାଜ୍ୟରେ ବନ୍ଦ ଥିବା ବିଦ୍ୟାଳୟରେ ଅନ୍ୟୁନ ୨୦ ଜଣ ପିଲା ହେଲେ ପୁନଃଖୋଲିବା ପାଇଁ ଘୋଷଣା କରିଛନ୍ତି। କିନ୍ତୁ ଉକ୍ତ ବିଦ୍ୟାଳୟକୁ ପୁନଃ ଖୋଲିବା ପାଇଁ ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର କିମ୍ବା ଜିଲ୍ଲା ଶିକ୍ଷା ବିଭାଗ ଏଥିପ୍ରତି ଟିକେ ବି ନିଘା ଦେଉନାହିଁ। ଖୋଦ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳରେ ବନ୍ଦ ବିଦ୍ୟାଳୟ ଖୋଲିବା ନେଇ ରାଜ୍ୟ ସରକାର ମନ ନିବେଶ କରୁନାହାନ୍ତି। ବିଦ୍ୟାଳୟର ଅଭିଭାବକ ମଧ୍ୟମ ଶ୍ରେଣୀର ହୋଇଥିବାବେଳେ କଷ୍ଟ କରି ପରିବାର ପ୍ରତିପୋଷଣ କରିଥା'ନ୍ତି। ତେଣୁ ନିଜ ପିଲାଙ୍କୁ ସରକାରୀ ବିଦ୍ୟାଳୟ ପରିବର୍ତ୍ତେ ଅନ୍ୟ କେଉଁଠାରେ ପଢ଼ାଇବାରେ ଅସମର୍ଥ ଅଟନ୍ତି। ବାଧ ହୋଇ ଉକ୍ତ ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ପିଲାଙ୍କୁ ଘର ନିକଟରେ ଶିକ୍ଷାଦାନ କରିବା ନେଇ ନିୟମ ଥିବାବେଳେ କୋମଳମତି ପିଲା ଘରଠାରୁ ୨ କିମି ଦୂର ବିଦ୍ୟାଳୟକୁ ଯାଉଥିବାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଅଧିକାଂଶ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଡୋରି ଲାଗିଛି। ଏହା ଜିଲ୍ଲାରେ ଡ୍ରପ୍‌ଆଉଟଙ୍କ ସଂଖ୍ୟାକୁ ବୃଦ୍ଧି ପାଇବାରେ ମଧ ସହାୟକ ହେବ। ପ୍ରାଥମିକ ଶିକ୍ଷା ଭଳି ମୌଳିକ ଅଧିକାରରୁ ଛାତ୍ରଛାତ୍ରୀ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ ସମୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପୂର୍ବ ତୁଳନାରେ ଅଧିକ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିବାକୁ ଯୋଗ୍ୟ ଥିବା ସତ୍ତ୍ୱେ ବିଦ୍ୟାଳୟକୁ ପୁନଃଖୋଲିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। ଏ ନେଇ କୌଣସି ବିହିତ ପଦକ୍ଷେପ ଗ୍ରହଣ ନ କରିବାରୁ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ମଧୁବନ ପ୍ରାଥମିକ ବିଦ୍ୟାଳୟ ପରିସରରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବା ପୂର୍ବର ବିଦ୍ୟାଳୟ ଜାଗା ସଂକୀର୍ଣ୍ଣ ହୋଇଯାଇଛି। ଏ ନେଇ କୌଣସି ବିଭାଗୀୟ ନିର୍ଦ୍ଦେଶ ଆସିନାହିଁ, ନିର୍ଦ୍ଦେଶ ଆସିଲେ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରାଇରଙ୍ଗପୁର ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର କାରୁଆ କହିଛନ୍ତି। ବନ୍ଦ ବିଦ୍ୟାଳୟ ଗୃହ ପୌରପାଳିକା ଓ ବ୍ଲକ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଥିବାବେଳେ ତାହା ସେହିପରି ପଡ଼ି ରହିଛି ବୋଲି କହିଛନ୍ତି। ବିଦ୍ୟାଳୟକୁ ପୁନଃ ଖୋଲି ଶିକ୍ଷା ପ୍ରଦାନ ସୁଯୋଗ ଦେବାକୁ ଅଭିଭାବକ ଦାବି କରିଛନ୍ତି।

## ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଠାକୁରମୁଣ୍ଡା/ମହୁଲଡିହା, ୮।୧(ସମିସ): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପରିଚାଳିତ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ଣରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁ ଯୋଗଦେଇଥିଲେ। ଠାକୁରମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଞ୍ଜ ବିହାରୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ଡେପୁଟି କଲେକ୍ଟର ବେଦବ୍ୟାସ ଭୋଇ, ବିକାଶ ବେଶ୍ରା, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ତହସିଲ୍‌ଦାର ସମ୍ବିତ୍ କୁମାର କର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଆଲୋକ ମାଝୀ, କରଞ୍ଜିଆ ଆଇଟିଡିଏ, ବାରିପଦା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା ଏବଂ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ ସ୍ୱପ୍ନେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା, ଠାକୁରମୁଣ୍ଡା ଥାନାଧିକାରିଣୀ ସାବିତ୍ରୀ ଦଳେଇ, ଜେପିଏନ୍ ହାଇସ୍କୁଲର ପ୍ରଧାନଶିକ୍ଷକ ସୁଦର୍ଶନ ରାଉତ, ଠାକୁରମୁଣ୍ଡା ସରପଞ୍ଚ ସୁଜିତ୍ ଲୁଗୁନ, ଉଦ୍ୟାନବିତ୍ ପ୍ରିୟବ୍ରତ ସିଂ, ଅବସରପ୍ରାପ୍ତ ବିଇଓ ଭାଗୀରଥି ମହାନ୍ତି, ସାମ୍ବାଦିକ ଶରତ କୁମାର ତ୍ରିପାଠୀ, ଡବ୍ଲ୍ୟୁଇଓ ରାକେଶ ରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀମାନେ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ତରଣୀସେନ ମହାନ୍ତ ପୂର୍ବରୁ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ସଚିନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## 'ଲୋକସାହିତ୍ୟ ଲୋକଜୀବନର ମୁକୁର' ପୁସ୍ତକ ଲୋକାର୍ପିତ




ସାରସକଣା, ୮।୧(ସମିସ): ଝାରପୋଖରିଆଠାରେ ଅନୁଷ୍ଠିତ ହୋଇଥିବା ଓଡ଼ିଆ ସାହିତ୍ୟର ଜାତୀୟ ଆଲୋଚନାଚକ୍ରରେ ପୁସ୍ତକ 'ଲୋକସାହିତ୍ୟ ଲୋକଜୀବନର ମୁକୁର' ଲୋକାର୍ପିତ ହୋଇଯାଇଛି। ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ପ୍ରଫେସର ଡ. ନିରୁପମା ନାୟକ ଓ ଡ. ସରୋଜ ନାୟକଙ୍କ ଏହି ପୁସ୍ତକରେ ନିଜ ଲେଖା ସହ ବରିଷ୍ଠ ସାହିତ୍ୟିକ ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରା, ପ୍ରଫେସର ନାରାୟଣ ପ୍ରସାଦ ବେହେରା, ବୃନ୍ଦାବନ ଦାସ, କୁଞ୍ଜବିହାରୀ ପାଢ଼ୀ ପ୍ରମୁଖଙ୍କ ଲେଖା ପ୍ରକାଶ ପାଇଛି। ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା, ମୁଖ୍ୟବକ୍ତା ପ୍ରଫେସର କୁଞ୍ଜବନ ପୃଷ୍ଟି, ସମ୍ମାନିତ ଅତିଥିଭାବେ ଡ. ଦିଲ୍ଲୀପ କୁମାର ଦଳେଇ, ଡ. ଧନଞ୍ଜୟ ସିଂହ, ଅଧ୍ୟାପକ ଶିଶିର ପଟ୍ଟନାୟକ, ହାରାଧନ ନାୟକ, ଅଶୋକ କୁମାର ପୃଷ୍ଟି, ଜ୍ୟୋତିର୍ମୟୀ ପାତ୍ର, ଅମିତାଭ ମିଶ୍ର ପ୍ରମୁଖ ଯୋଗଦେଇ ପୁସ୍ତକଟିର ଉଚ୍ଚ ପ୍ରଶଂସା କରିଥିଲେ। ଇଂ ସୁଶାନ୍ତ କୁମାର ବେହେରା ପୁସ୍ତକଟିର ସମୀକ୍ଷା କରିଥିଲେ। ମଳୟ ନାୟକ ଅତିଥି ପରିଚୟ ପ୍ରଦାନ, ଡ. ନିରୁପମା ନାୟକ ସ୍ୱାଗତ ସମ୍ଭାଷଣ ଦେଇଥିବାବେଳେ ଡ. ସରୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୁଆମରା, ୮।୧(ସମିସ): ଗୋପବନ୍ଧୁ ନଗର ବ୍ଲକ ଟିକାୟତପୁର ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ବେହେରାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ମୁଖ୍ୟବକ୍ତା ନାଟ୍ୟକାର ମନୋରଞ୍ଜନ ଦାଶ, ସମ୍ମାନିତ ଅତିଥି ବିଡିଓ ପୃଥ୍ୱୀରାଜ ପରିଡ଼ା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌରମୋହନ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ସେଠୀ, ଗୋପବନ୍ଧୁ ନଗର ପ୍ରେସ୍ କ୍ଲବ୍‌ର ସଭାପତି ନିମାଇଁ ପ୍ରସାଦ ଦାଶ, ସ୍ଥାନୀୟ ସରପଞ୍ଚ ସଞ୍ଜୟ କୁମାର ସିଂ, ଚାନ୍ଦୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ପତି, ପରିଚାଳନା କମିଟିର ସଭାପତି ନରେନ୍ଦ୍ର ସିଂ ପ୍ରମୁଖ ଯୋଗଦେଇ କଠିନ ପରିଶ୍ରମ ଓ ଅଧ୍ୟବସାୟ ଜଣେ ବ୍ୟକ୍ତିକୁ ଶୀର୍ଷରେ ପହଞ୍ଚାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାର ଦୁଇ ଚାମ୍ପିଅନ ପୁଷ୍ପଲତା ବେହେରା ଓ ତପସ୍ୱିନୀ ସିଂ, ଚଳିତ ବର୍ଷର ଉତ୍ତମ ଛାତ୍ରୀ ଗାୟତ୍ରୀ ବେହେରା ଓ ମୋନାଲିସା ମୁଦୁଲି, ବିଦ୍ୟାଳୟର ଟପ୍ପର ଛାତ୍ରୀ ଲକ୍ଷ୍ମୀପ୍ରିୟା ବେହେରା, ଭଲେଣ୍ଟିଆର ଅଞ୍ଜଳି ମଲ୍ଲିକ, ପରିଚାଳନାରେ ସୁକୁମିତା ସିଂଙ୍କ ସମେତ ବହୁ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ଉତ୍ସବ କୁମାର ସାହୁ ଓ ବାଦଲ ମହାନ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଖେଳ ଶିକ୍ଷକ ପ୍ରଫୁଲ୍ଲ ମହାକୁଡ଼ଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ। ଅପରାହ୍ଣରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଦ୍ୟାଳୟରୁ ଚୋରି

ରାଇରଙ୍ଗପୁର, ୮।୧ (ସମିସ): ଜାମଦାସ୍ଥ ସହିଦ ବିର୍ସା ମୁଣ୍ଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରୁ ଚୋରି ହୋଇଛି। ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଜାମଦା ଥାନାରେ ଅଭିଯୋଗ କରିଛନ୍ତି। ରାତିରେ ବିଦ୍ୟାଳୟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଭିତରକୁ ପ୍ରବେଶ କରିଥିଲେ। ସିସିଟିଭିକୁ ଢାଙ୍କି ଚୋରି କରିଥିଲେ। ବିଭିନ୍ନ ସାମଗ୍ରୀ ସମେତ ସିସିଟିଭି ମଧ୍ୟ ଚୋରି କରିନେଇଛନ୍ତି। ପରଦିନ ସକାଳୁ ବିଦ୍ୟାଳୟ ଖୋଲିବା ବେଳେ ଘଟଣା ବାବଦରେ ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ସାରସ୍ୱତ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ



କୁଆମରା, ୮।୧(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ସାରସ୍ୱତ ଡିଗ୍ରୀ କଲେଜର ୩୫ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୁବଳ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ମୁଖ୍ୟବକ୍ତା ଚେତନା ସାହିତ୍ୟ ସଂସଦର ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ବାରିପଦାସ୍ଥିତ ଅଟୋନୋମସ କଲେଜର ପ୍ରାକ୍ତନ ଅଧ୍ୟକ୍ଷା ବନଜା ମହାନ୍ତି ଯୋଗଦେଇ ସ୍ୱଭାବ ପରିବର୍ତ୍ତନ ହେଲେ ମନୁଷ୍ୟର ବ୍ୟବହାର ଉତ୍ତମ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ଭଞ୍ଜ ଦୀପିକା ପୁସ୍ତିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ବାର୍ଷିକ କ୍ରୀଡ଼ାର ବାଳକ ବିଭାଗର ଚାମ୍ପିଅନ ସୁରଜ ସୋରେନ୍ ଓ ବାଳିକା ବିଭାଗର ଛବିରାଣୀ ମାଝୀଙ୍କ ସମେତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଅଶ୍ୱିନୀ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ଓ ଅଧ୍ୟାପିକା ମିତାରାଣୀ ଦ୍ୱିବେଦୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ଅଧ୍ୟାପକ ଛତିଶ କୁମାର ଦାସ, ପ୍ରଭାତ ସେନାପତି, ଅବନୀ ମହାନ୍ତି, ପ୍ରଦୀପ ପଣ୍ଡା, ବିଶ୍ୱନାଥ ବେହେରା, ଗୋପିନାଥ ପଣ୍ଡା, ବିବେକାନନ୍ଦ ଗିରି, ଅଧ୍ୟାପିକା ନମିତା ପ୍ରଧାନ, ରାଜଲକ୍ଷ୍ମୀ ବେହେରା, ଶୁଭ୍ରସ୍ମିତା ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅପରାହ୍ଣରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କରଞ୍ଜିଆ, ୮।୧(ସମିସ): କରଞ୍ଜିଆ ବ୍ଲକ ଅନ୍ତର୍ଗତ ତୋଟାସ୍ଥିତ ସରକାରୀ (ଏସ୍‌ଏସ୍‌ଡି) ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ବିଦ୍ୟାଳୟ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମଲ୍ଲିକଙ୍କ ଆବାହକ ଓ କରଞ୍ଜିଆ ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ସହକାରୀ ଶିକ୍ଷକ ଅଜିତ କୁମାର ନାୟକ ପ୍ରଦାନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଚିତ୍ତରଞ୍ଜନ ମହାନ୍ତ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦେବଦର୍ଶିନୀ ପ୍ରିତିରେଖା, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁବାସ ଚନ୍ଦ୍ର ହେମ୍ବ୍ରମ, ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ, ପ୍ରେସ୍ କ୍ଲବ୍ ସମ୍ପାଦନ କର୍ଣ୍ଣାର୍ଜୁନ ସାହା, ଏକଲବ୍ୟ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଏମ୍‌ଡି ଜାଫର ଅଲ୍ଲୀ, ବାରିପଦାସ୍ଥିତ ହେଡ୍‌କ୍ୱାର୍ଟରର ଏଡିଡବ୍ଲୁ ଅଜୟ କୁମାର ଜେନା ଓ ମୁକେଶ ଶର୍ମା ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ସାନ୍ତାଳୀ ନୃତ୍ୟ ମାଧ୍ୟମରେ ସ୍ୱାଗତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ଏବଂ ସେମାନଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସଙ୍ଗୀତ ଛାତ୍ରୀମାନଙ୍କ ଦ୍ୱାରା ଗାନ କରାଯାଇଥିଲା। ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର କେତେକ ଅଭାବ ଥିବା ପ୍ରଧାନଶିକ୍ଷକ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯେପରି ଗେଟ୍ ସମ୍ମୁଖରେ ଅଭିଭାବକ ଓ ମେଟ୍ରୋନଙ୍କ ବିଶ୍ରାମାଗାର, ଉନ୍ମୁକ୍ତ ଓ ଅସୁରକ୍ଷିତ ବିଦ୍ୟୁତ୍ ସବ୍ ଷ୍ଟେସନ, ପଛପଟ ଅସୁରକ୍ଷିତ ଭଙ୍ଗା ଗେଟ୍ ଓ ଛାତ୍ରୀମାନଙ୍କ ଖାଇବା ଗୃହ ଓ ନିମ୍ନ ଉଚ୍ଚତା ବିଶିଷ୍ଟ ପ୍ରାଚୀର ଆବଶ୍ୟକତା ପ୍ରକାଶ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ସହକାରୀ ଶିକ୍ଷକ ସତ୍ୟଜିତ୍ ବେହେରା ଧନ୍ୟବାଦ ଦେଇଥିଲେ।

## ବାୟୁ ପ୍ରଦୂଷଣ କଟକଣା ନେଇ ଅନୁଧ୍ୟାନ ଓ ଜିଲ୍ଲାବ୍ୟାପୀ ସଫେଇ

ବାରିପଦା, ୮।୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ବାୟୁ ପ୍ରଦୂଷଣ ଖୁବ୍ ଦ୍ରୁତଗତିରେ ବଢ଼ିଚାଲିଥିବା ବେଳେ ଏହାକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବାୟୁର ଗୁଣବତ୍ତା(ଏକ୍ୟୁଆଇ) ବିଭିନ୍ନ ପ୍ରଦୂଷକ କାରକର ମାତ୍ରା ବଢ଼ି ଚାଲିଥିବାରୁ ଏବେ ଦେଶର ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ରହିଛି। ଏଣୁ ଜିଲ୍ଲାରେ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ନେଇ ଜିଲ୍ଲାପାଳ ହେମକାନ୍ତ ସୟ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ବାୟୁ ଗୁଣବତ୍ତାକୁ ଦୃଷ୍ଟିରେ ରଖି ଏବଂ ଗ୍ରାପ୍ ଷ୍ଟେଜ୍-୨ ମାର୍ଗଦର୍ଶିକା ଅନୁସାରେ ପଦକ୍ଷେପ ଗ୍ରହଣ ସହ ଅନୁଧ୍ୟାନ କରାଯାଇଛି। କଟକଣା ଅନୁଯାୟୀ, ବାରିପଦା ପୌରପାଳିକା ସମେତ ଜିଲ୍ଲାର ସମସ୍ତ ଏନ୍‌ଏସି, ପୌରାଞ୍ଚଳରେ ସଫେଇ ସହ ଜାତୀୟ ରାଜପଥ ଆଦିରେ ପାଣି ସିଞ୍ଚାଇ କରାଯାଇଛି। ସହରାଞ୍ଚଳରେ ଭାରୀଯାନ ତଥା ଟ୍ରକ୍ ପ୍ରବେଶ ସମ୍ପୂର୍ଣ୍ଣ ନିଷିଦ୍ଧ ଥିବାବେଳେ ତାହାକୁ ଅନୁଧ୍ୟାନ କରିଛନ୍ତି। ଆଳିଆ



ଆବର୍ଜନା ଆଦି ସଫେଇ କରାଯାଇଛି। ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ସମସ୍ତ ରାସ୍ତାରେ ପ୍ରତ୍ୟେକ ୩ ଘଣ୍ଟା ବ୍ୟବଧାନରେ ପାଣି ସିଞ୍ଚନ କରାଯାଇଛି। ସର୍ବସାଧାରଣରେ ଲାଗୁ କରାଯାଇଥିବା କଟକଣା ଅନୁଧ୍ୟାନ କରିଛନ୍ତି। ବାୟୁ ପ୍ରଦୂଷଣକୁ ରୋକିବା ତଥା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସମସ୍ତ ନାଗରିକ, ବ୍ୟବସାୟୀ ଓ ସମ୍ପୃକ୍ତ ସଂସ୍ଥାମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଆଗାମୀ ୭ ଦିନ ଆବଶ୍ୟକ ସ୍ଥଳେ ସମୟ ବୃଦ୍ଧି କରାଯିବ ବୋଲି କୁହାଯାଇଛି।

## ପାଣି ପଞ୍ଚାୟତ ପକ୍ଷ ପାଳନ

କରଞ୍ଜିଆ, ୮।୧(ସମିସ): ଉଠା ଜଳସେଚନ ବିଭାଜନ କରଞ୍ଜିଆ ପକ୍ଷରୁ ରାମ ଭାଟିକା ପରିସରରେ ଅଧୀକ୍ଷଣ ଯନ୍ତ୍ରୀ ଇଂ. ବିକ୍ରମାଦିତ୍ୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ପାଣି ପଞ୍ଚାୟତ ପକ୍ଷ



ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ ଦାସ, ସହକାରୀ ଉଦ୍ୟାନ କୃଷି ଅଧିକାରିଣୀ ସ୍ୱର୍ଣ୍ଣମୟୀ ସିଂ, କୃଷି ବିଜ୍ଞାନ କେନ୍ଦ୍ର ଯଶିପୁରର ଦେବାଶିଷ ଜୟ ପୁରିଆ, ବିବିଭିଓ ଡ. ଆଶିଷ ଦାସ, କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ନିହରୀକା ଦାଶ, ପ୍ରେସ କ୍ଲବ୍ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ସାମ୍ବାଦିକ ଉମାଶଙ୍କର ଦାସ, ପୂର୍ବତନ ସହକାରୀ ଯନ୍ତ୍ରୀ ବିଭୁକିଶୋର ମହାନ୍ତ ପ୍ରମୁଖ ଯୋଗଦେଇ ଚାଷୀଙ୍କ ନିମନ୍ତେ ଜଳସେଚନର ଆବଶ୍ୟକତା ସମ୍ପର୍କରେ କହିବା ସହିତ ଏହାର ସୁପରିଚାଳନା ନିମନ୍ତେ ପାଣି ପଞ୍ଚାୟତର ଭୂମିକା ସମ୍ପର୍କରେ ଅବଗତ କରିଥିଲେ। ଏ ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କେତେକ ଶ୍ରେଷ୍ଠ ପାଣି ପଞ୍ଚାୟତ ସହ ଚାଷୀଙ୍କୁ କରଞ୍ଜିଆ ଉଠା ଜଳସେଚନ ବିଭାଜନ ପକ୍ଷରୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଯନ୍ତ୍ରୀ କମଳାକାନ୍ତ ବେହେରା, ହିସାବ ରକ୍ଷକ ଅଭିମନ୍ୟୁ ମଣ୍ଡଳ, କର୍ମଚାରୀ ସତ୍ୟବ୍ରତ ବାରିକ, ଯନ୍ତ୍ରୀ ଅନଳ ସେଠୀ, ସଦାନନ୍ଦ ମହାନ୍ତ, ସଞ୍ଜିତ ମହନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅରୁଣ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

**ବେତନଟୀ:** ଗତ ୬ରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ଏ ଅବସରରେ ମୟୂରଭଞ୍ଜ ଜିଲ୍ଲା ଉଠା ଜଳସେଚନ ବିଭାଜନ ବାରିପଦା ପକ୍ଷରୁ ବେତନଟୀ ଚଣ୍ଡୀ ମନ୍ଦିର ଛକସ୍ଥ ବନ୍ଧନ କଲ୍ୟାଣ ମଣ୍ଡପରେ ଜଳ ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ଶତାଧିକ କୃଷକ ଏହି ବୈଠକରେ ଉପସ୍ଥିତ ରହିଥିବାବେଳେ ଉଠା ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଯୋଗେନ୍ଦ୍ର ରଥ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ବିଶ୍ୱନାଥ ହେମ୍ବ୍ରମ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରା, ମଣ୍ଡଳ ସଭାପତି ଜୀବନ ପରିଡ଼ା, ବାରିପଦା ଉପଖଣ୍ଡ କାର୍ଯ୍ୟାଳୟର ନିର୍ବାହୀ ଯନ୍ତ୍ରୀ ମାଳତୀ ବେସ୍ରା,



କନିଷ୍ଠ ଯନ୍ତ୍ରୀ ସୁମନ୍ତ ନାୟକ, ବେତନଟୀ ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କର, ବେତନଟୀ ଉଦ୍ୟାନ ଅଧିକାରୀ ମଧୁସ୍ମିତା ସେଠୀ, ବ୍ଲକ କୃଷି ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଭବ ଶଙ୍କର ମହାନ୍ତ, ଜ୍ୟୋସ୍ନା ପଣ୍ଡା, ଭବେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ୫ ଦିନ ପରେ ୫ ମୋରମ୍ ବୋଝେଇ ହାଇୱାକୁ ଛାଡ଼ିଦେଲା ପୁଲିସ

# ଖଣି ଅଧିକାରୀଙ୍କ କଥାରେ ତାଳମେଳ ରହୁନି; ଲୋକେ ଅସନ୍ତୁଷ୍ଟ

ବେତନଟୀ, ୮।୧(ସମିସ): ବୈଶିଙ୍ଗା ଥାନା ଅଧୀନ ଜୁଗୁପୁରା ଗାଁ ନିକଟରେ ପାଞ୍ଚଟି ମୋରମ୍ ବୋଝେଇ ହାଇୱା ଗାଡ଼ିକୁ ଦେଖି ବେତନଟୀ ମାଇନିଂ ଦାୟିତ୍ୱରେ ଥିବା ଅଧିକାରୀ ଭବାନୀ ଶଙ୍କର ପାତ୍ର ସେଠାରେ ଗାଡ଼ିଗୁଡ଼ିକୁ ଅଟକ ରଖି ପରେ ବୈଶିଙ୍ଗା ଥାନା ଜିମା ଦେଇଥିଲେ। ଏହି ଗାଡ଼ିଗୁଡ଼ିକୁ ବୈଶିଙ୍ଗା ଥାନାରେ ପାଞ୍ଚ ଦିନ ଅଟକ ରଖିଥିବାବେଳେ ଗତ ମଙ୍ଗଳବାର ରାତିରେ ଗାଡ଼ିଗୁଡ଼ିକ ଛାଡ଼ି ଦିଆଯାଇଥିଲା। ସରକାରଙ୍କ ପକ୍ଷରୁ ଚୋରା ବାଲି ମୋରମ୍‌କୁ ନେଇ କଟକଣା ଲଗାଇବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେଥିପାଇଁ ଏହି ପାଞ୍ଚଟି ଚୋରା ମୋରମ୍ ଗାଡ଼ି ଥାନାରେ ଅଟକ ରଖାଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ହୋଇଥିଲା। ଗାଡ଼ିଗୁଡ଼ିକ ଛାଡ଼ି ଦିଆଯିବା ପରେ ବେତନଟୀ ଅଞ୍ଚଳର ସାଧାରଣ ଜନତା ଗାଡ଼ି ଛଡ଼ାଯିବା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ଖବର ଜାଣିବା ପାଇଁ ପଚାରି ବୁଝିଥିଲେ। ଘଟଣା ସମ୍ପର୍କରେ ବୈଶିଙ୍ଗା ପୁଲିସକୁ ପଚାରିବାରୁ ସେମାନେ ଖଣି ବିଭାଗ ଗାଡ଼ି ଧରି ବୈଶିଙ୍ଗା ଥାନାରେ ଜିମା ଦେଇଥିଲେ। ସେମାନେ ଗାଡ଼ି ଛାଡ଼ିଥିବାବେଳେ ଆମେ ସେ ବିଷୟରେ କିଛି କହିପାରିବୁ ନାହିଁ କହିଥିଲେ। ଏ ସମ୍ପର୍କରେ ବେତନଟୀ ଦାୟିତ୍ୱରେ ଥିବା ମାଇନିଂ ଜୁନିଅର ମ୍ୟାନେଜର ଭବାନୀ ଶଙ୍କର ପାତ୍ର କୁହନ୍ତି, ଗାଡ଼ିଗୁଡ଼ିକୁ ମୁଁ ଜୁଗୁପୁରା ରାସ୍ତାରୁ ଧରି ଥାନାରେ ଜିମା ଦେଇଥିଲି। ଗାଡ଼ି ଛାଡ଼ିବା ବିଷୟରେ ଆମର ମାଇନିଂ ଅଫିସରଙ୍କୁ ପଚାରି ପାରିବେ ବୋଲି କହିଥିଲେ। ଏ ସମ୍ପର୍କରେ ମାଇନିଂ ଅଫିସର ଉଦୟଭାନୁ ସାହୁଙ୍କୁ ପଚାରିବାରୁ ଗାଡ଼ିଗୁଡ଼ିକ ଲୋକେ ଧରି ମାଇନିଂକୁ ଦେଇଥିଲେ। ଇରିଗେସନ ବିଭାଗର ମ୍ୟାଟେରିଆଲ ଆସୁଥିଲା ବୋଲି ତାଙ୍କ ଏସ୍‌ଡିଓ କହିବାରୁ ଆମେ ଛାଡ଼ିଦେଲୁ। ଜନ ଅସନ୍ତୋଷ ବଢ଼ିବାକୁ ଡରି ଆମେ ଥାନାରେ ଅଟକ ରଖିଥିଲୁ ଓ ପରେ ଛାଡ଼ିଦେଲୁ। ଯଦି ଏହି ମାଇନିଂ ଅଫିସରଙ୍କ କଥା ସତ୍ୟ ହେଇଥାଏ, ଏହି ଗାଡ଼ିଗୁଡ଼ିକ ବିନା କାରଣରେ ଥାନା ହେପାଜତରେ ପାଞ୍ଚ ଦିନ ଅଟକ ରଖିବା କେତେ ଯଥାର୍ଥ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାଇନିଂର ଜୁନିଅର ମ୍ୟାନେଜର ଭବାନୀ ଶଙ୍କର ପାତ୍ର ଜୁଗୁପୁରାରୁ ଏହି ଗାଡ଼ିଗୁଡ଼ିକୁ ନିଜେ ଧରିଥିବା ବିଷୟରେ କହୁଥିବାବେଳେ ମାଇନିଂର ଉପରିସ୍ଥ ଅଧିକାରୀ ଉଦୟଭାନୁ ସାହୁ ଲୋକ ଏହି ଗାଡ଼ିଗୁଡ଼ିକ ଧରି ମାଇନିଂକୁ ଦେବା କଥା କହିଛନ୍ତି। ଏହି ଦୁଇ ଅଧିକାରୀଙ୍କ ସୂଚନା ଭିନ୍ନ ମତ ରହୁଥିବାବେଳେ ଏହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି।

ସୂଚନାଯୋଗ୍ୟ, ବେତନଟୀ ଥାନା ଅଞ୍ଚଳରେ ନିକଟ ଅତୀତରେ ମୋରମ୍ ଓ ବାଲି ଚୋରିକୁ ନେଇ ବେତନଟୀ ତହସିଲ୍‌ଦାର ମାଡ଼ ଖାଇଥିବାବେଳେ ମାଡ଼ ମାରିଥିବା ଅଭିଯୁକ୍ତମାନଙ୍କୁ ବେତନଟୀ ପୁଲିସ ଜେଲ୍ ହାଜତକୁ ପଠାଇଥିଲେ। ଚୋରା ବାଲି ମୋରମ୍‌କୁ ସରକାର କଟକଣା ଲଗାଇଥିବା ବେଳେ ବେତନଟୀ ଅଞ୍ଚଳରେ ମାଇନିଂ ଅଧିକାରୀ ଅଧିକ ସକ୍ରିୟ ରହିବା ସହିତ ତାଙ୍କ କାର୍ଯ୍ୟ ଯେଭଳି ସ୍ୱଚ୍ଛତା ରହିବ ଓ ଗଣମାଧ୍ୟମକୁ ଦେଉଥିବା ସୂଚନାରେ ତଥ୍ୟ ସଠିକ୍ ରଖିବା ପାଇଁ ବେତନଟୀ ଅଞ୍ଚଳବାସୀ ଦାବି କରିଛନ୍ତି।

# ଦେଢ଼ବର୍ଷ ହେଲା ଭତ୍ତା ଅପେକ୍ଷାରେ ମାତାଜୀ

● ଟାର୍ଗେଟ ନାହିଁ କହି ଫେରାଉଛନ୍ତି ଅଧିକାରୀ
● ପରେ ଆବେଦନକାରୀଙ୍କୁ ମିଳିସାରିଲାଣି ଟଙ୍କା



କବାଟବନ୍ଧ,୮।୧(ସମିସ): ଧର୍ମଶାଳା ବ୍ଲକରେ ଅନେକ ଅସହାୟ ବୃଦ୍ଧବୃଦ୍ଧା ଏବଂ ବିଧବା ମହିଳା ଭତ୍ତା ପାଇଁ ଦୀର୍ଘଦିନ ହେଲା ଚାହିଁ ବସିଛନ୍ତି। ସରକାରୀ ୱେବସାଇଟ୍‌ରେ ଆବେଦନ କରି ବର୍ଷ ବର୍ଷ ଧରି ଅପେକ୍ଷା କରି ରହୁଛନ୍ତି। ଦିନ ଗଡୁଥିବାବେଳେ କାହିଁକି ଭତ୍ତା ମିଳୁନାହିଁ ଜାଣିବାକୁ ବାରମ୍ବାର ବ୍ଲକ ଅଫିସ୍ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ହେଲେ କିଛି ଫଳ ମିଳୁନାହିଁ। ଦିନ ଯେତିକି ଗଡୁଛି ଦୁଃଖ ସେତିକି ବଢୁଛି।

ଏପରି ଜଣେ ବିଧବା ମହିଳା ଧର୍ମଶାଳା ବ୍ଲକ ବୃନ୍ଦାଦେଇପୁର ପଞ୍ଚାୟତ ଦଣ୍ଡାଘାଟି ଗ୍ରାମର ସ୍ୱର୍ଗତ ବାଇଧର ରାଉତଙ୍କ ସ୍ତ୍ରୀ ମାତାଜୀ ରାଉତ (୪୧)। ସ୍ୱାମୀ ଆରପାରିକୁ ଚାଲିଗଲା ପରେ ମହଙ୍ଗା ଦୁନିଆଁରେ ତେଲ ଲୁଣର ସଂସାର ଚଳାଇବାକୁ ନାହିଁ ନଥିବା ହୀନସ୍ତା ହେଉଥିବାବେଳେ ଭତ୍ତା ଟଙ୍କା ପାଇଲେ ଭଲରେ ଚଳିଯିବେ ବୋଲି ଭାବିଥିଲେ। ପ୍ରାୟ ଦେଢ଼ବର୍ଷ ହେବ ବିଧବା ଭତ୍ତା ପାଇଁ ସରକାରୀ ପୋର୍ଟାଲରେ ଆବେଦନ କରି ଚାହିଁ ବସିଛନ୍ତି, ହେଲେ ଫଳ ଶୂନ। ସ୍ୱାମୀ ମୃତ୍ୟୁ ପରେ ୨ ପୁଅଙ୍କୁ ଧରି ବହୁତ କଷ୍ଟରେ ଜୀବନ କାଟୁଛନ୍ତି ମାତଜୀ। ଘରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଅସହାୟ ଅବସ୍ଥାରେ ଦୁଃଖରେ ପରିବାର ଚଳାଉଛନ୍ତି। ରାସନ୍ କାର୍ଡରେ ମାତ୍ର ୧୫ କେଜି ଚାଉଳ ମିଳୁଛି। ବାରମ୍ବାର ବ୍ଲକକୁ ଯାଇ ପଚାରିବାରୁ ଟାରଗେଟ୍ ନାହିଁ ବୋଲି ଶୁଣି ହତାଶ ହୋଇ ଫେରୁଛନ୍ତି। କିନ୍ତୁ ଦୁଃଖ ପରିତାପର ବିଷୟ ତାଙ୍କ ପଛରେ ଆବେଦନ କରିଥିବା ଲୋକ ଭତ୍ତା ପାଇସାରିଲେଣି ମାତ୍ର ତାଙ୍କ ପାଇଁ ଟାର୍ଗେଟ ନାହିଁ କାହିଁକି ବୋଲି ସେ ବୁଝି ପାରୁନାହାନ୍ତି। ଯାହାକୁ ନେଇ ସେ ଦୁଃଖ ପ୍ରକାଶ କରିଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ମାତାଜୀଙ୍କୁ ବିଧବା ଭତ୍ତା ପ୍ରଦାନ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଥିବାବେଳେ ସେ ମଧ୍ୟ ପ୍ରଶାସନକୁ ନିବେଦନ କରିଛନ୍ତି।

## ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର

ପ୍ରୀତିପୁର,୮।୧(ସମିସ): ଲଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଜୟଦେବ ଥାଟୋଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ସ୍ଥାନୀୟ ଖରସ୍ରୋତା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ମମତାମୟୀ ସାମଲ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ଡ. ମାନିନୀ ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଯୋଗଦାନ କରି ମହିଳା ମାନଙ୍କ ପ୍ରତି ଯଦି କୌଣସି ଅପରାଧିକ ସମସ୍ୟା ଘଟିବ ସେଥିପାଇଁ ଭାରତୀୟ ନ୍ୟାୟ ସଂହିତାରେ ରହିଥିବା ଆଇନ ଗୁଡ଼ିକ ସମ୍ପର୍କରେ ବର୍ଣ୍ଣନା କରିବା ସହିତ ବାଳିକାମାନେ ଭୟଭୀତ ନହୋଇ ଆଇନର ସହାୟତା ଗ୍ରହଣ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ମଦନ ମୋହନ ପରିଡା ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜିକା ଭାବରେ ଅଧ୍ୟାପିକା ମୋନାଲିସା ପରିଡା ଓ ମାଷ୍ଟର ଟ୍ରେନର ଚନ୍ଦ୍ରକାନ୍ତି ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ରେଙ୍ଗାଲି କାର୍ଯ୍ୟାଳୟରେ ପାଣି ପଞ୍ଚାୟତ ପକ୍ଷ



ସୁକିନ୍ଦା,୮।୧(ସମିସ): ଡୁବୁରୀ ସ୍ଥିତ ରେଙ୍ଗାଲି ବାମ କେନାଲ ବିଭାଜନ ୨ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଧଳପଡ଼ା, ଅନଳ, କେନ୍ଦୁପଡା, ରେନେଢ଼ାପଟଣା, ଶୀତଳବସା, କୁନିନ୍ଧା, କଙ୍କଡ଼ପାଳ, ପିମ୍ପୁଡିଆ, କୁହିକା, ବାମ୍ବିଲୋ, ବାନ୍ଧଗାଁ, ଦାମୋଦରପୁର, ପ୍ରଭୃତି ଗାଁ ରୁ ୨ଶହରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇ ପାଣି ପଞ୍ଚାୟତର ଉପକାରିତା ସମ୍ପର୍କରେ ପରାମର୍ଶ ନେଇଥିଲେ। ଏହି ଉପଲକ୍ଷେ ଅଧୀକ୍ଷଣ ଯନ୍ତ୍ରୀ ଦୁଃଖୁ କିସ୍‌କୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରୀତିମୟୀ ସ୍ୱାଇଁ କେନାଲ ପାଣିକୁ କିପରି ଉପଯୋଗ କରି ଚାଷୀମାନେ ଉତ୍ପାଦନ ବଢାଇ ଲାଭବାନ ହୋଇପାରିବେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆୟୋଜିତ ଉତ୍ସବରେ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ପ୍ରତିନିଧି ଲୁଲୁ ରାୟ ମୁଖ୍ୟ ଅତିଥି, ପିଏମ୍‌ସିର ପରିଚାଳକ ଧନେଶ୍ୱର ସାହା, ଗୋପାଳ ଚନ୍ଦ୍ର ଦାସ, ଜିତେଶ କୁମାର ପଣ୍ଡା, ସ୍ଥାନୀୟ ସରପଞ୍ଚ ନିରୁପମା ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପାଣି ପଞ୍ଚାୟତର ଆବଶ୍ୟକତା ଉପରେ ଚାଷୀଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବିଭାଗ ପକ୍ଷରୁ ତୃପ୍ତିମୟୀ ପ୍ରଧାନ, ନରେନ୍ଦ୍ର ତରାଇ, ମହାମୃତ୍ୟୁଞ୍ଜୟ, ଶିବ ପ୍ରସାଦ କର, ବିଜୟ କୁମାର ଜେନା, ସରୋଜ କୁମାର ସ୍ୱାଇଁ, ଗୋପାଳ କୃଷ୍ଣ ଦାସ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

## ଦୁବକଣ ଅଙ୍ଗନବାଡ଼ି ଗୃହ ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ ଆଜି

ଗଣ୍ଡଗୋଳ ଆଶଙ୍କା; ବ୍ୟାପକ ପୁଲିସ ଫୋର୍ସ ପ୍ରସ୍ତୁତି

ମଙ୍ଗଳପୁର,୮।୧(ସମିସ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥିତ ଦୁବକଣ ଗ୍ରାମରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଅଙ୍ଗନବାଡ଼ି ଘର ପାଇଁ ଶୁକ୍ରବାର ଦଶରଥପୁର ତହସିଲ ପକ୍ଷରୁ ଚିହ୍ନଟ କରାଯାଇଥିବା ଜାଗାରୁ ଜବରଦଖଲ ଉଚ୍ଛେଦ ହେବ ବୋଲି ତହସିଲ ପକ୍ଷରୁ ସୂଚନା ମିଳିଛି। ଉଚ୍ଛେଦ ବେଳେ ଗଣ୍ଡଗୋଳ ଆଶଙ୍କାରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି।

ପ୍ରକାଶ ଯେ, ଦୁବକଣ ଗ୍ରାମ କୟାଁ ମୌଜା ଅଧିନ ଖାତା ନଂ.୧୪୧୮ ପ୍ଲଟ ନଂ. ୬୨୬ ସରକାରୀ ଜାଗା ଉପରେ ଅଙ୍ଗନବାଡ଼ି ଘର ନିର୍ମାଣ ପାଇଁ ଦଶରଥପୁର ତହସିଲଦାର ଲିଖିତ ଅନୁମତି ପ୍ରଦାନ କରିଥିବା ବେଳେ ଉକ୍ତ ଜାଗାକୁ ଉକ୍ତ ଗ୍ରାମର ସରୋଜ ଯେନା ଓ ଅଜୟ ଯେନା ୨ ଭାଇ ସରକାରୀ ଚାକିରିଆ ହୋଇ ମଧ୍ୟ ଜବରଦଖଲ କରି ରଖିଛନ୍ତି। ଶୁକ୍ରବାର ଦଶରଥପୁର ତହସିଲଦାର, ବିଡ଼ିଓ ଓ ମଙ୍ଗଳପୁର ପୁଲିସ ଉପସ୍ଥିତିରେ ଉଚ୍ଛେଦ ହେବ।

ପ୍ରକାଶ ଥାଉକି, ଉକ୍ତ ଜାଗାରୁ ପୂର୍ବରୁ ତହସିଲ ପକ୍ଷରୁ ୨ ଥର ଜବର ଦଖଲ କରାଯାଇଥିବା ବେଳେ ଆଜି ତୃତୀୟ ଥର ପାଇଁ ଜବରଦଖଲ ଉଚ୍ଛେଦ ହେବ। ତେବେ ଦେଖିବାକୁ ବାକି ରହିଲା ତହସିଲଦାର ଚିହ୍ନଟ କରିଥିବା ଜାଗାରେ ବ୍ଲକ ପ୍ରଶାସନ ଅଙ୍ଗନବାଡି ଘର କରିବାରେ ସଫଳ ହୋଇପାରିବେ କି ନାହିଁ ତାହା ଦେଖିବାକୁ ଗ୍ରାମବାସୀ ଚାହିଁ ବସିଛନ୍ତି।

## ଆଇନ୍ ସଚେତନତା ସଭା



ଯାଜପୁର,୮।୧(ସମିସ): ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ନେହା ଅଗ୍ରୱାଲା ଅଧ୍ୟକ୍ଷତା କରିଥିଲେ। ଏଥିରେ ଶିଶୁ ମାନଙ୍କ ଅଧିକାର ଓ ବାଲ୍ୟ ବିବାହ ନିରୋଧ ଆଇନ୍ ବିଷୟ ସହିତ ଜାନୁଆରୀ ୬ ରୁ ୧୨ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଥିବା ଜାତୀୟ ଯୁବ ଦିବସ ପରିପ୍ରେକ୍ଷୀରେ ନିଶାମୁକ୍ତ ଭାରତ ଅଭିଯାନ ଶିର୍ଷକକୁ ନେଇ ଦୁଇଗୋଟି ପର୍ଯ୍ୟାୟରେ ଅତିଥି ଆଲୋଚକ ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯାଜପୁର ରତିକାନ୍ତ ଗିରି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ପାର୍ବତୀ ସାହୁ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ସୁନନ୍ଦା ଦାସ ଚିଫ୍ ମ୍ୟାରେଜ୍ ପ୍ରୋଟେକ୍ସନ ଅଫିସର ପ୍ରମୁଖ ଯୋଗଦେଇ ବିସ୍ତୃତ ଆଲୋଚନା କରିଥିଲେ। ଏହାକୁ ସଞ୍ଚାଳନ କରିଥିଲେ ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରଞ୍ଜନ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପକ ଡ. ବିନୋଦ କୁମାର ମଲ୍ଲିକ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀ ଖଣ୍ଡୁରାଇ ମଣ୍ଡଳ କଳା ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ

ସୁକିନ୍ଦା,୮।୧(ସମିସ): ଶ୍ରୀ ଖଣ୍ଡୁରାଇ ମଣ୍ଡଳ କଳା ଓ ସଂସ୍କୃତି ପରିଷଦ, ସୁକିନ୍ଦାର ଅଷ୍ଟମ ବାର୍ଷିକ ଉତ୍ସବ ଖରଡ଼ି ସ୍ଥିତ ଲକ୍ଷ୍ମୀ ନାରାୟଣ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆରମ୍ଭରୁ ଦିବଂଗତ କଳାକାରଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରିଷଦ ସଭାପତି ଗିରିଧାରୀ ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସସାମନ୍ତ ଅତିଥି ପରିଚୟ ପ୍ରଦାନ କରିବା ସହ ସଂପାଦକୀୟ ବିବରଣୀ ପାଠ କରିଥିଲେ। ଦୁଇଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଶିଶୁ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ବିଭିନ୍ନ ପ୍ରକାରର ପାରମ୍ପରିକ ନୃତ୍ୟ, କଳାକାର ମାନଙ୍କ ଦ୍ୱାରା ଝୁମର ନୃତ୍ୟ ଓ ପାଲା ପରିବେଷଣ କରାଯାଇଥିଲା। ସେହିପରି ୧୮ ଦଳ ମହିଳା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ନାମ ସଂକୀର୍ତ୍ତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁକିନ୍ଦା ବିଡିଓ , ସାମାଜିକ ସୁରକ୍ଷା ଅଧିକାରୀ ଓ ସମାଜମଙ୍ଗଳ ଅଧିକାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## 'ପଢ଼ିବା ଓ ଗଢ଼ିବା ଓଡ଼ିଶା' ଅଭିଯାନ

ଦଶରଥପୁର,୮।୧(ସମିସ): ଦଶରଥପୁର ଶିକ୍ଷା ମଣ୍ଡଳ ଖଣ୍ଡରା ସ୍ଥିତ ପିଏମଶ୍ରୀ ରାମଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଠନ ପ୍ରୋତ୍ସାହନ ସପ୍ତାହ ପଢିବା ଓ ଗଢିବା ଓଡିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ତୁଷାରକାନ୍ତି ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଅଭିଯାନ ଅବସରରେ ପ୍ରଥମରୁ ୨ୟ ଶ୍ରେଣୀ ଛାତ୍ରଛାତ୍ରୀ ପଠନ ପୁସ୍ତକର ଛବି, ଶବ୍ଦ ଓ ବାକ୍ୟ ଉପରେ ଶିକ୍ଷା ଗ୍ରହଣ କରିଥିଲେ। ସେହିପରି ୩ୟ ଶ୍ରେଣୀରୁ ୫ମ ଶ୍ରେଣୀ ଛାତ୍ରଛାତ୍ରୀ ମହାପୁରୁଷଙ୍କ ଛବି ଅଙ୍କନ କରିବା ସହିତ ସେମାନଙ୍କ ଜୀବନୀ ଉପରେ ସୃତି ଲିଖନ କରିଥିଲେ। ୬ଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ପାଠ୍ୟ ପୁସ୍ତକ ସମୀକ୍ଷା ମଲାଟ ଏବଂ ଅନୁଚ୍ଛେଦ ଲିଖନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ।

## ଅସହାୟଙ୍କୁ କମ୍ବଳ ବଣ୍ଟନ



ଦଶରଥପୁର,୮।୧(ସମିସ): ବିଗତ କିଛିଦିନ ହେବ ଯାଜପୁର ଜିଲ୍ଲାର ସମଗ୍ର ଅଞ୍ଚଳରେ ପ୍ରବଳ ଥଣ୍ଡା ଜନଜୀବନକୁ ଅସ୍ତବ୍ୟସ୍ତ କରିବାରେ ଲାଗିଛି। ଏହି ଅବସରରେ ଦଶରଥପୁର ବ୍ଲକ ଅକରପଡା ପଞ୍ଚାୟତ ଭେଲଙ୍ଗ ସ୍ଥିତ ସହିଦ ସତ୍ୟାନନ୍ଦ ହୋମିଓପ୍ୟାଥିକ ଚିକିତ୍ସାଳୟ ପରିସରରେ ପଞ୍ଚାୟତ ଅଧିନ ବିଭିନ୍ନ ଅଞ୍ଚଳର ଅସହାୟ ପରିବାରକୁ କମ୍ବଳ ବଣ୍ଟନ କରାଯାଇଥିଲା। ସମାଜସେବୀ ସଂଜୀବ ଦାସ, କଳ୍ପତରୁ ଜେନା, ରଞ୍ଜିତ ଦାସ, ରବୀନ୍ଦ୍ର ଜେନା, ବାବୁଲା ମଲ୍ଲିକ ପ୍ରମୁଖ ପ୍ରତ୍ୟକ୍ଷ ଭାବେ ୧ଶହରୁ ଅଧିକ ବୟସ୍କ ମହିଳା ଏବଂ ପୁରୁଷଙ୍କୁ କମ୍ବଳ ବଣ୍ଟନ କରିଥିଲେ।

## ମହାକାଳପଡା ପଞ୍ଚାୟତର ସାଙ୍ଗଠନିକ ବୈଠକ

ବରୀ,୮।୧(ସମିସ): ବରୀ ବ୍ଲକ୍ ମହାକାଳପଡା ପଞ୍ଚାୟତର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହିଳା ସରପଞ୍ଚ ପ୍ରଜ୍ଞା ପରମିତା ପରିଡ଼ାଙ୍କ ସମର୍ଥକ ମାନଙ୍କ ଦ୍ୱାରା ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ସମିତିସଭ୍ୟ ପ୍ରଭାସ ରଞ୍ଜନ ପରିଡା ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ କୁରୁଜଙ୍ଗାଠାରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ କୁଞ୍ଜବିହାରୀ ପରିଡା, ସରପଞ୍ଚ ପ୍ରତିନିଧି ତଥା ସମାଜସେବୀ ସ୍ମୃତିରଞ୍ଜନ ପରିଡା, ଶିବପ୍ରସାଦ ସିଂ, ଉତ୍ତମ ଜେନା, ଗୌରାଙ୍ଗ ମଲିକ, ପ୍ରଶାନ୍ତ ରାଉତ, ପ୍ରକାଶ ରାଉତ, ଶୈଳେନ୍ଦ୍ର ମଲିକ, ଶୁକଦେବ ରାଉତ, ଶୁଶାନ୍ତ ପରିଡା, ମିହିର ମଲିକ, ଅଶୋକ ବେହେରା, ରାଜ କିଶୋର ମଲିକ, ଅଜୟ ସାମଲ, ଦୀପ୍ତି ରଞ୍ଜନ ନାୟକ, ଶ୍ରୀନିବାସ ଜେନା, ଗୋଲଖ ଜେନା ପ୍ରମୁଖ ଶତାଧିକ ଛାମୁଆ କର୍ମୀମାନେ ଯୋଗଦେଇ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ସମସ୍ତେ ସହଯୋଗ କରି ଏହି ପଞ୍ଚାୟତକୁ ବ୍ଲକରୁ ୧ ନମ୍ବର ସ୍ଥାନରେ ପହଞ୍ଚାଇବାକୁ ସରପଞ୍ଚଙ୍କ ପ୍ରତିନିଧି ସ୍ମୃତିରଞ୍ଜନ ପରିଡା କର୍ମୀମାନଙ୍କୁ ଅନୁରୋଧ କରିଥିଲେ। ଶେଷରେ ବିରେନ ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଇପିଏଫ୍ ପେନସନ୍ ସଂଘ ପକ୍ଷରୁ ଦାବିପତ୍ର




ଯାଜପୁର,୮।୧(ସମିସ): ଓଡ଼ିଶା ଇପିଏଫ୍ ପେନ୍‌ସନ୍ ସଂଘ ଯାଜପୁର ଶାଖା ପକ୍ଷରୁ ଗୁରୁବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସର୍ବନିମ୍ନ ୯ହଜାର ଟଙ୍କା ଦେବା, ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶନାମା ଅନୁସାରେ ଉଚ୍ଚ ହାରରେ ପେନସନ୍, ଆୟୁଷ୍ମାନ ଯୋଜନାରେ ସାମିଲ, ମହଙ୍ଗା ଭତ୍ତା ପ୍ରଦାନ ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ଲାଏଅଲ୍ଲୀ ଖାନ୍, ସମ୍ପାଦକ ନିରଞ୍ଜନ ପରିଡ଼ା, ଉପସଭାପତି ମନୋହର ହରିଚନ୍ଦନ ସିଂହ, ପ୍ରଫୁଲ୍ଲ କୁମାର ଦାସ, କୁଳମଣି ସାମଲ, ଦୟାନିଧି ଷଡ଼ଙ୍ଗୀ, ବିଦ୍ୟାଧର ଜେନା, କାଳନ୍ଦୀ ପତି, କିଶୋର ସାମଲ, ଇନ୍ଦ୍ରମଣି ବିଶ୍ୱାଳ, ମହେଶ୍ୱର ସାହୁ, ଭାସ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ଭବ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ପ୍ରୀତିପୁର,୮।୧(ସମିସ): ବିଞ୍ଝାରପୁର ବ୍ଲକର ବାଛୋଳ ପଞ୍ଚାୟତ ତଥା ଗ୍ରାମରେ ଅବସ୍ଥିତ ବରୁଣେଇ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପାଞ୍ଚଦିନିଆ ସମ୍ଭବ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଞ୍ଝାରପୁର ବ୍ଲକରେ ଅବସ୍ଥିତ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି ତାଲିମ ଶିବିରରେ ଯୋଗ ଦେଇଥିଲେ। ଉଦଘାଟନୀ ସମାବେଶରେ ମୁଖ୍ୟଅତିଥି ଭାବରେ ବିଞ୍ଝାରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟବ୍ରତ ମିଶ୍ର ଯୋଗଦେଇ ତାଲିମ ଶିବିରଟିକୁ ଶୁଭାରମ୍ଭ କରିଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ସରପଞ୍ଚ କଳ୍ପନା ବେହେରା, ବ୍ଲକ ସାଧନକେନ୍ଦ୍ର ସଂଯୋଜକ ସେକ ନିଜାମୁଦ୍ଦିନ, ଶିକ୍ଷକ ନେତା ସୁବାସଚନ୍ଦ୍ର ପ୍ରଧାନ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦେବେନ୍ଦ୍ର କୁମାର ନାୟକ ଯୋଗଦେଇ ତାଲିମ ଶିବିରର ଆବଶ୍ୟକତା ସମ୍ପର୍କରେ ମତାମତ ଉପସ୍ଥାପନ କରିଥିଲେ। ଆର୍‌ପି ଭାବରେ ଅଭିଜିତ୍ ବାରିକ, ଯୁଗପ୍ରଭା ସାବତ୍, ରଞ୍ଜନ କୁମାର ନାୟକ ଓ ସଞ୍ଜୁକ୍ତା ଦାସ ପ୍ରମୁଖ ଯୋଗଦାନ କରି ପ୍ରଧାନ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ। ଶିବିରଟିକୁ ନିଶାକର ସାହୁ, ପ୍ରମୋଦ କୁମାର ବେହୁରିଆ, ରେଣୁକା ଜେନା, ଉର୍ବଶୀ ଧଳ, ମମତା ଦାସ. ସୌଦାମିନୀ ରାଉତ, ମାଧବଚନ୍ଦ୍ର ଧଳ, ଉତ୍କଳ ବାରିକ, ମଦନ ବେହେରା ରଶ୍ମିତା ସାହୁ, ସାଗରିକା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

■ ଅମର ଫାଉଣ୍ଡେସନ୍ ପକ୍ଷରୁ ନିଆରା କାର୍ଯ୍ୟକ୍ରମ

## ଅସହାୟଙ୍କୁ କମ୍ବଳ ଓ ରାସନ ସାମଗ୍ରୀ ବଣ୍ଟନ




ଭୁବନେଶ୍ୱର,୮।୧(ସମିସ): ଅମର ଫାଉଣ୍ଡେସନ୍ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବାସ କରୁଥିବା ଗରିବ ଓ ଅସହାୟଙ୍କୁ ସହାୟତା ପ୍ରଦାନ କରାଯାଉଛି। ଜାନୁଆରୀ ୧ରେ କଟକ ଜିଲ୍ଲା ହରିପୁର ଗ୍ରାମର ବାସିନ୍ଦାଙ୍କୁ ୩ଶହ କମ୍ବଳ ସମେତ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ସେହିପରି ଯାଜପୁରର କୋହ୍ଲାପୁର ଓ ଭାଲୁମରା ଗ୍ରାମ ଏବଂ ଢେଙ୍କାନାଳରେ ଦରହା ସାହିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ସେହିପରି ଆଜି ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକ୍ ନଗଡ଼ା ଅଧୀନସ୍ଥ ଦୁର୍ଗମ ଆଦିବାସୀ ଅଞ୍ଚଳରେ ମଧ୍ୟ ଆବଶ୍ୟକୀୟ ସାମଗ୍ରୀ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଫାଉଣ୍ଡେସନ୍‌ର ସଦସ୍ୟମାନେ କମ୍ବଳ ସାମଗ୍ରୀ ପ୍ରଦାନ କରିଛି ଫାଉଣ୍ଡେସନ। ବିଶେଷ କରି ସେଠାରେ ଲୋକମାନେ ଅତ୍ୟାବଶ୍ୟକୀୟ ସମେତ ଡାଲି, ଶୋରିଷ ତେଲ, ଆଳୁ, ହଳଦୀ ଗୁଣ୍ଡ ଏବଂ ଲୁଣ ଆଦି ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି। ଅଞ୍ଚଳର ଗୁହିଆସାଲା, ତଳଡିହା, ତୁମୁନି ଏବଂ ନଳିଆଡାବା ଗ୍ରାମର ୧୦୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାରକୁ ଏହି ସମସ୍ତ ରାସନ ସାମଗ୍ରୀ ପ୍ରଦାନ କରାଯାଇଛି। ତେବେ ଗ୍ରାମ ଭିତରକୁ ଭଲ ରାସ୍ତା ନଥିବାରୁ ନଳିଆଡାବା ନିକଟସ୍ଥ ଜଙ୍ଗଲ ଅଫିସ୍ ନିକଟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଫାଉଣ୍ଡେସନର ପ୍ରତିଷ୍ଠାତା ଅମର ରଞ୍ଜନ ମହାନ୍ତି ଓ ତାଙ୍କ ପରିବାର, ଶୋଭନ କାନୁନଗୋ, ବସନ୍ତ କୁମାର ବେହେରା, ଚିତ୍ତ ରଞ୍ଜନ ପଟ୍ଟନାୟକ, ଚିରଞ୍ଜିବୀ ଦାସ, ହେମନ୍ତ କୁମାର ସାହୁଙ୍କ ସମେତ ଫାଉଣ୍ଡେସନ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ବରୁଣେଶ୍ୱର ମକର ମେଳା ପାଇଁ ସଜେଇ ହେଉଛି କ୍ଷେତ୍ର

ବିଞ୍ଝାରପୁର,୮।୧(ସମିସ): ବିଞ୍ଝାରପୁର ବ୍ଲକ ଅରେଇ ସ୍ଥିତ ଶୈବପୀଠରେ ଓଡ଼ିଶା ପ୍ରସିଦ୍ଧ ବରୁଣେଶ୍ୱର ମକର ମେଳା ୧୪ରୁ ଆରମ୍ଭ ହେବ। ଆଉ ମାତ୍ର ଦିନ କେଇଟା ବାକି ଥିବାବେଳେ ଜୋର୍‌ଦାର୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ୯ ଦିନ ବ୍ୟାପୀ ହେବାକୁ ଥିଲା ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ହଜାର ହଜାର ଦୋକାନୀ ନିଜର ଭଳିକି ଭଳି ଦୋକାନ ପକାଇଥାନ୍ତି। ବିଭିନ୍ନ ପ୍ରକାରର ଘରକରଣା ସାମଗ୍ରୀ ସାଙ୍ଗକୁ ଖେଳନା ଆଉ ଖାଦ୍ୟଷ୍ଟଲ୍‌ମାନ ପଡ଼େ। ଚଳିତ ଥର ମକର ମେଳର ମୁଖ୍ୟ ଆକର୍ଷଣ ହେବାକୁ ଯାଉଛି ପ୍ରବେଶ ଗେଟ। ଯାହା ରଂଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଛି। ଚଳିତବର୍ଷ ପ୍ରଥମ ଥର ପାଇଁ ଏପରି ପଦକ୍ଷପ ଗ୍ରହଣ କରାଯାଇଛି। ୩ ଦିଗର ପ୍ରବେଶ ଦ୍ୱାରରେ ୩ଟି ଗେଟ୍ ନିର୍ମାଣ ହେଉଛି। ଯାହା ମେଳାର ମୁଖ୍ୟ ଆକର୍ଷଣ ସହ ଯାତ୍ରୀମାନଙ୍କୁ ଆକର୍ଷିତ କରିବ। ଏହା ସହ ଅସ୍ଥାୟୀ ପାଇଖାନା ଗୃହ ପାନୀୟ ଜଳ ବ୍ୟବସ୍ଥା କାର୍ଯ୍ୟ ଚାଲୁ ରହିଛ। ମେଳା ପଡ଼ିଆକୁ ଦୋଳି, ଶିଳ, ଫେଶା ଏବଂ ଫାଷ୍ଟଫୁଡ ଦୋକାନୀମାନେ ଆଗମନ କରିଛନ୍ତି। ମେଳାକୁ ସୁରୁଖୁରରେ ଆୟୋଜନ କରିବାକୁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି।



## ପ୍ରାଥମିକ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

ମଈଁନ୍ଦା,୮।୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ବରୁଣେଶ୍ୱର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର କ୍ରୀଡ଼ା ବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସେକ ଆଶାଦୁଲା ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସତ୍ୟବ୍ରତ ମିଶ୍ର, ମୁଖ୍ୟବକ୍ତା ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଏସ୍‌କେ ନିଜାମୁଦ୍ଦିନ, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଦ୍ୟାସାଗର ବେହେରା, ବାବୁଗୋସ୍ୱାମୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହବିବୁଲ ମୋହିନୀ ଯୋଗଦାନ କରିଥିଲେ। ଶାରୀରିକ ଶିକ୍ଷା ଦ୍ୱାରା ଶିଶୁର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷକ ବିପିନ ବିହାରୀ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କୁ ଟ୍ରଫି ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ କବିତା ସାହୁ, ସସ୍ମିତା ସାହୁ, ଭାଗ୍ୟଶ୍ରୀ ଦାଶ ସହଯୋଗ କରିଥିଲେ।

## ଓଲାଶୁଣୀ ପୀଠରେ ବିଦ୍ୟୁତ୍ ଓ ପାନୀୟ ଜଳ ବ୍ୟବସ୍ଥା ଅଚଳ



ବାଲିଚନ୍ଦ୍ରପୁର,୮।୧(ସମିସ): ଗୁମ୍ଫା ପାହାଡ଼ର ପୂର୍ବପଟ ପାଦଦେଶରେ ପୂଜା ପାଉଥିବା ମା' ଓଲାଶୁଣୀ ପୀଠରେ ବିଦ୍ୟୁତ ଓ ପାନୀୟ ଜଳ ସୁବିଧା ନଥିବାରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ସେହିପରି ଶୌଚାଳୟ ବ୍ୟବସ୍ଥା ମଧ୍ୟ କରାଯାଇନାହିଁ। ତେବେ ସ୍ଥାନୀୟ ଅଞ୍ଚଳବାସୀ ଶୌଚଳାୟ ସୁବିଧା ପାଇଁ ଦାବି କରିବା ପରେ ଗତବର୍ଷ ଏଠାରେ ଏକ ଗୃହ ନିର୍ମାଣ କରାଯାଇଥିଲା। ହେଲେ ତାହା ଅସମ୍ପୂର୍ଣ୍ଣ ହୋଇ ରହିଥିବାରୁ ଏବେ ସେହି ଗୃହରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ପାଇଖାନା ସୁବିଧା ନଥିବାରୁ ବିଶେଷ କରି ମହିଳାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ପାନୀୟ ଜଳର ସୁବିଧା ନଥିବାରୁ ଏହି ପୀଠକୁ ଆସୁଥିବା ଶ୍ରଦ୍ଧାଳୁମାନେ ଏଥିପାଇଁ ସମସ୍ୟା ଭୋଗୁଛନ୍ତି। ଏହି ପୀଠକୁ ପଡିଥିବା ରାସ୍ତାର ବିଦ୍ୟୁତ ଖୁଣ୍ଟରେ ଷ୍ଟ୍ରିଟ୍ ଲାଇଟ ବ୍ୟବସ୍ଥା ଅଚଳ ହୋଇପଡିଛି। ଫଳରେ ଯାତାୟତ ପାଇଁ ସମସ୍ୟା ସୃଷ୍ଟି ହେଉଛି। ଆଉ ମାତ୍ର ଗୋଟିଏ ସପ୍ତାହ ପରେ ଏଠାରେ ଓଡ଼ିଶା ପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫା ମେଳା ଆରମ୍ଭ ହେବ। ପ୍ରତିବର୍ଷ ପରି ୧୦ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରସିଦ୍ଧ ମେଳାରେ ଦୈନିକ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାବେଶ ହେବ। ତେଣୁ ମା' ଓଲାଶୁଣୀ ପୀଠରେ ଥିବା ଉପରୋକ୍ତ ସମସ୍ୟା ଦୂର କରି ଯାତ୍ରୀ ଓ ଶ୍ରଦ୍ଧାଳୁଙ୍କ ପାଇଁ ସୁବିଧା କରିବାକୁ ସର୍ବଶ୍ରୀ ସଞ୍ଜୟ କୁମାର ମହାନ୍ତି, ସେତନ କୁମାର ଦାସ, ବିକ୍ରମ ପ୍ରଧାନ ଓ ଦିଲ୍ଲୀପ କୁମାର ମହାନ୍ତି ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

# ୱେବ୍‌ସାଇଟ୍ ହ୍ୟାକ୍‌ର ୧୨ ଘଣ୍ଟା ନ ପୂରୁଣୁ କୋର୍ଟ ଉଡ଼ାଇଦେବାକୁ ଧମକ





**ସମ୍ବଲପୁର, ୮।୧ (ସମିସ)**

ବୁଧବାର ରାତି ପ୍ରାୟ ୮ଟା ସମୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌କୁ ହ୍ୟାକ୍ କରାଯାଇଥିଲା। ସେଥିରେ ପାକିସ୍ତାନ ପତାକା ଲଗାଇବାସହ ପାକିସ୍ତାନ ଜିନ୍ଦାବାଦ ଲେଖାଯାଇଥିଲା। ଏହାକୁ ନେଇ ଛାତ୍ରଛାତ୍ରୀ ତଥା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାର ପ୍ରାୟ ୧୫ ଘଣ୍ଟା ପରେ ଆଜି ପ୍ରାୟ ସାଢ଼େ ୧୧ଟା ସମୟରେ କୋର୍ଟ କାର୍ଯ୍ୟ ଚାଲିଥିବାବେଳେ ସମ୍ବଲପୁର ଜିଲ୍ଲା କୋର୍ଟକୁ ଆର୍‌ଡିଏକ୍ସରେ ଉଡ଼ାଇ ଦେବାକୁ ଧମକପୂର୍ଣ୍ଣ ଇ-ମେଲ ଆଜି ପୂର୍ବାହ୍ନରେ ଜିଲ୍ଲା ଓ ଦୌରା ଜଜ୍ ପାଇଥିଲେ। ଏହିଭଳି ସମାନ ଇ-ମେଲ ସମ୍ବଲପୁର ସମେତ କଟକ, ଦେବଗଡ଼ କୋର୍ଟକୁ ମଧ୍ୟ ଆସିଥିଲା। ଏନେଇ ସମ୍ବଲପୁର ପୁଲିସ ପକ୍ଷରୁ ତତ୍ପରତା ପ୍ରକାଶ କରାଯାଇଥିଲା। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ବିଚାରପତି, ଓକିଲ ଓ ଜନସାଧାରଣଙ୍କୁ କୋର୍ଟ ପରିସର ଖାଲି କରିବାକୁ କୁହାଯାଇ ସିଲ୍ କରିଦିଆଯାଇଥିଲା। କୋର୍ଟ ପରିସରକୁ ବୋମା ସ୍କ୍ୱାଡ୍ ଓ ସନ୍ଧାନୀ କୁକୁର ଦ୍ୱାରା ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲା। ସମ୍ବଲପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ ତାଙ୍କ ବରିଷ୍ଠ ଅଧିକାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ପ୍ରକ୍ରିୟାର ନେତୃତ୍ୱ ନେଇଥିଲେ। ଅପରାହ୍ନରେ ଉତ୍ତରାଞ୍ଚଳ ପୁଲିସ ମହାନିରୀକ୍ଷକ, ସମ୍ବଲପୁର ହିମାଂଶୁ ଲାଲ ମଧ୍ୟ ତଦାରଖ କରିଥିଲେ। ଯାଞ୍ଚ ପରେ ସୁରକ୍ଷିତ ବୋଲି ନିଶ୍ଚିତ ହେବାପରେ ବୋମା ସ୍କ୍ୱାର୍ଡ ଓ ସନ୍ଧାନୀ କୁକୁର ଦଳ ଫେରିଯାଇଥିଲେ। ଅଗ୍ନିଶମ ବିଭାଗର ଅଗ୍ନିକମାନେ ମଧ୍ୟ ପ୍ରସ୍ତୁତ ହୋଇ ରହିଥିଲେ। ଇ-ମେଲ୍‌ରେ ସମୟ ଅବଧି ଆଜି ଅପରାହ୍ନ ୨ଟା ୩୫ ମିନିଟ ବୋଲି ଦିଆଯାଇଥିବା ପ୍ରକାଶ। ସମୟ ଅବଧି ଶେଷ ହେବାପରେ ପୁଣି ଅପରାହ୍ନ ୩ଟାବେଳେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

## ଶୁଣାଣି ହେଲାନି, ଫେରିଗଲେ ମୁଦାଲା

କୋର୍ଟ ପରିସରରେ ଆରଡିଏକ୍ସ ସୂଚନା ନେଇ ଆତଙ୍କ ଖେଳିଯାଇଥିଲା। ଏଥିପାଇଁ ଅନେକ ମୁଦାଲାଙ୍କ ଶୁଣାଣି ହୋଇପାରିଲାନି। ଫଳରେ ପୁଣି ଜେଲକୁ ଫେରିଯାଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ବିଭିନ୍ନ ଅଭିଯୋଗରେ ଜେଲରେ ଥିବା ଅଭିଯୁକ୍ତଙ୍କୁ ଆଜି କୋର୍ଟକୁ ଅଣାଯାଇଥିଲା। ପ୍ରତିଦିନ ପରି ଅନେକଙ୍କ ଶୁଣାଣି ରହିଥିବାବେଳେ, କେତେକଙ୍କ ଜାମିନ ଆବେଦନ ମଧ୍ୟ ରହିଥିଲା। ହେଲେ ଆରଡିଏକ୍ସ ଘଟଣାକୁ ନେଇ ପ୍ରାୟ ୩୦ରୁ ଅଧିକ ଅଭିଯୁକ୍ତଙ୍କୁ ଅପରାହ୍ନ ସାଢ଼େ ୧୨ଟାବେଳେ କୋର୍ଟରୁ ପୁଲିସ ହେପାଜତରେ ଜେଲକୁ ଫେରାଇ ନିଆଯାଇଥିଲା।

## ଯାଞ୍ଚବେଳେ କ'ଣ କ'ଣ ଆସିଥିଲା

କୋର୍ଟ ପରିସରର ଆରଡିଏକ୍ସ ରହିଥିବା ଖବର ବ୍ୟାପିବାପରେ ବୋମା ସ୍କ୍ୱାର୍ଡ, ଡଗ୍ ସ୍କ୍ୱାର୍ଡ ଓ ସାଇଣ୍ଟିଫିକ ଟିମ ପହଞ୍ଚିଥିଲେ। ସେମାନେ ସାଙ୍ଗରେ ଡି ସର୍ଚ୍ଚ ମେଟାଲ ଡିଟେକ୍ଟର (ଡିଏସଏମଡି), ନନ୍ ଲିନର ଜଙ୍କସନ ଡିଟେକ୍ଟର (ଏନଏଲଜେଡି), ଅପ୍ଟିକାଲ ଫାଇବର ସଲ୍ୟୁସନ (ଓଏଫଏସ), ଇଏସଟି ଟାଇମ ଡିଭାଇସ, ପକେଟ୍ ସର୍ଚ୍ଚ ମିରର (ପିଏସଏମ) ଆଦି ନେଇକି ଆସିଥିଲେ। ଜିଲ୍ଲା ଓ ଦୌରା ଜଜ୍ କୋର୍ଟ, ଏଡିଜେ କୋର୍ଟ, ପୋକ୍‌ସୋ କୋର୍ଟ, ଭିଜିଲାନ୍ସ ଜଜ୍ କୋର୍ଟ, ସିଜେଏମ୍ କୋର୍ଟ, ଏସ୍‌ଡିଜେଏମ୍ କୋର୍ଟ, ଜେଏମ୍‌ଏଫ୍‌ସି କୋର୍ଟ, ଫେମିଲି କୋର୍ଟ ଆଦିର ସବୁ ସ୍ଥାନକୁ ଡିଏସଏମଡି ଆଦି ସହାୟତାରେ ଖୋଜିଥିଲେ। ଏଥିପାଇଁ ପ୍ରାୟ ୨ ଘଣ୍ଟା ସମୟ ଲାଗିଥିଲା। ଏପରିକି କୋର୍ଟ ପରିସରରେ ରହିଥିବା ବିଭିନ୍ନ ଗାଡ଼ିକୁ ମଧ୍ୟ ବୋମା ସ୍କ୍ୱାର୍ଡ ମେସିନ ସହାଯ୍ୟରେ ଯାଞ୍ଚ କରାଯାଇଥିଲା।






## ସବୁଆଡ଼େ ଶୁଙ୍ଘିଥିଲା 'କେ ନାଇନ ଧ୍ରୁବ୍'

ବୋମା ଖୋଜିବାରେ ସାମିଲ ହୋଇଥିଲା ପୁଲିସ ସନ୍ଧାନୀ କୁକୁର 'କେ ନାଇନ ଧ୍ରୁବ୍'। କୋର୍ଟର ସମସ୍ତ ସ୍ଥାନ ବୁଲି ବୁଲି ଶୁଙ୍ଘିଥିଲା। ସମ୍ବଲପୁର ପୁଲିସ ପକ୍ଷରୁ ଆଜି ଏହି କୁକୁରଟି କୋର୍ଟ ପରିସର ଯାଞ୍ଚରେ ସାମିଲ ଥିଲା। କୋର୍ଟର ବେଞ୍ଚ ଡେସ୍କଠାରୁ ଆରମ୍ଭ କରି ଭିତରେ ଥିବା ଗାଡ଼ି ପର୍ଯ୍ୟନ୍ତ କିଛି ବି ଛାଡ଼ିନଥିଲା। ପ୍ରତିଟି ସ୍ଥାନରେ ପହଞ୍ଚି ଖୋଜିଥିଲା।

## ତତ୍ପରତା ପ୍ରକାଶ କଲା ଜିଲ୍ଲା ଓକିଲ ସଂଘ

କୋର୍ଟ ପରିସରରେ ଆର୍‌ଡିଏକ୍ସ ବୋମାରେ ଉଡ଼ାଇଦେବାକୁ ଧମକ ବିଷୟରେ ଜିଲ୍ଲା ଓ ଦୌରା ଜଜ୍‌ଙ୍କ ପକ୍ଷରୁ ଜିଲ୍ଲା ଓକିଲ ସଂଘ ସଭାପତିଙ୍କୁ ଅବଗତ କରାଯାଇଥିଲା। କୋର୍ଟ ପରିସରରେ ଆତଙ୍କର ବାତାବରଣ ଖେଳିଯାଇଥିଲା। ଓକିଲ ସଂଘ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ଆବଶ୍ୟକ ସୂଚନା ଦିଆଯାଇଥିଲା। ଜିଲ୍ଲା ଓକିଲ ସଂଘ ପକ୍ଷରୁ ମାଇକ୍‌ରେ ବାରମ୍ବାର ଅପରାହ୍ନ ଅଢ଼େଇଟା ପର୍ଯ୍ୟନ୍ତ ସତର୍କ ରହିବାସହ କୋର୍ଟ ପରିସର ଖାଲି କରିଦେବାକୁ ଓକିଲ ଓ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା। ସମସ୍ତେ କୋର୍ଟ ପରିସର ଖାଲି କରି ଚାଲିଯାଇଥିଲେ।

## ପ୍ରସ୍ତୁତ ଅଗ୍ନିକ ଦଳ

କୋର୍ଟ ପରିସରକୁ ବୋମା ସ୍କ୍ୱାର୍ଡ ତନ୍ନତନ୍ନ କରି ଯାଞ୍ଚ କରିଥିଲା। ଏହାପରେ ବି କୌଣସି ଅଘଟଣ ଏଡ଼ାଇବାକୁ ଜିଲ୍ଲା ଅଗ୍ନିଶମ ଅଧିକାରୀ ସୁଦାମ କିସ୍‌କୋଙ୍କ ନେତୃତ୍ୱରେ ଅଗ୍ନିକ ଦଳ ଦମକଳ ସହ ଉପସ୍ଥିତ ଥିଲେ। ଏହାସହ ବିଭିନ୍ନ କାର୍ଯ୍ୟାଳୟରେ ଦମକଳ ଆବଶ୍ୟକସ୍ଥଳେ ତୁରନ୍ତ ପହଞ୍ଚିବା ପାଇଁ ପ୍ରସ୍ତୁତ ରଖାଯାଇଥିଲା।

## ଏସ୍‌ପି ମୁକେଶ ଭାମୁଙ୍କ ମତାମତ

ଆଜି କୋର୍ଟକୁ ଏକ ଧମକପୂର୍ଣ୍ଣ ମେଲ୍ ଆସିଛି ବୋମା ବିଷୟରେ, ଏହାକୁ ପୁଲିସ ଗୁରୁତ୍ୱର ସହ ନେଇଛି। ଏହି ମେଲ୍‌ର ସାଇବର ଟିମ୍ ଯାଞ୍ଚ କରୁଥିବାବେଳେ ବମ୍ ସ୍କ୍ୱାଡ୍ କୋର୍ଟ ପରିସରକୁ ତନ୍ନତନ୍ନ କରି ଯାଞ୍ଚ କରୁଛନ୍ତି। ଏନେଇ କୌଣସି ଭୟଭୀତ ହେବାର କାରଣ ନାହିଁ। ଜିଏମ୍ ୟୁନିଭର୍ସିଟିର ହ୍ୟାକ୍‌କୁ ନେଇ ମଧ୍ୟ ସାଇବର ଟିମ୍ ଯାଞ୍ଚ କରୁଛନ୍ତି, ଖୁବ୍ ଶୀଘ୍ର ଜଣାପଡ଼ିବ କିଏ ଏହିସବୁ କରୁଛି।

## ଆଇଜି ହିମାଂଶୁ ଲାଲଙ୍କ ମତାମତ

ସବୁ ଯାଞ୍ଚ କରାଯାଇଛି, ସବୁକିଛି ସୁରକ୍ଷିତ ରହିଛି। ସୁରକ୍ଷାକୁ ନେଇ କୌଣସି ସମସ୍ୟା ନାହିଁ। କୋର୍ଟ କାମ ଏବେ ଆରମ୍ଭ ହୋଇଛି। ଏହି ଘଟଣାର ତଦନ୍ତ ଚାଲିଛି। ଏଭଳି ବଦମାସି କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଇପିଏଫ୍ ପେନସନଭୋଗୀଙ୍କ ବିକ୍ଷୋଭ




**ସମ୍ବଲପୁର, ୮।୧ (ସମିସ) :** ନିଖିଳ ଓଡ଼ିଶା ଇପିଏଫ୍ ପେନସନଭୋଗୀମାନେ ଆଜି ବିକ୍ଷୋଭ ପ୍ରଦର୍ଶନ କରିବାସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ମାରକ ପତ୍ର ଅନୁଯାୟୀ, ଅବସରପ୍ରାପ୍ତ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ ଇପିଏଫ୍-୯୫ ପେନସନ ଯୋଜନା ୧୬.୧୧.୧୯୯୫ ରେ ପ୍ରଚଳନ କରାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟବଶତଃ, ୩୦ ବର୍ଷ ବିତିବା ପରେ, ଏହି ଯୋଜନାର ହିତାଧିକାରୀଙ୍କ ଦୁଃଖର କୌଣସି ସୀମା ନାହିଁ କାରଣ ସେମାନେ ସେପ୍ଟେମ୍ବର, ୨୦୧୪ ଠାରୁ ସର୍ବନିମ୍ନ ୧୦୦୦ ଟଙ୍କାରୁ କମ୍ ପେନସନ ପାଉଛନ୍ତି ଏବଂ ଏକ ଅତ୍ୟନ୍ତ ଦୟନୀୟ ଜୀବନ ବିତାଉଛନ୍ତି। ବଞ୍ଚିବା ପାଇଁ ଉପଯୁକ୍ତ ଖାଦ୍ୟ ଏବଂ ଔଷଧର ଅଭାବ ରହୁଛି। ଏସମ୍ପର୍କରେ, ପେନସନ ସଂଶୋଧନ ପାଇଁ ଗତ ବହୁବର୍ଷ ଧରି ବିଭିନ୍ନ ଗଣତାନ୍ତ୍ରିକ ଉପାୟରେ ପ୍ରଧାନମନ୍ତ୍ରୀ/କେନ୍ଦ୍ର ଅର୍ଥମନ୍ତ୍ରୀ/କେନ୍ଦ୍ର ଶ୍ରମମନ୍ତ୍ରୀଙ୍କୁ ମାସିକ ପେନସନ ସହିତ ଡିଏ ସଂଶୋଧନ ପାଇଁ ଅନୁରୋଧ କରାଯାଇଛି କିନ୍ତୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ବଜେଟ୍ ଗଠନରେ ପ୍ରାଥମିକତା ସହ ସମୀକ୍ଷା କରିବା ଏବଂ ଇପିଏଫ୍-୯୫ ପେନସନଭୋଗୀ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଉପଯୁକ୍ତ ଭାବରେ ପେନସନ ସଂଶୋଧନ କରିବା ପାଇଁ ଅନୁରୋଧ କରାଯାଇଛି। ଏହା ଏପରି ଏକ ବିଷୟ ଯାହା ଉପରେ ସରକାର ଆଉ ବିଳମ୍ବ କରିବା ଉଚିତ ନୁହେଁ। ଦାବି ଗୁଡ଼ିକ ମଧ୍ୟରେ ସର୍ବନିମ୍ନ ମାସିକ ପେନସନ ୯୦୦୦/- ଟଙ୍କାକୁ ବୃଦ୍ଧି, ସୁପ୍ରିମକୋର୍ଟଙ୍କ ୦୪.୧୦.୨୦୧୬ ଏବଂ ୦୪.୧୧.୨୦୨୨ ତାରିଖ ନିର୍ଦ୍ଦେଶ ଅନୁଯାୟୀ ଅଧିକ ପେନସନ ପ୍ରଦାନ, ମୂଲ୍ୟ ସୂଚକାଙ୍କକୁ ନିରପେକ୍ଷ କରିବା ପାଇଁ ମହଙ୍ଗା ସହାୟତା ପ୍ରଦାନ, ସରକାରଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନା ଅଧୀନରେ ସମସ୍ତ ଇପିଏଫ୍- ୯୫ ପେନସନଭୋଗୀଙ୍କୁ ମାଗଣା ଚିକିତ୍ସା ସୁବିଧା ପ୍ରଦାନ କରିବା ଆଦି ରହିଛି।



ସମ୍ବଲପୁର : ମିଲର୍‌ଙ୍କ ଆନ୍ଦୋଳନ ପରେ ମଣ୍ଡି ଓ ମିଲ୍‌ରେ ଧାନଗାଡ଼ିର ଲମ୍ବା ଧାଡ଼ି।

# ସୁଖ୍‌ବିନ୍ଦରଙ୍କ ଧମାଲ୍ ସହ ଯୁବଉତ୍ସବ ଉଦ୍‌ଯାପିତ




**ସମ୍ବଲପୁର, ୮।୧ (ସମିସ) :** ଅଇଁଠାପାଲିସ୍ଥିତ ବୀର ବୀର୍ସା ମୁଣ୍ଡା ମଇଦାନରେ ଆଜି ସନ୍ଧ୍ୟାରେ ଦୁଇଦିନିଆ ୟୁଥ୍ ଫେଷ୍ଟିଭାଲ୍ ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ଲେ-ବ୍ୟାକ୍ ସିଙ୍ଗର୍ ସୁଖବିନ୍ଦର ସିଂ ମଞ୍ଚରେ ଧମାଲ ମଚାଇଲେ। ଗାୟକ ସୁଖବିନ୍ଦର ସିଂହ ବିଭିନ୍ନ ସୁପରହିଟ୍ ହିନ୍ଦୀ ଗୀତ ଗାଇଥିଲେ। ରମତା ଯୋଗୀ, ଆୟୋରେ ଆୟୋରେ, ରଙ୍ଗ୍ ବର୍‌ଷେ, ହେଲୋ ହେଲୋ ହୋ ଜାୟେଗା ପ୍ୟାର, ଉଡ଼ି ଉଡ଼ି ଯାଏ ଦିଲକି ପତଙ୍ଗ ଦେଖୋ ଉଡ଼ି ଉଡ଼ି ଯାଏ, ଜୟ ହୋ ଆଦି ଗୀତଗାଇ ଦର୍ଶକଙ୍କ ମନ ମୋହିଥିଲେ। ଏହାପୂର୍ବରୁ କୁମାର ବିକାଶ ଓ ମିସ୍ ଲୋରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗ ଦେଇଥିଲେ। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, କୁଚିଣ୍ଡା ଉପଜିଲ୍ଲାପାଳ ସି. ସରଭାନାନ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିସ ଶୁଭ୍ରା ପଣ୍ଡା, ଭାରତୀୟ ପୁଲିସ ସେବା ଶିକ୍ଷାନବିସ କୋମଳ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା। ଲୋକ ମହୋତ୍ସବ ସମିତି ସଂଯୋଜକ ଦୀପକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଦାବିରେ ଏସ୍‌ୟୁସିଆଇର ବିକ୍ଷୋଭ

**କୁଚିଣ୍ଡା, ୮। ୧(ସମିସ):** ଜନଜୀବନର ବଢ଼ିଚାଲିଥିବା ବିଭିନ୍ନ ସମସ୍ୟା ଓ ତାର ପ୍ରତିକାର ଦାବୀରେ ଏସୟୁସି ଆଇ (କମ୍ୟୁନିଷ୍ଟ) ବାମରା ବ୍ଲକ କମିଟି ତରଫରୁ ବାମରା ବ୍ଲକ ଅଫିସରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବାମରା ବିଡ଼ିଓଙ୍କୁ ୧୭ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ବଢ଼ିଚାଲିଥିବା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଆକାଶଛୁଆଁ ମୂଲ୍ୟବୃଦ୍ଧି ବନ୍ଦ କରିବା, ଚାଷୀଙ୍କ ଧାନ ବିକ୍ରିରେ ଦେଖାଦେଇଥିବା ଅବ୍ୟବସ୍ଥା ଦୂରକରି ମଣ୍ଡିରେ ଉପଯୁକ୍ତ ମୂଲ୍ୟରେ ସମସ୍ତ ଧାନକ୍ରୟ କରିବା, ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ସମସ୍ୟା ଦୁରକରି ସହାୟତା ପ୍ରଦାନ କରିବା, ବଢ଼ିଚାଲିଥିବା ଦାଦନ ସମାସ୍ୟ ଓ ମୃତ୍ୟୁକୁ ବନ୍ଦ କରିବା, ମନରେଗାରେ ଶ୍ରମିକଙ୍କୁ ବର୍ଷସାରା କାମ ଓ ସର୍ବନିମ୍ନ ମଜୁରୀ ୪୨୨ ଟଙ୍କା ପ୍ରଦାନ କରିବା, ଶ୍ରମିକ ବିରୋଧୀ ଶ୍ରମ କୋଡ଼ ବାତିଲ କରିବା, ଟାଟା ବିଦ୍ୟୁତ କମ୍ପାନୀର ମାନମୁଖୀ ବିଦ୍ୟୁତ୍ ବିଲ ଆଦାୟ, ସ୍ମାର୍ଟ ମିଟର, ଅତିରିକ୍ତ ସୁରକ୍ଷା ଜମା ଆଦି ଗ୍ରାହକ ଶୋଷଣ ନୀତି ବନ୍ଦ କରିବା, ବଢ଼ିଚାଲିଥିବା ନାରୀ ନିର୍ଯାତନା, ନାବାଳିକା, ଶିଶୁକନ୍ୟା ଧର୍ଷଣ, ହତ୍ୟା ବନ୍ଦ କରିବା ଓ ଦୋଷୀଙ୍କୁ କଠୋର ଦଣ୍ଡ ବିଧାନ କରିବା, ଯୁବ ସମାଜକୁ ପଥଭ୍ରଷ୍ଟ କରୁଥିବା ମଦ, ମାଦକ ଦ୍ରବ୍ୟର କାରବାର ବନ୍ଦ କରିବା, ବାମରାରେ ଉନ୍ନତମାନର ସରକାରୀ ଡାକ୍ତରଖାନା ନିର୍ମାଣ ଓ ସମସ୍ତପ୍ରକାର ଚିକିତ୍ସା ବ୍ୟବସ୍ଥା କରିବା, ଗୋବିନ୍ଦପୁରରୁ କର୍ଲାଖମାନ ରାସ୍ତା ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରିବା, ଲହରଙ୍ଗା ନଦୀରେ ଚେକ୍‌ଡ୍ୟାମ ନିର୍ମାଣ କରି ଜମିକୁ ଜଳସେଚନ କରିବା, ବନ୍ୟଜନ୍ତୁଙ୍କ ପ୍ରାଦୁର୍ଭାବରୁ ଲୋକଙ୍କର ଧନ ଜୀବନର ସୁରକ୍ଷା, କ୍ଷତିପୂରଣ ପ୍ରଦାନ ଇତ୍ୟାଦି ଦାବିରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏସୟୁସିଆଇ (କମ୍ୟୁନିଷ୍ଟ) ବାମରା ବ୍ଲକ କମିଟି ସମ୍ପାଦକ ଓ ଚାଷୀ ନେତା ଲକ୍ଷ୍ମୀନାରାୟଣ ଛତ୍ରିଆଙ୍କ ନେତୃତ୍ୱରେ ହରିହର ଟପ୍ପୋ, ଖଗେଶ୍ୱର ବିଶ୍ୱାଳ, ସୁବାଷ ମେହେର, ଦେବାନନ୍ଦ ବାଗ, ବିକ୍ରମ ଟପ୍ପୋ, ପୁଷ୍ପାଞ୍ଜଳି ନାଏକ ପ୍ରମୁଖଙ୍କ ସମେତ ବ୍ଲକର ଶତାଧିକ ଚାଷୀ, ମୂଲିଆ, ଶ୍ରମିକ ଓ ମହିଳା ବିକ୍ଷୋଭରେ ଯୋଗଦାନ କରିଥିଲେ। ବିକ୍ଷୋଭ ପୂର୍ବରୁ ବାମରା ଡାକବଙ୍ଗଳା ଛକରୁ ବିକ୍ଷୋଭ ପଟୁଆରରେ ବାହାରି ବ୍ଲକ ଅଫିସରେ ପହଁଞ୍ଚିଠିଚ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।ବିଡିଓଙ୍କ ଅନୁପସ୍ଥିତରେ ଅତିରିକ୍ତ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଘୋଷଣା କରାଯାଇଛି।




## ଦୁଇ ମହାପୁରୁଷଙ୍କ ଜୟନ୍ତୀ ଉତ୍ସବ

**ଜମନକିରା, ୮।୧ (ସମିସ):** ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଭାତପୁରାସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଧାନ ଶିକ୍ଷକ ରତନଲାଲ ସିଂହଙ୍କ ସଭାପତିତ୍ୱରେ ସାରସ୍ୱତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଦଗୁଦା ସାହିତ୍ୟ ସଂସଦର ସଭାପତି ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଦେବଗଡ଼ ଜିଲ୍ଲା ସାହାଜବାହାଲ ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ପାଣି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ସାମାଜିକ କର୍ମୀ ରଜନୀ ପଟେଲ, କବିୟିତ୍ରୀ ସୁସ୍ମିତା ପଟେଲ, ପଣ୍ଡିତ ଅଲେଖ କୁମାର ପତି ଓ ଯୁବ କବି ଶମ୍ଭୁନାଥ ସାହୁ ଯୋଗଦାନ କରିଥିଲେ। ବ୍ୟଙ୍ଗକବି ଯଦୁମଣୀ ମହାପାତ୍ର ଓ ବିଶିଷ୍ଟ ପରିବେଶବିତ୍ ପୂର୍ବତନ ମନ୍ତ୍ରୀ ବାଙ୍କବିହାରୀ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଉଭୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଅତିଥିଗଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ସାହିତ୍ୟ କୁଇଜ୍, କବିତା ରଚନା ସହ କବିତା ପାଠ କରିବା ଓ ସାହିତ୍ୟ ଆଧାରିତ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଖଗେଶ୍ୱର ନାଏକ ସ୍ୱାଗତ ଭାଷଣ ଦେଇଥିବାବେଳେ ଶିକ୍ଷକ ସୁମନ୍ତ ମହାକୁଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ସୁବ୍ରତ ପଣ୍ଡା ଅତିଥି ପରିଚୟ ପ୍ରଦାନ ଏବଂ ସମସ୍ତ ପ୍ରତିଯୋଗିତାକୁ ଶିକ୍ଷୟିତ୍ରୀ ମଧୁମିତା ବହିଦାର ଓ ଶିକ୍ଷକ କୈଳାସ ଗୌଡ଼ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ପ୍ରଦୀପ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

'ସମ୍ବଲପୁର ଲୋକ ମହୋତ୍ସବ' ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ବାର୍ତ୍ତା

## ଆର୍ଥିକ ଅଭିବୃଦ୍ଧି ସହ ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ସଂକଳ୍ପ: ଧର୍ମେନ୍ଦ୍ର

**ସମ୍ବଲପୁର, ୮।୧ (ସମିସ)**

ସମ୍ବଲପୁରର ଆର୍ଥିକ ଅଭିବୃଦ୍ଧି ସହ ଲୋକଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବା ଆମର ସଂକଳ୍ପ ବୋଲି 'ସମ୍ବଲପୁର ଲୋକ ମହୋତ୍ସବ -୨୦୨୬' ଅବସରରେ ଭିଡିଓ ବାର୍ତ୍ତା ମାଧ୍ୟମରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସମ୍ବଲପୁରର ସମୃଦ୍ଧ ସାହିତ୍ୟ, ସ୍ୱତନ୍ତ୍ର ସଂସ୍କୃତି ଏବଂ ଲୋକକଳାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ସମ୍ବଲପୁରର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟର 'ଡବଲ ଇଞ୍ଜିନ' ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ବୃହତ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ସହ ଏହାକୁ ଏକ ଆଧୁନିକ ଓ ବିକଶିତ ସହରରେ ପରିଣତ କରିବା ପାଇଁ ସଂକଳ୍ପ ଦୋହରାଇଛନ୍ତି। ସମ୍ବଲପୁରର ସଂସ୍କୃତିକୁ 'ମାଟିର ସଂସ୍କୃତି' ଭାବେ ଅଭିହିତ କରି ସେ କହିଛନ୍ତି ଯେ, ସମୃଦ୍ଧ ସାହିତ୍ୟ ଓ ସ୍ୱତନ୍ତ୍ର ସଂସ୍କୃତିର ସଫଳ ସମାହାର ହେଉଛି ସ୍ୱର୍ଣ୍ଣଗର୍ଭା ସମ୍ବଲପୁର। ଏଠାକାର ତିହାର୍, ପରବ ଏବଂ ଲୋକକଳା କେବଳ ମନୋରଞ୍ଜନ ନୁହେଁ, ବରଂ ଆମର ପରିଚୟ। ଏହି ପରିଚୟକୁ ବିଶ୍ୱ ଦରବାରରେ



ପହଞ୍ଚାଇବା ପାଇଁ 'ସମ୍ବଲପୁର ଲୋକ ମହୋତ୍ସବ' ଏକ ସୁନ୍ଦର ପ୍ରୟାସ। ଏହି ମହୋତ୍ସବ ସାମାଜିକ ସଂହତିର ପ୍ରତୀକ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ମିଳିମିଶି ଆନନ୍ଦ ଉଲ୍ଲାସର ସହ ପର୍ବକୁ ପାଳନ କରିବାର ଅବସର। ବିଶେଷ କରି ମହୋତ୍ସବ ସମୟରେ 'ୟୁଥ୍ ଫେଷ୍ଟିଭାଲ୍'ର ଆୟୋଜନ ଯୁବପିଢ଼ିଙ୍କୁ ନିଜର ଭାଷା ଓ ମୂଲ୍ୟବୋଧ ସହ ଯୋଡ଼ିବାରେ ସହାୟକ ହେବ, ଯାହା ଜାତୀୟ ଶିକ୍ଷା ନୀତି-୨୦୨୦ର ମୂଳ ଲକ୍ଷ୍ୟ। ଯେତେବେଳେ ସମ୍ବଲପୁରର ଯୁବ ପ୍ରତିଭାମାନେ 'ରଙ୍ଗବତୀ' ଓ 'ଡାଲଖାଇ' ଭଳି କଳା ପ୍ରଦର୍ଶନ କରନ୍ତି, ସେତେବେଳେ ଆମର ସଂସ୍କୃତି ସୁରକ୍ଷିତ ହାତରେ ଅଛି ବୋଲି ଅନୁଭବ ହୁଏ। ଲୋକମହୋତ୍ସବ ସହ ପଲ୍ଲିଶ୍ରୀ ମେଳାର ଆୟୋଜନ ପ୍ରଧାନମନ୍ତ୍ରୀଙ୍କ 'ଭୋକାଲ୍ ଫର୍ ଲୋକାଲ୍' ଏବଂ ଆତ୍ମନିର୍ଭର ଭାରତ ଅଭିଯାନକୁ ସଫଳ କରୁଛି। ସମ୍ବଲପୁରର ପ୍ରଗତି ହିଁ ବିକଶିତ ଓଡ଼ିଶାର ପଥ ପ୍ରଶସ୍ତ କରିବ ବୋଲି ମନ୍ତ୍ରୀ କହିବା ସହ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। 'ସମ୍ବଲପୁର ଲୋକ ମହୋତ୍ସବ' ମାଧ୍ୟମରେ କଳା, ସଂସ୍କୃତି ଓ ପରମ୍ପରାକୁ ଉଜାଗର କରୁଥିବାରୁ ଓଡ଼ିଶା ସରକାରଙ୍କ ସଂସ୍କୃତି, ପର୍ଯ୍ୟଟନ ବିଭାଗ ଏବଂ ଜିଲ୍ଲା ସଂସ୍କୃତି ପରିଷଦ, ସମ୍ବଲପୁରର ସମସ୍ତ ସଦସ୍ୟମାନଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି।



# ସମ୍ବଲପୁରୀ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ



**ସମ୍ବଲପୁର, ୮।୧ (ସମିସ) :** ଗଙ୍ଗାଧର ମଣ୍ଡପଠାରେ ସମ୍ବଲପୁରୀ ଧନୁଯାତ୍ରା କମିଟି ପକ୍ଷରୁ ତୃତୀୟ ବର୍ଷ ସମ୍ବଲପୁରୀ ଧନୁଯାତ୍ରା ନିମନ୍ତେ ପାରମ୍ପରିକ ରୀତିନୀତିରେ ସମ୍ବଲପୁର ବ୍ରହ୍ମ ପଣ୍ଡିତ ମହାସଭା ତରଫରୁ ମଞ୍ଚପୂଜା ଓ ଶୁଭସ୍ତମ୍ଭ ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଭାପତି ସଞ୍ଜୟ କୁମାର ବାବୁ ଓ କଂସ ଅଭିନେତା ଫଣୀନ୍ଦ୍ର ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର, ପଣ୍ଡିତ ଅମର ନାଥ ମିଶ୍ର, ପଣ୍ଡିତ କାଳିଦାସ ପଣ୍ଡା, ପଣ୍ଡିତ କାହ୍ନୁଚରଣ ଷଡ଼ଙ୍ଗୀ, ପଣ୍ଡିତ ଦୀପକ କୁମାର ପାଣିଗ୍ରାହୀ, ପଣ୍ଡିତ ହରେଶ ମିଶ୍ର ଓ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକାରୀ ସଭାପତି କମଳ ଲୋଚନ ପଣ୍ଡା, ସମ୍ପାଦକ ଗୁଣ ରଞ୍ଜନ ସାଲିମା, ନିର୍ଦ୍ଦେଶକ ବବଲୁ ବାଗ ଓ ପ୍ରଶାନ୍ତ ମହାରଣା, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଳ, ଉପସଭାପତି ରାମଦାସ ପଣ୍ଡା ଓ ଶଙ୍କର ବେହେରା, ସହସମ୍ପାଦକ ଓ ସହସମ୍ପାଦିକା ଦୁଷ୍ମନ୍ତ ପଣ୍ଡା ଓ ଲିଜିମା ମଲ୍ଲିକ, ସାଂସ୍କୃତିକ ସମ୍ପାଦକ ଯୋଗେଶ ନନ୍ଦ ଓ ଲକିତ ବେବର୍ତ୍ତା, ସୂର୍ଯ୍ୟ ପାଣିଗ୍ରାହୀ, ଚୈତନ୍ୟ ନାୟକ, ସନ୍ତୋଷ ରାୟଗୁରୁ, ସୌରୀ ପାଣିଗ୍ରାହୀ, କିଶୋର ଧରେଇ, ସ୍ୱାଧୀନ ପଣ୍ଡା, ରାହୁଲ ଗୁପ୍ତା, ହିମାଂଶୁ ସାହୁ, ସୁରେଖା ସାହୁ, ଶ୍ୱେତା ପଣ୍ଡା, ପ୍ରିୟଙ୍କା ପ୍ରଧାନ, ରଞ୍ଜନା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ଜାନୁଆରୀ ୧୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ସମ୍ବଲପୁରୀ ଧନୁଯାତ୍ରାରେ ସମ୍ବଲପୁର ନଗରୀ ମଥୁରା ନଗରୀ, ଗଙ୍ଗାଧର ମଣ୍ଡପ କଂସ ଦରବାର, ଚାଉଁରପୁର ଗୋପପୁର ଏବଂ ମହାନଦୀକୁ ଯମୁନା ନଦୀ ଭାବେ ବ୍ୟବହାର କରାଯିବ।

# ଧାନ ବିକ୍ରିରେ ଉତ୍କଟ ସମସ୍ୟା
# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି

**ସମ୍ବଲପୁର, ୮।୧(ସମିସ)**

ସମ୍ବଲପୁର ଉନ୍ନୟନ ପ୍ରାଧିକରଣର ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ପ୍ରେସ ବିବୃତି ଜରିଆରେ ଜଣାଇଛନ୍ତି, କୁଚିଣ୍ଡା ଉପଖଣ୍ଡ ସମେତ ସମଗ୍ର ସମ୍ବଲପୁର ଜିଲ୍ଲା ଏବଂ ଦେବଗଡ଼ ଜିଲ୍ଲାରେ ଚାଷୀମାନଙ୍କ ଧାନ ବିକ୍ରିରେ ଉତ୍କଟ ସମସ୍ୟା ସୃଷ୍ଟି ହୋଇଛି। ଏଦିଗରେ ମୁଖ୍ୟମନ୍ତ୍ରୀ ନିଜେ ହସ୍ତକ୍ଷେପ କରି ସମାଧାନ କରିବାକୁ ସେ ଦାବି କରିଛନ୍ତି। ବୁଧବାର ମିଲର୍‌ଙ୍କ ଧର୍ମଘଟର ଅବସାନ ହୋଇଛି। ଧାନ ବିକ୍ରି ସମସ୍ୟା ସ୍ୱାଭାବିକ ହେବ ବୋଲି ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାରିତ ହୋଇଛି। କିନ୍ତୁ ଗତ ତିନିଦିନ ପୂର୍ବରୁ ଅର୍ଥାତ୍ ମିଲରଙ୍କ ଧର୍ମଘଟ ହୋଇନଥିବା ସତ୍ତ୍ୱେ ଧାନବିକ୍ରିରେ ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ଦୃଢ଼ତା ସହିତ ଓ ସକ୍ରିୟତାର ଅଭାବରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। କୁଚିଣ୍ଡା ଉପଖଣ୍ଡର ମିଲର୍ ମାନଙ୍କ ଧର୍ମଘଟ ପୂର୍ବରୁ ବିଭିନ୍ନ ମଣ୍ଡିରେ ପ୍ରାୟ ୩ ଲକ୍ଷ ବସ୍ତା ଧାନ ପଡ଼ିରହିଛି। ଉଦାହରଣ ସ୍ୱରୂପ କୁସୁମୀ ମଣ୍ଡିରେ ପ୍ରାୟ ୨୯୪୮୫ ବସ୍ତା, ଭୋଜପୁର୍ ମଣ୍ଡିରେ ୧୮୦୦୦ ବସ୍ତା, ସାଲେଭାଡ଼ିରେ ୧୭୦୯୭ ବସ୍ତା, ବଙ୍କମାରେ ୨୫୧୪୦ ବସ୍ତା ଧାନ ବିକ୍ରି ହୋଇନପାରି ପଡ଼ିରହିଛି। ଏପରି ଅବସ୍ଥା ପ୍ରାୟତଃ ସମଗ୍ର ଉପଖଣ୍ଡରେ ରହିଛି। ଏହାସହିତ ଚାଷୀମାନଙ୍କୁ ଆବଶ୍ୟକୀୟ ଟୋକନ ମିଳିନାହିଁ ଏବଂ କଟ୍‌ନୀଛଟ୍‌ନୀ ଚାଲିଛି। କୁଚିଣ୍ଡା ଉପଖଣ୍ଡ ତଥା ନିର୍ବାଚନ ମଣ୍ଡଳୀ ଖୋଦ୍ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ଏପରି ଅବସ୍ଥା ଖୁବ୍ ଦୁର୍ଭାଗ୍ୟଜନକ ଅଟେ।

ଦେବଗଡ଼ ଜିଲ୍ଲାରେ ମଣ୍ଡିମାନଙ୍କରେ ଧାନ ବିକ୍ରି ତ ଦୂରର କଥା ଅଧିକାଂଶ ମଣ୍ଡି ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ଅଧିକାଂଶ ମଣ୍ଡିରେ ଧାନ ବିକ୍ରି ହେଉନାହିଁ। ବହୁସଂଖ୍ୟକ ଚାଷୀଙ୍କୁ ଟୋକନ ସୁଦ୍ଧା ମିଳିନାହିଁ। ସେହିପରି ସମ୍ବଲପୁରରେ ଜଳସେଚିତ ଅଞ୍ଚଳ ସହିତ ଅଣଜଳସେଚିତ ଅଞ୍ଚଳ ଏବଂ ରେଢ଼ାଖୋଲ ଉପଖଣ୍ଡରେ ଆବଶ୍ୟକ ଅନୁପାତରେ ଟୋକନ ଦିଆଯାଇନାହିଁ। ଧାନବିକ୍ରିରେ ଅଚଳାବସ୍ଥା ଲାଗିରହିଛି। ଏପରି ପରିସ୍ଥିତିରେ ସରକାରଙ୍କ ଘୋଷଣା ଅନୁସାରେ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଚାଷୀମାନେ ଅପେକ୍ଷା କଲେ ଜଳସେଚିତ ଅଞ୍ଚଳରେ ରବିଚାଷ ପାଇଁ ଆର୍ଥିକ ସଂକଟର ସମ୍ମୁଖୀନ ହେବେ ଏବଂ ଅଣସେଚିତ ଅଞ୍ଚଳରେ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ଦଲାଲ ମାନଙ୍କୁ ବିକ୍ରି କରି କ୍ଷତିଗ୍ରସ୍ତ ହେବେ। ସରକାରଙ୍କ ୩୧ ଶହ ଟଙ୍କା ଘୋଷଣା କେବଳ ଘୋଷଣାରେ ରହିଯିବ। ବର୍ତ୍ତମାନ ମଣ୍ଡି ଗୁଡ଼ିକରେ ଧାନ ଉଠାଇବା ସକ୍ରିୟତା ସହିତ ଚାଲୁ ରଖିବାକୁ ପ୍ରଶାସନ ତତ୍ପରତା ପ୍ରକାଶ କରିବା ଜରୁରୀ। ଏଣୁ କେବଳ ଯୋଗାଣ ବିଭାଗ ଉପରେ ନିର୍ଭର ନକରି ମୁଖ୍ୟମନ୍ତ୍ରୀ ଏହି ଉତ୍କଟ ସମସ୍ୟାର ସମାଧାନ କରିବାକୁ ଶ୍ରୀ ମହାନ୍ତି ଦାବି ଜଣାଇଛନ୍ତି।

# ଟାଉନ ହାଇସ୍କୁଲର ପ୍ରତିଷ୍ଠା ଦିବସ



**ସମ୍ବଲପୁର, ୮।୧ (ସମିସ) :** ନୃସିଂହ ଗୁରୁ ଟାଉନ ହାଇସ୍କୁଲର ପ୍ରତିଷ୍ଠା ଦିବସ ପୂର୍ବତନ ଛାତ୍ର ସଂସଦ ଦ୍ୱାରା ପାଳିତ ହୋଇଯାଇଛି। ଏଥିରେ ଆଲୁମିନି ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବାସହ ଛାତ୍ର ମାନଙ୍କୁ ଶୃଙ୍ଖଳିତ ହୋଇ ନିଜ ଲକ୍ଷ୍ୟ ପୂରଣ ଦିଗରେ କଠିନ ପରିଶ୍ରମ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ପ୍ରଧାନ ଶିକ୍ଷୟିତ୍ରୀ ମିନା କୁମାରୀ ମିଶ୍ର ପୂର୍ବତନ ଛାତ୍ର ସଂସଦର ଏଭଳି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଧନ୍ୟବାଦ ଦେବାସହ ସେମାନେ ପିଲା ମାନଙ୍କ ପ୍ରେରଣାର ଉତ୍ସ ହେବେ ବୋଲି ଆଶାପ୍ରକାଶ କରିଥିଲେ। ସଭାପତି ଡଃ ଦାନୀ ମହାପୁରୁଷ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଜୀବନ ଓ ଦର୍ଶନ ଅଧ୍ୟୟନ କରିବାକୁ କହିଥିଲେ। ପୂର୍ବତନ ଛାତ୍ର ଇଂ. ଜୟକୃଷ୍ଣ ନନ୍ଦ, ପ୍ରଫୁଲ୍ଲ ଗୁରୁ, କୈଳାସ ଚନ୍ଦ୍ର ବାରିକ, କୃଷ୍ଣଚନ୍ଦ୍ର ପତି ପ୍ରମୁଖ ଛାତ୍ରଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ, ରଚନା, ସଙ୍ଗୀତ, ନୃତ୍ୟ ତଥା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜୁନିଅର ଗ୍ରୁପରେ ନିର୍ମଳ ଲୁହା ଓ ସିନିୟର ଗ୍ରୁପରେ ଜୟପ୍ରକାଶ ବରାଡ ଚମ୍ପିଆନ ହୋଇଥିଲେ। ଶେଷରେ ଛାତ୍ରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଶିକ୍ଷୟିତ୍ରୀ ନନ୍ଦିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ନବ ଗଠିତ ସୋହେଲା ଏନ୍‌ଏସିର ନୂତନ ଇଓ ଭାବେ ବିଡିଓ କରିସ୍ମା ବେଶ୍ରା ନିଯୁକ୍ତ

**ସୋହେଲା, ୮।୧(ସମିସ):** ସୋହେଲାକୁ ରାଜ୍ୟ ସରକାର ନୂତନ ଭାବେ ଏନଏସି ଘୋଷଣା କରିଛନ୍ତି। ସୋହେଲା ପଞ୍ଚାୟତର ସୋହେଲା ସମେତ



ଇଛାପାଲି, ଧୂସରବାହାଲ, ହଳଦିପାଲି, ପିପିଲି ପାଲି ଗାଁକୁ ନେଇ ଏନଏସି ଗଠନ କରାଯାଇଛି। ବହୁ ପ୍ରତିକ୍ଷିତ ଏହି ଘୋଷଣା ପରେ ସୋହେଲାରେ ଖୁସିର ଲହରୀ ଖେଳି ଯାଇଛି। ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ବରଗଡ଼ର ଚିଠି ଅନୁସାରେ ଜିଲ୍ଲାପାଳ ସ୍ଥାନୀୟ ବିଡିଓ କରିସ୍ମା ବେଶ୍ରାଙ୍କୁ ଏହି ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏହାକୁ ତତ୍କାଳ ଲାଗୁ କରାଯିବା ପାଇଁ ଚିଠିରେ ନିର୍ଦ୍ଦେଶ ଦିଆ ଯାଇଛି। ଏପରିକି ବିଡିଓଙ୍କୁ ଅର୍ଥନୈତିକ କ୍ଷମତା ମଧ୍ୟ ପ୍ରଦାନ କରାଯାଇଛି। ଏବେ ବ୍ଲକ ଅଫିସରେ ଏନଏସିର ସମସ୍ତ କାର୍ଯ୍ୟ ଚାଲିବ ବୋଲି ଜଣାଯାଇଛି।

# କୁଚିଣ୍ଡା ଅଞ୍ଚଳରେ ପ୍ରବଳ ଶୀତ ଲହରୀ

**କୁଚିଣ୍ଡା, ୮।୧(ସମିସ):** ସାରା ରାଜ୍ୟରେ ଶୀତ ଲହରୀ ଜାରି ରହିଛି। ବହୁ ଗରିବ ଲୋକ ହାଡ଼ ଭଙ୍ଗା ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। କୁଚିଣ୍ଡାର ଆଭ୍ୟନ୍ତରୀଣ ବଣ ଜଙ୍ଗଲ, ପାହାଡ଼ ଘେରା



ଅଞ୍ଚଳରେ ଶୀତର ଆହୁରି ପ୍ରକୋପ ଦେଖା ଦେଉଥିବା ବେଳେ ବହୁ ଅଞ୍ଚଳରେ ତୁଷାରପାତ ହୋଇଥିବା ଜଣାପଡ଼ିଛି। ଲୋକ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ସ୍ଥାନେ ସ୍ଥାନେ ନିଆଁ ଜଳାଇ ପୁଆଉଁ ଥିବା ଦେଖାଯାଉଛି।ବୁଧବାର ଜରାବଗା ଅଞ୍ଚଳରେ ତୁଷାରପାତ ହୋଇ ଧାନ କେଣ୍ଡା, ନଡା ଉପରେ ବରଫ ଜମି ରହିଥିବା ଦେଖିବାକୁ ମିଳିଥିଲା। ଏପରିସ୍ଥଳେ କୁଚିଣ୍ଡାରେ ବେସାହାରା ବୁଲା ଭିକାରୀ, ପାଗଳ, ଗରିବ ଲୋକଙ୍କ ପାଖରେ ଶୀତ ବସ୍ତ୍ର ନାହିଁ। ଏନ୍‌ଏସି ପକ୍ଷରୁ ଏମାନଙ୍କୁ ଚିହ୍ନଟ କରି ରାତ୍ରି ଆଶ୍ରୟସ୍ଥଳୀରେ ଥଇଥାନ କରିବା ସହ ଶୀତବସ୍ତ୍ର ଯୋଗାଇ ଦେବାକୁ ଦାବି ହେଉଛି।

# ଆଜି କଳାମାଟିରେ ଭିମ୍‌ସାର ପକ୍ଷରୁ ବିଶାଳ ସ୍ୱାସ୍ଥ୍ୟ ଶିବିର

**ସମ୍ବଲପୁର, ୮।୧(ସମିସ):** ସମ୍ବଲପୁର କଳାମାଟିରେ ଶୁକ୍ରବାର ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି। ଏଥିରେ ଭିମ୍‌ସାର୍ ରୋଗୀଙ୍କ ପାଖରେ ପହଞ୍ଚିବ। ଭିମ୍‌ସାରର ୟୁଜି ଛାତ୍ର ସଂଘର ଏସଏସଜି ସୋସାଇଟି ତରଫରୁ ସମ୍ବଲପୁର କଳାମାଟିରେ ଏହି ବିଶାଳ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏଥିରେ ଭିମ୍‌ସାରର ୧୪ଟି ବିଭାଗର ୧୪ ଜଣ ବିଶେଷଜ୍ଞ ଡାକ୍ତର ଯୋଗଦେବେ। ସେହିଭଳି ପିଜି, ୟୁଜି ଛାତ୍ରଙ୍କ ସହ ହାଉସ ସର୍ଜନ ଡାକ୍ତରମାନେ ମଧ୍ୟ ସାମିଲ ହେବେ। ଭେଷଜ, ଅସ୍ଥିଶଲ୍ୟ, ହାଡ଼, ପ୍ରସୂତି, ଶିଶୁ, ଚର୍ମ, ଦନ୍ତ, ଚକ୍ଷୁ, କର୍ଣ୍ଣ-ନାସା-ଗଳା, ବୃକକ ଏବଂ ମାନସିକ ରୋଗ ଇତ୍ୟାଦି ବିଭାଗର ବିଶେଷଜ୍ଞମାନେ ଯୋଗ ଦେବେ। ସେହିଭଳି ଯୋଗ ବିଶେଷଜ୍ଞ ମଧ୍ୟ ସାମିଲ ହେବେ। ରକ୍ତ ଶର୍କରା, କୋଲେଷ୍ଟରୋଲ ଏବଂ ରକ୍ତଚାପ ପରୀକ୍ଷା କରାଯିବ। ନିଃଶୁଳ୍କ ଔଷଧ ପ୍ରଦାନ କରାଯିବ। ଶୁକ୍ରବାର ସକାଳେ ଏହି ଶିବିରକୁ ଭିମ୍‌ସାରର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ ମହାନ୍ତି ଉଦ୍‌ଘାଟନ କରିବେ। ଏସ୍‌ଏସ୍‌ଜିର ଉପସଭାପତି ସହକାରୀ ଅଧ୍ୟାପକ ଡାକ୍ତର ଶଙ୍କର ରାମଚନ୍ଦାନୀ ଏବଂ ସମ୍ପାଦକ ମଳୟ ରଞ୍ଜନ ଷଡ଼ଙ୍ଗୀ ଏହାର ପରିଚାଳନା ଦାୟିତ୍ୱ ନେଇଛନ୍ତି। ଲୋକେ ଏହି ବିଶାଳ ସ୍ୱାସ୍ଥ୍ୟ ଶିବିରର ସୁଯୋଗ ନେଇ ଉପକୃତ ହେବାକୁ ଡାକ୍ତର ଶଙ୍କର ରାମଚନ୍ଦାନୀ ଅନୁରୋଧ କରିଛନ୍ତି।

# ପୁଣି କମାଲ ଦେଖାଇଲେ ଅନ୍ତର୍ଜାତୀୟ ମାଷ୍ଟର କ୍ରୀଡ଼ାବିତ୍ ସନ୍ତୋଷ

**ବରଗଡ଼, ୮।୧(ସମିସ):** ଗୋଚ୍ଛିବୋଲୀ ନ୍ୟାସନାଲ ଷ୍ଟାଡିୟମ ହାଇଦ୍ରାବାଦ ଠାରେ ଗତ ୬ ଓ ୭ ତାରିଖ ଓପନ ଅଲ୍ ଇଣ୍ଡିଆ ମାଷ୍ଟର ଟ୍ରେକ ଆଣ୍ଡ ଫିଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏଥିରେ ଅନ୍ତର୍ଜାତୀୟ ମାଷ୍ଟର ଆଥଲେଟ୍ ଡ.ସନ୍ତୋଷ ପଧାନ ପ୍ରଥମ ବର୍ଷର ପ୍ରଥମ ଜାତୀୟ ମାଷ୍ଟର ଆଥଲେଟିକ୍ସରେ ହାଟ୍ରିକ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।




ଅଲ୍ ଇଣ୍ଡିଆ ମାଷ୍ଟର ସ୍ପୋର୍ଟ୍ସ ଫେଡେରେସନ ଦ୍ୱାରା ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାରେ ଡ.ସନ୍ତୋଷ ନିଜ ବର୍ଗ ବୟସର ବ୍ୟକ୍ତିଗତ ଇଭେଣ୍ଟ୍ ଟ୍ରିପଲ ଜମ୍ପ, ଶହେ ମିଟର ଏବଂ ୫୦ ମିଟର ଦୌଡରେ ପ୍ରଥମ ସ୍ଥାନ ହାସଲ କରି ୩ଟି ହାଟ୍ରିକ ସ୍ୱର୍ଣ୍ଣ ପଦକ ଅର୍ଜନ ଲାଭ କରିଛନ୍ତି। ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ପାଖାପାଖି ୭ ଶହରୁ ଉର୍ଦ୍ଧ୍ୱ ଉଭୟ ପୁରୁଷ ଏବଂ ମହିଳା ଆଥଲେଟ ଅଂଶଗ୍ରହଣ କରିଥିଲେ। ସନ୍ତୋଷ ଏହି ମିଟ୍‌ରେ ଏକ ନୂତନ ରେକର୍ଡ ହାସଲ କରି ଆଗାମୀ ବର୍ଷ ହେବାକୁ ଥିବା ୱାର୍ଲ୍ଡ ମାଷ୍ଟର ସ୍ପୋର୍ଟ୍ସ ଚାମ୍ପିଅନସିପରେ ଭାଗ ନେବା ପାଇଁ ଅଲ୍ ଇଣ୍ଡିଆ ମାଷ୍ଟର ସ୍ପୋର୍ଟସ ଫେଡେରେସନ ଦ୍ୱାରା ଚୟନ ହୋଇଛନ୍ତି। ସନ୍ତୋଷ ପୂର୍ବରୁ ମଧ୍ୟ ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ମାଷ୍ଟର ଖେଳ ପ୍ରତିଯୋଗିତା ମାନଙ୍କରେ ଅଂଶଗ୍ରହଣ କରି ନିଜ ଜିଲ୍ଲା, ରାଜ୍ୟ ତଥା ଦେଶ ପାଇଁ ଅନେକ ପଦକ ହାସଲ କରିଛନ୍ତି। ୨୦୨୬ରେ ହେବାକୁ ଥିବା ଆଗାମୀ ଜାତୀୟ ଓ ଅନ୍ତର୍ଜାତୀୟ ମାଷ୍ଟର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦେଶ ପାଇଁ ପୁଣି ପଦକ ହାସଲ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସେ ରିଜର୍ଭ ପୁଲିସ ବରଗଡ଼ ଠାରେ କାର୍ଯ୍ୟରତ ଅଛନ୍ତି।

# ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି

**ସୋହେଲା, ୮।୧ (ସମିସ):** ଆଗାମୀ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଗୁରୁବାର ପୂର୍ବାହ୍ନରେ ସୋହେଲା ବ୍ଲକ ଅଫିସର ସଭା ଗୃହରେ ଜାତୀୟ ଦିବସ ପାଳନ କମିଟି ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ କରିସ୍ମା ବେଶ୍ରା ଅଧ୍ୟକ୍ଷତା କରିଥିଲେ। ପ୍ରତିବର୍ଷ ସ୍ଥାନୀୟ ମିନିଷ୍ଟାଡିୟମ ଠାରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥାଏ। ମୁଖ୍ୟ ଅତିଥିଙ୍କ ଦ୍ୱାରା ମିନିଷ୍ଟାଡିୟମ ଠାରେ ଜାତୀୟ ପତାକା ଉତ୍ତୋଳନ ସହ ସ୍ଥାନୀୟ ମୁଖ୍ୟ ଛକ ଠାରେ ଥିବା ସତ୍ୟାଗ୍ରହୀ ସ୍ମାରକୀ ପୀଠରେ ଜାତୀୟ ପତାକା ଉତ୍ତୋଳନ, ପ୍ରଭାତଫେରୀ ସହିତ ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ, ମିଷ୍ଟାନ୍ନ ପ୍ରସ୍ତୁତି ଓ ବଣ୍ଟନ ଆଦି ଉପରେ ଆଲୋଚନା କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସଭାରେ ବିଡିଓ କରିସ୍ମା ବେଶ୍ରା, ତହସିଲଦାର ଶୁଭରଞ୍ଜନ ନାୟକ, ଅବସରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ଶିଶିର ସାହୁ, ଅଶ୍ୱିନୀ ପାତ୍ର, ଅନୀଲ ପଧାନ, ସୁଶାନ୍ତ ମିଶ୍ର, ଅଧ୍ୟାପକ ପ୍ରେମଚାନ୍ଦ ଦୁଆନ. ସୋହେଲା ଓକିଲ ସଂଘ ସଭାପତି ହାରାଧନ ବାଞ୍ଜି, ଆଡଭୋକେଟ ରୋହିତ ଦେବତା ଓ ଅଶୋକ ବାରିକ, କ୍ଷମାନିଧି ନାୟକ, ସୋହେଲା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀସେନ ଜେନା, ସବଜେଲର କୁଅର ଏକ୍କା, ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ହେମନ୍ତ ମେହେର, ପବ୍ଲିକ ସ୍କୁଲ ପ୍ରିନ୍ସିପାଲ ଲକ୍ଷ୍ମୀକାନ୍ତ ସାହୁ, ଅରବିନ୍ଦ ସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୀବ ରଣା ତଥା ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ ଅନୁଷ୍ଠାନର କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ମହାପାତ୍ର ପରିଚାଳନା କରିଥିଲେ। ବୈଠକରେ ବିଡିଓ କରିସ୍ମା ବେସରା ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ସର୍ବ ସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଜାତୀୟ ଦିବସ ଅବସରରେ ଅଞ୍ଚଳର ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା।

# ସୋହେଲା ବ୍ଲକ୍‌ର ପୂର୍ବତନ ଉପାଧ୍ୟକ୍ଷା ଯାଜ୍ଞସିନି ପାଣିଗ୍ରାହୀଙ୍କ ପରଲୋକ

**ସୋହେଲା, ୮।୧(ସମିସ):** ସୋହେଲା ବ୍ଲକର ପୂର୍ବତନ ଉପାଧ୍ୟକ୍ଷା ଯାଜ୍ଞସିନି ପାଣିଗ୍ରାହୀଙ୍କ ୭୬ ବର୍ଷ ବୟସରେ ପଲରୋକ ଘଟିଛି। ସ୍ୱର୍ଗତା ପାଣିଗ୍ରାହୀ ସୋହେଲାର ସ୍ୱନାମଧନ୍ୟ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ଦୁଖୀଶ୍ୟାମ



ପାଣିଗ୍ରାହୀଙ୍କ ଧର୍ମପତ୍ନୀ ଅଟନ୍ତି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନି ପୁଅ ଶୁଶାନ୍ତ, ଶଶିକାନ୍ତ, ସୁଜ୍ଞାନ୍ତ ସମେତ ନାତି ନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗତା ପାଣିଗ୍ରାହୀ ୧୯୯୨ରୁ ୧୯୯୫ ପର୍ଯ୍ୟନ୍ତ ସୋହେଲା ପଞ୍ଚାୟତର ସମିତି ସଭ୍ୟ ହେବାସହ ସୋହେଲା ବ୍ଲକର ଉପାଧ୍ୟକ୍ଷା ପଦବୀ ଅଳଙ୍କୃତ କରିଥିଲେ। ସେ ମଧ୍ୟ ସୋହେଲା ମହାବିଦ୍ୟାଳୟର ନିୟନ୍ତ୍ରକ ମଣ୍ଡଳୀର ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଜଣେ ଧର୍ମପ୍ରାଣ, ସରଳ, ମିଷ୍ଟଭାଷୀ ମହିଳା ଭାବେ ତାଙ୍କର ସୁନାମ ରହିଥିଲା। ତାଙ୍କର ବିୟୋଗରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ଶୋକ ପ୍ରକାଶ କରିଛନ୍ତି। ସୋହେଲା ଦୁର୍ଗାପୂଜା କମିଟି, ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ, ସାମ୍ବାଦିକ ସଙ୍ଘ, ଓକିଲ ସଂଘ ତରଫରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।

# ବୁଦ୍ଧଦେବ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ



**ଗାଇସିଲେଟ, ୮।୧(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଗନିଆପାଲି ପିଏମ୍‌ଶ୍ରୀ ବୁଦ୍ଧଦେବ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଗନିଆଁପାଲିରେ ପ୍ରଧାନଶିକ୍ଷକ ସୁରେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ପିଏମ୍‌ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଗାଇସିଲଟ ଚେୟାରମ୍ୟାନ ପ୍ରଣୟ ସାହୁ ଯୋଗ ଦେଇଥିଲେ। ଶିକ୍ଷକ ରମେଶ ସାହୁ ମୁଖ୍ୟବକ୍ତା ରୂପେ ଉପସ୍ଥିତ ଥିଲେ। ବାଜିରାଉତ ମେମୋରିଆଲ ମହାବିଦ୍ୟାଳୟ, ଭୁବନର ଓଡ଼ିଆ ଅଧ୍ୟାପକ ଆଲୋକ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗନିଆଁପାଲି ପଞ୍ଚାୟତ ସରପଞ୍ଚ ପୁଷ୍ପାଞ୍ଜଳୀ ବେହେରା, ଗାଇସିଲଟର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭୀଷ୍ମଦେବ ମାଝୀ, ଗାଇସିଲଟର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଲାଲ ବରିହା, ବ୍ୟଙ୍ଗକବି ଜ୍ଞାନ ହୋତା, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ଆଶୁତୋଷ ନାଗ, ପଞ୍ଚସଖା ଶିକ୍ଷା ସେତୁ ଅଭିଯାନର ସଭାପତି ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷାର୍ଥୀମାନେ ଟ୍ୟାଲେଣ୍ଟ ଗ୍ୟାଲେରୀ, ଇନସ୍ପାୟରିଂ ଓଡ଼ିଶା ୨୦୩୬, ଦୋକାନ ଯାତ୍ରା ମାଧ୍ୟମରେ ଭିନ୍ନଭିନ୍ନ କାର୍ଯ୍ୟକଳାପ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ 'ବୋଧଦ୍ରୁମ' ନାମକ ବିଦ୍ୟାଳୟ ପତ୍ରିକା ଉନ୍ମୋଚିତ ହୋଇଥିଲା। ସୃଜନିକା ଲେଖନୀରେ ଜୁଲି ବିଶ୍ୱାଳ, ଇଭା ବିଶ୍ୱାଳ ଓ ସୁନୀତି ସାହୁ ଯଥା କ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶିକ୍ଷକ ଯଶୋବନ୍ତ ଚୌହାନ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୪୦ ଫୁଟ ମୋବାଇଲ ଟାୱାରକୁ ଚଢ଼ିଗଲା ପ୍ରେମପାଗଳ

**ତରଭା, ୮।୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ସହରରେ ଗୁରୁବାର ଅପରାହ୍ନରେ ଏକ ରୋଚକ ଘଟଣା ଘଟିଛି। ତରଭା ମାରୱାଡି ଧର୍ମଶାଳା ପଛପଟେ ଥିବା ଏକ ମୋବାଇଲ ଟାୱାରକୁ ଜଣେ ଯୁବକ ଚଢ଼ି ଯାଇଥିଲା। ତରଭା ସୁନାରୀପଡ଼ାର ସୁମିତ ସାହୁ (୨୬) ନାମକ ଏହି ଯୁବକ ଜଣକ ଯେତେ ଡାକିଲେ ମଧ୍ୟ ତଳକୁ ଆସି ନ ଥିଲା। ଏହି ଖବର ପ୍ରଚାରିତ ହେବା ମାତ୍ରେ ମୋବାଇଲ ଟାୱାର ନିକଟରେ ଲୋକଙ୍କ ଭିଡ଼ ହୋଇଥିଲା। ଅଗ୍ନିଶମ କର୍ମଚାରୀ ଓ ପୁଲିସ ମଧ୍ୟ ପହଞ୍ଚି ଥିଲେ। ତେବେ ସୁମିତ ତା ମୋବାଇଲ ଧରି ଟାୱାରକୁ ଚଢ଼ି ଯାଇଥିଲା। ପ୍ରେମିକାକୁ ଡାକିଲେ ସେ ଓହ୍ଲାଇବ ବୋଲି ଜିଦ୍ କରିଥିଲା। ଶେଷରେ ପୁଲିସ ପ୍ରେମିକା ସହ ସୁମିତକୁ କଥା କରାଇ ଥିଲା। ଏହାପରେ ସେ ତଳକୁ ଓହ୍ଲାଇବାକୁ ରାଜି ହୋଇଥିଲା। ଫାୟାର ଅଫିସର ଅନୀଲ ମିଶ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଆଗ୍ନିକ ସାହେବ ଭୋଇ, ଆଗ୍ନିକ ସୁଶାନ୍ତ ବାରିକ ୧୪୦ ଫୁଟ ଟାୱାର ଉପରକୁ ଚଢ଼ି ସୁମିତକୁ ଉଦ୍ଧାର କରି ତଳକୁ ଆଣିଥିଲେ। ତଳକୁ ଆଣିବାପରେ ତାକୁ ଡାକ୍ତରଖାନା ନିଆଯାଇଥିଲା। ଉଦ୍ଧାର କାର୍ଯ୍ୟରେ ଆଗ୍ନିକ ଡ୍ରାଇଭର ହାବିଲଦାର ରତ୍ନାକର ପରିଡ଼ା, ଆଗ୍ନିକ ସଚିଦା ସାଇ, ଖଗେଶ୍ୱର ଦୀପ, ମନବୋଧ ସେଠ, ଲକ୍ଷ୍ମୀକାନ୍ତ ବାଗ, ପୁଲିସ ଏସ୍‌ଆଇ ରବୀନ୍ଦ୍ର ସାହୁ, ଏଏସ୍‌ଆଇ ସୁଧୀର ଜେନା, କନଷ୍ଟେବଲ କୈଳାସ ଭୋଇ, ସାନନ୍ଦ ମଲ୍ଲିକ ସାମିଲ ଥିଲେ।

**ପ୍ରେମିକା ସହ କଥା ହେଲା ପରେ ଓହ୍ଲାଇଲା**

**ପୁଲିସ, ଅଗ୍ନିଶମ ବିଭାଗ ନାକେଦମ**



# ବିଜେଡି ଟିମ୍‌ର ପର୍ଲା ଧାନ ମଣ୍ଡି ପରିଦର୍ଶନ



**ଧର୍ମଗଡ଼, ୮।୧(ସମିସ):** ବିଜେଡିର ଟିମ୍ ଧର୍ମଗଡ଼ ବ୍ଲକ ପର୍ଲା ଧାନ ମଣ୍ଡି ପରିଦର୍ଶନ କରିଛନ୍ତି। ବ୍ଲକ ସଭାପତି ଡାକେ ଲହଜଳଙ୍କ ନେତୃତ୍ୱରେ ଟିମ୍ ଆସି ଚାଷୀଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି।ଆଲୋଚନା ବେଳେ ପର୍ଲା ମଣ୍ଡିରେ ବିଭିନ୍ନ ସମସ୍ୟା ଥିବା ଜାଣିବାକୁ ପାଇଁ ଟିମ୍ କ୍ଷୁବ୍ଧ ପ୍ରକାଶ କରିଛି।ମିଳିଥିବା ସୂଚନା ମତେ ଚାଷୀଙ୍କୁ ବସ୍ତା ନମିଳିବା, ୫-୬କିଲୋ କଟ୍‌ନୀ ଛଟନୀ ହେବା, ବିଳମ୍ବରେ ଧାନ ଉଠିବା, କ୍ରମିକ ଭାବେ ଚାଷୀ ଙ୍କ ଧାନ ନନେଇ ଚିହ୍ନା ମୁହଁ ଦେଖି ଚାଷୀ ଙ୍କ ଧାନ ନେବା ଏପରିକି ଚାଷୀଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଭଳି ଟିମ୍ ଜାଣିବାକୁ ପାଇଥିଲା। ଏହା ଉପରେ ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ସହ ଟିମ୍ ଆଲୋଚନା କରିବ ବୋଲି ଶ୍ରୀ ଲହଜଳ ପ୍ରକାଶ କରିଛନ୍ତି।ସୂଚନା ଯେ ପର୍ଲା ମଣ୍ଡି ଦାୟିତ୍ୱ ଜୟ ଜଗନ୍ନାଥ ମହିଳା ଗୋଷ୍ଠୀଙ୍କୁ ଦିଆଯାଇଛି।ପ୍ରଥମ ପର୍ଯ୍ୟାୟରେ ସରକାର ୨୨, ୨୦୦୦କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ବ୍ୟବସ୍ଥା ରଖି ୫ ମିଲର୍ସକୁ ନିୟୋଜିତ କରିଛନ୍ତି। ମୋଟ ୧୦୪୭ଜଣ ଚାଷୀ ଧାନ କ୍ରୟ ପାଇଁ ପୁଞ୍ଜିକୃତ କରିଛନ୍ତି।ବର୍ତ୍ତମାନ ସୁଦ୍ଧା ୩୮୭ ଜଣ ଚାଷୀଙ୍କ ୧୫, ୨୫୮ କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ଜଣାପଡ଼ିଛି।ତେବେ ପରିଦର୍ଶନ ଟିମ୍‌ରେ ବିଜେଡି ଜିଲ୍ଲା ସମ୍ପାଦକ ଲବଣି ରାଉତ, ଯୁବନେତା ଭବାନୀ ଶଙ୍କର ବଣିଆ, ବ୍ଲକ ମହିଳା ସଭାନେତ୍ରୀ ମିଥିଳା ପୁଞ୍ଜି, ମମତା ବାଗ, ସୋସିଆ ହାତୀ, ନବୀନ କୁମାର ପୁରୋହିତ, ଅରୁଣ କୁମାର ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/17**

| ପୋଷ୍ଟର ନାମ | ମୂଳ ଖାଲି ପଦବୀ | ଅତିରିକ୍ତ ଖାଲି ପଦବୀ ଅନ୍ତର୍ଭୁକ୍ତ | ଅନ୍ତିମ ଖାଲି ପଦବୀ |
|---|---|---|---|
| ଭିପି ୱେଲ୍ଥ (ଏସଆରଏମ) | 506 | 76 | 582 |
| ଏଭିପି ୱେଲ୍ଥ (ଆରଏମ) | 206 | 31 | 237 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 | 43 | 327 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 10.01.2026# ପର୍ଯ୍ୟନ୍ତ।**

#23.12.2025 ରୁ 10.01.2026 ପର୍ଯ୍ୟନ୍ତ ବୃଦ୍ଧି ମଂଜୁର କରାଯାଇଛି

**ସ୍ଥାନ:** ମୁମ୍ବାଇ
**ତାରିଖ:** 31.12.2025
**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**

# ବାଲେଶ୍ୱରରେ ଏନ୍‌ସିସିର ସର୍ବଭାରତୀୟ ଟ୍ରେନିଂ କ୍ୟାମ୍ପ

ବାଲେଶ୍ୱର, ୮ ।୧(ସମିସ)

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି)ର ଓଡିଶା ନିର୍ଦ୍ଦେଶାଳୟପକ୍ଷରୁ ବାଲେଶ୍ୱର ଜିଲ୍ଲାର ବେଳାଭୂମିଅଞ୍ଚଳରେ ୯ ଦିନିଆ ସର୍ବଭାରତୀୟ ଜାତୀୟ ଟ୍ରେନିଂ କ୍ୟାମ୍ପ ଆୟୋଜିତ ହୋଇଛି। କଟକସ୍ଥିତ ଏନସିସି ଗ୍ରୁପ ଅଧିନ ଭଦ୍ରକ ସ୍ଥିତ ଓଡିଶାର ଦ୍ୱିତୀୟ ନାଭାଲ ୱିଙ୍ଗ ଏନସିସି ୟୁନିଟ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଏହି କ୍ୟାମ୍ପରେ ଏନସିସିର ୫ଟି ନିର୍ଦ୍ଦେଶାଳୟ ଅନ୍ତର୍ଗତ ହରିଆନା, ପଞ୍ଜାବ, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଓଡିଶା ଏବଂ ଉତ୍ତର ପୂର୍ବର ୭ଟି ରାଜ୍ୟରୁ ଦୁଇଟି ଗ୍ରୁପରେ ୫୫୦ଜଣ କ୍ୟାଡେଟ ଓ ଅଧିକାରୀ ଯୋଗଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସହର ଉପକଣ୍ଠ ଯୁଜେଷ୍ଟିପୁରସ୍ଥିତ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ପରିସରରେ ଉଦଘାଟିତ ହୋଇଯାଇଛି। ଏଥିରେ ଗ୍ରୁପ କ୍ୟାପଟେନ କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ୟାମ୍ପକୁ ଉଦଘାଟନ କରିବା ସହ ଯୋଗଦେଇଥିବା କ୍ୟାଡେଟମାନଙ୍କୁ ଉଦବୋଧନ ଦେଇଥିଲେ। କ୍ୟାଡେଟମାନଙ୍କ ମଧ୍ୟରେ ସାହସ, ଶୃଙ୍ଖଳା, ଆତ୍ମନିର୍ଭରଶୀଳତା ଏବଂ ଦଳଗତ ମନୋଭାବ ବିକଶିତ କରିବା ଏହି ଟ୍ରେନିଂ କ୍ୟାମ୍ପରର ମୁଖ୍ୟ ଉଦ୍ଦେଶ୍ୟ ବୋଲି କର୍ଣ୍ଣେଲ ସ୍ୱାଇଁ କହିଥିଲେ।





୨୦ହଜାର କ୍ୟାଡେଟଙ୍କୁ ନେଇ ଆରମ୍ଭ ହୋଇଥିବା ଏନସିସିରେ ସମ୍ପ୍ରତି୨୦ଲକ୍ଷ ସଦସ୍ୟ ରହିଛନ୍ତି। ସେହିପରି ଓଡିଶାରେ ୩୫ହଜାର କ୍ୟାଡେଟ ରହିଥିବା ବେଳେ ବିଭିନ୍ନ ସ୍କୁଲ କଲେଜରେ ଅଧିକ ୟୁନିଟ ଖୋଲି କ୍ୟାଡେଟ ସଂଖ୍ୟା ୭୫ହଜାରକୁ ବୃଦ୍ଧି ହେବ। ଆଗାମୀ ୪ରୁ ୫ବର୍ଷ ମଧ୍ୟରେ ଏହି ସଂଖ୍ୟା ଏକ ଲକ୍ଷକୁ ପହଂଚାଇବା ପାଇଁ ଲକ୍ଷ୍ୟ ରହିଛି ବୋଲି କର୍ଣ୍ଣେଲ ସ୍ୱାଇଁ ସୂଚନା ଦେଇଥିଲେ। ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧକ୍ଷ ସୁଧାଂଶୁ ଶେଖର ପଣ୍ଡା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସର୍ବଭାରତୀୟ ଏନସିସି କ୍ୟାମ୍ପ ଆୟୋଜନ ପାଇଁ ସ୍କୁଲକୁ ଦାୟିତ୍ୱ ମିଳିଥିବାରୁ ସେଅତ୍ୟନ୍ତ ଗର୍ବିତ ବୋଲି କହିଥିଲେ। ଦେଶର ୧୩ଟି ରାଜ୍ୟରୁ ଆସିଥିବା ଛାତ୍ରଙ୍କ ଏକତା ଓ ଶୃଙ୍ଖଳା ଜ୍ଞାନ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀଙ୍କ ସମେତ ବାଲେଶ୍ୱରର ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷଣୀୟ

**ଅଂଶଗ୍ରହଣ କରିଛନ୍ତି ୧୩ ରାଜ୍ୟର ୫୫୦ କ୍ୟାଡେଟ**

ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଦ୍ୱିତୀୟ ନାଭାଲ ୱିଙ୍ଗ ଏନସିସି ୟୁନିଟର କମାଣ୍ଡିଂ ଅଫିସର କମାଣ୍ଡର ସୁଦୀପ କୁମାର ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କ୍ୟାମ୍ପର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ଜିଲ୍ଲାର ଲୁକ୍କାୟିତ ଅବସ୍ଥାରେ ଥିବା ବିସ୍ତୀର୍ଣ୍ଣ ବେଳାଭୂମୀରେ କ୍ୟାଡେଟମାନେ ପର୍ଯ୍ୟାୟ କ୍ରମେ୬୫କିଲୋମିଟର ପର୍ଯ୍ୟନ୍ତ ଟ୍ରେନିଂ କରିବେ। ଏହା ସହିତ କ୍ୟାଡେଟମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯିବ,ଯାହା ଶାରୀରିକ ସୁସ୍ଥତା,କ୍ରୀଡା ମନୋଭାବ ଏବଂ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବ। ଏହି ଶିବିର ଓଡ଼ିଶା ନିର୍ଦ୍ଦେଶାଳୟ ଏବଂ ଅନ୍ୟାନ୍ୟ ନିର୍ଦ୍ଦେଶାଳୟର କ୍ୟାଡେଟମାନଙ୍କ ସହିତ ସାଂସ୍କୃତିକ ଆଦାନପ୍ରଦାନ ପାଇଁ ଏକ ଅନନ୍ୟ ସୁଯୋଗ ମଧ୍ୟ ପ୍ରଦାନ କରିବ ବୋଲି କମାଣ୍ଡର ସାହୁ ଆଶା ପ୍ରକାଶ କରିଥିଲେ। ପ୍ରାରମ୍ଭରେ କ୍ୟାଡେଟମାନେ ଗ୍ରୁପ କ୍ୟାପଟେନ କର୍ଣ୍ଣେଲ ସ୍ୱାଇଁଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରିଥିଲେ। ବିଭିନ୍ନ ୟୁନିଟରୁ ଆସିଥିବା ଅଧରକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମ ଗ୍ରୁପର୨୫୦ଜଣ କ୍ୟାଡେଟଙ୍କ ପାଇଁ ସିଦ୍ଧି ବିନାୟକ ସ୍କୁଲରେ ଓ ଦ୍ୱିତୀୟ ଗ୍ରୁପର କ୍ୟାଡେଟମାନଙ୍କ ପାଇଁ ଫକୀର ମୋହନ କଲେଜରେ କ୍ୟାମ୍ପିଂ ବ୍ୟବସ୍ଥା କରାଯାଇଛି। ଆସନ୍ତା୧୩ ଓ୧୫ତାରିଖ ସ୍ଥାନୀୟ ଟାଉନହଲ ଠାରେ ଦୁଇଟି ଗ୍ରୁପର ପୃଥକ ପୃଥକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କ୍ୟାମ୍ପ ସମାନ ସମାରୋହ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଜାତୀୟ ଯୁବ ଦିବସରେ ସଚେତନତା

ବାଲେଶ୍ୱର, ୮।୧(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ (ବିବେକାନନ୍ଦ ଜୟନ୍ତୀ) ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମଅନୁଷ୍ଠିତ ହୋଇଯାଇଛି। ଚକ ଜଗନ୍ନାଥପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁମନ୍ ଜେନା ଅଧକ୍ଷତା କରି ଜାତୀୟ ଆଇନସେବା ପ୍ରାଧିକରଣର ଡନ୍ ସ୍କିମ୍ ଅନୁଯାୟୀ ନିଶା ମୁକ୍ତ ଭାରତ ଗଠନ, ବାଲ୍ୟ ବିବାହ ନିରାକରଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଯୁବ ସାମ୍ବାଦିକ ଶୁଭଙ୍କର ପିରିଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୮।୧(ସମିସ): ଯୁବ ସାମ୍ବାଦିକ ଶୁଭଙ୍କର ପିରିର (ଗୁଡୁ) ପ୍ରଥମ ଶ୍ରଦ୍ଧାଞ୍ଜଳି ସଭା ରାଜା ବଗିଚା ସ୍ଥିତ ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରେଣ୍ୟ ଅତିଥି ଭାବେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରେମୁଣା ଏନସିସି ଅଧ୍ୟକ୍ଷା ତନୁଜା ଗିରି, ଉପାଧ୍ୟକ୍ଷ ଆୟସାନ ଖାଁ, ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା,ପଣ୍ଡିତ ମନ୍ମଥ ମିଶ୍ର, ଯୁବ ସଂଗଠକ ବିକ୍ରମ ପଣ୍ଡା, ମହାବୀର ଆଖଡ଼ା ସଂଘ ସଭାପତି ଗୋପିନାଥ ଶତପଥି, ଧୀରେନ୍ଦ୍ର ମହାପାତ୍ର, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଆଲୋକ କୁମାର ସାହୁ, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ,ଯୁବ ସଂଗଠକ ବିକାଶ ପାଢ଼ୀ, ସଂଘମିତ୍ରା ମହାନ୍ତି, ଭାସ୍କର୍ଯ୍ୟ ଶିଳ୍ପୀ ଉପେନ୍ଦ୍ର ଗିରି, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ କୁମାର ରାଉତ, ସମାଜସେବୀ ଯସଦା ନନ୍ଦନ ଆଶ, ଇମାମି କାଗଜ କଳର ବରିଷ୍ଠ ଲୋକସଂପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ, ବିଧାୟକ ପ୍ରାର୍ଥୀନୀ ବିଦ୍ୟାସ୍ମିତା ମହାଳିକ, ନାରୀନେତ୍ରୀ ରେଣୁ ବିଶ୍ୱାଳ, ଯୁବନେତା ଶୁଭେନ୍ଦୁ ଦାସ ମଙ୍ଗରାଜ, ସରପଞ୍ଚ ତାପସ ପାଣିଗ୍ରାହୀ, ପ୍ରଣତୀ ଜେନା, ମଞ୍ଜୁଶ୍ରୀ ଦାସ, ଇଂ କମଳଲୋଚନ ପଣ୍ଡା ପ୍ରମୁଖ ଯୋଗଦେଇ ଶୁଭଙ୍କରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ମୁଖ୍ୟ ଟ୍ରଷ୍ଟି ଲୋକନାଥ ପିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଥିବା ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଟ୍ରଷ୍ଟ ସଭାପତି ସରୋଜ ସାହୁ, ସମ୍ପାଦିକା ଅମିତା ପିରି, ଶକ୍ତି କୁମାର ଦାସ, ମଞ୍ଜୁଲତା ଦାସ, ଦେବାଶିଷ ରାୟ, ପ୍ରମୋଦ ସାହୁ, ସଞ୍ଜୟ ଦାସ, ନରୋତ୍ତମ ଦାସ, ଲଳିତା ପିରି, ପ୍ରିତିଲତା ପିରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଞ୍ଚଳିକ ପ୍ରତିଭା ବିକାଶ ସାଂସ୍କୃତିକ କାର୍ଯ୍ୟକ୍ରମ

ବାଲେଶ୍ୱର,୮ ।୧(ସମିସ): ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ପରିସରରେ ଆଂଚଳିକ ପ୍ରତିଭାଧର ତଥା କୁନି କୁନି ପିଲା ମାନଙ୍କ ମଧ୍ୟରେ ନୃତ୍ୟ ସଂଗୀତ, ରେମ୍ପୱାଲକ ଅନୁଷ୍ଠିତ ହୋଇଯାଇଛି। ଏହା ସହିତ ବାଲେଶ୍ୱର ଜିଲ୍ଲାରୁ ରାଜ୍ୟସ୍ତରୀୟ କଣ୍ଠଶିଳ୍ପୀ ଅମିତାଭ ଗିରି, ଦେବାଶିଷ ମହାନ୍ତି,ଶୁଭଶ୍ରୀ ସାହୁ, କଲ୍ୟାଣୀ ମଣ୍ଡଳ, ସତ୍ୟବ୍ରତ ଜେନା, ସୁହାନୀ ସାଇ ଜେନା, ରାଜେଶ ଦାସ, ଶୁଭ୍ରାଲୀନ ନାୟକ ପ୍ରମୁଖ ସଂଗୀତ ସଂଗୀତ ଏବଂ ସାତଟି ଗ୍ରୁପଡେନ୍ସ ମାନଙ୍କୁ ନେଇ ଷ୍ଟାର ନାଇଟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସେବାମୂଳକ କାର୍ଯ୍ୟ କମ୍ବଳ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାସିକ ସମ୍ବାଦଭିତିକ ପତ୍ରିକା'ସମୟରଚକ୍ର'ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ସର୍ବେଶ୍ୱର ଜେନାଙ୍କ ସଂଯୋଜନାରେ ବସ୍ତା ବିଧାୟିକା ସୁବାସିନୀ ଜେନା, ଯୁବନେତା ବିକ୍ରମ ପଣ୍ଡା,କବି ଅଭୟ ଦାସ, କବି ପ୍ରଶାନ୍ତ ଦାସ,ସାମ୍ବାଦିକ ବିପ୍ଳବ ମହାନ୍ତି, ବିକାଶ ପାଢୀ, ଡ ମଧୁମାଳା ଗିରୀ, ସୁମନ୍ତ ଜେନା, ସାହିରୁଲ ହକ, ସତ୍ୟନାରାୟଣ ନାୟକ, ଅରୁଣାଂଶୁ ପାଣିଗ୍ରାହୀ,କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ, ଲୁଲୁମୀନତୀ ସେଠୀ, ଆଶ୍ରିତା ତରେଇ, ଚିତ୍ରଶିଳ୍ପୀ କେଶୁ ଦାସ, ଗାଳ୍ପିକ ଶାନ୍ତନୁ ପଟ୍ଟନାୟକ,କାଳିକିଙ୍କର ଦାସ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ। ଆଂଚଳିକ ବିଭିନ୍ନ ୭ଟି ଡେନ୍ସ ଗ୍ରୁପ ୧୨୦ରୁ ଅଧିକ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେବା ସହ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସମ୍ପାଦିକା ସତ୍ୟଭାମା ଜେନା ଧନ୍ୟବାଦ ଦେଇଥିଲେ।

## ଇପିଏଫ୍ ପେନ୍‌ସନ୍‌ଭୋଗୀଙ୍କ ଦାବିପତ୍ର



ବାଲେଶ୍ୱର,୮ ।୧(ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ)ରୁ ମାସିକ ନଅହଜାର ଟଙ୍କା ପେନସନ ସହ ମହଙ୍ଗାଭତ୍ତା, ଦେଶର ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ଅନୁଯାୟୀ ଅଧିକ ବେତନ ପାଇଥିବା କର୍ମଚାରୀଙ୍କୁ ଆନୁପାତିକ ଅଧିକ ପେନସନ ଓ ସ୍ୱାସ୍ଥ୍ୟବୀମା ଦାବିରେ ବରିଷ୍ଠ ନାଗରିକମାନେ ଆଜି ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନର ଆହ୍ୱାନକ୍ରମେ ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା କମିଟିର ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଜଳଧର ପଣ୍ଡା, ପରମେଶ୍ୱର ପାତ୍ର, ଭୋଳାନାଥ ବେହେରା, ହରିହର ଆଚାର୍ଯ୍ୟ, ଫକୀର ସ୍ୱାଇଁ, ଶରତ ଦାସ, ଶ୍ୟାମସୁନ୍ଦର ଜେନା, ଶରତ ଚନ୍ଦ୍ର ଦଳାଇ, ଦୀପକ ପଟ୍ଟନାୟକ, ଅନିମେଶ ରାୟ, ସୋମନାଥ ବେହେରା, ସତ୍ୟନାରାୟଣ ସ୍ୱାଇଁ, ଶଶଧର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ମଧୁସୂଦନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## କୁରୁଡା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅନନ୍ୟାଙ୍କ ଧମାଲ



ବାଲେଶ୍ୱର, ୮।୧(ସମିସ): କୁରୁଡା ମହୋତ୍ସବର ଦ୍ୱିତୀୟ ଦିନରେ କଣ୍ଠଶିଳ୍ପୀ ଅନନ୍ୟାଙ୍କ ଧମାଲ ଦେଖିବାକୁ ମିଳିଛି। ଦର୍ଶକଙ୍କ ଉତ୍ସାହ ସହିତ ମହୋତ୍ସବ ଭିଡ଼ ଭିତରେ ଅନୁଷ୍ଠିତ ସାଂସ୍କୃତିକ ମହାମଞ୍ଚର ଶୀତୁଆ ସଂଧ୍ୟା ଆସରରେ ମୁଖ୍ୟଅତିଥି ଭାବରେ ଶ୍ରୀ ଜଗନ୍ନାଥ ପ୍ଲସ ଟୁ ସାଇନ୍ସ କଲେଜର ଅଧ୍ୟକ୍ଷ ଗଙ୍ଗାଧର ଜେନା , ଅନ୍ୟତମ ଅତିଥିଭାବେ ଯୁବ ସାମ୍ବାଦିକ କଞ୍ଚମଣୀ ସ୍ୱାଇଁ, ବକ୍ତା ଭାବରେ କ୍ଷେତ୍ରୀୟ ମହାସଂଘ ଓଡିଶାର ସମ୍ପାଦକ କମଳ ଲୋଚନ ରାଉତ, କୁରୁଡା ମହୋତ୍ସବର ସଂଯୋଜକ ସଞ୍ଜୟ ସାମନ୍ତ, ସହ କୋଷାଧ୍ୟକ୍ଷ ଅରୁଣ ମଲ୍ଲିକ, ସଦସ୍ୟ ମହେଶ ପାଣି ଯୋଗ ଦେଇ ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ମହୋତ୍ସବ କୁରୁଡା କୁହୁଡି ଚାଦର ତଳେ ରଙ୍ଗବେରଙ୍ଗ ଆଲୁଅରେ ସଜେଇ ହୋଇଥିବା ଦେଖିବାକୁ ମିଳିଥିଲା।

## ରେମୁଣା ଏନ୍‌ଏସିରେ ଗଡ଼ିଲା ୮ ଅଳିଆ ବୁହା ଗାଡ଼ି



### ନରହରିପୁରଠାରେ ସମ୍ପଦ ଓ ମଳ ଉପଚାର କେନ୍ଦ୍ର ଉଦ୍‌ଘାଟିତ

ରେମୁଣା, ୮।୧(ସମିସ): ରେମୁଣା ଏନଏସି ଅନ୍ତର୍ଗତ ନରହରିପୁରଠାରେ ସମ୍ପଦ ଓ ମଳ ଉପଚାର କେନ୍ଦ୍ରଠାରେ ଏନଏସିର ୧୩ଟି ୱାଡର୍ ପାଇଁ ୮ଟି ଅଳିଆ ବୁହା ଗାଡ଼ିଗୁଡ଼ିକୁ ଆନୁଷ୍ଠାନିକ ଭାବେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗ ଦେଇ ଶୁଭ ଉଦଘାଟନ କରିଛନ୍ତି। ଏହି ଅବସରରେ ସମ୍ପଦ ଓ ମଳ ଉପଚାର କେନ୍ଦ୍ର କାର୍ଯ୍ୟକ୍ଷମ ହେବା ସହ ଲୋକମାନଙ୍କର ଦୀର୍ଘଦିନର ଦାବିକୁ ଏନ ନଏସି ପକ୍ଷରୁ ପୂରଣ କରାଯାଇ ପ୍ରତି ୱାଡର୍‌କୁ ଅଳିଆ ସଂଗ୍ରହ ପାଇଁ ଗାଡ଼ି ଗୁଡ଼ିକୁ ଶୁଭାରମ୍ଭ କରାଯାଇଛି। ଲୋକମାନଙ୍କୁ ଅଧିକ ସଚେତନ କରିବା ପାଇଁ ସ୍ୱଚ୍ଛ ସାଥି ଏବଂ ସୁପରଭାଇଜର ମାନଙ୍କୁ ପ୍ରଶିକ୍ଷଣ ଦିଆ ଯାଇଛି। କିପରି ଗାଡ଼ିରେ ଓଦା ଅଳିଆ ଏବଂ ଶୁଖିଲା ଅଳିଆ ଘରୁ ଅଲଗା କରି ଅଳିଆ ଗାଡ଼ିରେ ଦେବେ, ସେଥିପାଇଁ ସେମାନଙ୍କୁ ଦୁଇଟି ଆବର୍ଜନା କୁଣ୍ଡ ଯଥା ଗୋଟିଏ ସବୁଜ ଓ ଅନ୍ୟଟି ନୀଳ ଆବର୍ଜନା କୁଣ୍ଡ ଦିଆଯାଇଛି। ସବୁଜ ଆବର୍ଜନା କୁଣ୍ଡରେ ଓଦା ଅଳିଆ ଓ ନୀଳ ଆବର୍ଜନା କୁଣ୍ଡରେ ଶୁଖିଲା ଅଳିଆ ରଖିବେ। ଗାଡ଼ି ତାଙ୍କ ଘର ନିକଟରୁ ଅଳିଆ ସଂଗ୍ରହ କରି ଉପଚାର କେନ୍ଦ୍ରର କର୍ମଚାରୀଙ୍କୁ ଦେବେ। ଆଜି ଉଦଘାଟନୀ ଉତ୍ସବରେ ସାଂସଦ ପ୍ରତିନିଧି ମହେଶ୍ୱର ପ୍ରଧାନ, ଅଧ୍ୟକ୍ଷା ତନୁଜା ଗିରି, କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ବିହାରୀ ଦାସ, ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସଂପ୍ରସାରଣ ଅଧିକାରୀ ସୁଲତାନ ଅଲ୍ଲୀ, ସମସ୍ତ କାଉନସିଲର, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, ମଳ ଉପଚାର କେନ୍ଦ୍ରର ଏସଏଚଜି ମହିଳା ପ୍ରମୁଖ ଉପସ୍ଥିତ ହୋଇଥିଲେ। କାଉନସିଲର ଲକ୍ଷ୍ମୀକାନ୍ତ ଦାସ ଓ ସଂସ୍ଥାର ଠିକାଦାର ରଞ୍ଜୁରାଣୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲିପୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାଲେଶ୍ୱର,୮ ।୧(ସମିସ): ସ୍ଥାନୀୟ ଗୁଡ ପଞ୍ଚାୟତର ବିଦେଇଠାରେ ଏକଦିବସୀୟ ଲିପୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ସାରଗାଁ ଟିମ ଓ ସାହାଦା ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିତି ସାରଗାଁ ଟିମ ପ୍ରଥମେ ବ୍ୟାଟିଂ କରି ୫ଓଭରରେ ୪ୱିକେଟ ହରାଇ ୯୬ରନ କରିଥିଲା। ଜବାବରେ ସାହାଦା ଟିମ ସମସ୍ତ ଓଭରରେ ୬ ୱିକେଟ ହରାଇ ୬୩ ରନ କରିବାକୁ ସମର୍ଥ ହୋଇଥିଲା। ପରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜେନ୍ଦ୍ର ରାଉତ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜୟନ୍ତୀ ମାଝୀ ଯୋଗଦେଇ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ମିର୍ଜାପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବାଲେଶ୍ୱର, ୮।୧ (ସମିସ): ମିର୍ଜାପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ମେରାଇନ ଥାନା ଆଇଆଇସି ନରେନ୍ଦ୍ର ପାଲ, ପୂର୍ବତନ ସରପଞ୍ଚ ତପନ ଜେନା, ଗାଁର ମୁରବୀ ବାସିତ ଅଲି ଖାନ, ସଦ୍ଦାମ ଅଲି ଖାନ, ଗୁଲଫାନ ଶାହ, ଶେଖ କରିମୁଲ୍ଲା, ସୁରେଶ କୁମାର ମାଝୀ ଓ ଶେଖ ସଦ୍ଦାମ ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଚେୟାରମ୍ୟାନ ଜାଭିଶ ଅଲି ଖାନ, ହେଡ୍ମିସ୍ ବିନୋଦି ବାରିକ, ଶିକ୍ଷକ ଗୁଲାମ ଗଉସ ଓ ସ୍ନେହା ପ୍ରଭା ସିଆଡ଼ୋ ଉପସ୍ଥିତ ଥିଲେ। ଚାନ୍ଦିପୁରର ପୂର୍ବତନ ୱାର୍ଡ ମେମ୍ବର ଓ ମିର୍ଜାପୁର ପ୍ରାଥମିକ ବିଦ୍ୟାଳୟର ଏସ୍‌ଏମ୍‌ସି କମିଟି ସଦସ୍ୟ ରମଜାନ ଅଲି ଖାନ, ଶେଖ ରିୟାଜ, ମହମ୍ମଦ ହାସନ, ଶାହନାରା ବିବି, ହିନା ବିବି ଯୋଗଦାନ ଦେଇଥିଲେ।

## 'ଭାରତୀୟ ଜ୍ଞାନ ପ୍ରଣାଳୀ' ଜାତୀୟ ଆଲୋଚନାଚକ୍ର




ବାଲେଶ୍ୱର, ୮।୧(ସମିସ): ଜ୍ଞାନ ବିଜ୍ଞାନ ଓ ବାସ୍ତବତା ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିବା ଆବଶ୍ୟକ। ଏ ଦିଗରେ ଶିକ୍ଷା ବ୍ୟବସ୍ଥା ଓ ଜ୍ଞାନର ପ୍ରଣାଳୀର ବଡ଼ ଭୂମିକା ରହିଛି ବୋଲି କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟରେ ଆୟୋଜିତ ଜାତୀୟ ଆଲୋଚନା ଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଝାନ୍‌ସୀ ଜେନା ସଭାରେ ପୌରୋହିତ୍ୟ କରିବା ସହ ସ୍ୱାଗତ ଅଭିଭାଷଣ ରଖିଥିଲେ। ଆଇକ୍ୟୁଏସି ସଂଯୋଜକ ଡ. ନାରାୟଣ ସୂରଜିତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟକାରୀ ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି "ଭାରତୀୟ ଜ୍ଞାନ ପ୍ରଣାଳୀ' ବିଷୟରେ ବକ୍ତବ୍ୟ ଦେଇ କହିଥିଲେ, ଆମ ପୂର୍ବଜଙ୍କ ଜ୍ଞାନ ଗରିମାର ଗାଥାକୁ ଦେଖି ଆମେ ପଛରେ ରହିଯିବା ଅର୍ଥ ନିଜକୁ ଠକିବା। ତେଣୁ ବିଜ୍ଞାନ ଓ ବାସ୍ତବତାକୁ ଧେୟ କରି ଆଗକୁ ବଢ଼ିବାକୁ ହେବ। ମୁଖ୍ୟବକ୍ତା ଭାବେ ଚେନ୍ନାଇସ୍ଥିତ ମାଡ୍ରାସ ଆଇଆଇଟି ପ୍ରଫେସର ସତ୍ୟସୁନ୍ଦର ସେଠୀ, ରାଞ୍ଚି କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡର ସଦସ୍ୟ ବୈଜ୍ଞାନିକ ସତ୍ୟବାନ ସାହୁ, ଫକୀରମୋହନ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ମନୋଜିତ ଭଟ୍ଟାଚାର୍ଯ୍ୟ ବିଭିନ୍ନ ଉଦାହରଣ ଦେଇ ଭାରତୀୟ ଜ୍ଞାନ ପ୍ରଣାଳୀ ଉପରେ ଦୀକ୍ଷାନ୍ତ ଭାଷଣ ରଖିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ତିନି ପ୍ରଫେସର ଡ. ଲମ୍ବୋଧର ଦେ, ଡ. ନିରାକାର ଜେନା, ଡ. ତ୍ରିବିକ୍ରମ ଷଡ଼ଙ୍ଗୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ଡ. ପୂଜା ଦାସ ଓ ସୁଦେଷ୍ଣା ଦାସ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ଡ. ଜ୍ୟୋତିର୍ମୟୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ରେଲୱେ ଇ-ଟିକଟର ବେଆଇନ କ୍ରୟବିକ୍ରୟ, ଜଣେ ଗିରଫ

ବାଲେଶ୍ୱର,୮।୧(ସମିସ)

ରେଲୱେ ଇ-ଟିକେଟର ବେଆଇନ କ୍ରୟ ଓ ବିକ୍ରୟ କରୁଥିବା ଲୋକକୁ ଆରପିଏଫ ବାଲେଶ୍ୱର ଚିହ୍ନଟ କରିଛି। ଏଥି ସହ ଏହି ଘଟଣାରେ ଜଣେ ବ୍ୟକ୍ତିକୁ ଗିରଫ କରିଛି। ଉପଲବ୍ଧ ତଥ୍ୟ ଅନୁସାରେ ବାଲେଶ୍ୱର ଆରପିଏଫ ପୋଷ୍ଟ ଦ୍ୱାରା ଜାରି କରାଯାଇଥିବା ନୋଟିସର ଉତ୍ତର ଆଧାରରେ ଆଜି ରାଧାବଲ୍ଲଭପୁର ରଙ୍ଗବତୀ ଗ୍ରାମ ନିବାସୀ ପିଓ ନିରୁପମା ଭୋଇ ସଠିକ୍ ପରିଚୟ ସହିତ ଆରପିଏଫ ପୋଷ୍ଟ ବାଲେଶ୍ୱରରେ ହାଜର ହୋଇଥିଲେ। ପୋଷ୍ଟ କମାଣ୍ଡର, ଆରପିଏଫଙ୍କ ତତ୍ତ୍ୱାବଧାନରେ ଗଠିତ ଆରପିଏଫ ପୋଷ୍ଟ ବାଲେଶ୍ୱର ଏବଂ ପିଆଇବି/ଖଡ଼ଗପୁରର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନେଇ ଗଠିତ ଏକ ମିଳିତ ତଦନ୍ତ ଦଳ ନିରୁପମା ଭୋଇଙ୍କୁ ରେଳବାଇ ଇ-ଟିକେଟ କ୍ରୟ ଏବଂ ଯୋଗାଣ ବିଷୟରେ ପଚରାଉଚରା କରିଥିଲେ। ସେ ପ୍ରକାଶ କରିଥିଲେ ଯେ ତାଙ୍କ ସ୍ୱାମୀ ସଞ୍ଜୟ ପଣ୍ଡା ରେଳବାଇ ଇ-ଟିକେଟ କ୍ରୟ ଏବଂ ଯୋଗାଣରେ ଜଡିତ ଥିଲେ ଏବଂ ଉକ୍ତ ଉଦ୍ଦେଶ୍ୟରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରୁଥିଲେ। ପରବର୍ତ୍ତୀ ସମୟରେ ସଂଜୟ ପଣ୍ଡା ସ୍ୱେଚ୍ଛାକୃତ ଭାବରେ ୬ ତାରିଖରେ ଆରପିଏଫ ପୋଷ୍ଟ ବାଲେଶ୍ୱରରେ ହାଜର ହୋଇଥିଲେ। ଯାଞ୍ଚ ସମୟରେ ସେ ସ୍ୱୀକାର କରିଥିଲେ ଯେ ନିରୁପମା ଭୋଇ ଏବଂ ସେ ଅନଲାଇନ୍ ରେଲୱେ ଟିକେଟ କାରବାର ପାଇଁ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରୁଥିଲେ। ସେ ଏହା ମଧ୍ୟ ସ୍ୱୀକାର କରିଥିଲେ ଯେ ତାଙ୍କ ନିଜ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରି ଅବୈଧ ରେଲୱେ ଇ-ଟିକେଟ କ୍ରୟ ଏବଂ ଯୋଗାଣରେ ତାଙ୍କର ସମ୍ପୃକ୍ତି ସମ୍ପର୍କରେ ପୂର୍ବରୁ ଏକ ଅଭିଯୋଗ ବିଷୟରେ ସେ ଅବଗତ ଥିଲେ। ଆରପିଏଫ ଦ୍ୱାରା ଗିରଫ ହେବାର ଆଶଙ୍କା କରି ସେ ଫେରାର୍ ହୋଇଯାଇଥିଲେ ଏବଂ ତା'ପରେ ରେଲୱେ ଇ-ଟିକେଟ ବୁକିଂ ପାଇଁ ତାଙ୍କ ପତ୍ନୀଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରିବା ଆରମ୍ଭ କରିଥିଲେ। ଏହା ପରେ ଆଉ ଏକ ଅଭିଯୋଗ ଆସିଥିଲା ଯେଉଁଥିରେ ତାଙ୍କ ପତ୍ନୀଙ୍କୁ ହାଜର ପାଇଁ ନୋଟିସ୍ କରାଯାଇଥିଲା, ଯାହା ପରେ ସ୍ୱାମୀ ଏବଂ ସ୍ତ୍ରୀ ଉଭୟ ଆରପିଏଫ ପୋଷ୍ଟ ବାଲେଶ୍ୱରରେ ଯୋଗ ଦେଇଥିଲେ। ସେ ରେଳବାଇ ଇ-ଟିକେଟ ବୁକିଂ ପାଇଁ ତାଙ୍କ ଦ୍ୱାରା ବ୍ୟବହୃତ ତିନୋଟି ବ୍ୟକ୍ତିଗତ ଆଇଆରସିଟିସି ୟୁଜର ଆଇଡି ବାବଦରେ ପ୍ରକାଶ କରିଥିଲେ ଏବଂ ଏଥିପାଇଁ ବ୍ୟବହୃତ ମୋବାଇଲ୍ ଫୋନ୍ ପ୍ରଦାନ କରିଥିଲେ। ଯାଞ୍ଚ ସମୟରେ ଗୋଟିଏ ଲାଇଭ୍ ରେଲୱେ ଇ-ଟିକେଟ ମୂଲ୍ୟ ୧୦୦୦ ଟଙ୍କା ଥିଲା। ତାଙ୍କ ନିକଟରୁ ୧,୪୭୯.୦୫/- ଟଙ୍କା ଏବଂ ୧୦,୮୭୩.୨୭/- ଟଙ୍କା ମୂଲ୍ୟର ସାତୋଟି ପୁରୁଣା/ବାତିଲ ହୋଇଥିବା ରେଳବାଇ ଇ-ଟିକଟ୍ ମିଳିଛି। ବ୍ୟବସାୟିକ ଉଦ୍ଦେଶ୍ୟରେ ରେଳବାଇ ଇ-ଟିକିଟ୍ କ୍ରୟ ଏବଂ ଯୋଗାଣରେ ନିୟୋଜିତ ହେବା ପାଇଁ ସେ କୌଣସି ବୈଧ କର୍ତ୍ତୃପକ୍ଷ କିମ୍ବା ଲାଇସେନ୍ସ ପ୍ରଦାନ କରିପାରି ନଥିଲେ। ତେଣୁ, ଉପଲବ୍ଧ ସାକ୍ଷୀଙ୍କ ଉପସ୍ଥିତିରେ ଉକ୍ତ ଇ-ଟିକିଟ୍ ଏବଂ ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା ଏବଂ ରେଳବାଇ ଆଇନର ଧାରା ୧୭୯(୨) ଅନୁଯାୟୀ ତାଙ୍କୁ ରେଳବାଇ ଆଇନର ଧାରା ୧୪୩ ଅନୁଯାୟୀ ଦଣ୍ଡନୀୟ ଅପରାଧ କରିବା ପାଇଁ ଗିରଫ କରାଯାଇଥିଲା। ଏହି ସମ୍ପର୍କରେ, ଆରପିଏଫ୍ ପୋଷ୍ଟ ବାଲେଶ୍ୱର ରେଳବାଇ ଆଇନର ଧାରା ୧୪୩ ଅନୁଯାୟୀ ମାମଲା ନଂ ୨୧/୨୬ ତାରିଖ ୦୬.୦୧.୨୦୨୬ ରେ ପଞ୍ଜୀକୃତ କରିଥିଲା। ଅଭିଯୁକ୍ତଙ୍କୁ ଅଧିକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବାଲେଶ୍ୱର ଏସଡିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/17

| ପୋଷ୍ଟର ନାମ | ମୂଳ ଖାଲି ପଦବୀ | ଅତିରିକ୍ତ ଖାଲି ପଦବୀ ଅନ୍ତର୍ଭୁକ୍ତ | ଅନ୍ତିମ ଖାଲି ପଦବୀ |
|---|---|---|---|
| ଭିପି ୱେଲ୍ଥ (ଏସଆରଏମ) | 506 | 76 | 582 |
| ଏଭିପି ୱେଲ୍ଥ (ଆରଏମ) | 206 | 31 | 237 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 | 43 | 327 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 10.01.2026* ପର୍ଯ୍ୟନ୍ତ ।**

*23.12.2025 ରୁ 10.01.2026 ପର୍ଯ୍ୟନ୍ତ ବୃଦ୍ଧି ମଂଜୁର କରାଯାଇଛି

**ସ୍ଥାନ:** ମୁମ୍ବାଇ
**ତାରିଖ:** 31.12.2025
**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ)**

'ଆମ ବସ' ଅଡୁଆ

# ତେଜିଲା 'ଗଟସେଲ' ଓ 'କ୍ରୁଟ' ବିବାଦ

ବ୍ରହ୍ମପୁର,୮।୧(ସମିସ): ଗୋପାଳପୁରକୁ 'ଆମବସ' ଚଳାଚଳ ଆରମ୍ଭ କରିଛି। ପୂର୍ବରୁ ଏହି ବସ କରାପଲ୍ଲୀ ପର୍ଯ୍ୟନ୍ତ ଯାଇ ପୁଣି ବ୍ରହ୍ମପୁରକୁ ଫେରୁଥିଲା। ତେବେ ହଠାତ୍ କୌଣସି ଆଗୁଆ ନୋଟିସ ନ ଦେଇ ଗୋପାଳପୁରକୁ ଆମବସ ଚଳାଚଳ ନେଇ କ୍ରୁଟ କର୍ତ୍ତୃପକ୍ଷଙ୍କ ରାତିଅଧିଆ ନିଷ୍ପତ୍ତିକୁ ନେଇ ସୃଷ୍ଟି ହୋଇଛି ବିବାଦ। ସ୍ଥାନୀୟ ସିଟି ହସ୍ପିଟାଲ ଛକ ଠାରେ 'ଗଟସେଲ' ବସର କର୍ମଚାରୀମାନେ ଗୋପାଳପୁର ଯାଉଥିବା ସମସ୍ତ ଆମବସକୁ ଅଟକାଇଥିଲେ। ଫଳରେ କିଛି ସମୟ ପାଇଁ ଘଟଣା ସ୍ଥଳରେ ଟ୍ରାଫିକ ସମସ୍ୟା ସହିତ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଖବର ପାଇ ଟ୍ରାଫିକ ଥାନା ପୁଲିସ ହସ୍ତକ୍ଷେପ କରି ବୁଝାମଣା କରିଥିଲା। ପ୍ରକାଶ ଯୋଗ୍ୟ ଯେ' ପୂର୍ବରୁ ବିଇଡିଏ ଅଧିନରେ ଥିବା 'ଗଟସେଲ' ଗଞ୍ଜାମ ଅର୍ବାନ ଟ୍ରାନ୍ସପୋର୍ଟ ସର୍ଭିସ ଲିମିଟେଡ ପକ୍ଷରୁ ସହରରୁ ବିଭିନ୍ନ ସ୍ଥାନକୁ ସିଟିବସ ଚଳାଚଳ କରାଯାଉଥିଲା। ଯାହାକୁ ପରବର୍ତ୍ତି ସମୟରେ ଟେଣ୍ଡର ଯୋଗେ ଘରୋଇ ସଂସ୍ଥାକୁ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ବ୍ରହ୍ମପୁର, ଛତ୍ରପୁର ଓ ଗୋପାଳପୁର ମଧ୍ୟରେ ୨୨ଟି ବସ ଚଳାଚଳ ପାଇଁ ଜୁନ ୨୦୨୨ମସିହାରେ ରାମକୃଷ୍ଣ ସାହୁ ଓ ଗଟସେଲ ମଧ୍ୟରେ ୫ବର୍ଷିଆ ଚୁକ୍ତିନାମା ହୋଇଥିଲା। ଯାହାର ଅବଧି ଜୁନ୍ ୨୦୨୭ ପର୍ଯ୍ୟନ୍ତ ବଳବତ୍ତର ରହିଛି। ଚୁକ୍ତିନାମା ପ୍ରକାରେ ୨୨ଟି ସିଟି ବସ ପାଇଁ ରାମକୃଷ୍ଣ ସାହୁକୁ ମାସିକ ୩୦ହଜାର ଟଙ୍କା ଗଟସେଲରେ ପୈଠ କରିବାକୁ ପଡୁଛି। ତେବେ ୨୨ଟି ବସ ସ୍ଥାନରେ ବର୍ତ୍ତମାନ ୧୬ଟି ବସ ଚାଲୁଥିବା ବେଳେ



ରାମକୃଷ୍ଣଙ୍କୁ କ୍ଷତି ସହିବାକୁ ପଡୁଛି। ପୂର୍ବରୁ ମଧ୍ୟ ଥରେ ଆମବସକୁ ଗୋପାଳପୁର ପର୍ଯ୍ୟନ୍ତ ଚଳାଚଳ କରିବାକୁ ଉଦ୍ୟମ କରାଯାଇଥିବା ବେଳେ ଘରୋଇ ସଂସ୍ଥା ପକ୍ଷରୁ ବିରୋଧ କରାଯିବାରୁ କ୍ରୁଟ କର୍ତ୍ତୃପକ୍ଷ ଏଥିରୁ ନିବୃତ୍ତ ରହିଥିଲେ। ତେବେ ଗତ ରାତିରେ ହଠାତ ତରବରିଆ ନିଷ୍ପତ୍ତି ନେଇ କ୍ରୁଟ କର୍ତ୍ତୃପକ୍ଷ ବିନା କୌଣସି ନୋଟିସରେ ଗୁରୁବାର ପୂର୍ବାହ୍ନରେ ବ୍ରହ୍ମପୁର ଠାରୁ ଗୋପାଳପୁରକୁ ୬ଟି ବସ ଚଳାଚଳ ଆରମ୍ଭ କରିଥିଲେ। ଯାହାକୁ ଦେଖି ଗଟସେଲ ସହିତ ଚୁକ୍ତିବଦ୍ଧ ଥିବା ଘରୋଇ ସଂସ୍ଥା ତଥା ସିଟି ବସର କର୍ମଚାରୀମାନେ ଗୋପାଳପୁର ଯାଉଥିବା ଆମବସ ଗୁଡିକୁ ଅଟକାଇଥିଲେ। ଫଳରେ ଦିର୍ଘ ସମୟ

- ଗଟସେଲ ଓ ଘରୋଇ ସଂସ୍ଥା ମଧ୍ୟରେ ରହିଛି ୫ବର୍ଷିଆ ଚୁକ୍ତି
- ବିନା ନୋଟିସରେ ଗାଡ଼ି ଚଳାଚଳ ନେଇ ରାତିଅଧିଆ ନିଷ୍ପତ୍ତିକୁ ବିରୋଧ
- 'ଆମ ବସ୍'କୁ ଅଟକାଇ ଅସନ୍ତୋଷ ବ୍ୟକ୍ତ କଲା ଘରୋଇ ସଂସ୍ଥା

ଧରି ବସ ଗୁଡିକ ରାସ୍ତା ଉପରେ ଅଟକି ଟ୍ରାଫିକ ଜାମ ସହିତ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପରବର୍ତ୍ତି ସମୟରେ ଯଦିଓ ଟ୍ରାଫିକ ଇନ୍ସପେକ୍ଟର ଘଟଣାରେ ହସ୍ତକ୍ଷେପ କରି ବୁଝାସୁଝା କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଗଟସେଲ ସହିତ ଘରୋଇ ସଂସ୍ଥାର ଚୁକ୍ତିର ଅବଧି ରହିଥିବା ବେଳେ ହଠାତ ଏଭଳି ନିଷ୍ପତ୍ତି ବେନିୟମ। ପୂର୍ବରୁ ଯଦିଓ ଗଟସେଲକୁ କ୍ରୁଟ ସହିତ ମିଶ୍ରଣ କରାଯିବ ବୋଲି କୁହାଯାଉଛି ତେବେ ତାହା ହୋଇନାହିଁ। ଏଭଳି ସ୍ଥିତିରେ ସିଟିବସ ଦାୟିତ୍ୱରେ ଥିବା ସଂସ୍ଥାକୁ କ୍ଷତି ସହିବାକୁ ପଡିବ। ଏନେଇ ଜିଲ୍ଲାପାଳ ତଥା 'ଗଟସେଲ'ର ଅଧ୍ୟକ୍ଷ ନିଜେ ସମାଧାନର ବାଟ ବାହାର କରିବାକୁ ଉଚିତ। ସେପଟେ 'କ୍ରୁଟ'ର ସହକାରୀ ଡିପୋ ମ୍ୟାନେଜର କିଶାନ ଦାଶଙ୍କ ସହ ଯୋଗାଯୋଗ କରାଯିବାରେ ସେ ଏନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି। ତାଙ୍କର କହିବା କଥା ହେଲା ବ୍ରହ୍ମପୁରକୁ ଖୁବ୍ ଶୀଘ୍ର ୫୦ଟି ଆମବସ ଆସୁଛି। ସେଥିମଧ୍ୟରୁ ୨୩ଟି ନୂଆ ବସ ଆସିସାରିଛି। ଆମବସ ପ୍ରତି ଯାତ୍ରୀଙ୍କ ଆଗ୍ରହ ଓ ଦାବିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା 'ଗଟସେଲ'ର ଅଧ୍ୟକ୍ଷ ଭି. କିର୍ତ୍ତି ଭାସନଙ୍କ ପରାମର୍ଶ କ୍ରମେ ଗୋପାଳପୁରକୁ ଗାଡି ଚାଳାଚଳ ଆରମ୍ଭ କରାଯାଇଛି। ସମସ୍ତ ଗାଡି ଶୀତତାପ ନିୟନ୍ତ୍ରିତ ଓ ବ୍ୟାଟେରୀ ଚାଳିତ ଥିବା ବେଳେ କିଲୋମିଟର ପିଛା ୫ଟଙ୍କା ହିସାବରେ ଟିକେଟ ମୂଲ୍ୟ ଧାର୍ଯ୍ୟ କରାଯାଇଛି। ଯାହା ସିଟିବସ ଠାରୁ ଯଥେଷ୍ଟ ଅଧିକ। ପୂର୍ବରୁ କରାପଲ୍ଲୀ ପର୍ଯ୍ୟନ୍ତ ଯାଉଥିବା ସମସ୍ତ ୬ଟି ବସର ରୁଟକୁ ବର୍ତ୍ତମାନ ଗୋପାଳପୁର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଆଗକୁ ଅଧିକ ବସ ଆସିଲେ ଏହି ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାର ସମ୍ଭାବନା ଥିବା ସେ ସୂଚନା ଦେଇଛନ୍ତି।

## ପୁଲିସ କବଜାରେ ୪ ଲୁଟେରା

- ସୁନା ଅଳଙ୍କାର ଓ ଟଙ୍କା ଜବତ

ବ୍ରହ୍ମପୁର,୮।୧(ସମିସ): ନିମଖଣ୍ଡି ଥାନା ପୁଲିସ କବଜାରେ ୪ଜଣିଆ ଲୁଟେରା ଗ୍ୟାଙ୍ଗ। ସହରର ୩ଟି ଟଙ୍କା ଓ ସୁନା ଅଳଙ୍କାର ଲୁଟ୍ ମାମଲାରେ ଏମାନଙ୍କ ସମ୍ପୃକ୍ତି ରହିଥିବା ପୁଲିସ ତଦନ୍ତ ବେଳେ ଜଣାପଡିଛି। ତଦନ୍ତରେ ବାଧାପ୍ରାପ୍ତ ହେବା ଆଶଙ୍କାରୁ ପୁଲିସ ସେମାନଙ୍କ ନାମ ଗୁପ୍ତ ରଖିଛି। ପୁଲିସ କବଜାରେ ଥିବା ଲୁଟେରାଙ୍କ ମଧ୍ୟରେ ଜଣେ ବଡବଜାର ଥାନା ଅଞ୍ଚଳରେ ଆଉ ଦୁଇ ଜଣ ଟାଉନ ଥାନା ଅଞ୍ଚଳରେ ଆଉ ଜଣେ ସୁନା ରିସିଭର ବୋଲି ଜଣାପଡିଛି। ପୁଲିସ ସେମାନଙ୍କ ଠାରୁ ସୁନା ଅଳଙ୍କାର ଓ ଟଙ୍କା ଜବତ କରିଛି। ବର୍ତ୍ତମାନ ଏହି ଲୁଟେରାଙ୍କୁ ନେଇ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ନିମଖଣ୍ଡି ଥାନା, ଟାଉନ ଥାନା ଅଞ୍ଚଳ ସମେତ ବିଭିନ୍ନ ଥାନା ଅଞ୍ଚଳରେ ଏକାଧିକ ଲୋକଙ୍କ ଠାରୁ ସୁନା ଅଳଙ୍କାର ଓ ଟଙ୍କା ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଲୁଟ୍ ମାମଲା ବୃଦ୍ଧି ପାଇବା ଦେଖି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ସମସ୍ତ ଥାନା ଅଧିକାରୀଙ୍କୁ ନିଜ ଥାନା ଅଞ୍ଚଳରେ ଜୋରଦାର ପାଟ୍ରୋଲିଂ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିକ୍ରମରେ ସମସ୍ତ ଥାନା ଅଧିକାରୀମାନେ ସମ୍ପୃକ୍ତ ଲୁଟେରାଙ୍କୁ ଧରିବା ପାଇଁ ଟିମ୍ ଗଠନ କରି ଘଟଣା ସ୍ଥଳରୁ ଜବତ ହୋଇଥିବା ସିସିଟିଭି ଫୁଟେଜ୍‌କୁ ନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ।

## ଦୁଇ ତାଲାବନ୍ଦ ଘର ଓ ଦୋକାନରୁ ଚୋରି

ବ୍ରହ୍ମପୁର,୮।୧(ସମିସ): ବ୍ରହ୍ମପୁର ସହରର ବିଭିନ୍ନ ଅଞ୍ଚଳରେ ଥିବା ତାଲାବନ୍ଦ ଘର ଓ ଦୋକାନରୁ ଚୋରି ହୋଇଛି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜ୍ୟୋତିନଗର ଷଷ୍ଠ ଲାଇନରେ ଭଡାଘରେ ରହୁଥିବା ସୁବ୍ରତ କୁମାର ପଣ୍ଡା ନିଜ ପରିବାର ସହ ଗାଁକୁ ଚାଲି ଯାଇଥିଲେ। ଘରେ କେହି ନଥିବାରୁ ତାଲା ପଡିଥିଲା। ୨ ଦିନ ତଳେ ପରିବାର ଲୋକେ ବ୍ରହ୍ମପୁର ଫେରିବା ପରେ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ଯାଞ୍ଚ ପରେ ତାଙ୍କ ଘରୁ ନଗଦ ୧ଲକ୍ଷ ୩୦ହଜାର ଟଙ୍କା ସହ ସୁନା ଚୁଡି, କାନଫୁଲ, ମୁଦି ସହ ୨୫ଗ୍ରାମର ସୁନା ଅଳଙ୍କାର, ରୂପା ଅଳଙ୍କାର ଚୋରି ହୋଇଥିବା ଜଣାପଡିଥିଲା। ସେହିପରି ଏହି ଥାନା ଅନ୍ତର୍ଗତ ଜୟପ୍ରକାଶନଗର ଛକଠାରେ ଥିବା ଟୁକୁନା ସାହୁଙ୍କ ଚା ଓ ପାନ ଦୋକାନରୁ ନଗଦ ୨୭ହଜାର, ଗୋଟିଏ ମୋବାଇଲ ଟଙ୍କା ସହ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରାୟ ୪୦ହଜାର ଟଙ୍କାର ସାମଗ୍ରୀ ଓ ନଗଦ ୨୭ହଜାର ଟଙ୍କା ଚୋରି ହୋଇଥିବା ନେଇ ଟୁକୁନା ଥାନାରେ ଅଭିଯୋଗ କରିଛନ୍ତି। ସେହିଭଳି ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ବେଢାବନ୍ଧ ଦାହିର ପ୍ରିୟରଞ୍ଜନ ପାଣିଗ୍ରାହୀଙ୍କ ତାଲା ବନ୍ଦ ଘରୁ ନଗଦ ୨୫ହଜାର ଟଙ୍କା ସହ ସୁନା ଏବଂ ରୂପା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ବିଭିନ୍ନ ଥାନାରେ ୩ଟି ପୃଥକ ମାମଲା ରୁଜୁ ହୋଇଛି।

## ଅଶ୍ଳୀଳ ଫଟୋ ବୁଲୁଛି କହି ଯୁବତୀଙ୍କଠାରୁ ନେଇଗଲେ ୭୦ ହଜାର

ବ୍ରହ୍ମପୁର,୮।୧(ସମିସ): ଆନ୍ତର୍ଜାତୀୟ ବଜାରରେ ଅଶ୍ଳୀଳ ଫଟୋ ବୁଲୁଛି ବୋଲି କହି ବ୍ରହ୍ମପୁରରେ ରହୁଥିବା ଜଣେ ଯୁବତୀଙ୍କଠାରୁ ୭୦ହଜାର ଟଙ୍କା ଠକେଇ ହୋଇଛି। ଏନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନାପ୍ରକାରେ କନ୍ଧମାଳ ଜିଲ୍ଲାର ଜଣେ୨୫ ବର୍ଷୀୟ ଯୁବତୀ ବ୍ରହ୍ମପୁର ଗେଟବଜାର ଅଞ୍ଚଳରେ ରହୁଛନ୍ତି। ଆଜକୁ କିଛି ଦିନ ତଳେ ତାଙ୍କ ନିକଟକୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା। କଲ କରିଥିବା ବ୍ୟକ୍ତି ଜଣଙ୍କ ଯୁବତୀଙ୍କ ଅଶ୍ଳୀଳ ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବୁଲୁଥିବା କହିଥିଲା। ଏହି ଫଟୋ ଟୁଇଟର ଭଳି ସାମାଜିକ ଗଣମାଧ୍ୟମରେ ଘୁରି ବୁଲିବା ସହ ବିକ୍ରୀ ହେଉଥିବା ଜଣାଇଥିଲେ। ଆଉ ସେହି ଅଶ୍ଳୀଳ ଫଟୋ ଡିଲିଟ କରିବା ସହ ବିକ୍ରୀ ହୋଇଥିବାରୁ ଜରିମାନା ବାବଦକୁ ୭୨ହଜାର ଟଙ୍କା ଜମା କରିବାକୁ ଫୋନ କରିଥିବା ବ୍ୟକ୍ତି ଜଣଙ୍କ କହିଥିଲା। ଏପରିକି ଇଣ୍ଟରନେଟରୁ ଉକ୍ତ ଅଶ୍ଳୀଳ ଫଟୋ ହଟାଇବାକୁ ହେଲେ ଭିଡିଓ କଲରେ ଉଲଗ୍ନ ହେବାକୁ କହିଥିଲା ଏହା ଶୁଣି ଯୁବତୀ ଜଣଙ୍କ ଚିନ୍ତାରେ ପଡି ଯାଇଥିଲେ। ଶେଷରେ ଅନ୍ୟ ଉପାୟ ନପାଇ ଯୁବତୀ ଜଣଙ୍କ ତାଙ୍କ କଥାରେ ପଡି ୭୦ହଜାର ଟଙ୍କା ପଠାଇବା ସହ ଭିଡିଓ କଲରେ ଯୋଗ ଦେଇଥିଲେ। ହେଲେ କିଛି ଦିନ ପରେ ଯୁବତୀଙ୍କୁ ଅନ୍ୟ ମୋବାଇଲ ନମ୍ବରରୁ ମଧ୍ୟ କଲ ଆସିବା ଆରମ୍ଭ ହୋଇଥିଲା। ସେ ଠକେଇର ଶିକାର ହୋଇଥିବା ଜାଣିବା ପରେ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ।

## ଯୁବତୀଙ୍କ ଫଟୋ ପ୍ରଘଟ, ଜଣେ ଗିରଫ



ବ୍ରହ୍ମପୁର,୮।୧(ସମିସ): ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ପ୍ରଘଟ କରିବା ଅଭିଯୋଗରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପୁରୁଷୋତ୍ତମପୁର ଅଞ୍ଚଳର କିଶୋର କୁମାର ସାମଲ(୩୨)। ପୁଲିସ ତାଙ୍କ ନିକଟରୁ ଫଟୋ ପ୍ରଘଟରେ ବ୍ୟବହୃତ ମୋବାଇଲକୁ ଜବତ କରିଛି। ସୂଚନାପ୍ରକାରେ, ଅଭିଯୁକ୍ତ କିଶୋର ଆଜକୁ ୫ବର୍ଷ ହେବ ଜଣେ ଯୁବତୀଙ୍କ ସହ ସମ୍ପର୍କରେ ରହିଥିଲେ। କିଛି ମାସ ତଳେ ଯୁବତୀ ଜଣଙ୍କ ଏକ ଚାକିରି ପାଇଥିଲେ। ଏହାପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ସମ୍ପର୍କରେ ତିକ୍ତତା ଆସିବା ପରେ ଅଭିଯୁକ୍ତ କିଶୋର ଯୁବତୀଙ୍କ ଅଶ୍ଳୀଳ ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେଇଥିଲେ। ଏ ବିଷୟରେ ସମ୍ପର୍କୀୟଙ୍କ ଠାରୁ ଜାଣିବା ପରେ ଯୁବତୀ ଜଣଙ୍କ ଗତ ଜୁଲାଇ ମାସରେ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିଥିଲେ।

## ଧାର ନେଇ ୮ ଲକ୍ଷ ଠକେଇ

ବ୍ରହ୍ମପୁର,୮।୧(ସମିସ): ଜଣେ ବ୍ୟକ୍ତିଙ୍କ ଠାରୁ ତାଙ୍କ ବନ୍ଧୁ ୮ ଲକ୍ଷ ଧାର ନେଇ ପରବର୍ତ୍ତୀ ସମୟରେ ଠକେଇ କରିଥିବା ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ଏପରିକି ଟଙ୍କା ମାଗିଲେ ଗିଳିଗୁଲଜ ସହ ଧମକ ଦିଆଯାଉଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାପ୍ରକାରେ, ଗୋଷାଣୀନୂଆଗାଁର ବିଘ୍ନେଶ୍ୱର ସାହୁଙ୍କ ଠାରୁ ତାଙ୍କର ଜଣେ ପରିଚିତ ବନ୍ଧୁ ସ୍ୱାସ୍ଥ୍ୟ ଖରାପ ଥିବା ଦର୍ଶାଇ ୮ ଲକ୍ଷ ଟଙ୍କା ଧାର ନେଇଥିଲେ। ଅନେକ ଦିନ ଯାଏଁ ସେ ଟଙ୍କା ଫେରସ୍ତ କରିନଥିଲେ। ବର୍ତ୍ତମାନ ବିଘ୍ନେଶ୍ୱରଙ୍କ ଟଙ୍କା ଆବଶ୍ୟକ ହେବାରୁ ସେ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ହେଲେ ତାଙ୍କ ବନ୍ଧୁ ବର୍ତ୍ତମାନ ଫୋନ ଗ୍ରହଣ କରୁନଥିବା ବେଳେ ଟଙ୍କା ମାଗିଲେ ଗାଳିଗୁଲଜ କରି ଧମକ ଦେଉଥିବା ନେଇ ପୁଲିସକୁ ଜଣାଇଛନ୍ତି।

## ଆକ୍ରମଣ ମାମଲାରେ ଦୁଇ ଭାଇ ଗିରଫ

ବ୍ରହ୍ମପୁର,୮।୧(ସମିସ): ଜଣେ ଯୁବକକୁ ଆକ୍ରମଣ କରିବା ଅଭିଯୋଗରେ ବଡ଼ ବଜାର ଥାନା ପୁଲିସ ଦୁଇ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗବନ୍ଧୁ ସାହିର ଲାଲା ମହାନ୍ତି(୨୭) ଓ ତାଙ୍କ ସାନ ଭାଇ ଲିଲୁ ମହାନ୍ତି (୨୩)। ସୂଚନାଯୋଗ୍ୟ ଯେ, ବଡ଼ ବଜାର ଥାନା ଅଧୀନ ଗଣପତି ନଗର ୩ୟ ଲାଇନ ନିବାସୀ ନିଳାଞ୍ଚଳ ଚୌଧୁରୀ ଗତ ୪ତାରିଖ ରାତି ସାଢେ ୯ଟା ବେଳେ ତାରା ତାରିଣୀରୁ କାମ ସାରି ଘରକୁ ଫେରୁଥିବା ବେଳେ ତାଙ୍କ ସାହି ଛକ ନିକଟରେ ଲାଲା ଛୁରୀ ଦେଖାଇ ଟଙ୍କା ଓ ମୋବାଇଲ ମାଗିଥିଲେ।

ସେ ନଦେବାରୁ ଲାଲା ଓ ଲିଲୁ ତାଙ୍କୁ ମାରପିଟ କରିଥିଲେ। ଏହାଦେଖି ନିଳାଞ୍ଚଳ ଚୌଧୁରୀ ଦୁଇ ପୁଅ ଆସି ପ୍ରତିବାଦ କରିବାରୁ ସେମାନଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ଆକ୍ରମଣରେ ନିଳାଞ୍ଚଳ ଚୌଧୁରୀଙ୍କ ପୁଅ କାହ୍ନାଙ୍କ ଆଖି ପାଖରୁ ରକ୍ତ ବାହାରିଥିଲା। ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରିବା ପରେ ଘଟଣାକୁ ନେଇ ନିଳାଞ୍ଚଳ ଚୌଧୁରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ(୧୧/୨୬)ରେ ଏକ ମାମଲା ରୁଜୁ କରି ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତ ଦୁଇ ଭାଇଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

## ନକଲି ପୁଲିସ ଆତଙ୍କ; ମହିଳାଙ୍କଠାରୁ ୧୪ଭରି ସୁନା ଲୁଟ୍

ବ୍ରହ୍ମପୁର,୮।୧(ସମିସ): ବ୍ରହ୍ମପୁର ସହରରେ ପୁଣି ନକଲି ପୁଲିସ ଆତଙ୍କ ଦେଖିବାକୁ ମିଳିଛି। ବଜାରରେ ଚୋର ବୁଲୁଛନ୍ତି। ସାବଧାନ ହୁଅନ୍ତୁ ବୋଲି କହି ବଡବଜାର ଅଞ୍ଚଳର ଜଣେ ମହିଳାଙ୍କଠାରୁ ଏହି ନକଲି ପୁଲିସ ଦଳ ପ୍ରାୟ ୧୪ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ସୂଚନାପ୍ରକାରେ, ବଡବଜାର ମଳାଶଣି ପୋଟା ସାହିରେ ରହୁଥିବା ଇ. ବିଜୟା ଗତକାଲି ସକାଳ ୯ଟା ବେଳେ ବଡବଜାରରୁ ନିଜ ଘରକୁ ଚାଲି ଚାଲି ଫେରୁଥିଲେ। ଏହି ସମୟରେ ୨ଜଣ ବ୍ୟକ୍ତି ବିଜୟାଙ୍କ ନିକଟକୁ ଏକ ସ୍କୁଟିରେ ଆସି ଏହି ଅଞ୍ଚଳରେ ଦୁର୍ଦ୍ଦାନ୍ତ ଚୋର ବୁଲୁଛନ୍ତି ଏବଂ ପୁଲିସ ପକ୍ଷରୁ ଯାଞ୍ଚ ଚାଲିଛି ବୋଲି କହିଥିଲେ। ସମସ୍ତ ସୁନା ଅଳଙ୍କାର କାବହାର କରି ଏକ କାଗଜରେ ଗୁଡାଇ ନିଜ ପାଖରେ ରଖି ଘରୁ ଯିବାକୁ ଉକ୍ତ ୨ବ୍ୟକ୍ତି ପରାମର୍ଶ ଦେଇଥିଲେ। ସେମାନଙ୍କ କଥା ଶୁଣି ବିଜୟା ଭୟଭୀତ ହୋଇଯିବା ପରେ ନିଜେ ପିନ୍ଧିଥିବା ୫ଭରି ଓଜନର ସୁନା ମଙ୍ଗଳସୂତ୍ର, ଦେଢ ଭରି ଓଜନର ସୁନା ଚେନ ଏବଂ ୮ଭରି ଓଜନର ସୁନା ଚୁଡି ବାହାର କରି ଉକ୍ତ ବ୍ୟକ୍ତିଙ୍କୁ କାଗଜରେ ପୁଡିଆ ବାନ୍ଧିବାକୁ ଦେଇଥିଲେ। କିଛି ସମୟ ଭିତରେ ଯୁବକମାନେ ପୁଣିଥରେ ଉକ୍ତ କାଗଜ ପୁଡିଆ ବିଜୟାଙ୍କୁ ଫେରସ୍ତ କରି ଦେଇଥିଲେ। ହେଲେ ବିଜୟା ଘରକୁ ଯାଇ ନିଜ ସୁନା ଅଳଙ୍କାର ବାହାର କରିବାକୁ କାଗଜ ପୁଡିଆ ଖୋଲିବା ପରେ ତା' ଭିତରେ ୨ଟି ପ୍ଲାଷ୍ଟିକ ଚୁଡି ରହିଥିବା ଦେଖିବାକୁ ପାଇଥିଲେ। ଏହାପରେ ସେ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ବିଜୟାଙ୍କ ସ୍ୱାମୀ ଡା. ଇ ସଞ୍ଜିବ ରାଓ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୁଲି ଘଟଣାସ୍ଥଳରେ ପହଞ୍ଚି ସେହି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ତଳନ୍ତ ଜାରି ରଖିଥିବା ଜଣାପଡିଛି।

୯ମ ରାଜ୍ୟସ୍ତରୀୟ ତଥା ୩୫ତମ ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ

## ଦ୍ୱିତୀୟ ରଜନୀରେ 'ମା ଲୋ ଚାମ୍ପୁର' ଓ 'ଧର୍ମ ସହିଲା ନାହିଁ' ମଞ୍ଚସ୍ଥ

ବ୍ରହ୍ମପୁର,୮।୧(ସମିସ): ଗଞ୍ଜାମ ଜିଲ୍ଲା ମଞ୍ଚ କଳାକର ସମ୍ମିଳନୀ ତରଫରୁ ଆୟୋଜିତ ନବମ ରାଜ୍ୟସ୍ତରୀୟ ତଥା ୩୫ତମ ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବର ଦ୍ୱିତୀୟ ରଜନୀରେ ଜୟପୁର ସାଂସ୍କୃତିକ ଅନୁଷ୍ଠାନ ଓ ପଲ୍ଲବୀ ନାଟ୍ୟ ସଂଘ ପକ୍ଷରୁ ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଥମ ଭାଗରେ ନାଟକ 'ମା. ଲୋ ଚାମ୍ପୁର' ମଞ୍ଚସ୍ଥ ହୋଇଥିଲା। ଏହି ନାଟକଟିକୁ ରଚନା ଜଗଦୀଶ ଅଧିକାରୀ କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ନିରଞ୍ଜନ ପାଣିଗ୍ରାହୀ। ଦ୍ୱିତୀୟ ଭାଗରେ ସାଧାରଣ ସଭା ଆୟୋଜିତ ହୋଇଥିଲା। ସଭାରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିଚିତ୍ରା ନନ୍ଦ ବେବର୍ତ୍ତା ସଭାପତିତ୍ୱ କରିଥିବା ବେଳେ ତ୍ରିପତି ନାୟକ, ପ୍ରମୋଦ ଜେନା, ରବୀନ୍ଦ୍ର କୁମାର ମହାରଣା, ପ୍ରଦୀପ କୁମାର ପାଣିଗ୍ରାହୀ, କେ. କୃଷ୍ଣମୂର୍ତ୍ତି, ଅନୁଷ୍ଠାନର ସାଧାରଣ ସମ୍ପାଦକ ରମେଶ ମହାରଣା ଓ ସଭାପତି କେ ବଳରାମ ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପରେ ପରେ ପଲ୍ଲବୀ ନାଟ୍ୟ ସଂଘ ତରଫରୁ ନାଟକ "ଧର୍ମ ସହିଲା ନାହିଁ" ମଞ୍ଚସ୍ଥ ହୋଇଥିଲା। ରଚନା ଓ ନିର୍ଦ୍ଦେଶନା ଦାୟୀତ୍ୱରେ ଡ୍ରାମା ଲଭର କୃଷ୍ଣ ପଣ୍ଡା ଥିବା ବେଳେ ସହନିର୍ଦ୍ଦେଶନା। ଦେଇଥିଲେ ମଞ୍ଚ ମଣିଷ ରାଧାକାନ୍ତ ନାୟକ। କାର୍ଯ୍ୟକ୍ରମରେ ବିଜୟ ଚନ୍ଦ୍ର ମହାରଣା, ନବୀନ ହୋତା, ସଞ୍ଜା ସମାହିତ ପାଢ଼ୀ, କୈଳାସ ପାଣଗ୍ରାହୀ, ସତ୍ୟ ମହାରଣା, ସୀମାଞ୍ଚଳ ବେହେରା, ଚାନ୍ଦମାମା ବେହେରା, ପ୍ରଶାନ୍ତ ମହାରଣା ସହୋଯୋଗ କରିଥିବା ବେଳେ ସୁଶାନ୍ତ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।



## ଆଜିଠୁ ବ୍ରହ୍ମପୁର ମହାନଗର ମହୋତ୍ସବ



ବ୍ରହ୍ମପୁର,୮।୧(ସମିସ): ଆଜିଠୁ ସ୍ଥାନୀୟ ଚର୍ଚ୍ଚପଡିଆରେ ବ୍ରହ୍ମପୁର ମହାନଗର ମହୋତ୍ସବ ଆରମ୍ଭ ହେବ। ଏହା ୧୮ ତାରିଖରେ ଶେଷ ହେବ। ଏନେଇ ମହାନଗର ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ମହୋତ୍ସବରେ ପ୍ରତିଦିନ ଅପରାହ୍ଣରେ କବିତା ପାଠ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୦ ତାରିଖ ସନ୍ଧ୍ୟା ୭ଘଣ୍ଟା ସମୟରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଏହାକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିବେ। ଏ ଅବସରରେ ବହୁ ଖ୍ୟାତି ସମ୍ପନ୍ନ ସାହିତ୍ୟିକ ତଥା ବହୁ ବରିଷ୍ଠ କଳାକାର, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମନ୍ତ୍ରୀଙ୍କ ଯୋଗଦାନ ଦେବା କାର୍ଯ୍ୟକ୍ରମ ରହିଛି ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ୫ଗୋଟି ନୃତ୍ୟ ଅନୁଷ୍ଠାନ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ୧୦ଗୋଟି ଲୋକକଳା ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣର କାର୍ଯ୍ୟକ୍ରମ ରହିଛି। ବ୍ରହ୍ମପୁର ମହାନଗର ମହୋତ୍ସବରେ ୧୨୦ରୁ ଅଧିକ ଷ୍ଟଲ ପଡ଼ିବ। ଷ୍ଟଲରେ ରାଜ୍ୟ ଓ ରାଜ୍ୟ ବାହାର ହସ୍ତଶିଳ୍ପ କୁଟୀରଶୀଳ୍ପ କାରୁକାର୍ଯ୍ୟ ସାମଗ୍ରୀର ପ୍ରଦର୍ଶନୀ ସହ ବିକ୍ରିବଟା ହେବ। ଏହି ମହୋତ୍ସବକୁ ଓଡିଶା ସାହିତ୍ୟ ଏକାଡେମୀ ସହଯୋଗ କରୁଥିବା କମିଟଇ ସଭାପତି ଗୋପାଳ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆବାହକ ଇଂ ଉମା ଶଙ୍କର ପାଣିଗ୍ରାହୀ, ସମ୍ପାଦକ ନାରାୟଣ ମହାଙ୍କୁଡ, ଉପସଭାପତି ଅନିଲ କୁମାର ପାତ୍ର, ମିହିର ତ୍ରିପାଠୀ, ସହ ସମ୍ପାଦକ ଶିବ ନାରାୟଣ ପଣ୍ଡା, ଗୌରୀ ଶଙ୍କର ମିଶ୍ର, ସାଂସ୍କୃତିକ ସଂଯୋଜକ କାର୍ତ୍ତିକ ପାଣିଗ୍ରାହୀ, ସାଂସ୍କୃତିକ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁଦିପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଏମ୍‌କେସିଜି ଯକ୍ଷ୍ମା ଓ ଛାତି ରୋଗ ବିଭାଗ ରୋଗୀଙ୍କୁ ବେଡ୍‌ସିଟ୍ ନ ମିଳିବା ଘଟଣା

## ବିଭାଗକୁ ମିଳିବ ୨ ଶହ ବେଡ୍‌ସିଟ୍, ୩୦ ମେଟ୍ରସ୍ ଓ ୬୦ କମଳ

ବ୍ରହ୍ମପୁର,୮।୧(ସମିସ): ଏମକେସିଜି ମେଡ଼ିକାଲର ଯକ୍ଷ୍ମା ଓ ଛାତି ରୋଗ ବିଭାଗରେ ଚିକିତ୍ସା ହେଉଥିବା ରୋଗୀଙ୍କୁ ଆବଶ୍ୟକ ମୁତାବକ ବେଡ଼ସିଟ, ମେଟ୍ରସ ଓ କମଳ ପ୍ରଦାନ କରାଯାଉନଥିବା ଅଭିଯୋଗ ହୋଇଥିଲା। ହାଡ଼ଭଙ୍ଗା ଶୀତରେ ମଧ୍ୟ ବିଭାଗରେ ଚିକିତ୍ସିତ ରୋଗୀମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିଲେ। ଯାହାକୁ ନେଇ 'ସକାଳ' ଖବର କାଗଜରେ ଏକ ଖବାର ପ୍ରକାଶ ପାଇଥିଲା। ଏହା ପରେ ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଥିଲା। ସମସ୍ୟା ସମ୍ପର୍କରେ ମେଡ଼ିକାଲ କର୍ତ୍ତୃପକ୍ଷ ବିଭାଗୀୟ ମୁଖ୍ୟଙ୍କ ସହ ଆଲୋଚନା କରିବା ସହ ଏହାର ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ବିଭାଗ ପକ୍ଷରୁ ରୋଗୀଙ୍କ ନିମନ୍ତେ ମୋଟ ୨ଶହ ବେଡ଼ସିଟ, ୬୦ଟି କମଳ, ୩୦ଟି ମେଟ୍ରସ ଓ ୧ହଜାର ମାସ୍କ ପ୍ରଦାନ କରିବାକୁ ମେଡ଼ିକାଲ ଷ୍ଟୋର ନିକଟରେ ଆବେଦନ କରିଥିବା ବିଭାଗ ପକ୍ଷରୁ କୁହାଯାଇଛି। ସୋମବାର ସୁଦ୍ଧା ଉକ୍ତ ସମସ୍ତ ସାମଗ୍ରୀ ବିଭାଗକୁ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଏହା ପରେ ଅସହାୟ ରୋଗୀଙ୍କୁ ନୀୟମିତ ବେଡ଼ ସିଟ ସମେତ ମେଟ୍ରସ, କମଳ ଓ ମାସ୍କ ମିଳିବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ ଯେ, ଏମକେସିଜି ମେଡ଼ିକାଲର ଯକ୍ଷ୍ମା ଓ ଛାତି ରୋଗ ବିଭାଗରେ ମୋଟ ୩୦ଟି ଶଯ୍ୟା ରହିଥିବା ବେଳେ ୫୦ରୁ ୫୫ଜଣ ରୋଗୀ ଚିକିତ୍ସିତ ହୋଇଥାନ୍ତି। ମଞ୍ଜୁରୀ ଶଯ୍ୟାକୁ ଛାଡ଼ିଦେଲେ ଅନ୍ୟ ରୋଗୀମାନେ ପଟି ପକାଇ ଚଟାଣରେ ଶୋଉଥିବା ଦେଖିବାକୁ ମିଳିଛି। ରୋଗୀଙ୍କୁ ସଠିକ ଭାବରେ ବେଡ଼ ସିଟ, ମେଟ୍ରସ, କମଳ ଓ ମାସ୍କ ପ୍ରଦାନ କରାଯାଉନଥିବା ଅଭିଯୋଗ ରହିଥିଲା।

## ବଢ଼ିଲା ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ଫି'

ବ୍ରହ୍ମପୁର,୮।୧(ସମିସ): ପ୍ରଦୂଷଣକୁ ନେଇ ଅଯଥା ଟିକସ ଓ ଲୋକଙ୍କୁ ହଇରାଣ କରିବା ଭଳି ପ୍ରସଙ୍ଗ ମନରୁ ଲିଭି ନଥିବା ବେଳେ ବର୍ତ୍ତମାନ ପୁଣି ଏକ ସମସ୍ୟା ଉଭା ହୋଇଛି। ଜନ୍ମ ଓ ମୃତ୍ୟୁ ସମେତ ଏହି ବାବଦ ଭିନ୍ନ ଫିକୁ ମଧ୍ୟ ସରକାର ୧୦ଗୁଣା ପର୍ଯ୍ୟନ୍ତ ବୃଦ୍ଧି କରିଥିବା ଜଣାପଡିଛି। ପୂର୍ବରୁ ଜନ୍ମ ପ୍ରମାଣ ପତ୍ର ପାଇଁ ୧୨ଟଙ୍କା ଫି ଦେବାକୁ ପଡୁଥିବା ବେଳେ ବର୍ତ୍ତମାନ ତାହାକୁ ୭୫ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିଭଳି ମୃତ୍ୟୁ ପ୍ରମାଣପତ୍ର ପାଇଁ ପୂର୍ବରୁ ଥିବା ୭ଟଙ୍କା ଫିକୁ ବର୍ତ୍ତମାନ ୧୦ଗୁଣା ଅର୍ଥାତ୍ ୭୦ଟଙ୍କା କରାଯାଇଛି। ସେହିଭଳି ନନ୍ ଆଭେଲେବିଲିଟି ବା ଏନ.ଏ.ସି ସାର୍ଟିଫିକେଟ ପାଇଁ ଥିବା ଫିକୁ ୭ଟଙ୍କାରୁ ୨୫ଟଙ୍କାକୁ ଏବଂ ମିସ କେସ ବାବଦରେ ଥିବା ୧୭ଟଙ୍କାର ଫିକୁ ୧୭୦ଟଙ୍କାକୁ ବୃଦ୍ଧି କରାଯାଇଛି। ଗୋଟିଏ ବର୍ଷ ପାଇଁ କୌଣସି ନଥି ଖୋଜି ବାହାର କରିବା ପାଇଁ ପୂର୍ବରୁ ଥିବା ଫି ଯାହା ୨ଟଙ୍କା ଥିଲା ବର୍ତ୍ତମାନ ତାହାକୁ ୨୦ଟଙ୍କା କରାଯାଇଛି। ସାର୍ଟିଫିକେଟ ସଂଗ୍ରହ ପାଇଁ ଫି ୫ଟଙ୍କାରୁ ୫୦ଟଙ୍କାକୁ ବୃଦ୍ଧି। ୨୧ଦିନରୁ ୩୦ଦିନ ମଧ୍ୟରେ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପଞ୍ଜିକରଣରେ ବିଳମ୍ବ ବାବଦ ଫି ୨ଟଙ୍କାରୁ ୨୦ଟଙ୍କା ଏବଂ ୩୦ଦିନରୁ ଏକ ବର୍ଷ ବିଳମ୍ବ ପାଇଁ ୫ଟଙ୍କାରୁ ୫୦ଟଙ୍କାକୁ ବୃଦ୍ଧି କରାଯାଇଛି। ଏନେଇ ବିଜ୍ଞପ୍ତି ପ୍ରକାଶ ପାଇବା ସହ ତୁରନ୍ତ କାର୍ଯ୍ୟକାରୀ କରାଯିବା ନେଇ ବ୍ରହ୍ମପୁର ମହାନଗର ନିଗମର ଜନ୍ମ ଓ ମୃତ୍ୟୁ ରେଜିଷ୍ଟ୍ରାର ତଥା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଛି। ଜନ୍ମ ଓ ମୃତ୍ୟୁ ଭଳି ଅତ୍ୟାବଶ୍ୟକୀୟ ପ୍ରମାଣପତ୍ର ଓ ଏହାର ପଞ୍ଜିକରଣ କ୍ଷେତ୍ରରେ ସରକାରଙ୍କ ଏଭଳି ନିତିକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

## ମେଡିକାଲରେ ଅପରାଧୀଙ୍କୁ ଗୋଡ଼ାଇ ଧରିଲେ ମହିଳା ପୁଲିସ

- ଦେଶୀ ବନ୍ଧୁକ ସହ ୧୨ ଅଫୁଟା ଗୁଳି ଜବତ; ୪ ଗିରଫ
- ଗଞ୍ଜେଇ କାରବାରରେ ସମ୍ପୃକ୍ତି ସନ୍ଦେହ

ବ୍ରହ୍ମପୁର,୮।୧(ସମିସ): ବାପା ହେବା ଖୁସିରେ ଜଣେ ଅପରାଧୀ ବନ୍ଧୁକ ଧରି ନିଜ ସହଯୋଗୀଙ୍କ ସହିତ ଏମକେସିଜି ମେଡ଼ିକାଲକୁ ଆସିଥିଲେ। ସେଠାରେ ପହଞ୍ଚି ଜନ୍ମିତ ଶିଶୁକୁ ଦେଖିବା ପରେ ଖୁସିରେ ରୋଡ଼ ରୋମିଓଙ୍କ ଭଳି ମେଡ଼ିକାଲ ରାସ୍ତାରେ ଉତ୍ପାତ ହୋଇଥିଲେ। ସେହି ସମୟରେ ପେଟ୍ରୋଲିଂ କରୁଥିବା ମହିଳା ଏସଆଇ ପ୍ରିୟଙ୍କା ସାହୁ, ଏଏସଆଇ ଗିରି ଗୋବର୍ଦ୍ଧନ ଜେନା ଓ ତାଙ୍କ ଟିମ୍ ସନ୍ଦେହରେ ଉକ୍ତ ଗ୍ୟାଙ୍ଗୁ କାବୁ କରିଥିଲେ। ଅପରାଧୀଙ୍କ ନିକଟରେ ଗୋଟିଏ ବନ୍ଧୁକ ଥିବା ଦେଖି ପୁଲିସ କର୍ମଚାରୀମାନେ ଆଶ୍ଚର୍ଯ୍ୟ ହେବା ସହ ଭୟଭୀତ ହୋଇଯାଇଥିଲେ। ପରେ ସମସ୍ତଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ଅନ୍ତର୍ଗତ ନଳୀହାଡ଼ ବନ୍ଧହୁଡ଼ା ସାହିର ଭଗବାନ ବିଷୋୟୀ(୨୮), ବଡ଼ ସାହିର ରଙ୍କ ଗଜେନ୍ଦ୍ର (୨୮), ରୋହିଗାଁ ତୁଳସୀ ନଗରର କାହ୍ନୁଚରଣ ଜେନା(୩୦) ଓ ପୁରୁଣା ଅପରାଧୀ ପ୍ରଶାନ୍ତ ଗଜେନ୍ଦ୍ର ଓରଫ ଟମାଙ୍ଗ (୨୬) ଅନ୍ତର୍ଭୁକ୍ତ। ପୁଲିସ ଅଭିଯୁକ୍ତ ରଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ସହ ୪ଟି ଜୀବନ୍ତ ଗୁଳି ଜବତ କରିଥିବା ବେଳେ ଅଭିଯୁକ୍ତ ଭଗବାନ ବିଷୋୟୀଙ୍କ ଠାରୁ ୪ଟି ଗୁଳି ଭର୍ତ୍ତି ଗୋଟିଏ ମାଗାଜିନ ଓ କାହ୍ନୁ ନିକଟରୁ ଆଉ ୪ଟି ଜୀବନ୍ତ ଗୁଳି ଜବତ କରିଥିଲା। ସେହିପରି ଘଟଣାସ୍ଥଳରୁ ପୁଲିସ ଗୋଟିଏ ବାଇକ ଜବତ କରିଥିଲା। ତେବେ ଅଭିଯୁକ୍ତ ରଙ୍କକୁ ବନ୍ଧୁକ ସମ୍ପର୍କରେ ପଚାରାଉଚରା ପରେ ଅଭିଯୁକ୍ତ ପ୍ରଶାନ୍ତ ଗଜେନ୍ଦ୍ର ତାକୁ ଯୋଗାଇଥିବା ସେ କହିଥିଲା। ପୁଲିସ ନୂଆ ବସଷ୍ଟାଣ୍ଡ ନିକଟରୁ ଉପରୋକ୍ତ ୪ଜଣଙ୍କୁ ଗିରଫ କରିବା ସହ ଗୋଟିଏ ଦେଶୀ ବନ୍ଧୁକ ସହ ମୋଟ ୧୨ଟି ଜୀବନ୍ତ ଗୁଳି ଜବତ କରିଥିବା ଏସପି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ଭଗବାନଙ୍କ ପତ୍ନୀ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଶିଶୁକୁ ଜନ୍ମ ଦେଇଥିଲେ। ଏହି ଖୁସିରେ ଭଗବାନ ଓ ଅନ୍ୟ ସହଯୋଗୀମାନେ ଏମକେସିଜି ମେଡ଼ିକାଲକୁ ଆସିଥିବା ସେମାନେ ପୁଲିସ ନିକଟରେ କହିଛନ୍ତି। ଗୁରୁବାର ସନ୍ଧ୍ୟାରେ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ଓ ଅତିରିକ୍ତ ଏସପି ଆଲୋକ ଜେନା ବୈଦ୍ୟନାଥପୁର ଥାନାରେ ଉପରୋକ୍ତ ଅଭିଯୁକ୍ତଙ୍କୁ ଥାନାରେ ମାରାଥନ ଜେରା କରିଥିଲେ। ଜେରା ସମୟରେ ଅଭିଯୁକ୍ତ ଦେଉଥିବା ଉତ୍ତରରେ ତାଳମେଳ ରହୁନଥିବା ଦେଖିବାକୁ ମିଳିଛି। ତେବେ ସେମାନଙ୍କ ମଧ୍ୟରୁ ୨ଜଣ ଅଭିଯୁକ୍ତ ଗଞ୍ଜେଇ କାରବାରରେ ଲିପ୍ତ ଥିବା ପୁଲିସ ସନ୍ଦେହ କରୁଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/17

| ପୋଷ୍ଟର ନାମ | ମୂଳ ଖାଲି ପଦବୀ | ଅତିରିକ୍ତ ଖାଲି ପଦବୀ ଅନ୍ତର୍ଭୁକ୍ତ | ଅନ୍ତିମ ଖାଲି ପଦବୀ |
|---|---|---|---|
| ଭିପି ୱେଲ୍ଥ (ଏସଆରଏମ) | 506 | 76 | 582 |
| ଏଭିପି ୱେଲ୍ଥ (ଆରଏମ) | 206 | 31 | 237 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 | 43 | 327 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 10.01.2026* ପର୍ଯ୍ୟନ୍ତ।

*23.12.2025 ରୁ 10.01.2026 ପର୍ଯ୍ୟନ୍ତ ବୃଦ୍ଧି ମଂଜୁର କରାଯାଇଛି

ସ୍ଥାନ: ମୁମ୍ବାଇ
ତାରିଖ: 31.12.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

# ଶ୍ରୀକ୍ଷେତ୍ର ସିଟି

୮/୧/୨୦୨୬ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୦୭,୫୧୮/- ସୁନା: ୦୦.୧୦୦ ଗ୍ରାମ୍ ରୁପା: ୧୫୫.୫୦୦ ଗ୍ରାମ୍



### ଲୁହା ବଳୟରେ ଅଣନିଃଶ୍ୱାସୀ ଗଛ

## ଗଣ୍ଡି ଭିତରକୁ ପଶିଗଲାଣି ତାର ଜାଲି



ପୁରୀ,୮।୧(ସମିସ): ମଣିଷ ପରି ଗଛର ବି ବଞ୍ଚିବାର ଅଧିକାର ଅଛି। ଏ ଅଧିକାର ପ୍ରକୃତି ସମସ୍ତଙ୍କୁ ଦେଇଛି। ହେଲେ ସୁରକ୍ଷା ଦେବାକୁ ଯାଇ ଅନେକ ସମୟରେ ଗଛର ସେହି ଅଧିକାରକୁ ମଣିଷ ଛଡ଼ାଇ ନେଉଛି। ପୁରୀ-କୋଣାର୍କ ରାସ୍ତାକଡ଼ରେ ଏମିତି କିଛି ଗଛ ରହିଛି ଯିଏକି ଲୁହା ବଳୟରେ ଏକପ୍ରକାର ଅଣନିଃଶ୍ୱାସୀ ପରି ଜଣାପଡୁଛି। ଅନେକ ଗଛର ଗଣ୍ଡି ଭିତରକୁ ତାର ଜାଲି ପଶିଗଲାଣି। ଯାହା ଗଛର ସ୍ୱାଭାବିକ ବୃଦ୍ଧିକୁ ରୋକି ଧୀରେ ଧୀରେ ତାହାକୁ ମୃତ୍ୟୁ ମୁହଁକୁ ଠେଲିଦେଉଛି। ପରିତାପର ବିଷୟ ହେଉଛି ଗଛକୁ ମୁକ୍ତ ଭାବେ ବଢିବାକୁ ଦେବା ଲାଗି ସ୍ୱେଚ୍ଛାସେବୀ ଏ ଦିଗରେ ବାରମ୍ବାର ବନ ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ହେୟଜ୍ଞାନ ପାଇଁ ଆଜି ଅନେକ ଗଛ ମୃତ୍ୟୁ ମୁହଁରେ।

୨୦୧୯ରେ ଫନୀ ବାତ୍ୟା ପୁରୀ ଜିଲ୍ଲାକୁ ଧ୍ୱଂସବିଧ୍ୱସ୍ତ କରିଦେଇଥିଲା। ଉଜୁଡ଼ି ଯାଇଥିଲା ସମଗ୍ର ଜିଲ୍ଲାର ପ୍ରାକୃତିକ ପ୍ରାଚୁର୍ଯ୍ୟ। ଫନୀ ମାଡ଼ରେ ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟ ଏକପ୍ରକାର ଶ୍ରୀହୀନ ହୋଇଯାଇଥିଲା। ହଜାର ହଜାର ଗଛ ଧରାଶାୟୀ ହୋଇଯିବାରୁ ଅଭୟାରଣ୍ୟର ସବୁଜିମା ଉଜୁଡି ଯାଇଥିଲା। ଅଧାରୁ ଭାଙ୍ଗି ଯାଇଥିବା ଥୁଣ୍ଟା ଗଛ ବାତ୍ୟା ବିଭୀଷିକାର ଚିତ୍ର ବଖାଣୁଥିଲା। ସ୍ଥିତି ଏମିତି ଥିଲା ଯେ, ବସା ବାନ୍ଧିବାକୁ ପକ୍ଷୀଙ୍କ ପାଇଁ ଡାଳ ନ ଥିଲା। ପରବର୍ତ୍ତୀ ସମୟରେ ବାଲୁଖଣ୍ଡର ସବୁଜିମା ଫେରାଇ ଆଣିବାକୁ ହୋଇଥିଲା ଉଦ୍ୟମ। ଆରମ୍ଭ ହେଲା ବ୍ୟାପକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ। ସରକାରୀ ଓ ବେସରକାରୀ ସ୍ତରରେ ଏହି ପ୍ରୟାସ ଚାଲିଲା। ସରକାରଙ୍କ ଦ୍ୱାରା ରାସ୍ତା ଘାଟ ଓ ଅଭୟାରଣ୍ୟ ଭିତରେ ଚାରାରୋପଣ ହେଲା। ପୁରୀ ସହରରୁ ନୂଆନଇ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଲଗାଯାଉଥିବା ଚାରାକୁ ସୁରକ୍ଷା ଦେବା ପାଇଁ ଲୁହାର ବଳୟ ଓ ଜାଲି ଦ୍ୱାରା ଆବଦ୍ଧ କରାଗଲା। ଜାଲିକୁ କେହି ଯେପରି ନ ନେଇପାରିବେ ସେଥିଲାଗି ତଳ ଭାଗରେ କଂକ୍ରିଟ ଦିଆଯାଇଥିଲା। ହେଲେ ଫନୀକୁ ୭ ବର୍ଷ ବିତିବାକୁ ବସିଲାଣି। ରାସ୍ତା କଡ଼ରେ ଲାଗିଥିବା ଗଛ ମୋଟା ହୋଇ ସୁରକ୍ଷା ପାଇଁ ଲାଗିଥିବା ଜାଲି ଚିପି ହୋଇଗଲାଣି। କିଛି ଗଛ ଭିତରେ ଲୁହା ବଳୟ ବି ପଶିଗଲାଣି। କିନ୍ତୁ ବନ ବିଭାଗ ଦେଖି ନ ଦେଖିଲା ଭଳି ରହୁଛି। ଖୋଦ୍ ବାଲୁଖଣ୍ଡ ରେଞ୍ଜ ଅଫିସଠାରୁ ସୈକତ ନିବାସ ପର୍ଯ୍ୟନ୍ତ ଏହି ରାସ୍ତା

### ସ୍ୱେଚ୍ଛାସେବୀଙ୍କ ଅନୁରୋଧକୁ ଶୁଣୁନାହାନ୍ତି ବାବୁ

ଦେଇ ପ୍ରତିଦିନ ବନ ବିଭାଗର ଅଧିକାରୀ ଓ କର୍ମଚାରୀ ଯା’ଆସ କରିଥାନ୍ତି। ହେଲେ ସେମାନଙ୍କୁ ଗଛଗୁଡ଼ିକ ଏଭଳି ସ୍ଥିତିରେ ଥିବା କେଉଁଭଳି ଦେଖାଯାଉନି ତାହାକୁ ନେଇ ପ୍ରଶ୍ନ କରିଛନ୍ତି ପୁରୀ ଜିଲ୍ଲା ଆପ୍ ସଭାପତି ସଞ୍ଜୀବ କୁମାର ମହାନ୍ତି।

ଏ ସମ୍ପର୍କରେ ଶ୍ରୀ ମହାନ୍ତି କହିଛନ୍ତି, ୬/୭ ବର୍ଷ ହେଲାଣି ରାସ୍ତା ପାଶ୍ୱର୍ ଗଛରେ ଲୁହା ବଳୟ ଓ ଜାଲି ଲାଗିଛି। ଗଛଗୁଡ଼ିକ ବଡ଼ ହେଲାଣି। ହେଲେ ଏହାକୁ ଖୋଲା ନ ଯିବା ଫଳରେ ଅନେକ ଗଛକୁ ଏହା ଚିପିଦେଲାଣି। ଏପରିକି, ଲୁହା ବଳୟ ଓ ଜାଲି ଏକାଧିକ ଗଛ ଭିତରକୁ ପଶିଗଲାଣି। ଏହାଫଳରେ ଗଛଟି ଯେଉଁ ପରିମାଣରେ ମୋଟା ଏବଂ ବଢ଼ିବା କଥା ସେଥିରେ ପ୍ରଭାବ ପଡୁଛି। ଏ ନେଇ ପୂର୍ବରୁ ଅନେକ ସ୍ୱେଚ୍ଛାସେବୀ ବହୁବାର ବନ ବିଭାଗକୁ ଅଭିଯୋଗ କରିଛନ୍ତି। ହେଲେ ବାବୁମାନେ ଏହାକୁ କର୍ଣ୍ଣପାତ କରୁନାହାନ୍ତି। ଫଳସ୍ୱରୂପ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହା କର୍ତ୍ତବ୍ୟରେ ଅବହେଳା ଓ ପ୍ରଶାସନିକ ଉଦାସୀନତାକୁ ସ୍ପଷ୍ଟ କରୁଛି। ତୁରନ୍ତ ପୁରୀ-ନୂଆନଇ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସମସ୍ତ ଗଛର ସରକାରୀ ସର୍ଭେ ଓ ମୂଲ୍ୟାୟନ କରାଯାଉ। ଗଛ ଗଣ୍ଡିରେ ପଶିଯାଇଥିବା ସମସ୍ତ ଲୁହା ବଳୟ ଓ ବାଡ଼କୁ ତତ୍କାଳ ଅପସାରଣ କରାଯାଉ। ଏଥିପାଇଁ ଯେଉଁ ବନ ଅଧିକାରୀମାନେ ଦାୟୀ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଆଗାମୀ ଦିନରେ ରାସ୍ତାପାଶ୍ୱର୍ରେ ଥିବା ଗଛମାନଙ୍କ ସୁରକ୍ଷା ପାଇଁ ବୈଜ୍ଞାନିକ ଓ ପରିବେଶ ମିତ୍ର ପଦ୍ଧତି ଅନୁସରଣ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି ହେଉ। ଯଦି ଏ ବିଷୟରେ ତୁରନ୍ତ ଓ ଯଥୋଚିତ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଆମେ ବାଧ୍ୟ ହୋଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି), ରାଜ୍ୟ ପରିବେଶ ଅଦାଲତ ଓ ଉଚ୍ଚ ଅଧିକାରୀଙ୍କ ଦ୍ୱାରସ୍ଥ ହେବୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ଏ ସମ୍ପର୍କରେ ଡିଏଫ୍‌ଓ ମଗର ଧନଜୀ ରାଓସୋ କହିଛନ୍ତି, ମୁଁ ଏ ବିଷୟରେ ଅବଗତ ନାହିଁ। କିଏ ଏହାକୁ ଲଗାଇଥିଲେ ବୁଝିବାକୁ ପଡିବ। ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି) ଲଗାଇଥାଇ ପାରନ୍ତି। ଯଦି ଆମ ବିଭାଗ ଏହାକୁ ଲଗାଇଥିବେ ନିଶ୍ଚିତ ଏ ଦିଗରେ ବିହୀତ ପଦକ୍ଷେପ ନିଆଯିବ।

## ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବିଶେଷ ପାଟ୍ରୋଲିଂ

ପୁରୀ,୮।୧(ସମିସ): ପୁରୀ ଜିଲ୍ଲାକୁ ଆସୁଥିବା ସଂଖ୍ୟକ ପର୍ଯ୍ୟଟକଙ୍କ ସୁରକ୍ଷା ଓ ପର୍ଯ୍ୟଟନ ପରିବେଶ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏସ୍‌ପି ପ୍ରତୀକ୍ ସିଂଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ପୁଲିସ ପକ୍ଷରୁ ବିଚ୍ ପାଟ୍ରୋଲିଂ ସୁରକ୍ଷା ଅଭିଯାନ କରାଯାଇଛି। ଏହି ଅଭିଯାନ ଅନ୍ତର୍ଗତ ପୁରୀ ସମୁଦ୍ରତଟ, ଚନ୍ଦ୍ରଭାଗା ବିଚ୍, ଇକୋ ରିଟ୍ରିଟ୍ ବିଚ୍, ପୁରୀ ସମୁଦ୍ରକୂଳ ସହ ଜିଲ୍ଲାର ସମସ୍ତ ପ୍ରମୁଖ ବିଚ୍ ଅଞ୍ଚଳରେ ପୁଲିସ ଟିମ୍ ଦ୍ୱାରା ନିୟମିତ ଓ ସୁସଂଗଠିତ ପାଟ୍ରୋଲିଂ କରାଯାଇଛି। ନିମାପଡ଼ା ଏସ୍‌ଡିପିଓ, କୋଣାର୍କ, ରାମଚଣ୍ଡୀ, ଚନ୍ଦ୍ରଭାଗା, ସମୁଦ୍ରକୂଳ, ବଳିଆପଣ୍ଡା ସମେତ ସମସ୍ତ ଥାନାର ଆଇଆଇସି, ଅଧିକାରୀ ଓ କର୍ମଚାରୀ ଏଥିରେ ସକ୍ରିୟ ଭାଗ ନେଇଥିଲେ। ପର୍ଯ୍ୟଟକମାନଙ୍କ ନିରାପତ୍ତା ଓ ସୁବିଧା ପାଇଁ ବିଚ୍‌ରେ ଏଟିଭି ଭେହିକଲ୍ ଦ୍ୱାରା ପାଟ୍ରୋଲିଂ କରାଯାଇଥିଲା। ପୁଲିସ ଟିମ୍ ପର୍ଯ୍ୟଟକଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କୁ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ଦେଇଥିଲେ। ସମୁଦ୍ର ସ୍ନାନ ସମୟରେ ସାବଧାନତା, ଲାଇଫ୍‌ଗାର୍ଡଙ୍କ ନିର୍ଦ୍ଦେଶ ମାନିବା, ଅସୁରକ୍ଷିତ ଅଞ୍ଚଳରେ ସ୍ନାନ ନ କରିବା, ମଦ୍ୟପାନ କରି ସମୁଦ୍ରତଟରେ ଯାତାୟାତ ନ କରିବା ଭଳି ବିଷୟରେ ସଚେତନ କରାଯାଇଥିଲା। ଏଥିସହିତ ସମୁଦ୍ରତଟ ଅଞ୍ଚଳରେ ଅସାମାଜିକ ତତ୍ତ୍ୱ, ଅନାବଶ୍ୟକ ଭିଡ଼, ଅବୈଧ ବ୍ୟବସାୟ, ମାଦକ ଦ୍ରବ୍ୟ ବିକ୍ରୟ ଓ ଉତ୍ପାତ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ଉପରେ କଡା ନଜର ରଖାଯାଇଥିଲା। ସନ୍ଦେହଜନକ ବ୍ୟକ୍ତି ଓ ଯାନବାହନଗୁଡ଼ିକୁ ଯାଞ୍ଚ କରାଯାଇ ଆଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ପର୍ଯ୍ୟଟକମାନେ କୌଣସି ଅସୁବିଧା ବା ଆପତ୍ତକାଳୀନ ପରିସ୍ଥିତିରେ ୧୧୨ ଡାଏଲ୍ କରିବା କିମ୍ବା ପର୍ଯ୍ୟଟକ ସହାୟତା ନମ୍ବର ୬୩୭୦୯୬୭୧୦୦ ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଆଗାମୀ ଦିନରେ ମଧ୍ୟ ପର୍ଯ୍ୟଟନ ଋତୁକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ବିଚ୍ ଓ ପର୍ଯ୍ୟଟନସ୍ଥଳୀରେ ଏଭଳି ବିଶେଷ ପାଟ୍ରୋଲିଂ, ନିରୀକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଓଡ଼ିଶା ମହିଳା ସାଇକଲ୍ ପୋଲ ଦଳର ଆନ୍ଧ୍ରପ୍ରଦେଶ ଯାତ୍ରା

ପୁରୀ,୮।୧(ସମିସ): ଓଡିଶା ମହିଳା ସାଇକଲ ପୋଲ ଦଳର କ୍ରୀଡାବିତ୍‌ମାନେ ଜାତୀୟ କ୍ରୀଡା ପାଇଁ ଆନ୍ଧ୍ରପ୍ରଦେଶର କଙ୍ଗାପା ଯାତ୍ରା କରିଛନ୍ତି। ଗୁରୁବାର ଓଡିଶା ସାଇକଲ ପୋଲ ଆସୋସିଏଶନ ପକ୍ଷରୁ ପୁରୀ ରେଳ ଷ୍ଟେଶନଠାରେ ରାଜ୍ୟ ସଭାପତି ଆଇନିଜୀବୀ ବିନୟନୃସିଂହ ମହାପାତ୍ର, ସମ୍ପାଦକ ରାଜକିଶୋର ମହାନ୍ତି, କୋଷାଧ୍ୟକ୍ଷ ଦେବଦତ୍ତ ମହାପାତ୍ର ଓ କାର୍ଯ୍ୟକାରୀ ସଦସ୍ୟ ଡା. ଦୀପସ୍ମିତା ରାୟ ଓ ଦିଲ୍ଲୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ଓଡିଶା ମହିଳା ସାଇକଲ ପୋଲ ଦଳ ଆନ୍ଧ୍ରପ୍ରଦେଶର କର୍ତ୍ତୁପାଠାରେ ହେବାକୁ ଥିବା ଜାତୀୟ ମହିଳା ସାଇକଲ ପୋଲ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ ବୋଲି ସମ୍ପାଦକ ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। ଏହି ଦଳରେ ଜ୍ୟୋତିର୍ମୟୀ ତାଥି, ଲୋପାମୁଦ୍ରା ମହାପାତ୍ର, ଶ୍ରୀୟା ଜେନା (ଯାଜପୁର), ଭୂମିକା ପ୍ରଧାନ, ତ୍ରୀଶା ବେହେରା, ମହେଶ୍ୱତା ସାହୁ (କଟକ), ଧରିତ୍ରୀ ପ୍ରଧାନ (ସମ୍ବଲପୁର), ମୌସୁମୀ ମହାନ୍ତି, ବର୍ଷାରାଣୀ ସାହୁ (ଗଞ୍ଜାମ) ପ୍ରମୁଖ କ୍ରୀଡାବିତ୍ ସାମିଲ ଅଛନ୍ତି। ପ୍ରଶିକ୍ଷକ ଭାବେ ହେମାବତୀ ବେହେରା (ଭବାନୀପାଟଣା) ତାଙ୍କ ସହିତ ଯାତ୍ରା କରିଛନ୍ତି।

## ସିପିଏସ୍‌ରେ ସଡ଼କ ସୁରକ୍ଷା ଦିବସ



ପୁରୀ,୮।୧(ସମିସ): ବାଲିଗୁଆଳିସ୍ଥିତ କଲେଜ୍ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍ (ସିପିଏସ୍) ମହାବିଦ୍ୟାଳୟରେ ପୁରୀ ଆର୍‌ଟିଓଙ୍କ ପକ୍ଷରୁ ଗୁରୁବାର ଜାତୀୟ ସଡ଼କ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଚେତନତା ସଭା କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା ସଭାକୁ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର, ଓୟୁଏଚ୍‌ଏସର ଡିନ୍ ପ୍ରଫେସର ଡ. ସନ୍ତୋଷ କୁମାର ମହାପାତ୍ର, ପୁରୀ ଆର୍‌ଟିଓ ସୁସ୍ମିତା ବେହେରା ମୁଖ୍ୟଅତିଥି, କନିଷ୍ଠ ଏମ୍‌ଭିଆଇ ଦମୟନ୍ତୀ ମୋହାଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ସଡକ ଦୁର୍ଘଟଣା କିପରି ରୋକାଯାଇ ପାରିବ କିମ୍ବା କମ୍ କରାଯାଇପାରିବ ତା’ ଉପରେ ବିସ୍ତୃତ ଭାବେ ତାଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହିତ ରାସ୍ତାରେ ଗାଡି ଚଳାଇବା ସମୟରେ ନିଜେ ସୁରକ୍ଷିତ ରହିବା ସହିତ ଅନ୍ୟ ପଥଚାରୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସଡକ ପଥରେ ଆରଟିଓ ପକ୍ଷରୁ ଦର୍ଶାଯାଇଥିବା ବିଭିନ୍ନ ସତର୍କ ସୂଚନା ପ୍ରତି ଧ୍ୟାନ ଦେବାକୁ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଏଥିସହିତ ପୁରୀ ଆର୍‌ଟିଓ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ନେଇ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରକ ଆୟୋଜନ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ଆର୍‌ଟିଓ ହେଲ୍‌ମେଟ ପ୍ରଦାନ କରିଥିଲେ। ଏହି ଜନ ସଚେତନତା ସଭାକୁ ଅଧ୍ୟାପିକା ସୁନୀତା ମିଶ୍ର, ସଂଚୟିତା ମଣ୍ଡଳ, ଅଧ୍ୟାପକ ଅସିତ୍ କୁମାର ଷଡଙ୍ଗୀ, ଜଶସ୍ୱୀ ରାୟ ଓ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପରିଚାଳନା କରିଥିବା ବେଳେ ଅଧ୍ୟାପକ ବସନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ନିଶାମୁକ୍ତ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀଙ୍କ ଶପଥ

ପୁରୀ,୮।୧(ସମିସ): ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ଜିଲ୍ଲା ଓ ଦୌରାଜକ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଗୁରୁବାର ବେଟ୍ରିକ୍ସ ଉଚ୍ଚ ବିଦ୍ୟାଳୟରେ ନିଶା ନିବାରଣ ସମ୍ପର୍କୀତ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ଉଦ୍‌ଘାଟନ କରିବା ସହ ନିଜ ବକ୍ତବ୍ୟରେ ଯୁବଗୋଷ୍ଠୀ କିପରି ନିଶାଦ୍ରବ୍ୟ ଦ୍ୱାରା କବଳିତ ହେଉଛନ୍ତି ସେ ସମ୍ପର୍କର ବକ୍ତବ୍ୟ ରଖିଥିଲେ। ଏନ୍‌ଡିପିଏସ୍ ଆକ୍ଟ ୧୯୬୫ରେ ଥିବା ବିଭିନ୍ନ ଆଇନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ନିଶାମୁକ୍ତ ସମାଜ ଗଠନରେ ବ୍ରତୀ ହେବା ପାଇଁ ଶପଥ ନେଇଥିଲେ। ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେଇ ରହିବା ସହ ନିଶାଦ୍ରବ୍ୟ, ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ଆରମ୍ଭ ହେଉଥିବା ସଚେତନତା ଅଭିଯାନରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ନିଶାଦ୍ରବ୍ୟ ବ୍ୟବହାର, ବିଷାକ୍ତ ମଦ ଓ ଚୋରା ମଦ କାରବାରକୁ ରୋକିବା ଏବଂ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରହିଥିବା ବିଭିନ୍ନ ଆଇନ ବିଷୟରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୁଲୁ ବିରେନ୍ଦର କୁଜୁର, ଶିକ୍ଷକ ବିଜୟ କୁମାର ଶତପଥୀ ସଭା ପରିଚାଳନା କରିଥିଲେ। ଉପସ୍ଥିତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କୁ ପ୍ରାଧିକରଣ ତରଫରୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପ୍ରାଧିକରଣର କର୍ମଚାରୀମାନେ ସହଯୋଗ କରିଥିଲେ।

## ‘ଭସା ମେଘ ମୁଁ ଯେ’ ଉନ୍ମୋଚିତ



ପୁରୀ,୮।୧(ସମିସ): ପୁରୀ ଗୁଣ୍ଡିଚା ମନ୍ଦିର ନିକଟ ଭୋଳାନାଥ ବିଦ୍ୟାପୀଠ ପରିସରରେ ଆୟୋଜିତ ୩୦ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳାରେ ୮ ଜାନୁଆରୀ ଗୁରୁବାର ସନ୍ଧ୍ୟାରେ ଶ୍ରୀକ୍ଷେତ୍ରର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ସର୍ବୋଦୟ ସାହିତ୍ୟ ସଂସଦ ପକ୍ଷରୁ ପୁସ୍ତକ ଉନ୍ମୋଚନ ଓ କବିତା ଆସର ବିଶିଷ୍ଟ ଶିକ୍ଷାବିତ ପ୍ରାକ୍ତନ ପ୍ରାଧ୍ୟାପକ ଡକ୍ଟର ଶଙ୍କର୍ଷଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଇଞ୍ଜିନିୟର ମୀନକେତନ ମିଶ୍ରଙ୍କ ଗୀତିକବିତା ସଂକଳନ ‘ଭସା ମେଘ ମୁଁ ଯେ’ ଅତିଥି ମାନଙ୍କ ଦ୍ୱରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଡକ୍ଟର ସନ୍ତୋଷ କୁମାର ଦାଶଙ୍କୁ ‘ଅମୃତକଣ୍ଠ’ ସମ୍ମାନରେ ସମ୍ମାନିତ କରାଯାଇଥିଲା। କବିତା ଆସରରେ ସଭାପତିତ୍ୱ କରିଥିଲେ କବି ଶ୍ୟାମପ୍ରକାଶ ସେନାପତି। କବିତା ସଂଯୋଜନା କରିଥିଲେ ପ୍ରବାସିନୀ ମିଶ୍ର ଓ ପ୍ରତିଭା ଦାଶ। ଇଞ୍ଜିନିୟର ମୀନକେତନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଯକ୍ଷ୍ମା ସଂକ୍ରମିତଙ୍କୁ ପୃଷ୍ଟିକର ଖାଦ୍ୟ ବଣ୍ଟନ

## ସହଯୋଗର ହାତ ବଢାଇଲା ନାଲ୍‌କୋ




ପୁରୀ,୮।୧(ସମିସ): ଭାରତବର୍ଷକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ନବରତ୍ନ ଉଦ୍ୟୋଗ ନାଲ୍‌କୋ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ପୁରୀକୁ ବଢାଇଥିବା ସହଯୋଗର ହାତକୁ ପୁରୀ ଜିଲ୍ଲା ସ୍ମରଣ ରଖିବ ବୋଲି କହିଛନ୍ତି ସାଂସଦ ଡା. ସମ୍ବିତ ପାତ୍ର। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଉଦ୍ଦେଶ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଜିଲ୍ଲା ଯକ୍ଷ୍ମା ନିୟନ୍ତ୍ରଣ ସମିତି ଆନୁକୂଲ୍ୟରେ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଯକ୍ଷ୍ମା ରୋଗୀମାନଙ୍କୁ ପୌଷ୍ଟିକ ଖାଦ୍ୟ ବାସ୍କେଟ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଡା. ପାତ୍ର ପୁରୀ ଜିଲ୍ଲାର କେବଳ ରୋଗୀ ଚିହ୍ନଟ, ଆବଶ୍ୟକୀୟ ପରୀକ୍ଷଣ, କି’ ରୋଗୀର ନିୟମିତ ଔଷଧ ସେବନ ନୁହେଁ ରୋଗୀକୁ ସୁଷମ ଖାଦ୍ୟ ଯୋଗାଣ, ଯକ୍ଷ୍ମାମୁକ୍ତ ପୁରୀ ଜିଲ୍ଲା ପାଇଁ ବଡ଼ ଆବଶ୍ୟକତା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ବିଧାୟକ ସୁନୀଲ ମହାନ୍ତି କହିଥିଲେ ଯେ, ସ୍ୱାସ୍ଥ୍ୟ ସୁରକ୍ଷା ଭଳି ମହତ ଉଦ୍ଦେଶ୍ୟରେ ନାଲ୍‌କୋର ଏହି ମହତ୍ ଦାନ ଉଲ୍ଲେଖନୀୟ। ପ୍ରାରମ୍ଭରେ ଯକ୍ଷ୍ମା ନିରାକରଣ ଅଭିଯାନର ଅଧିକାରୀ ଡା. ଲଲାଟେନ୍ଦୁ ମିଶ୍ର ଓ ଯକ୍ଷ୍ମା ଓ ଛାତିରୋଗ ବିଶେଷଜ୍ଞ ପ୍ରଫେସର ସୁଦର୍ଶନ ପୋଥାଲ, ରୋଗୀ ଚିହ୍ନଟରେ ପୁରୀ ଜିଲ୍ଲା ଦେଶର ହାରାହାରି ଚିହ୍ନଟଠାରୁ ଅଧିକ ରହିଥିବା ବେଳେ ରୋଗୀ ମୃତ୍ୟୁରେ ଜିଲ୍ଲା ଦେଶର ହାରାହାରି ମୃତ୍ୟୁ ହାରଠାରୁ କମ୍ ରହିବାରେ ସ୍ୱାସ୍ଥ୍ୟ କର୍ମୀ, ଅଧିକାରୀ, ସୁପରଭାଇଜର ବିଶେଷକରି ନି-କ୍ଷୟ ମିତ୍ର (ଚମ୍ପିଆନ) ମାନଙ୍କ ନିଷ୍ପାପର କାର୍ଯ୍ୟ ଦକ୍ଷତାର ଫଳ ବୋଲି କହିଥିଲେ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍‌ପିଟାଲର ସୁପରିଟେଣ୍ଡେଣ୍ଟ ପ୍ରଫେସର କୌଶିକ ମିଶ୍ର, ରାଜ୍ୟ ଯକ୍ଷ୍ମା ନିରାକରଣ ଅଭିଯାନର ଶିବପ୍ରସାଦ ଓଝା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଶ୍ୟାମସୁନ୍ଦର ତ୍ରିପାଠୀ ଟିବି ମୁକ୍ତ ଭାରତ ନିମନ୍ତେ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ଅଭିଯାନରେ ନାଲ୍‌କୋର ସହଯୋଗ ପାଇଁ ସିଇଓ ସୁବ୍ରତ କର ଓ ସିଏସ୍‌ଆରର ସାଧାରଣ ପରିଚାଳକ ଚିତ୍ତରଞ୍ଜନ ବିଶୋଇଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଜିଲ୍ଲା ଯକ୍ଷ୍ମା ନିୟନ୍ତ୍ରଣ ବିଭାଗର ଦେବାଶିଷ ମର୍ଦ୍ଦରାଜ, କେଦାରନାଥ ମହାପାତ୍ର, ପ୍ରତାପ କେଶରୀ ରଥ ଓ ଦୈତ୍ୟାରି ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ବିଭିନ୍ନ ରୋଗୀଙ୍କୁ ସୁଷମ ଖାଦ୍ୟ ବାସ୍କେଟ ବଣ୍ଟନ କରିଥିଲେ କରିଥିଲେ।

## ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ଦାବିପତ୍ର

ପୁରୀ,୮।୧(ସମିସ): ଭାରତ ବର୍ଷରେ ୮୦ ଲକ୍ଷ ଓ ଓଡ଼ିଶାର ୨ ଲକ୍ଷ ଇପିଏଫ୍ ପେନସନଧାରୀ ପରିବାର ଘୋର ଆର୍‌ଥିକ ଅଭାବ ଓ ଅନଟନ ମଧ୍ୟରେ ଗତି କରୁଛନ୍ତି। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପରିଚାଳନାଧୀନ ସଂସ୍ଥା ଏବଂ ଘରୋଇ ପ୍ରତିଷ୍ଠାନରୁ ଅବସର ଗ୍ରହଣ କରୁଥିବା ଅଧିକାଂଶ କର୍ମଚାରୀ ବିନା ମହାଙ୍ଗା ଭତ୍ତାରେ ଭବିଷ୍ୟନିଧି ସଙ୍ଗଠନ ମାଧ୍ୟମରେ ମାସିକ ୧ ହଜାର ଓ ତହିଁରୁ କମ୍ ଟଙ୍କା ପେନ୍‌ସନ ପାଉଛନ୍ତି। ସେମାନେ ହେଉଛନ୍ତି ଦେଶର ବରିଷ୍ଠ ନାଗରିକ। ସେମାନଙ୍କୁ ସରକାର ସମ୍ମାନ କରନ୍ତି ଓ ସେମାନେ ଶେଷ ଜୀବନରେ ଭଲରେ ରହିବା ପାଇଁ ସେମାନଙ୍କର ଦୁଃଖସୁଖ ବୁଝନ୍ତି ବୋଲି କହି ହେଉଛନ୍ତି। କିନ୍ତୁ ବାସ୍ତବତା ଅଲଗା। ଏହି ବରିଷ୍ଠ ନାଗରିକମାନେ ନିଜର ଜୀବନ କାଳରେ ସମସ୍ତ ଶ୍ରମ ଦେଇ ଦେଶ ପାଇଁ କାମ କରୁଥିଲେ ମଧ୍ୟ ଅବସରବେଳେ ମାସିକ ସ୍ୱଳ୍ପ ଅର୍ଥରେ ନିଜର ଖାଇବା, ପିଇବା ଓ ରହିବା ଦୂରର କଥା; ଔଷଧ ଖର୍ଚ୍ଚ ପାଇଁ ନିଅଣ୍ଟ। ଏହି ସମସ୍ୟା ସମ୍ପର୍କରେ ସରକାରଙ୍କ ନିଦ ଭାଙ୍ଗିବା ପାଇଁ ଗୁରୁବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ସର୍ବନିମ୍ନ ମାସିକ ପେନ୍‌ସନ ୯ ହଜାର ଟଙ୍କା, ପେନ୍‌ସନ ସହିତ ମହାଙ୍ଗା ଭତ୍ତା ପ୍ରଦାନ, ସୁପ୍ରିମକୋର୍ଟ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନ୍‌ସନ ପ୍ରଦାନ, ସମସ୍ତ ଇପିଏଫ୍ ପେନ୍‌ସନଭୋଗୀ ବରିଷ୍ଠ ନାଗରିକଙ୍କୁ ନିଃଶୁଳ୍କ ସରକାରୀ ଚିକିତ୍ସା ସୁବିଧା ଯୋଗାଇଦେବା, ଯେଉଁମାନେ ହଜାରେ ଟଙ୍କା ତଳକୁ ପେନ୍‌ସନ ପାଉଛନ୍ତି, ସେମାନଙ୍କୁ ୧ ହଜାର ଟଙ୍କା ସର୍ବନିମ୍ନ ପେନ୍‌ସନ ୨୦୧୪ ସେପ୍ଟେମ୍ବର ୧ରୁ ବକେୟା ସହ ଦେବା ଦାବି କରାଯାଇଛି। ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ସମ୍ପାଦକ ସଞ୍ଜୀତ କୁମାର ମହାନ୍ତି, ଉପସଭାପତି ସତ୍ୟପ୍ରିୟ ସାମନ୍ତରାୟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ଦାଶ, ସାଂଗଠନିକ ସମ୍ପାଦିକା ମନ୍ଦାକିନୀ ଆଚାର୍ଯ୍ୟ, ଉପଦେଷ୍ଟା ରାମଚନ୍ଦ୍ର ମିଶ୍ର, ରବିନାରାୟଣ ପାଣି, ଶ୍ୟାମସୁନ୍ଦର ମୁଦୁଲି, ଦାଶରଥି ଆଚାର୍ଯ୍ୟ, ପଦ୍ମନାଭ ସାହୁ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

### ରୋଗୀ କଲ୍ୟାଣ ସମିତି ବୈଠକ

## ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ ପାଇଁ ପ୍ରସ୍ତାବ




ପୁରୀ,୮।୧(ସମିସ): ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତି (ଆର୍‌କେଏସ୍)ର ପରିଚାଳନା ପରିଷଦ ବୈଠକ ଗୁରୁବାର ସାଂସଦ ଡା. ସମ୍ବିତ ପାତ୍ରଙ୍କ ଅଧ୍ୟକ୍ଷତାରେ ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ ସହ ଜନସାଧାରଣଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇବା ଉପରେ ଡା. ପାତ୍ର ଗୁରୁତ୍ୱ ଦେଇଥିଲେ। କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ଜଗତ୍‌ସିଂହପୁର ସାଂସଦଙ୍କ ପ୍ରତିନିଧି ସୁଦର୍ଶନ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ସମ୍ପର୍କୀତ ଆବଶ୍ୟକତା, ଭିତ୍ତିଭୂମି, ଡାକ୍ତର ଓ କର୍ମଚାରୀ ନିଯୁକ୍ତି ନେଇ ଆଲୋକପାତ କରିଥିଲେ।

ବୈଠକରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ସ୍ୱାଗତ ସହ ଜିଲ୍ଲାରେ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ବିସ୍ତୃତ ଆଲୋଚନା କରାଯାଇ ମୁଖ୍ୟ ଚିକିତ୍ସାଳୟର ନବନିର୍ମିତ ୩୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କୋଠା ଏବଂ ଆଖପାଖ ଅଞ୍ଚଳ ପାଇଁ ଆପ୍ରୋଚ ରୋଡ୍ ନିର୍ମାଣ, ହସ୍ପିଟାଲ କ୍ୟାମ୍ପସରେ ଉପଯୁକ୍ତ ଡ୍ରେନେଜ୍, ଆଧୁନିକୀକରଣକୁ ସହଜ କରିବା ପାଇଁ ପୁରୁଣା ଗଠନକୁ ସୁରକ୍ଷିତ ଭାବେ ଅପସାରଣ, ଅଗ୍ନି ନିରାପତ୍ତା ମାନଦଣ୍ଡ ସହିତ ଅନୁପାଳନ ସୁନିଶ୍ଚିତ କରିବା ଏବଂ ପ୍ରମାଣପତ୍ର ସୁରକ୍ଷିତ କରିବା, ବୈଦ୍ୟୁତିକ ସୁରକ୍ଷା ପଦକ୍ଷେପଗୁଡ଼ିକୁ ସୁଦୃଢ଼ କରିବା ଏବଂ ଆବଶ୍ୟକୀୟ ଅନୁମୋଦନ ହାସଲ, ଡ୍ରେନେଜ ପ୍ରସ୍ତୁତି ସହିତ ନୂତନ କୋଠାର ଆନୁଷ୍ଠାନିକ ହସ୍ତାନ୍ତର, ଏସ୍‌ଟିପି ସ୍ଥାପନ ପାଇଁ ସ୍ଥାନ ଚିହ୍ନଟ, ହସ୍ପିଟାଲ ଆବଶ୍ୟକତା ପୂରଣ କରିବା ପାଇଁ ବୈଦ୍ୟୁତିକ ଲୋଡ୍ କ୍ଷମତାର ଉନ୍ନତିକରଣ, ସର୍ବନିମ୍ନ ୪୦୦ ଲିଟର କ୍ଷମତା ସହିତ ଓଭରହେଡ୍ ଜଳ ବିଶୋଧକ ସ୍ଥାପନ, ମାନବ ସମ୍ବଳର ଅଭାବକୁ ଦୂର କରିବା ଏବଂ ବିଦ୍ୟମାନ ମାନବ ସମ୍ବଳ କ୍ଷମତାକୁ ସୁଦୃଢ଼ କରିବାକୁ ସ୍ଥିର ହୋଇଛି। ସ୍ୱତନ୍ତ୍ର ନବଜାତ ଯତ୍ନ ୟୁନିଟ୍ (ଏସ୍‌ଏନସିୟୁ) ଲଗାତାର ୩ବର୍ଷ ପାଇଁ ସମସ୍ତ ଜିଲ୍ଲାରେ ସର୍ବୋତ୍ତମ ଏସ୍‌ଏନସିୟୁ ପାଇଁ ପ୍ରଥମ ପୁରସ୍କାର ପାଇଥିବା, ରାଜ୍ୟର ସର୍ବୋତ୍ତମ କେମୋଥେରାପି ୟୁନିଟ୍ ଭାବେ ସ୍ୱୀକୃତିପ୍ରାପ୍ତ ହୋଇଥିବାରୁ, ଏସ୍‌ଟିଇଏମ୍‌ଆଇ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାରେ ସର୍ବୋତ୍ତମ କାର୍ଯ୍ୟକ୍ଷମ ଡିଏଚ୍‌ଏଚ୍ ଭାବରେ ପୁରସ୍କୃତ ହୋଇଥିବାରୁ ସମସ୍ତେ ଶୁଭେଚ୍ଛା ଜଣାଇଥିଲେ। ପୁରୀ ଚାରିଧାମ ମଧ୍ୟରୁ ଗୋଟିଏ ହୋଇଥିବାରୁ ଅନ୍ୟ ଅଞ୍ଚଳ ତୁଳନାରେ ଅଧିକ ଲୋକ ଆସିଥାନ୍ତି। ପର୍ବପର୍ବାଣୀ ଏବଂ ରଥଯାତ୍ରା ସମୟରେ ଆହୁରି ଅଧିକ ଗହଳି ହୁଏ। ତେଣୁ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ ସେଠୀ, ହସ୍‌ପିଟାଲ ପରିଚାଳକ ଅନମୋଲ ମହାନ୍ତି ଏବଂ ସମସ୍ତ ହସ୍ପିଟାଲ ପରିଚାଳକ ଯୋଗଦେଇଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ କାର୍ଯ୍ୟସୂଚୀ ଅନୁସାରେ ତଥ୍ୟ ଉପସ୍ଥାପନ କରିଥିଲେ।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/17

| ପୋଷ୍ଟର ନାମ | ମୂଳ ଖାଲି ପଦବୀ | ଅତିରିକ୍ତ ଖାଲି ପଦବୀ ଅନ୍ତର୍ଭୁକ୍ତ | ଅନ୍ତିମ ଖାଲି ପଦବୀ |
|---|---|---|---|
| ଭିପି ୱେଲ୍ଥ (ଏସଆରଏମ) | 506 | 76 | 582 |
| ଏଭିପି ୱେଲ୍ଥ (ଆରଏମ) | 206 | 31 | 237 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 | 43 | 327 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 10.01.2026* ପର୍ଯ୍ୟନ୍ତ।**

*23.12.2025 ରୁ 10.01.2026 ପର୍ଯ୍ୟନ୍ତ ବୃଦ୍ଧି ମଂଜୁର କରାଯାଇଛି

**ସ୍ଥାନ:** ମୁମ୍ବାଇ
**ତାରିଖ:** 31.12.2025

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

# ଆଗଲପୁର ବ୍ଲକ୍ ମାସକର ଦାନା ଛଡ଼ାଇନେଲା ପ୍ରଶାସନ

**● ଘର ତୋଳି ନ ଥିବାରୁ ଚାଉଳ ବନ୍ଦ**
**● ତାତିଲେ ଜିଲ୍ଲା ପରିଷଦ ଅଧ୍ୟକ୍ଷା**

ବଲାଙ୍ଗିର,୮।୧(ସମିସ)

ଗରିବଙ୍କ ପାଇଁ ସରକାରଙ୍କ ପକ୍ଷରୁ ମିଳୁଥିବା ୫ କେଜି ଚାଉଳ ହେଉଛି ମାସକର ଦାନା; କିନ୍ତୁ ପୂର୍ବରୁ ମିଳୁଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ତୋଳି ନ ଥିବାରୁ ବ୍ଲକ୍ ପ୍ରଶାସନ ମାସକର ଦାନା ଛଡାଇ ନେଇଛି। ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ୍‌ରେ ଏଭଳି ଘଟଣା ଘଟିଛି। ଏହି ବ୍ଲକ୍‌ର କେତେକ ହିତାଧିକାରୀଙ୍କୁ ରାସନ ସାମଗ୍ରୀ ଦେବା ବନ୍ଦ କରିଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ତୋଳି ନ ଥିବାରୁ ରାସନ ବନ୍ଦ ଲାଗି ଉପରୁ ନିର୍ଦ୍ଦେଶ ଦିଆଯାଇଛି। ଅବଶ୍ୟ ଗତ କିଛି ଦିନ ପୂର୍ବରୁ ଏହି ଯୋଜନାରେ ଘର ତୋଳି ନ ଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ଚେତାଇ ଦେଇଥିଲେ। ଆବଶ୍ୟକ ହେଲେ ସମ୍ପତ୍ତି ବ୍ୟାଜାପ୍ତ ହେବ କରି ସରକାରୀ ଅର୍ଥ ଭରଣା କରିବାକୁ କହିଥିଲେ। ତେବେ ଏହିଭଳି ଭାବେ ମାସକର ଦାନା ମାରିବା ଭଳି ପଦକ୍ଷେପକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ନାପସନ୍ଦ କରିଛନ୍ତି।

ବଲାଙ୍ଗିର ଆଗଲପୁର ବ୍ଲକ୍ ପ୍ରଶାସନ ଗରିବ ହିତାଧିକାରୀଙ୍କ ଉପରେ ନେଇଥିବା କାର୍ଯ୍ୟାନୁଷ୍ଠାନକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ତୋଳି ନ ଥିବା ହିତାଧିକାରୀଙ୍କ ରାସନ ସାମଗ୍ରୀ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଫଳରେ ବିଭିନ୍ନ ପଞ୍ଚାୟତରେ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ଆଗଲପୁର ବ୍ଲକ୍ ବୁଢୁଲା ପଞ୍ଚାୟତର ଗୋପାଳ ସାହୁ, ଅମ୍ରିତା ସେଠ, ଜଗଦାନନ୍ଦ ପଧାନ, କଏଁରୁ ବିଶ୍ୱାଲ, ବାବୁଫାସଡ ପଞ୍ଚାୟତର ବନମାଳୀ କୁମ୍ଭାର, ନଅଗାଁ(କ) ପଞ୍ଚାୟତର କବିତା ଛତର, ମଲିଫୁଲ ସାହୁ, ଟଙ୍କଧର ସାହୁ, ସସ୍ମିତା ଗଡତ୍ୟା, କନକ ଦଣ୍ଡସେନା, ସୁମୁଖୀ ସାହୁ, ରିମା ସାହୁ, ବୀରେନ୍ଦ୍ର ସାହୁ, ସଂଯୁକ୍ତା ରାଉତ, ରାହୁଲ ଭୋଇ ପ୍ରମୁଖ ତାଙ୍କ ରାସନ ସାମଗ୍ରୀ ବନ୍ଦ କରି ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେମାନେ ଦର୍ଶାଇଛନ୍ତି ଯେ ସମସ୍ତ ହିତାଧିକାରୀଙ୍କ ପଞ୍ଚାୟତରେ ବାୟୋମେଟ୍ରିକ ସ୍କାନ କରାଯିବା ପରେ ତାଙ୍କୁ ରାସନ ସାମଗ୍ରୀ ଦେବାକୁ ମନା କରାଯାଇଥିବା ସୂଚନା ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ତିଆରି କରି ନ ଥିବାରୁ ବ୍ଲକ୍ ପ୍ରଶାସନ ପକ୍ଷରୁ ଏହି ନିର୍ଦ୍ଦେଶ ରହିଥିବା କହି ସାମଗ୍ରୀ ଦେବାରେ ବଞ୍ଚିତ କରାଯାଇଥିଲା। ଏନେଇ କୌଣସି ଲିଖିତ ନିର୍ଦ୍ଦେଶ କିନ୍ତୁ ଦେଖା ଯାଇ ନ ଥିଲା। ହିତାଧିକାରୀ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ କହିବା ଅନୁସାରେ ରାସନ କାର୍ଡରେ ମିଳୁଥିବା ୫ କେଜି ଲେଖାଏଁ ଚାଉଳ ସେମାନଙ୍କ ମାସକ ପାଇଁ ଦାନା । ତାହା ଯଦି ବନ୍ଦ ହୋଇଯିବ ତେବେ ମାସେ ତାଙ୍କ ପରିବାର ଲୋକ ଭୋକିଲା ରହିବା ନିଶ୍ଚିତ। ଏହିଭଳି ଭାବେ ବ୍ଲକ୍ ପ୍ରଶାସନ ମନଇଚ୍ଛା ଜୁଲମ କରିବା କେତେ ଯୁକ୍ତିଯୁକ୍ତ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ତେବେ ଏହାକୁ ନେଇ ସଂପୃକ୍ତ ହିତାଧିକାରୀମାନେ ବିଡିଓ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କୁ ଅଭିଯୋଗ କରିଛନ୍ତି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହ ରାସନ କାର୍ଡକୁ ଯୋଡାଯାଇପାରିବ ନାହିଁ। ଏହିଭଳି ଭାବେ ହିତାଧିକାରୀଙ୍କୁ ଚାଉଳ ବନ୍ଦ କରି ଖାଦ୍ୟ ସୁରକ୍ଷା ଆଇନରୁ ସେମାନଙ୍କୁ ବଞ୍ଚିତ କରିବା ବେଆଇନ।

ଏହାର ତଦନ୍ତ କରିବା ସହ ସମସ୍ତ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରିବା ସହ ଏହିଭଳି ଏକ ଅବୈଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଅଧିକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଜଣାଇଛନ୍ତି।

# ସିରାବାହାଲରେ ଲୋକଙ୍କ ସମସ୍ୟା ଶୁଣିଲେ ନରସିଂହ



ବଲାଙ୍ଗିର,୮ ।୧ (ସମିସ): ଦେଓଗାଁ ବ୍ଲକ୍ ସିରାବାହାଲରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଲୋକଙ୍କ ଥିବା ବିଭିନ୍ନ ସମସ୍ୟା ନେଇ ସେମାନଙ୍କ ସହ ଆଲୋଚନା କରିଛନ୍ତି। ବିଶେଷ କରି ଅମଳ ପରେ ଆଜି ପର୍ଯ୍ୟନ୍ତ ମଣ୍ଡିରେ ଧାନ ପଡି ରହଛି। ଏହାକୁ ନେଇ ସ୍ଥାନୀୟ ଲୋକ ଓ .ଷୀ ଘୋର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଯଦିଓ ମିଲର୍ସମାନଙ୍କ ଦ୍ୱାରା ଧାନ ଉଠାଇବାକୁ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂରହୋଇଛି ତଥାପି ସିରାବାହାଲ ଗାଁର କୌଣସି ବି .ଷୀ ଆଜି ପର୍ଯ୍ୟନ୍ତ ଧାନ ବିକ୍ରି କରିପାରିନାହାନ୍ତି। ଏହି ସମସ୍ୟାକୁ ନେଇ ନରସିଂହଙ୍କ ସମ୍ମୁଖରେ ଲୋକେ ଅଭିଯୋଗ କରିଥିଲେ। ଏହା ସହ ପାଣି ସମସ୍ୟା ନେଇ ଲୋକେ ଆଲୋଚନା କରିଥିଲେ। ଯଦିଓ ପିଇବା ପାଣି ନେଇ ବିଶେଷ ସମସ୍ୟା ନାହିଁ; କିନ୍ତୁ ଗ୍ରାମବାସୀଙ୍କ ସାଧାରଣ ବ୍ୟବହାର ପାଇଁ ପାଣି ସମସ୍ୟା ଦେଖାଦେଇଛି। ପୋଖରିର ଯଦି ଉନ୍ନତିକରଣ କରା ନ ଗଲେ ଗ୍ରୀଷ୍ମଋତୁ ପୂର୍ବରୁ ଲୋକଙ୍କ ଗାଧୋଇବା ଓ ପଶୁପକ୍ଷୀ ତଥା ଗାଇଗୋରୁ, ଛେଳି ମେଣ୍ଢାଙ୍କ ପାଇଁ ପାଣି ସମସ୍ୟା ଉତ୍କଟ ହେବ। ଏହାର ଏକ ସମାଧାନର ବାଟ ବାହାର କରାଇବା ପାଇଁ ଶ୍ରୀ ମିଶ୍ରଙ୍କୁ ଲୋକେ ଅନୁରୋଧ କରିଥିଲେ। ଅନ୍ୟପକ୍ଷେ ଉଡାର ପଞ୍ଚାୟତର ସିରାହାଲ ସମେତ ଅନ୍ୟ ଗାଁରେ ମଧ୍ୟ କୌଣସି ଉନ୍ନୟନମୂଳକ କାମ ହୋଇନାହିଁ। ଯାହା କିଛି ରାସ୍ତାଘାଟ ହୋଇଥିଲା ତାହା ନଷ୍ଟ ହେବାକୁ ବସିଲାଣି।

ତେଣୁ ସେ ସବୁର ମରାମତି ତଥା ଉନ୍ନତିକରଣ କାମ ପାଇଁ ପଦକ୍ଷେପ ନେବାକୁ ଶ୍ରୀ ମିଶ୍ରଙ୍କୁ ଗ୍ରାମବାସୀ ଅନୁରୋଧ କରିଥିଲେ। କୁମୁଦ ମାଝି, ପ୍ରକାଶ ବିଶ୍ୱାଳ, ରଶ୍ମି ବିଶ୍ୱାଳ, କୁନା ବିଶ୍ୱାଳ, ପପୁ ପାତ୍ର, ଆର୍ତ୍ତ ଘିଭେଲା, କୁନା ସାହୁ, ସଂଜୟ ହୋତା, ପଣ୍ଟୁ ପୋଡ, ମଦନ ସାହୁ ପ୍ରମୁଖ ଗ୍ରାମବାସ ନରସିଂହଙ୍କ ସହ ଆଲୋଚନା କରିଥିଲେ।

# ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଅଧିବେଶନ



ବଲାଙ୍ଗିର,୮ ।୧ (ସମିସ): ସ୍ଥାନୀୟ କଦଲିମୁଣ୍ଡା ନର୍ସରୀ ପରିସରରେ ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢୀଙ୍କ ନେତୃତ୍ୱରେ ଏହା ପାଳିତ ହୋଇଥିଲା। ସଂଗଠନ ସଂପାଦକ ବିନୟ କୁମାର ମିଶ୍ରଙ୍କ ପ୍ରଚେଷ୍ଟା ଓ ସଭାପତି ପ୍ରଭାକର ମିଶ୍ରଙ୍କ ଦିଗଦର୍ଶନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସଭାପତି ଅଶୋକ .ନ୍ଦ, ସାଧାରଣ ସଂପାଦକ କପିଳେଶ୍ୱର ଖମାରୀ, କୋଷାଧ୍ୟକ୍ଷ ଚୁଡେନ୍ଦ୍ର କୁମାର ବେହେରା, ସହ-ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଲ, ଉପଦେଷ୍ଟା ଅଶୋକ ମିଶ୍ର ଓ ଦୁର୍ଗା ପ୍ରସାଦ ହୋତା, କୃଷ୍ଣଚନ୍ଦ୍ର ନାଥ, ଚିତ୍ତରଂଜନ ପଟେଲ, ପୂର୍ଣ୍ଣଚନ୍ଦ୍ର ମେହେର, ସୁରେନ୍ଦ୍ର ନେଗୀ, ନିମାଇଁ ଚରଣ ମେହେର, ବ୍ରଜକିଶୋର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ଭୋକେସନାଲ କଲେଜ କର୍ମଚାରୀଙ୍କ ମୃତ୍ୟୁ

ବଲାଙ୍ଗିର,୮।୧(ସମିସ): ବଲାଙ୍ଗିର ସହର ପାଟଣେଶ୍ୱରୀ ମନ୍ଦିରକୁ ଲାଗି ରହିଥିବା ଭୋକେସନାଲ କଲେଜ ଭିତରୁ ଜଣେ କର୍ମଚାରୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ବଲାଙ୍ଗିର ସହର ଚିମନୀଭାଟି ପଡାର ତ୍ରିବିକ୍ରମ ମିଶ୍ର(୫୯)। ସେ କଲେଜର ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଥଲେ। ରାତିରେ ସେ କଲେଜରେ ଶୋଇଥିବାବେଳେ ସକାଳୁ ତାଙ୍କ ମୃତଦେହ ଚଟାଣରେ ପଡିଥିବା ଅନ୍ୟମାନେ ଦେଖିବାକୁ ପାଇଥିଲେ। ଏନେଇ ଖବର ଦେବା ପରେ ଟାଉନ ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କର ଆକସ୍ମିକ ମୃତ୍ୟୁ ଘଟିଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି।

# ୭ ଦିନ ହେଲା ଉଦ୍ଧାର କରିପାରୁନି ପୁଲିସ



ପାଟଣାଗଡ଼,୮ ।୧ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଲରମ୍ଭା ଥାନା କାଦୋପାଣି ଗାଁର ଘନଶ୍ୟାମ ବରିହା (୧୨) ଓରଫ କୁନୁ ଗତ ଶୁକ୍ରବାରଠାରୁ ନିଖୋଜ ରହଛନ୍ତି। ଏନେଇ ତାଙ୍କ ବାପା ସମାରୁ ବରିହା ଗତ ଶନିବାର ଲରମ୍ଭା ଥାନାରେ ପୁଅକୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ଘଟଣାକୁ ସାତ ଦିନ ବିତିଯାଇଥିଲେ ସୁଦ୍ଧା ପୁଲିସ ନିଖୋଜ ନାବାଳକଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇନାହିଁ। ଏହାଫଳରେ ନାବାଳକଙ୍କ ପରିବାର ଲୋକେ ଆଶଙ୍କା ଘେରରେ ରହିଛନ୍ତି। ଅନ୍ୟପକ୍ଷେ ପୁଲିସର ପାରିବାପଣିଆକୁ ନେଇ ପ୍ରଶ୍ନ ଉଠାଇଛି ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ। ତୁରନ୍ତ ନିଖୋଜ ନାବାଳକକୁ ଉଦ୍ଧାର ସହ ଯଦି ଅପହରଣ କରାଯାଇଛି ତେବେ ଅଭିଯୁକ୍ତମାନଙ୍କ ଗିରଫ ଦାବି ମଧ୍ୟ କରିଛି। ଘନଶ୍ୟାମ ଶୁକ୍ରବାର ଅପରାହ୍ନ ୪ଟାରେ ଗାଁ ନିକଟସ୍ଥ ନଦୀକୁ ତାଙ୍କ ଏକ ସାଙ୍ଗ ସହ ଶୌଚ ପାଇଁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ସନ୍ଦେହ କରି ବହୁତ ଖୋଜାଖୋଜି କରିଥିଲେ। ଘନଶ୍ୟାମଙ୍କ ସାଙ୍ଗ ଆସି ତାଙ୍କୁ ଦୁଇ ଜଣ ବ୍ୟକ୍ତି ବାଇକ୍‌ରେ ଅପହରଣ କରି ନେଇଥିବା କହିଥିଲେ। ଏହା ପରେ ଘନଶ୍ୟାମଙ୍କ ବାପା ଅପହରଣ ଅଭିଯୋଗ ନେଇ ଥାନାକୁ ଯାଇଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ଘଟଣାକୁ ୭ ଦିନ ବିତିଯାଇଛି; ହେଲେ ଅପହରଣ ଘଟଣାର ପର୍ଦ୍ଦାଫାଶ କରିପାରିନାହିଁ। ତେବେ ନିଖୋଜ ଘନଶ୍ୟାମ କିଭଳି ରହିଛି ଏନେଇ ପରିବାର ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ପୁଲିସର ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

# ଚକ୍ରବ୍ୟୂହରେ ଚାଷୀ ଧାନକୁ ଭରସା ଅସ୍ଥାୟୀ ଟେଣ୍ଟ

**ଖୋଲାରେ ପଡିଛି; ଠିକ୍ ସମୟରେ ଉଠୁନାହିଁ**

ବଲାଙ୍ଗିର,୮।୧(ସମିସ): ବଲାଙ୍ଗିର ଜିଲ୍ଲାରେ ଧାନକିଣା ବ୍ୟବସ୍ଥାରେ ଅବ୍ୟବସ୍ଥାର ଲାଗି ରହିଛି। ଡିସେମ୍ବର ୫ ତାରିଖରୁ ଆନୁଷ୍ଠାନିକ ଭାବେ ଧାନକିଣା ଆରମ୍ଭ କରାଯାଇଛି। ବାସ୍ତବରେ କିନ୍ତୁ ୧୫ ଦିନ ହେଲା ଧାନକିଣା ଆରମ୍ଭ ହୋଇଛି। ବିଳମ୍ବରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ମିଲର୍ସଙ୍କ ଆନ୍ଦୋଳନ ଯୋଗୁଁ ଧାନକିଣା ପ୍ରଭାବିତ ହୋଇଛି। ଏହି ସବୁ ଭିତରେ ଏବେ ଚାଷୀଙ୍କ ସମସ୍ୟା ମଧ୍ୟ ଦ୍ୱିଗୁଣିତ ହୋଇଛି। ଜିଲ୍ଲାରେ ଥିବା ପ୍ରାୟ ମଣ୍ଡିରେ ଖୋଲାରେ ବାହାରେ ଧାନ ଗଦା ହୋଇଛି। କେଉଁଠି ଚାଷୀ ଜଗି ବସିଛି ତ ଆଉ କେଉଁଠି ଟ୍ୟାଗ ଲଗାଇ ଧାନ ଗଦା ହୋଇଛି। ଏଥିରୁ ଧୂଳି, କାକର ଖାଇ ଧାନର ମାନ କିଭଳି ରହିବ ତାହା ଅନୁମାନ କରାଯାଇପାରେ। ଏମିତିରେ କେବେ ଚାଷୀଙ୍କ ଧାନ ଉଠିବ ତାହା କହିବା ବି କଷ୍ଟକର।

ଧାନକିଣାର ଅବ୍ୟବସ୍ଥିତ ଚିତ୍ର ଏବେ ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ଜିଲ୍ଲାରେ ବହୁ ବିଳମ୍ବରେ ଧାନକିଣା ଆରମ୍ଭ ହୋଇଥିବା ବେଳେ ଟୋକନ ଚାଷୀଙ୍କ



ଚିନ୍ତା ବଢାଇଥିଲା। ଅନେକ ମଣ୍ଡିରେ ପୂର୍ବ ନିର୍ଦ୍ଧାରିତ ତାରିଖର ଟୋକନରେ ଧାନକିଣା ଚାଲିଥିବା ବେଳେ ଅନେକ ଚାଷୀ ଧାନ ବିକିପାରିବେ ନା ନାହିଁ ତାକୁ ନେଇ ଚିନ୍ତାରେ ପଡିଛନ୍ତି। ଏହି ସମୟରେ ହଠାତ ମିଲ୍‌ମାଲିକଙ୍କ ଆନ୍ଦୋଳନ ଯୋଗୁ ପୁଣିଥରେ ଧାନକିଣା ବ୍ୟବସ୍ଥା ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ପ୍ରାୟ ୧୩ ଲକ୍ଷ କ୍ୱିଣ୍ଟାଲ ଧାନ କିଣା ଯାଇଛି। ପ୍ରାୟ ୨୮ ହଜାର ଚାଷୀ ଧାନ ବିକିସାରିଛନ୍ତି। ଧାନ ବିକିବା ପାଇଁ ୧ ଲକ୍ଷ ୫ ହଜାର ଚାଷୀ ପଞ୍ଜିକରଣ କରିଛନ୍ତି। ୨୪ ଲକ୍ଷ କ୍ୱିଣ୍ଟାଲର ପ୍ରାଥମିକ ଟାର୍ଗେଟ ରହିଛି। ଗତ ଖରିଫରେ ପ୍ରାୟ ୯୪ ହଜାର ଚାଷୀ ଧାନ ବିକିଥିଲେ। ପ୍ରାୟ ୩୮ ଲକ୍ଷ କ୍ୱିଣ୍ଟାଲ ଧାନ ପ୍ରଶାସନ କିଣିଥିଲା। ତେବେ ଚଳିତ ବର୍ଷର ଚିତ୍ର ଭିନ୍ନ ରହିଛି। ପ୍ରାୟ ସବୁ ମଣ୍ଡିରେ ଶହ ଶହ ବସ୍ତା ଧାନ ଖୋଲାରେ ଗଦା ହୋଇଛି। ଅସ୍ଥାୟୀ ଟେଣ୍ଟ ମରାଯାଇଛି। ସେହି ସ୍ଥାନରେ ପେକ୍ସ କର୍ମଚାରୀ ବେପାରୀଙ୍କ ଧାନ ଗଦା କରି ରଖୁଛନ୍ତି। ଚାଷୀଙ୍କ ଧାନ ବାହାରେ ରଖିବାକୁ କୁହାଯାଉଛି। ଏହାଫଳରେ ଅଖାବସ୍ତାରେ ଧାନ ଭର୍ତ୍ତି ହୋଇ ବାହାରେ ପଡିଛି। ତେବେ ବାହାରେ ଧାନ ପଡିରହୁଥିବାରୁ ଆର୍ଦ୍ରତା ଓ ମାନକୁ ନେଇ ପରେ ପୁଣି ପେକ୍ସ ଓ ମିଲର୍ସ ପ୍ରଶ୍ନ ଉଠାଇ ଅଧିକ ଧାନ କଟନୀ କରିବାର ଧମକ ଦେବାର ଭୟ ରହିଛି। ଏମିତିରେ ଚାଷୀ କରିବ କ'ଣ ବୋଲି ଓଲଟି ପ୍ରଶ୍ନ କରିଛନ୍ତି। ତେବେ ରାଜ୍ୟରେ ବିଜେପି ସରକାର ଆସିବା ପରେ ମଣ୍ଡିରେ ଧାନ ରଖିବା ପାଇଁ ଉଚିତ ବ୍ୟବସ୍ଥା କରିବାକୁ କହିଥିଲା। ଏଥିପାଇଁ ଆଦର୍ଶ ମଣ୍ଡି ନିର୍ମାଣ କରିବା ପାଇଁ ମଧ୍ୟ ଅନୁଦାନ ବ୍ୟବସ୍ଥା କରାଯାଇଥିଲା; କିନ୍ତୁ ତାହା ଏପର୍ଯ୍ୟନ୍ତ ହୋଇନି। ଚାଷୀଙ୍କ ଧାନ ସୁରକ୍ଷିତ ଭାବେ ରହିବା ବଦଳରେ ଖୋଲାରେ ପଡି ନଷ୍ଟ ହେଉଛି। ମଣ୍ଡିରେ ରହିଥିବା ଧାନ ଶୀଘ୍ର ଉଠାଇବା ବ୍ୟବସ୍ଥା କରିବା ସହ ଅଧିକ ଅସ୍ଥାୟୀ ଟେଣ୍ଟ ଲଗାଇବା ବ୍ୟବସ୍ଥା କରିବାକୁ ଚାଷୀ ଦାବି କରିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ପରିସ୍ଥିତି ଜଟିଳ ହେବ ବୋଲି ଚାଷୀ ପ୍ରଶାସନ ଉଦ୍ଦେଶ୍ୟରେ ଚେତାବନୀ ଦେଇଛନ୍ତି।

# ଫେବୃଆରୀ ୨ରୁ ପାଟଣେଶ୍ୱରୀ ମହୋତ୍ସବ

ବଲାଙ୍ଗିର,୮ ।୧ (ସମିସ): ବଲାଙ୍ଗିରର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିରର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଧୁମ୍‌ଧାମ୍‌ରେ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଦେବାଳୟ ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ମହୋତ୍ସବ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଫେବୃଆରୀ ୨ରୁ ୪ ତାରିଖ ପର୍ଯ୍ୟନ୍ତ ପାଟଣେଶ୍ୱରୀ ମହୋତ୍ସବ ଆୟୋଜିତ ହେବ। ଏହି ଅବସରରେ ମାଁ ପାଟଣେଶ୍ୱରୀ ମନ୍ଦିର ପରିସରରେ ଶୁଭସ୍ତମ୍ଭ ସ୍ଥାପନ ହୋଇଛି। ମାଁ ପାଟଣେଶ୍ୱରୀ ଦେବୀଙ୍କ ଗୁପ୍ତପୂଜା କରି ଆଜ୍ଞାମାଳ ଅଣାଯାଇଥିଲା। ବେଦମନ୍ତ୍ର ଓ ତନ୍ତ୍ରରେ ପୂଜା ଆୟୋଜିତ ହୋଇଥିଲା। ପୂଜାରେ କର୍ତ୍ତା ରୂପେ ରାଜ୍ୟସଭା ସାଂସଦ ନରଞ୍ଜାର ବିଶି, ପୌରାଧ୍ୟକ୍ଷା ଲିକା ସାହୁ, ଡ. ରୁଦ୍ର ନାରାୟଣ ପଟେଲ, ଦେବାଳୟ ଐତିହ୍ୟ ଟ୍ରଷ୍ଟ ସଭାପତି ଜୟକୃଷ୍ଣ ମିଶ୍ର ଓ ତାଙ୍କ ପତ୍ନୀ ଅନିତା ମିଶ୍ର ସଂକଳ୍ପ ନେଇଥିଲେ। ପଣ୍ଡିତ ସନ୍ତୋଷ ମିଶ୍ର, ପଣ୍ଡିତ ରଘୁନାଥ ଶତପଥୀ, ଅମୀତ ତ୍ରିପାଠି, ମନ୍ଦିର ପୂଜକ ମହେନ୍ଦ୍ର ଦିସ୍ରୀ ବେଦମନ୍ତ୍ର ଉଚ୍ଚାରଣ କରି ପୂଜା ଦାୟିତ୍ୱରେ ସହଯୋଗ କରିଥିଲେ। ସୁରେନ୍ଦ୍ର ନେଗୀ, ଅଶ୍ୱିନୀ ପଟ୍ଟନାୟକ, ଦିନେଶ ଶର୍ମା, ରିଣ୍ଟୁ ସାହୁ, ଶମ୍ଭୁ ଶତପଥୀ, ମୁନା ପଟ୍ଟନାୟକ, ଲଳିତ ପୁଝାରୀ, ଅରୁଣ ମିଶ୍ର, ରସରାଜ ପୁରୋହିତ, ପ୍ରକାଶ ବରେଇ, ଆଶିଷ ମେହେର, ବିଶ୍ୱଜିତ ନାଥ, ବାବୁଲି ନାଏକ, ସଂଗୀତା ଦାଶ, ପ୍ରସନ୍ନ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ପ୍ରଶାନ୍ତ ମହାକୁର ଧନ୍ୟବାଦ ଦେଇଥିଲେ।



## ଖପ୍ରାଖୋଲ ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ

# ପାରମ୍ପରିକ ନାଚଗୀତରେ ଦୁଲୁକିଲା ମଞ୍ଚ




ଖପ୍ରାଖୋଲ,୮ ।୧ (ସମିସ): ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଇଷ୍ଟ ଦେବୀ ମା ଡୁମେରତଲେନଙ୍କ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ଲୋକ ମହୋତ୍ସବ ମଞ୍ଚକୁ କଳାକାରଙ୍କ ଗହଣରେ ଅଣାଯାଇଥିଲା। ବ୍ଲକ୍ ଅଧ୍ୟକ୍ଷା ନିରୂପମା ପୁଟେଲ, ଅତିରିକ୍ତ ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ପଦ୍ମ କୁମାର ସିଂ ବରିହା, ଉପାଧ୍ୟକ୍ଷ ସୁଖରାମ ଷାଣ୍ଡ, ସରପଞ୍ଚ ସଙ୍ଘ ସଭାପତି ସୁଶୀଲ ଗୁରୁ, ସନ୍ତୋଷ ଭଇଁସାଲ, ସହକାରୀ ଯନ୍ତ୍ରୀ ରାଜକିଶୋର ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କରମା, ସମ୍ବଲପୁରୀ ଲୋକନୃତ୍ୟ ସହ ପାଲା, ସଙ୍କୀର୍ତ୍ତନ, ସମ୍ପ୍ରଦା, ଖଞ୍ଜଣି, ଘୁଡୁକା, ପଞ୍ଚ ବାଦ୍ୟ, ଦଣ୍ଡ ନୃତ୍ୟ, ରାମଲୀଳା, ବାହାଘର ଗୀତ, ଘୋଡ଼ା ନାଚ ଆଦି ବିଭିନ୍ନ ନାଚଗୀତ ପରିବେଷିତ ହୋଇଥିଲା। ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କନିଷ୍କ ବିଭାର ମଞ୍ଚ ପରିଚାଳନା କରିଥିଲେ। ଜିପିଡିଓ ପରମେଶ୍ୱର ନାଏକ, ଡବ୍ଲୁଇଓ ପ୍ରତୀକ୍ଷା ସାହୁ, ଯନ୍ତ୍ରୀ ସୂର୍ଯ୍ୟଭାନୁ ମେହେର, ଦୀପକ ବେହେରା, ମନୋଜ ସାହୁ, ରାମାନନ୍ଦ ବେହେରା ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

# ଲୋଇସିଂହା ବ୍ଲକ୍‌ସ୍ତରୀୟ ଲୋକଉତ୍ସବକୁ ନେଇ ଅସନ୍ତୋଷ

**■ କଳା ପ୍ରଦର୍ଶନରୁ ବଞ୍ଚିତ ହେଲେ ଅନେକ କଳାକାର**
**■ ଭିଡ଼ ପାଇଁ ଏସ୍‌ଏଚ୍‌ଜି ମହିଳା ଓ ଅଙ୍ଗନବାଡି କର୍ମୀଙ୍କୁ ଡାକରା**
**■ କାର୍ଯ୍ୟକ୍ରମ ଆୟୋଜନକୁ ନେଇ ଅସନ୍ତୁଷ୍ଟ କଳାକାର, ସରପଞ୍ଚ**

ବଲାଙ୍ଗିର,୮।୧(ସମିସ): ବଲାଙ୍ଗିର ଜିଲ୍ଲାସ୍ତରୀୟ ଲୋକଉତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହିକ୍ରମରେ ଜିଲ୍ଲାର ସମସ୍ତ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ବ୍ଲକସ୍ତରୀୟ ଲୋକ ଉତ୍ସବ ଆୟୋଜନ କରାଯାଇଥାଏ। ବ୍ଲକ ପ୍ରଶାସନ ଦ୍ୱାରା ଆୟୋଜିତ ହେଉଥିବା ଏହି ଲୋକ ଉତ୍ସବରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ କଳାକାରମାନେ ଆସି ନିଜ କଳା ପ୍ରଦର୍ଶନ କରିଥାନ୍ତି। ଉତ୍ତମ ପ୍ରଦର୍ଶନ କରିଥିବା କଳାକାରମାନେ ପ୍ରଥମେ ଉପଖଣ୍ଡ ଓ ପରେ ଜିଲ୍ଲାସ୍ତରୀୟ ଉତ୍ସବରେ କଳା ପ୍ରଦର୍ଶନ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି କଳାକାରମାନଙ୍କ ପାଇଁ ବ୍ଲକସ୍ତରୀୟ ଲୋକ ଉତ୍ସବ ଅନେକ ଗୁରୁତ୍ୱ ବହନ କରିଥାଏ; କିନ୍ତୁ ଲୋଇସିଂହା ବ୍ଲକ ଅଧିକାରୀମାନଙ୍କ ମନମୁଖୀ କାରବାର ଯୋଗୁ ଅନେକ କଳାକାର ବ୍ଲକ ଉତ୍ସବରେ କଳା ପ୍ରଦର୍ଶନ କରିବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ବ୍ଲକ୍ ପ୍ରଶାସନର ମୁଖ୍ୟଙ୍କ ମନମୁଖୀ କାରବାର କଳାକାରଙ୍କୁ ଲୋକ ଉତ୍ସବରେ ଭାଗ ନେବାରୁ ବଞ୍ଚିତ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କ ଏହିଭଳି ମନୋଭାବକୁ ଉଭୟ କଳାକାର ଓ ସରପଞ୍ଚମାନେ ନାପସନ୍ଦ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି। ୨ ଦିନ ତଳେ ଲୋଇସିଂହା ସାପ୍ତାହିକ ବଜାରରେ ଆୟୋଜିତ ହୋଇଥିବା ଲୋକଉତ୍ସବ ବହୁ ଆଡମ୍ବର ଲଘୁକ୍ରିୟାରେ ପରିଣତ ହୋଇଥିବା କଳାକାରମାନେ ଅଭିଯୋଗ କରିଛନ୍ତି। ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସଭାରେ ଏସଏଚଜି ମହିଳା, ଅଙ୍ଗନବାଡି କର୍ମୀଙ୍କ ଭିଡ ଦେଖିବାକୁ ମିଳିଥିଲା। ଏହି ଉତ୍ସବରେ କିନ୍ତୁ କଳାକାରଙ୍କୁ ଦେଖିବାକୁ ମିଳି ନ ଥିଲା। ଏହାକୁ ନେଇ ପ୍ରଥମରୁ ହିଁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଲୋକ ଉତ୍ସବରେ ପାରମ୍ପରିକ ଲୋକନୃତ୍ୟ, ଲୋକବାଦ୍ୟ, ଲୋକ ସଙ୍ଗୀତ, ଲୋକନାଟକକୁ ନେଇ ପ୍ରତିଯୋଗିତା ହୋଇଥାଏ। ଏଥିରେ ବ୍ଲକର ଗାଁ ଗହଳିର କଳାକାରମାନେ ଆସି ଭାଗ ନେଇଥାନ୍ତି। ଗତ ବର୍ଷ ଲୋକ ଉତ୍ସବ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋଇସିଂହା ବ୍ଲକ୍ ଅଫିସରେ ଆୟୋଜିତ ହୋଇଥିଲା; କିନ୍ତୁ ଚଳିତ ବର୍ଷ ଏହି ସବୁ ପ୍ରତିଯୋଗିତା ପାଇଁ ହାତଗଣତି କିଛି କଳାକାର ଆସିଥିବା ଦେଖିବାକୁ ମିଳିଥିଲା। ବ୍ଲକ କଳାକାର ସଂଘ ସଭାପତି ତଥା ବିକେଏସଏସ ଉପସଭାପତି ସରୋଜ ବିଶ୍ୱାଳଙ୍କ କହିବା ଅନୁସାରେ ଲୋକ ଉତ୍ସବକୁ ନେଇ ବ୍ଲକ୍ ପ୍ରଶାସନିକ ମୁଖ୍ୟଙ୍କ ମନମୁଖୀ ଆଭିମୁଖ୍ୟ ରହିଆସିଛି। ନିଜ ଇଚ୍ଛାରେ ସେ ପ୍ରଥମେ ପୌଷପୂର୍ଣ୍ଣିମା ସମୟରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାକୁ ପ୍ରତିବାଦ କରିବା ପରେ ତାରିଖ ପରିବର୍ତ୍ତନ ହୋଇଥିଲା; କିନ୍ତୁ ଗତ କିଛି ଦିନ ତଳେ ସେ ସରପଞ୍ଚମାନଙ୍କୁ ଦଳୀୟ ପ୍ରତିଯୋଗିତାରେ ପଞ୍ଚାୟତ ପ୍ରତି ଗୋଟିଏ ଦଳ ଓ ଏକକ ପ୍ରତିଯୋଗିତାରେ ପଞ୍ଚାୟତ ପ୍ରତି ୨ଟି ପ୍ରତିଯୋଗୀଙ୍କୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ସରପଞ୍ଚ ଓ କଳାକାରମାନେ ପ୍ରଶ୍ନ ଉଠାଇଥିଲେ। ଏହାକୁ ପ୍ରତିବାଦ କରି ଦୁଇ ଦିନ ତଳେ କଳାକାରମାନେ ଅତିରିକ୍ତ ବିଡିଓଙ୍କୁ ଭେଟିଥିଲେ। ତଥାପି ବ୍ଲକ୍ ପ୍ରଶାସନ ଗୁରୁତ୍ୱ ଦେଇ ନ ଥିଲା। ଏହାକୁ ନେଇ ଅସନ୍ତୋଷ ହୋଇ କଳାକାରମାନେ ଆସି ନ ଥିଲେ। କିଛି କଳାକାରଙ୍କୁ ଭତ୍ତା କାଟିଦେବା ଭୟ ଦେଖାଇ କାର୍ଯ୍ୟକ୍ରମକୁ ଡକାଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏହି ଆୟୋଜନକୁ ନେଇ ସରପଞ୍ଚମାନେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ବ୍ଲକ୍ ପ୍ରଶାସନିକ ମୁଖ୍ୟଙ୍କ ମନମୁଖୀ ଯୋଗୁଁ କଳାକାର ଆସି ନ ଥିବା ବେଳେ କଳାକାରଙ୍କ ଠାରୁ ଅଧିକ ଏସଏଚଜି ମହିଳା ଓ ଅଙ୍ଗନବାଡି କର୍ମୀଙ୍କ ଉପସ୍ଥିତି ରହିଥିବା ସରପଞ୍ଚମାନେ ଅଭିଯୋଗ କରିଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| ବିଜ୍ଞାପନ ସଂ. CRPD/SCO/2025-26/17 | | | |
|---|---|---|---|
| ପୋଷ୍ଟର ନାମ | ମୂଳ ଖାଲି ପଦବୀ | ଅତିରିକ୍ତ ଖାଲି ପଦବୀ ଅନ୍ତର୍ଭୁକ୍ତ | ଅନ୍ତିମ ଖାଲି ପଦବୀ |
| ଭିପି ୱେଲ୍ଥ (ଏସଆରଏମ) | 506 | 76 | 582 |
| ଏଭିପି ୱେଲ୍ଥ (ଆରଏମ) | 206 | 31 | 237 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 | 43 | 327 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://sbi.bank.in/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 10.01.2026* ପର୍ଯ୍ୟନ୍ତ ।**

*23.12.2025 ରୁ 10.01.2026 ପର୍ଯ୍ୟନ୍ତ ବୃଦ୍ଧି ମଂଜୁର କରାଯାଇଛି

**ସ୍ଥାନ:** ମୁମ୍ବାଇ
**ତାରିଖ:** 31.12.2025
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**